

ଫେରିବେ
ରାନୀ
▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-341 •BHUBANESWAR •FRIDAY •7 JUNE 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୪୧ •ଭୁବନେଶ୍ୱର •ଶୁକ୍ରବାର •୭ ଜୁନ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦



# EXCELSIOR
## GROUP OF INSTITUTIONS
Jajpur Road & Jajpur Town

ଉଚ୍ଚଶିକ୍ଷିତ ଜାଗ୍ରତ

Excelsior Sc. Res. H.S. School (CHSE)
Excelsior Advanced School (CBSE)
Excelsior Entrance Academy (1yr. Prog.- NEET/JEE)
Excelsior Sc. Res. Coaching Centre (CHSE/CBSE)

## Don't wait for opportunities, Enter here to Rise Higher

### AHSE A1 Rankers 2024

Debajyoti – 567 Marks – AHSE -2024 District Topper

Dambarudhar Rout – 581 Marks – AHSE -2022 State Topper

Priyanshu 93% | Abhishek 92.5% | Omm Prakash 92.5%

Somyarani 92% | Swetashree 91.5% | Manisharani 91.3% | Debaraj 91.3% | Romali 91% | Om Prakash 91%

Swayamshree 91% | Deepashikha 91% | Sneha 91% | Rajalaxmi 91% | Sai Prasad 91% | Biplab Kumar 90.5%

Om Prakash 90.3% | Tapaswani 90.3% | K B Bipra 90.3% | Sudarsan 90.3% | Swati Sucharita 90.3% | Bhagyashree 90%

Barsha P 90% | Saiprajna 90% | Pragnya P 90% | Satyaranjan 90% | Rajashree 90% | Biswaranjan 90%

Highest No. of A1/ 90% Rankers in Odisha in AHSE-2024 **28**

### Result Analysis - 2024

| | | |
|---|---|---|
| TOTAL STUDENTS APPEARED | 311 | |
| TOTAL STUDENTS PASSED | 311 | 100% |
| TOTAL 1st DIVISION | 304 | 98.00% |

### Percentage Analysis

| | MARKS | STRENGTH |
|---|---|---|
| 90% & ABOVE | 540 & ABOVE | 28 |
| 85% & ABOVE | 510 & ABOVE | 58 |
| | 500 & ABOVE | 74 |
| 80% & ABOVE | 480 & ABOVE | 113 |
| 75% & ABOVE | 450 & ABOVE | 180 |
| 70% & ABOVE | 420 & ABOVE | 231 |
| 60% & ABOVE | 360 & ABOVE | 304 |

### Subject wise Toppers

| | | |
|---|---|---|
| Chemistry | 100/100 | 11 |
| Physics | 100/100 | 09 |
| Zoology | 50/50 | 04 |
| Botany | 50/50 | 03 |
| Maths | 100/100 | 01 |
| I.T. | 100/100 | 01 |
| Electronics | 100/100 | 01 |

### Exultant List of NEET Crackers-2024

Sai Rudra 672 Marks | Monali 668 Marks | Suprana 667 Marks

Success in 1st Attempt

Annada 666 Marks | Debadatta 653 Marks | Prempratik 640 Marks | Bikash 635 Marks | Janmejay 625 Marks

Yashobanta 610 Marks | Sunayana 605 Marks | Ashutosh 600 Marks | Swagatika 600 Marks | Annapurna 592 Marks

Saijyoti 564 Marks | Om Prakash 563 Marks | Bijayinee 557 Marks | Jyotirmayee 555 Marks | Lingaraja 554 Marks

### The Torch Bearers

Sujal Ku. Shasini – SCB-Cuttack | Chandan Ku. Samal – SCB-Cuttack

Ashirbad Naik – SCB-Cuttack | Sukanya Nath – SCB-Cuttack

| | |
|---|---|
| TOTAL STUDENTS APPEARED | 24 |
| ABOVE 650 | 05 |
| ABOVE 600 | 13 |
| ABOVE 550 | 18 |

### OUR FORESIGHT

- Students who procured their studies here from Class-11th level have been successful in NEET Exam in their 1st Attempt.
- We ensure Competetive Result even to average standard students / Freshers due to our scientifically designed Academic Curriculum and widely exeperienced dedicated Faculties.

nandika/exc/24

**OUR TEAM OF TEACHERS**

PHYSICS - Vidya Kant Sir, Ranchi | CHEMISTRY - Ashish Kumar Sir, Patna
ZOOLOGY - Akshaya Kumar Dwivedi Sir, Kota | BOTANY - Krishna Murthy Sir, Hyd.

For Admission please Contact: 9437189122, 9437064112, 8457022795, 9437071103, 7978075324, 8328948954, 8596846553, 7008136699, 9937806908.

# ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ



ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷର ମୌଳିକ ଆବଶ୍ୟକତା। ସୁସ୍ଥ ଏବଂ ପୁଷ୍ଟିକର ଖାଦ୍ୟ ଅଭାବରୁ ଜଣେ ରୋଗାକ୍ରାନ୍ତ ହେବା ଆଶଙ୍କା ଅଧିକ ଥାଏ। ମଣିଷ ସୁଖରେ ଜୀବନ ଜିଇଁବା ପାଇଁ ତଥା ନୀରୋଗ ରହିବା ପାଇଁ ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି। ପ୍ରତିବର୍ଷ ୭ ଜୁନ୍‌କୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ସାରା ବିଶ୍ୱ ପାଳିଥାଏ । ଯେଉଁମାନେ ପୁଷ୍ଟିକର ଖାଦ୍ୟ ଅଭାବ ଯୋଗୁଁ ଗମ୍ଭୀର ରୋଗରେ ପୀଡ଼ିତ ହେଉଛନ୍ତି, ସେମାନଙ୍କୁ ଖାଦ୍ୟ ନିରାପତ୍ତା ବିଷୟରେ ଅବଗତ କରାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପଦକ୍ଷେପ । ଏହି ଦିନ ଖାଦ୍ୟ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ଖାଦ୍ୟ ଏବଂ କୃଷି ସଂଗଠନ ସହଯୋଗରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଡିସେମ୍ବର ୨୦୧୮ ରେ ଏହି ଦିବସର ପାଳନ ପାଇଁ ଘୋଷଣା କରାଯାଇଥିଲା। ଏହା ପରବର୍ଷଠାରୁ ଜୁନ୍ ୭ ତାରିଖକୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଏହାପୂର୍ବରୁ ୧୬ ଅକ୍ଟୋବରକୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଯାଉଥିଲା। ଏହି କ୍ଷେତ୍ର ସହିତ ଜଡ଼ିତ ଅନ୍ୟ ସଂଗଠନଗୁଡ଼ିକର ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଖାଦ୍ୟ ଏବଂ କୃଷି ସଂଗଠନ ମିଳିତ ଭାବେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବା ପାଇଁ କାର୍ଯ୍ୟ କରନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ପ୍ରତିବର୍ଷ ଦୂଷିତ ଖାଦ୍ୟ ଖାଇବା ଯୋଗୁଁ ୪ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି। ଆମେ ପ୍ରତିଦିନ ବହୁତ ଖାଦ୍ୟ ଖାଇଥାଉ। ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରେ ଯେ, ଖାଦ୍ୟ ଉତ୍ପାଦନ ଠାରୁ ଅମଳ, ସଂରକ୍ଷଣ, ବଣ୍ଟନ, ବ୍ୟବହାର ପୂର୍ବରୁ ପ୍ରସ୍ତୁତି ସମ୍ପୂର୍ଣ୍ଣ ନିରାପଦ ଅଟେ। ଏହି ସଚେତନତା ପାଇଁ ଖାଦ୍ୟ ସୁରକ୍ଷା ଦିବସର ଯୁକ୍ତିଯୁକ୍ତତା ଏବଂ ଗୁରୁତ୍ୱ ବଢ଼ିଥାଏ।

# ଫ୍ୟାମିଲି ଡ୍ରାମାରୁ ପରଦାକୁ ଫେରିବେ ରାନୀ



ବଲିଉଡ୍ ଅଭିନେତ୍ରୀ ରାନୀ ମୁଖାର୍ଜୀ 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନରୱେ' ପରେ ପରଦାରୁ ଗାଏବ ହୋଇଯାଇଛନ୍ତି। ତେବେ ରାନୀ 'ମର୍ଦ୍ଦାନୀ'ର ସିକ୍ୱେଲରୁ ପରଦାକୁ ଫେରିବେ ବୋଲି ଚର୍ଚ୍ଚା ହେଉଥିଲା। ଏବେ କିନ୍ତୁ ରାନୀ, ସୋନାଲି ବୋଷଙ୍କ ନିର୍ଦ୍ଦେଶିତ ଏକ ଫିଲ୍ମରୁ ପରଦାକୁ ଫେରିବେ ବୋଲି ଜଣାପଡ଼ିଛି। ଦୀର୍ଘ ଦୁଇ ବର୍ଷ ହେଲାଣି ରାନୀ ଓ ସୋନାଲି କାହାଣୀକୁ ନେଇ ଚର୍ଚ୍ଚା କରୁଛନ୍ତି। ଇତିମଧ୍ୟରେ ରାଣୀଙ୍କୁ ଏକ ଫ୍ୟାମିଲି ଡ୍ରାମା ପସନ୍ଦ ଆସିଛି। ତେବେ ରାଣୀଙ୍କ ପାଇଁ ଏବେ ଜଣେ ଏ ଗ୍ରେଡ୍‌ର ଅଭିନେତା ଖୋଜା ଚାଲିଛି। ଅଭିନେତା ଚୟନ କରାଯିବା ପରେ ୨୦୨୪ ସେପ୍ଟେମ୍ବରେ ଏହାର ସୁଟିଂ ଆରମ୍ଭ ହେବ। ଏହା ୨୦୨୫ରେ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ ଜଙ୍ଗଲୀ ପ୍ରଡକ୍ସନ୍ ରହିବ। ରାନୀ ବଲିଉଡ୍‌ର ଜଣେ ପ୍ରତିଭାବାନ୍ ଅଭିନେତ୍ରୀ ଭାବେ ପରିଗଣିତ ହୁଅନ୍ତି। ସେ 'ବ୍ଲାକ୍', 'କୁଛ୍ କୁଛ୍ ହୋତା ହୈ', 'ହମ୍ ତୁମ୍' ଭଳି ଅନେକ ହିଟ୍ ଫିଲ୍ମ ଦେଇଛନ୍ତି।

# ବିକଶିତ ହେଲା ନୂଆ ଔଷଧ

## ଯେକୌଣସି ବୟସରେ ବି ଉଠିବ ଦାନ୍ତ



ସାଧାରଣତଃ ପିଲାମାନଙ୍କର ଦାନ୍ତ ପଡ଼ିଯିବା ପରେ ପୁଣି ଥରେ ନୂଆ ଦାନ୍ତ ଉଠିଥାଏ। କିନ୍ତୁ ବୟସ ବଢ଼ିବା ପରେ ଏହା ସମ୍ଭବ ହୋଇ ନ ଥାଏ। ଏଣିକି ଦାନ୍ତ କେବଳ ପିଲାବେଳେ ନୁହେଁ, ଯେକୌଣସି ବୟସରେ ଉଠିବା ସମ୍ଭବ। ଜାପାନର ବୈଜ୍ଞାନିକମାନେ ଏକ ନୂତନ ପ୍ରକାର ଔଷଧ ବିକଶିତ କରିଛନ୍ତି, ଯାହାକି ଡେଣ୍ଟାଲ ମେଡିସିନ୍ କ୍ଷେତ୍ରରେ ନୂଆ ଏକ କ୍ରାନ୍ତି ଆଣିବା ଆଶା କରାଯାଉଛି। ବୈଜ୍ଞାନିକମାନେ ବିକଶିତ କରିଥିବା ଆଣ୍ଟିବଡି ଔଷଧ ଦ୍ୱାରା ଯେକୌଣସି ବୟସରେ ବି ଲୋକଙ୍କର ଦାନ୍ତ ଉଠି ପାରିବ। ମୁଖ୍ୟତଃ ଏହାଦ୍ୱାରା ଏବେ କିଶୋରାବସ୍ଥାରେ ଦାନ୍ତ ଉଠିବା ସମ୍ଭବ। ଅବଶ୍ୟ ଔଷଧ ମାଧ୍ୟମରେ ପ୍ରାକୃତିକ ଉପାୟରେ ଦାନ୍ତ ଉଠିବା ଘଟଣା ବିଶ୍ୱରେ ପ୍ରଥମ। କ୍ୟାଟୋ ୟୁନିଭର୍ସିଟି ଏଫିଲିଏଟେଡ୍ ଷ୍ଟାର୍ଟଅପ୍ କମ୍ପାନି ଟୋରେଜେମ୍ ବାୟୋଫାର୍ମା ଦାନ୍ତ ଉଠିବା ଔଷଧ ବିକଶିତ କରିଛି। ଏହି ଔଷଧ ୟୁଏସ୍‌ଏଜି-୧ ଜିନ୍‌କୁ ଟାର୍ଗେଟ୍ କରି ଦାନ୍ତର ବିକାଶକୁ ରୋକିବା ଏବଂ ନୂଆ ଦାନ୍ତ ଉଠିବା ଦିଗରେ କାମ କରିଥାଏ। ସେହିପରି ପଶୁଙ୍କ ଉପରେ ଏହାର କ୍ଲିନିକାଲ ଟ୍ରାଏଲ ସଫଳତାପୂର୍ବକ ଶେଷ ହୋଇଛି। ମୂଷାଙ୍କ ଉପରେ ଏହି ଔଷଧକୁ ପରୀକ୍ଷା କରାଯାଇଛି। ଏହାବାଦ୍ ଏହିବର୍ଷ ସେପ୍ଟେମ୍ବରରେ ଉକ୍ତ ଔଷଧକୁ ଜନ୍ମରୁ ଦାନ୍ତ ନ ଥିବା ଲୋକଙ୍କ ଉପରେ ସର୍ବପ୍ରଥମେ ପରୀକ୍ଷା କରାଯିବ। ତେବେ ଔଷଧ ବିକଶିତ କରିଥିବା ଦଳ ୨୦୨୫ରେ ଜନ୍ମରୁ ଦାନ୍ତ ନ ଥିବା ୨-୬ ବର୍ଷ ପିଲାଙ୍କ ଉପରେ ଏହାର କ୍ଲିନିକାଲ ଟ୍ରାଏଲ କରିବା ଯୋଜନା ରଖିଛନ୍ତି। ଏହି ଔଷଧ ସେମାନଙ୍କୁ ଇଞ୍ଜେକସନ ମାଧ୍ୟମରେ ଦିଆଯିବ। ଅନ୍ୟପକ୍ଷରେ ଦାନ୍ତ ନ ଥିବା ସମସ୍ୟା ସାମ୍ନା କରୁଥିବା ଲୋକଙ୍କ ପାଇଁ ଏହା ରାମବାଣ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ୨୦୩୦ ସୁଦ୍ଧା ଏହି ଔଷଧ ବଜାରକୁ ଆସିବା ଆଶା କରାଯାଉଛି।

## ଆଜିର ଇତିହାସ

- ୧୫୫୭- ଫ୍ରାନ୍ସ ସେନା ମେକ୍ସିକୋ ସହର ଉପରେ କବ୍‌ଜା କଲା।
- ୧୮୬୪- ଆବ୍ରାହମ୍ ଲିଙ୍କନ୍ ରାଷ୍ଟ୍ରପତି ପଦ ପାଇଁ ଦ୍ୱିତୀୟ ଥର ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ହେଲେ।
- ୧୯୮୯- ଭାରତର ଦ୍ୱିତୀୟ କୃତ୍ରିମ ଉପଗ୍ରହ ଭାସ୍କରକୁ ସୋଭିଏତ୍ ରକେଟ୍‌ରେ ମହାକାଶକୁ ପ୍ରକ୍ଷେପଣ କରାଗଲା।
- ୨୦୦୦- ଆମେରିକୀୟ ଅଦାଲତ ମାଇକ୍ରୋସଫ୍ଟ କମ୍ପାନିକୁ ଦୁଇ ଭାଗରେ ବିଭକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ।
- ୨୦୦୮ - ଉତ୍ତର ପ୍ରଦେଶ ସରକାର ରନ୍ଧନ ଗ୍ୟାସ୍ ଉପରେ ଲଗାଯାଉଥିବା ୪% ଭ୍ୟାଟ୍‌କୁ ପ୍ରତ୍ୟାହାର କରିନେଲେ।

# ସବୁଠୁ ଦାମୀ ଲୁଣ

ଦୈନନ୍ଦିନ ଜୀବନରେ ଲୁଣର ଆବଶ୍ୟକତା ରହିଛି। ଯେକୌଣସି ଖାଦ୍ୟରେ ଲୁଣର ପରିମାଣ ଅଳ୍ପ ବେଶୀ ହୋଇଗଲେ ତାହା ଖାଦ୍ୟର ସ୍ୱାଦକୁ ବିଗାଡ଼ି ଦିଏ। ସାଧାରଣତଃ ବଜାରରେ ଗୋଟିଏ ଲୁଣ ପ୍ୟାକେଟ୍ ୨୦ କିମ୍ବା ୩୦ ଟଙ୍କାରେ ମିଳିଥାଏ । କିନ୍ତୁ, ଏପରି ଏକ ଲୁଣ ଅଛି, ଯାହା କିଲୋ ପିଛା ହଜାର ହଜାର ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଖାସ୍ ଏଥିପାଇଁ ଏହାକୁ ବିଶ୍ୱର ସବୁଠୁ ମହଙ୍ଗା ଲୁଣ ବୋଲି କୁହାଯାଉଛି। ତେବେ ଏହି ଲୁଣକୁ କିଣିବା ସବୁ ବର୍ଗର ଲୋକଙ୍କ ପାଖେ ସମ୍ଭବ ହୋଇନଥାଏ। କୋରିଆନ୍ ବାମ୍ବୁ ସଲ୍ଟକୁ ବିଶ୍ୱର ସବୁଠୁ ଦାମୀ ଲୁଣ ଭାବେ ଜଣାଯାଏ। ଏହାକୁ ପର୍ପଲ୍ ସଲ୍ଟ ବୋଲି ମଧ୍ୟ କୁହାଯାଏ। ଯୁଗ ଯୁଗରୁ, ଏହି ଲୁଣ କୋରିଆ ପାକ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହୋଇଆସିଛି। ଏଥିରେ ଔଷଧୀୟ ଗୁଣ ରହିଥିବା ଯୋଗୁଁ ପାରମ୍ପରିକ କୋରିଆ ଔଷଧରେ ଏହାକୁ ବ୍ୟବହାର କରାଯାଉଥିଲା । ତେବେ ଏହି ଲୁଣର ୨୫୦ ଗ୍ରାମ୍ ପ୍ୟାକେଟ୍‌ର ମୂଲ୍ୟ ୭୦୦୦ ଟଙ୍କା ରହିଥିବାବେଳେ ଏକ କିଲୋର ମୂଲ୍ୟ ପାଖାପାଖି ୩୫୦୦୦ ଟଙ୍କା। ବାଉଁଶ ଲୁଣକୁ ତିଆରି କରିବା ପାଇଁ ପ୍ରଥମେ ଗୋଲ ଆକୃତିର କଟାଯାଇଥିବା ବାଉଁଶ ବ୍ୟାରେଲ୍ ଭିତରେ ସମୁଦ୍ର ଲୁଣ ଭରାଯାଏ ଏବଂ ତାକୁ ଉଚ୍ଚ ତାପମାତ୍ରାରେ ଭଜାଯାଇ ଲୁଣ ପ୍ରସ୍ତୁତ କରାଯାଏ । ବାଉଁଶ କେସ୍‌ରେ ଲୁଣ ରଖି ଭାଜିବା ଦ୍ୱାରା ବାଉଁଶରେ ରହିଥିବା ଖଣିଜ ପଦାର୍ଥ ଲୁଣ ସହିତ ମିଶିଯାଏ । ଯଦ୍ୱାରା ଏହି ଲୁଣ ଖଣିଜ ପଦାର୍ଥଯୁକ୍ତ ଲୁଣରେ ପରିଣତ ହୋଇଯାଏ। ଅନେକ ଥର ଭଜା ହେବା ଦ୍ୱାରା ଲୁଣର ରଙ୍ଗ ପରିବର୍ତ୍ତନ ହୁଏ । ଏହାପରେ ଏହି ଲୁଣ ଏକ ଦୃଢ଼ ପଥର ଆକୃତିକୁ ଚାଲିଆସେ। ଯାହାକୁ ଭାଙ୍ଗି ଗୁଣ୍ଡ କରି ବ୍ୟବହାର କରାଯାଏ। ତେବେ ଏହି ଲୁଣର ଦାମ୍ ଆକାଶଛୁଆଁ ହେବାର କାରଣ ହେଉଛି ଏହାକୁ ପ୍ରସ୍ତୁତ କରିବାରେ ଖର୍ଚ୍ଚ ହେଉଥିବା ଶ୍ରମ। ଯାହା ଏହାକୁ ମହଙ୍ଗା କରୁଛି । ବାଉଁଶ କେସ୍‌ରେ ସମୁଦ୍ର ଲୁଣ ଭରିବା ଠାରୁ ଆରମ୍ଭ କରି କଠିନ ଲୁଣ ଭାଙ୍ଗିବା ଏବଂ ଗୁଣ୍ଡ କରିବା ପର୍ଯ୍ୟନ୍ତ ସବୁ କିଛି ହାତରେ କରାଯାଏ। ଏହି ଲୁଣକୁ ଉଚ୍ଚ ତାପମାତ୍ରାରେ ୯ଥର ଭଜାଯାଏ। ଏହାକୁ ତିଆରି କରିବା ପାଇଁ ପ୍ରାୟ ୪୦ ରୁ ୫୦ ଦିନ ସମୟ ଲାଗିଥାଏ । କୋରିଆନ୍ ବାମ୍ବୁ ସଲ୍ଟକୁ ବିଶ୍ୱର ସବୁଠୁ ଶୁଦ୍ଧ ଲବଣ କୁହାଯାଏ। ଏଥିରେ ସମୁଦ୍ର ଲୁଣ ତୁଳନାରେ ଲୌହ, ପୋଟାସିୟମ୍ ଏବଂ କ୍ୟାଲସିୟମ୍ ଅଧିକ ମାତ୍ରାରେ ରହିଥାଏ ।





# 'ଗୁଡ୍ ନାଇଟ୍' ମେସେଜ୍‌ରୁ ରୋଜଗାର

ସମ୍ପ୍ରତି ଲୋକେ ଅର୍ଥ ରୋଜଗାର କରିବା ପାଇଁ ବିଭିନ୍ନ ଉପାୟକୁ ଆପଣାଉଛନ୍ତି। ଏହି କ୍ରମରେ ଜଣେ ଯୁବତୀ ମେସେଜ ପଠାଇବା କାମ କରି ରୋଜଗାର କରୁଛନ୍ତି। ଚୀନ୍‌ର ଜିୟୁମେଇ ଅଚିହ୍ନା ତଥା ଅପରିଚିତ ଲୋକଙ୍କୁ 'ଗୁଡ୍ ନାଇଟ୍' ମେସେଜ ପଠାଇ ଆୟ କରୁଛନ୍ତି। ତାଙ୍କର ଏହି ନିଆରା ବ୍ୟବସାୟ ଦୀର୍ଘ ୧୨ ବର୍ଷ ଧରି ଚାଲି ଆସୁଛି। ସେ ଏକ ଇ-କମର୍ସ ପ୍ଲାଟ୍‌ଫର୍ମରୁ ଏହି ମେସେଜ ପଠାଇଥାନ୍ତି। ସେ ପ୍ରାୟ ୫୦ ହଜାର ଲୋକଙ୍କୁ ମେସେଜ ପ୍ରେରଣ କରିସାରିଲେଣି। ଏପରିକି ତାଙ୍କଠାରୁ ୧୦ ହଜାର ଲୋକ ମେସେଜ କିଣିସାରିଲେଣି। ତାହା ପୁଣି ଗୋଟିଏ ରାତିରେ ଏକ ୟୁଆନରେ। ସେହିପରି ତାଙ୍କ ମେସେଜ ପଠାଇବା ପଛରେ ଭିନ୍ନ ଉଦ୍ଦେଶ୍ୟ ରହିଛି। ଏକାକୀତ୍ୱକୁ ସାମ୍ନା କରୁଥିବା ଲୋକଙ୍କୁ ତାଙ୍କ ମେସେଜ ସହାନୁଭୂତି ପ୍ରଦାନ କରିଥାଏ। ଫଳରେ ଏଭଳି ଲୋକ ମେସେଜ ଦ୍ୱାରା ଜୀବନକୁ ନେଇ ସହଜ ଅନୁଭବ କରନ୍ତି। ସେହିପରି ଗୋପନରେ ଭଲପାଉଥିବା ଏବଂ ନିଜ ପ୍ରିୟ ଲୋକଙ୍କ ଉପସ୍ଥିତିକୁ ଅନୁଭବ କରୁଥିବା କ୍ଲାଏଣ୍ଟ ଗୁଡ୍ ନାଇଟ୍ ମେସେଜ କିଣୁଥିବା ଜିୟୁମେଇ କହିଛନ୍ତି। ଅନ୍ୟପକ୍ଷରେ ବିବାହିତଙ୍କୁ ସେ ମେସେଜ ପଠାଇ ନ ଥାନ୍ତି। ଅନ୍ୟପଟେ ତାଙ୍କଠାରୁ ମେସେଜ କିଣୁଥିବା ଲୋକ ମେସେଜ ନ କିଣିଲେ ଏହା ଦ୍ୱାରା ତାଙ୍କର ଏକଲାପଣ ଦୂର ହୋଇଛି ବୋଲି ଜିୟୁମେଇ ଭାବନ୍ତି। ଯଦିଓ ଏହା ତାଙ୍କର ପାର୍ଟ ଟାଇମ୍ କାମ, ତଥାପି ଏହାକୁ ସେ ନିରନ୍ତର ଭାବେ ୧୨ ବର୍ଷ ଧରି କରି ଆସୁଛନ୍ତି। ଅନ୍ୟପଟେ ତାଙ୍କର ଏହି ସେବା ତାଙ୍କୁ ମାନସିକ ଶାନ୍ତି ପ୍ରଦାନ କରୁଥିବା ସେ କହିଛନ୍ତି।



# ଚାହୁଁଚାହୁଁ ଚାର୍ଜ ହେବ ଫୋନ୍ ଓ ଲାପଟପ୍



ଏଣିକି ଫୋନ୍ ଏବଂ ଲାପ୍‌ଟପ୍ ଚାର୍ଜ କରିବା ପାଇଁ ଲୋକଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ମାତ୍ର ମିନିଟକ୍‌ରେ ଫୋନ୍, ଲାପଟପ୍ ଚାର୍ଜ କରି ହେବ। ଏପରିକି ୧୦ ମିନିଟ୍‌ରେ ଇଲେକଟ୍ରିକ୍ କାର୍ ବି ଚାର୍ଜ ହୋଇପାରିବ। ଭାରତୀୟ ବଂଶୋଦ୍ଭବ ଗବେଷକ ଅଙ୍କୁର ଗୁପ୍ତା ଏବଂ ତାଙ୍କ ଟିମ୍ ଏକ ନୂଆ ଟେକ୍‌ନିକ୍ ବିକଶିତ କରିଛନ୍ତି। ଅଙ୍କୁର ଆମେରିକାସ୍ଥିତ କଲୋରାଡୋ ବୋଲଡର ବିଶ୍ୱବିଦ୍ୟାଳୟରେ କେମିକାଲ ଏବଂ ବାୟୋଲୋଜି ଇଞ୍ଜିନିୟରିଂର ଆସିସାଣ୍ଟ ପ୍ରଫେସର ଅଛନ୍ତି। ଏହି ନୂତନ ଟେକ୍‌ନିକ୍ ଖରାପ ଲାପ୍‌ଟପ୍ ଏବଂ ଫୋନ୍‌କୁ ଗୋଟିଏ ମିନିଟ୍‌ରେ ଚାର୍ଜ କରିବାକୁ ସକ୍ଷମ। ତେବେ ସେମାନଙ୍କର ଏହି ଟେକ୍‌ନିକ୍ ସୁପରକାପାସିଟର ଉପରେ ନିର୍ଭରଶୀଳ। ସୁପରକାପାସିଟର ହେଉଛି ଏନର୍ଜି ଷ୍ଟୋରେଜ ଡିଭାଇସ୍। ଗବେଷକଙ୍କ ଅନୁସାରେ ସୁପରକାପାସିଟ୍‌ର ବଡ଼ ବିଶେଷତ୍ୱ ହେଉଛି ଏହାର ସ୍ପିଡ୍। ଏହା କେବଳ ବାହନରେ ଶକ୍ତି ସଂରକ୍ଷଣ କରିବ ତାହା ନୁହେଁ, ବରଂ ପାୱାର ଗ୍ରେଡ୍ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାର ଚାର୍ଜିଂ ଟାଇମ୍ ଦ୍ରୁତ ହୋଇଥିବା ବେଳେ ବ୍ୟାଟେରି ତୁଳନାରେ ଏହାର ଲାଇଫ୍ ବା ସମୟସୀମା ଅଧିକ ହୋଇଥାଏ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜର୍ଣ୍ଣାଲ ପ୍ରୋସିଡିଙ୍ଗ୍‌ସ ଅଫ୍ ଦ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସରେ ବିସ୍ତୃତ ଭାବେ କୁହାଯାଇଛି।

# ଗାଡ଼ିରେ ରଖନ୍ତୁ ଏହି ସବୁ ଜିନିଷ

**ଗାଡ଼ିରେ ବାସ୍ତୁଦୋଷ ଥିଲେ ନକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ। ଏହା ବ୍ୟକ୍ତିର ଜୀବନ ଉପରେ କୁପ୍ରଭାବ ପକାଇଥାଏ। ତେବେ ଗାଡ଼ିରେ ନକାରାତ୍ମକ ଶକ୍ତିକୁ ଦୂରେଇ ଦେବା ପାଇଁ କିଛି ବିଶେଷ ବାସ୍ତୁ ନିୟମକୁ ଜାଣନ୍ତୁ...**

ବାସ୍ତୁ ବିଚାର

### ଠାକୁରଙ୍କ ମୂର୍ତ୍ତି

ଗାଡ଼ିରେ ସକାରାତ୍ମକ ଶକ୍ତିର ଆଗମନ ପାଇଁ ଡ୍ୟାସବୋର୍ଡରେ ଶ୍ରୀଗଣେଶ, ଦୁର୍ଗା ମାତା, ଭଗବାନ ଶିବଙ୍କ ମୂର୍ତ୍ତି ରଖିବା ଆବଶ୍ୟକ। ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହେବା ସହ ଦେବୀ ଦେବତାଙ୍କ କୃପାରୁ ସବୁ ଦୁଃଖକଷ୍ଟ ଦୂର ହୋଇଥାଏ।

### କଇଁଛ

ନକାରାତ୍ମକତା ଦୂର ପାଇଁ ଗାଡ଼ିରେ କଇଁଛ ରଖିପାରିବେ। ଏହା ବହୁତ ମଙ୍ଗଳକାରୀ ସାବ୍ୟସ୍ତ ହୋଇଥାଏ।

### ପାଣି ବୋତଲ

ବାସ୍ତୁ ଅନୁସାରେ ଗାଡ଼ିରେ ପାଣି ବୋତଲ ରଖିବା ଉଚିତ। ଏହାଦ୍ୱାରା ଗାଡ଼ିରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ।



### ମୟୂର ଚୂଳ

ଗାଡ଼ିରେ ମୟୂର ଚୂଳ, ଦୁର୍ଗା ମାତାଙ୍କ ଚୁନରି, ଭଗବାନ ଶିବଙ୍କ ଡମ୍ବରୁ ରଖିବା ବେଶ୍ ଶୁଭଦାୟକ ହୋଇଥାଏ। ଏହାଦ୍ୱାରା ନକାରାତ୍ମକ ଶକ୍ତି ଦୂରେଇ ଯାଏ ବୋଲି କୁହାଯାଏ।

### କ୍ରିଷ୍ଟାଲ୍ ଷ୍ଟୋନ୍

ଗାଡ଼ିରେ ପଥର କିମ୍ବା କ୍ରିଷ୍ଟାଲ୍ ପଥର ରଖିବା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ।

### ଫେଙ୍ଗ୍‌ସୁଇ ମୁଦ୍ରା

କାର୍‌ରେ ସୁନେଲି ରଙ୍ଗର ଫେଙ୍ଗସୁଇ ମୁଦ୍ରା ରଖିବା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ। ଏହାର ଗାଡ଼ିର ରଙ୍ଗ, ଇଣ୍ଟେରିୟର୍ ଓ ଆକାର ମଧ୍ୟରେ ସନ୍ତୁଳନ ରକ୍ଷା କରେ ବୋଲି କୁହାଯାଏ। ଏହା ଗାଡ଼ିର ବାସ୍ତୁ ଦୋଷକୁ ବି ଦୂରେଇ ଦେଇଥାଏ।

କାର୍‌ରେ ଭାଙ୍ଗିଯାଇଥିବା ଜିନିଷ ରଖିବା ଉଚିତ ନୁହେଁ। ସେହିଭଳି ଗାଡ଼ିରେ ଅଳିଆ ରଖିବା ଉଚିତ ନୁହେଁ। ଯେତେସମ୍ଭବ କାର୍‌ର କାଚକୁ ମଧ୍ୟ ସଫା ରଖିବା ଉଚିତ। ନଚେତ୍ ଏଥିଯୋଗୁ ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ।

## ଆଜିର ରାଶିଫଳ

**ମେଷ:** ପରିବାରବର୍ଗଙ୍କ ମଧ୍ୟରେ ବୁଝାମଣା ରହିବ। ସାହିତ୍ୟ, କଳା କ୍ଷେତ୍ରରେ ସମ୍ମାନିତ ହେବେ। ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବୃଷ:** ତରବରିଆ ଭାବେ ନିଷ୍ପତ୍ତି ନେଇ ଅଡୁଆରେ ପଡ଼ିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** ଆର୍ଥିକ ସମସ୍ୟା ରହିବନି। ନିବେଶ କରିପାରନ୍ତି। ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ ହସଖୁସି ଲାଗିରହିବ। ଜରୁରି କାର୍ଯ୍ୟରେ ଦୂରସ୍ଥାନ ଯାତ୍ରା କରିପାରନ୍ତି।

**କର୍କଟ:** ବିଦ୍ୟାର୍ଥୀମାନେ କ୍ୟାରିୟର ପାଇଁ ଯୋଜନା କରିବେ। ବୈବାହିକ ଜୀବନ ସୁଖମୟ ହେବ। କାର୍ଯ୍ୟକ୍ଷେତ୍ରରେ ଅଧିକ ଚାପ ରହିବ। ବିଶେଷ କାର୍ଯ୍ୟକ୍ରମର ନେତୃତ୍ୱ ନେଇପାରନ୍ତି।

**ସିଂହ:** ଅନ୍ୟକୁ ଧାରଦେବା କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୋର୍ଟକଚେରୀ ମାମଲା ଆପଣଙ୍କ ପାଇଁ ନକାରାତ୍ମକ ରହିପାରେ। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**କନ୍ୟା:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯାତାୟାତ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ଗୁରୁଜନଙ୍କ ଆଦେଶ ଅନୁସାରେ କାର୍ଯ୍ୟ କରିବେ। ପରିଶ୍ରମର ଫଳ ପାଇବେ।

**ତୁଳା:** ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ରହିବ। ଆପଣଙ୍କ ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଅଯଥା ଖର୍ଚ୍ଚ କରନ୍ତୁନି।

**ବିଛା:** ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଜମିଜମା ବିବାଦ ସୃଷ୍ଟି ହୋଇପାରେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ଧନୁ:** ସମାଜରେ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହେବେ। ସମୟଥାଉଥାଉ କାର୍ଯ୍ୟ ପୂରଣ କରିବେ। ମହିଳାମାନେ ଉଚ୍ଚାଭିଳାଷୀ ହେବେ। ବାଣିଜ୍ୟରେ ଉତ୍ତମ ଲାଭ ମିଳିବ। ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ରାଜନୀତି ସହ ଜଡ଼ିତ ବ୍ୟକ୍ତିଙ୍କୁ କିଛି ନୂତନ ଦାୟିତ୍ୱ ମିଳିବ। ବିବାଦୀୟ ପରିସ୍ଥିତିରେ ମଧ୍ୟ ନିଜକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ। ପିଲାଙ୍କ ସଫଳତାରେ ଅଭିଭାବକ ମାନେ ଆନନ୍ଦ ଅନୁଭବ କରିବେ।

**ମୀନ:** ସଫଳତା ହାସଲ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରିବେ। ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ।

# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-341 ◆BHUBANESWAR ◆FRIDAY ◆7 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୪୧ ◆ଭୁବନେଶ୍ୱର ◆ଶୁକ୍ରବାର ◆୭ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ଫାଇନାଲରେ ଇଗା ସ୍ୱିଆଟେକ୍

▶ଭିତର ପୃଷ୍ଠାରେ...

## ଜାରି ରହିବ ତାତି ସହ ଗୁଳୁଗୁଳି

# ୪ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ

■ **ଭୁବନେଶ୍ୱର, ୬।୬ (ସମିସ):** ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ଥିବାରୁ କିଛି କିଛି ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷାର ମଧ୍ୟ ଆକଳନ କରାଯାଇଛି। ବିଶେଷ କରି କୋରାପୁଟ, ରାୟଗଡ଼ା ଓ ନବରଙ୍ଗପୁରରେ ପ୍ରାକ୍‌ମୌସୁମୀ ଜନିତ ବର୍ଷା ଆଶଙ୍କା ସହ ଏହି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ କାଳବୈଶାଖୀ



ଜନିତ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ପବନ ବହିବା ନେଇ କେନ୍ଦ୍ର କହିଛି।

ଅନ୍ୟପଟେ, ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଜାରି ରହିଛି। ଏହି ସ୍ଥିତି ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଯଦିଓ ମଝିରେ ମଝିରେ କାଳବୈଶାଖୀ ଜନିତ ବର୍ଷାର ଆଶଙ୍କା ରହିଛି, ହେଲେ ଏହି ସ୍ଥିତି ତାତି ଓ ଗୁଳୁଗୁଳିକୁ ପ୍ରଶମିତ କରାଇବାରେ ବିଫଳ ହେବ ବୋଲି ଜଣାପଡ଼ିଛି। ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ▶ପୃଷ୍ଠା-୯

## ବିଧାନସଭା ଗଠନ ପାଇଁ ବିଜ୍ଞପ୍ତି ପ୍ରକାଶ

# ଓଡ଼ିଶାରୁ ହଟିଲା ଆଦର୍ଶ ଆଚରଣ ବିଧି

■ **ଭୁବନେଶ୍ୱର, ୬।୬ (ସମିସ):** ଓଡ଼ିଶାରେ ନୂଆ ବିଧାନସଭା ଗଠନ ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଓଡ଼ିଶା ରାଜପତ୍ରରେ ମଧ୍ୟ ପ୍ରକାଶିତ ହୋଇଛି। ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ନିର୍ବାଚନ ଆୟୋଗଙ୍କ ପ୍ରତିନିଧିଙ୍କ ସହ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ଏହି ବିଜ୍ଞପ୍ତି ପ୍ରଦାନ କରିଛନ୍ତି । ଏହି ଅବସରରେ ଅତିରିକ୍ତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍ ତିରୁମାଲା ନାୟକ, ଶତୃଘ୍ନ କର ଓ ମିହିର ମହାନ୍ତି, ନିର୍ବାଚନ ଆୟୋଗଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ମହତୋଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ରାଜ୍ୟପାଳଙ୍କୁ ବିଜ୍ଞପ୍ତି ପ୍ରଦାନ କଲେ ସିଇଓ**

ଓଡ଼ିଶାରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ରାଜ୍ୟପାଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ଅପରପକ୍ଷେ ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ଆଜି ପ୍ରତ୍ୟାହାର ହୋଇଛି। ନିର୍ବାଚନ ଆୟୋଗ ଆଜି କେନ୍ଦ୍ର କ୍ୟାବିନେଟ୍ ସଚିବ, ଓଡ଼ିଶାର ମୁଖ୍ୟ ସଚିବ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖି ଏନେଇ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ଗତ ମାର୍ଚ୍ଚ ୧୬ତାରିଖରୁ ଆଦର୍ଶ ଆଚରଣ ବିଧି ବଳବତ୍ତର ରହିଥିଲା।

## କେନ୍ଦ୍ରରେ ଏନଡିଏ ସରକାର ପ୍ରତିଷ୍ଠା ପାଇଁ ତତ୍ପରତା

# ସହଯୋଗୀଙ୍କ ଚାପରେ ବିଜେପି

■ **ନୂଆଦିଲ୍ଲୀ, ୬।୬ (ଏଜେନ୍ସି):** କେନ୍ଦ୍ରରେ ସରକାର ଗଠନ ନେଇ ଦୁଇ ପ୍ରମୁଖ ମେଣ୍ଟ ଏନଡିଏ ଏବଂ 'ଇଣ୍ଡିଆ' ମଧ୍ୟରେ ଚାଲିଥିବା ତନାଘନା ମଧ୍ୟରେ ବିଜେପି ନେତୃତ୍ୱ ଏନଡିଏ ମେଣ୍ଟ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଗତକାଲି ଏନଡିଏର ଦୁଇ ପ୍ରମୁଖ ସହଯୋଗୀ ଦଳ ନୀତୀଶ କୁମାରଙ୍କ ଜେଡିୟୁ ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସମେତ ଅନ୍ୟ କିଛି ଦଳ ନରେନ୍ଦ୍ର ମୋଦୀଙ୍କୁ ମେଣ୍ଟ ନେତା ଭାବେ ନିର୍ବାଚିତ କରିବା ସହିତ ସରକାର ଗଠନ ପାଇଁ ସମର୍ଥନ ଦେଇଛନ୍ତି। ଏହିକ୍ରମରେ ଆସନ୍ତା ୯ ତାରିଖରେ ମୋଦୀ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଅଭିଷିକ୍ତ ହେବା ସହିତ ନୂଆ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ଯାଉଛନ୍ତି। କିନ୍ତୁ ସରକାର ଗଠନ ପୂର୍ବରୁ ମୋଦୀଙ୍କୁ ସମର୍ଥନ ଦେବା ଲାଗି ମେଣ୍ଟରେ ସାମିଲ ରହିଥିବା ଛୋଟରୁ ବଡ଼ ଦଳ ଯେଉଁଳି ଦାବି ଓ ସର୍ତ୍ତ ରଖିଛନ୍ତି ତାହା ଏବେ ବିଜେପି ପାଇଁ ଶିରପୀଡ଼ାର ବିଷୟ ପାଲଟିଛି।

ସରକାର ଗଠନ ପାଇଁ ରହିଥିବା ମ୍ୟାଜିକ୍ ନମ୍ବର ୨୭୨କୁ ନେଇ ସହଯୋଗୀ ଦଳଙ୍କ ସମର୍ଥନ ଗଣିତ ଯାହା ରହିଛି ତାହାକୁ ବିଜେପି ଗୋଟିଏ ପଟରେ ଢୋକି ପାରୁ ନଥିବା ବେଳେ ଅନ୍ୟପଟେ ସେମାନଙ୍କ ଦାବିକୁ ମଧ୍ୟ ହଜମ କରିପାରୁ ନାହିଁ। ବିଶେଷକରି ▶ପୃଷ୍ଠା-୯

**ବାଚସ୍ପତି ପଦ ସହ ୪ କ୍ୟାବିନେଟ ମନ୍ତ୍ରୀ ପଦ ଚାହୁଁଛନ୍ତି ଚନ୍ଦ୍ରବାବୁ**

**କୃଷି, ଗୃହ, ପ୍ରତିରକ୍ଷା, ଆଇଟି ପରି ବିଭାଗ ଦାବି କରିଛି ଟିଡିପି**

**ବିହାରକୁ ସ୍ୱତନ୍ତ୍ର ପାହ୍ୟା, ରେଳ ଓ ଅର୍ଥ ମନ୍ତ୍ରୀ ପଦକୁ ନୀତୀଶଙ୍କ ଆଖି**

**୨ଟି ଲେଖାଏଁ କ୍ୟାବିନେଟ୍ ପଦ ଚାହୁଁଛନ୍ତି ଏଲ୍‌ଜେପି ଓ ଶିବସେନା**

**ଅନ୍ୟ ଦଳ ହାତକୁ ବାଚସ୍ପତି ପଦ ଛାଡ଼ିବା ପାଇଁ ବିଜେପି ଅରାଜି**

**ପାଖରେ ରଖିବ ଅର୍ଥ, ପ୍ରତିରକ୍ଷା, ଗୃହ, ବୈଦେଶିକ ବ୍ୟାପାର ବିଭାଗ**

### ନଡ୍ଡାଙ୍କ ବାସଭବନରେ ଜରୁରୀ ବୈଠକ

■ **ନୂଆଦିଲ୍ଲୀ, ୬।୬ (ସମିସ):** କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ଏନ୍‌ଡ଼ିଏ ସରକାର ଗଠନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନ୍‌ଡିଏର ଦୁଇ ସହଯୋଗୀ ଟିଡ଼ିପି ଓ ଜେଡ଼ିୟୁର ଆଭିମୁଖ୍ୟ ଏବଂ ସରକାର ଗଠନ ସଂକ୍ରାନ୍ତରେ ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଦଳର ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ଅମିତ୍ ଶାହା, ରାଜନାଥ ସିଂହ ମଧ୍ୟ ଉପସ୍ଥିତଥିବା ସୂଚନା ମିଳିଛି। ତେବେ ନିର୍ଦ୍ଦିଷ୍ଟ ଭାବରେ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ଜଣାପଡ଼ି ନାହିଁ। ଲୋକସଭାରେ ବିଜେପି ଆବଶ୍ୟକ ସଂଖ୍ୟା ଗରିଷ୍ଠତା ୨୭୨ଠାରୁ ୩୨ ଆସନ ପଛରେ ରହିଛି। ତେବେ ଏହାର ଦୁଇ ସହଯୋଗୀ ଟିଡ଼ିପି ୧୬ ଓ ଜେଡ଼ିୟୁ ୧୨ଟି ଆସନରେ ବିଜୟୀ ହୋଇଛନ୍ତି। ▶ପୃଷ୍ଠା-୯

# ବିଜେପିର ମୁଖ୍ୟମନ୍ତ୍ରୀ କସରତ

## ଦିଲ୍ଲୀ ଗଲେ ରାଜ୍ୟ ସଭାପତିଙ୍କ ସହ ୨୦ ସାଂସଦ

■ **ଭୁବନେଶ୍ୱର, ୬।୬ (ସମିସ):** ରାଜ୍ୟରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମକୁ ନେଇ ନିର୍ଣ୍ଣୟ ନିଆଯାଇ ନାହିଁ। ୬ ତାରିଖରେ ଦଳର ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ କରାଯିବ ବୋଲି ଦଳର ଶୀର୍ଷ ନେତୃତ୍ୱ ଘୋଷଣା କରିଥିଲେ ହେଁ ଜାତୀୟ ରାଜନୀତିର ଦୃଶ୍ୟପଟ ଏଥିରେ ବାଧକ ହୋଇଛି। କେନ୍ଦ୍ରରେ ସରକାର ଗଠନ ନେଇ ଜେଡିୟୁ ଓ ଟିଡ଼ିପିର ସର୍ତ୍ତମୂଳକ ସମର୍ଥନ, ବିଭିନ୍ନ ବିଭାଗ ଦାବି ଯୋଗୁଁ ବିଜେପି ଜାତୀୟ ନେତୃତ୍ୱ ବ୍ୟସ୍ତ ଥିବା ଯୋଗୁଁ ଓଡ଼ିଶା ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ବିଳମ୍ବ ହୋଇଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ପ୍ରତିଦିନ ନୂଆ ନୂଆ ନାମ ଯୋଡ଼ି ହୋଇ ଚାଲିଛି। ତେବେ ଆସନ୍ତା ୨-୩ ଦିନ ମଧ୍ୟରେ ଏ ସଂକ୍ରାନ୍ତରେ ଶୀର୍ଷ ନେତୃତ୍ୱ ଚୂଡ଼ାନ୍ତ ମୋହର ମାରିବାକୁ ଯାଉଛନ୍ତି। ଆସନ୍ତା ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସହ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବ ବୋଲି ସୂଚନା ମିଳିଛି ।

ଆଜି ଦିଲ୍ଲୀ ଗସ୍ତରେ ରାଜ୍ୟ ବିଜେପିର ନବ ନିର୍ବାଚିତ ୨୦ ଲୋକସଭା ସାଂସଦ, ଜଣେ ରାଜ୍ୟସଭା ସାଂସଦ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ପ୍ରମୁଖ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସୂଚନା ଅନୁଯାୟୀ ଆସନ୍ତାକାଲି ଏନ୍‌ଡିଏର ନିବ ନିର୍ବାଚିତ ସାଂସଦଙ୍କ ବୈଠକ ପରେ ବିଜେପିର ଶୀର୍ଷ ନେତୃତ୍ୱ ଓଡ଼ିଶା ନେତାଙ୍କ ସହ ବୈଠକ କରିବେ। ଏହି ବୈଠକରେ ଶୀର୍ଷ ନେତୃତ୍ୱ ମୁଖ୍ୟମନ୍ତ୍ରୀତ୍ୱ ସମ୍ପର୍କରେ ମତାମତ ଗ୍ରହଣ କରିବେ। ଓଡ଼ିଶା ବିଜେପି ନେତାଙ୍କ ମତାମତକୁ ବିଜେପି ସଂସଦୀୟବୋର୍ଡ ବୈଠକରେ ତର୍ଜମା କରାଯାଇ କିଏ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ, ସେନେଇ ଶେଷ ନିଷ୍ପତ୍ତି ନିଆଯିବ। ୮ ତାରିଖ କିମ୍ବା ୯ ତାରିଖ ସୁଦ୍ଧା ରାଜ୍ୟରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ ହୋଇଯିବ ବୋଲି ରାଜ୍ୟ ବିଜେପିର ଜଣେ ବରିଷ୍ଠ ନେତା କହିଛନ୍ତି। ଏପଟେ ମୁଖ୍ୟମନ୍ତ୍ରୀ କିଏ ହେବେ ତାହାକୁ ନେଇ ନାନା ପ୍ରକାରର କଳ୍ପନା ଜଳ୍ପନା ଲାଗି ରହିଛି।

ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସର୍ବାଗ୍ରେ ରହିଥିବା ବେଳେ ବରିଷ୍ଠ ବିଧାୟକ କନକ ବର୍ଦ୍ଧନ ▶ପୃଷ୍ଠା-୯

**୯ରେ ନାମ ଚୂଡ଼ାନ୍ତ; ୧୦ ତାରିଖରେ ଶପଥ**

**ଶପଥ ନେଇପାରନ୍ତି ଦୁଇ ଉପମୁଖ୍ୟମନ୍ତ୍ରୀ**

## ପରାଜିତ ନେତାଙ୍କ ମନୋବଳ ବଢ଼ାଇଲେ ନବୀନ

# ଜନସେବାରେ ବ୍ରତୀ ରୁହ

■ **ଭୁବନେଶ୍ୱର, ୬।୬ (ସମିସ):** ନିର୍ବାଚନରେ ଦଳର ପରାଜୟକୁ ଅତ୍ୟନ୍ତ ଗୁରୁତର ଭାବରେ ଗ୍ରହଣ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଦଳୀୟ ନେତାମାନଙ୍କ ମନୋବଳକୁ ସୁଦୃଢ଼ କରିବା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ ଗତକାଲି ନିର୍ବାଚିତ ବିଧାୟକମାନଙ୍କ ସହ ଆଲୋଚନା କରିଥିବାବେଳେ ଆଜି ପରାଜିତ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ସହ ଭାବ ବିନିମୟ କରିଛନ୍ତି। ନିର୍ବାଚନରେ ପରାଜୟ ଲାଭ କରିଥିବା ପ୍ରାର୍ଥୀଙ୍କୁ ଭାଙ୍ଗି ନ ପଡ଼ି ରାଜ୍ୟବାସୀଙ୍କ ପାଇଁ ଯେପରି କାର୍ଯ୍ୟ କରି ଆସୁଥିଲେ, ସେପରି କାର୍ଯ୍ୟ ଅବ୍ୟାହତ ରଖିବାକୁ ପରାମର୍ଶ ଦେଇଛନ୍ତି। ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନରେ ▶ପୃଷ୍ଠା-୯

**ରାଜ୍ୟବାସୀଙ୍କ ସହ ରହିଥିଲେ, ଭବିଷ୍ୟତରେ ରହିବା**



# ନବୀନଙ୍କ ନିର୍ଦ୍ଦେଶ କ୍ରମେ ପାଣ୍ଡିଆନଙ୍କ ଦିଲ୍ଲୀ ଗସ୍ତ

**ବିଭ୍ରାନ୍ତିକର ଖବର ପ୍ରସାରଣ ନ କରିବାକୁ ବିଜେଡିର ପରାମର୍ଶ**

■ **ଭୁବନେଶ୍ୱର, ୬।୬ (ସମିସ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମାତ୍ରଏହାକୁ ନେଇ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ଯେପରି ଅରୁଚିକର, ତଥ୍ୟ ବିହୀନ, ବିଭ୍ରାନ୍ତିକର ଏବଂ ମନ୍ତ ଉଦ୍ଦେଶ୍ୟ ରଖି ଖବର ପ୍ରସାରଣ କରାଯାଉଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିଜେଡି କହିଛି। ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର କହିଛନ୍ତି ଯେ କୌଣସି କାର୍ଯ୍ୟ ନିମନ୍ତେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଦିଲ୍ଲୀ ପଠାଇଛନ୍ତି। କୌଣସି ଦଳର ନେତା କିଛି କାର୍ଯ୍ୟ ବଶତ। ଅନ୍ୟତ୍ର ଗସ୍ତ କଲେ ଗଣମାଧ୍ୟମକୁ ସୂଚନା ଦେଇ ଯିବାର କୌଣସି ପ୍ରାବଧାନ କିମ୍ବା ନିୟମ ନାହିଁ। ଖବର ପ୍ରସାରଣ ସର୍ବଦା ଦାୟିତ୍ୱସମ୍ପନ୍ନ ହେବା ଜରୁରୀ; ମାତ୍ର ଶ୍ରୀ ପାଣ୍ଡିଆନଙ୍କ ଦିଲ୍ଲୀ ଗସ୍ତକୁ ନେଇ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ଯେପରି ଅପପ୍ରଚାର କରାଯାଉଛି ତାହା ଆଦୌ ଗ୍ରହଣୀୟ ନୁହେଁ। ଏପରିସ୍ଥଳେ ଏପରି ଉଦ୍ଦେଶ୍ୟ ପ୍ରଣୋଦିତ ଖବର ପ୍ରସାରଣରୁ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ବିରତ ରହିବାକୁ ଆମେ ଅନୁରୋଧ କରୁଛୁ ବୋଲି ଡ଼. ପାତ୍ର କହିଛନ୍ତି।

## ■ ପ୍ରଥମ ସାବିତ୍ରୀରେ ଗଲା ସତ୍ୟବାନଙ୍କ ଜୀବନ

# ଶୁଣ୍ଠିପଲ୍ଲୀରେ ନିର୍ମମ ହତ୍ୟା



■ **ଧରାକୋଟ, ୬।୬ (ସମିସ):** ପ୍ରଥମ ସାବିତ୍ରୀରେ ଚାଲିଗଲା ସତ୍ୟବାନଙ୍କ ଜୀବନ। ହତ୍ୟାକାଣ୍ଡରେ ପ୍ରାଣ ହରାଇଲେ ନବବିବାହିତ ସ୍ୱାମୀ। ଗଞ୍ଜାମ ଜିଲ୍ଲା ବଡଗଡ଼ ଥାନା ଅଧୀନ ଶୁଣ୍ଠିପଲ୍ଲୀ ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଗ୍ରାମର ମିଟୁ ବିଷୋୟୀ (୩୫)। ସାମାନ୍ୟ ବଚସାକୁ କେନ୍ଦ୍ର କରି ତାଙ୍କୁ ଅତି ନିର୍ମମ ଭାବେ ପିଟିପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ବଡ଼ଗଡ଼ ପୁଲିସ ଅଭିଯୁକ୍ତ କାଲୁ ନାୟକକୁ ଅଟକ ରଖି ପଚରାଉଚରା ଚଳାଇଛି। ଏହାସହ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଠେଙ୍ଗା ଓ କାଠ ଫାଳିଆକୁ ଜବତ କରି ଅଧିକ ତଦନ୍ତ ଚଳାଇଛି ବୋଲି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ବୁଧବାର ରାତିରେ ଗ୍ରାମର ବୁଧିଆ ନାୟକଙ୍କ ପୁଅ କାଲୁ ନାୟକ ଗାଁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଫେରିବା ବେଳେ ମିଟୁଙ୍କ ସହ କୌଣସି କାରଣକୁ ତାଙ୍କର ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମିଟୁ ଏକ ଠେଙ୍ଗାରେ କାଲୁଙ୍କୁ ଆକ୍ରମଣ କରିଥିଲେ। କାଲୁ ମଧ୍ୟ ମିଟୁଙ୍କୁ ପାଲଟା ଆକ୍ରମଣ କରିଥିଲେ। ଏଥିରେ ମିଟୁ ତଳେ ପଡ଼ିଯାଇଥିଲେ। ପରିବାରଲୋକ ଗୁରୁତର ମିଟୁଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସା ପରେ ମିଟୁଙ୍କୁ ▶ପୃଷ୍ଠା-୯




# ୧୦୯ ବର୍ଷ ପୁରୁଣା ମନ୍ଦିରରେ ନିଆଁ



ଶ୍ରୀନଗର, ୬।୬ (ଏଜେନ୍ସି): ଜମ୍ମୁ-କାଶ୍ମୀରର ପର୍ଯ୍ୟଟନ ସ୍ଥଳ ଗୁଲମାର୍ଗର ଏକ ପାହାଡ଼ରେ ଥିବା ୧୦୯ ବର୍ଷ ପୁରୁଣା ଶିବ ମନ୍ଦିରରେ ନିଆଁ ଲାଗି ଯାଇଛି। ଏଥିରେ ମନ୍ଦିରଟି ସମ୍ପୂର୍ଣ୍ଣ ଜଳି ଯାଇଛି। ଏହି ସ୍ଥାନରେ ଅନେକ ବଲିଉଡ ଚଳଚ୍ଚିତ୍ର ସୁଟିଂ ହୋଇଥିଲା। ରାଜେଶ ଖନ୍ନା-ମୁମତାଜଙ୍କ ଗୀତ 'ଜୟ ଜୟ ଶିବଶଙ୍କର' ଏଠାରେ ସୁଟ୍ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ବୁଧବାର ସକାଳେ ନିଆଁ ଲାଗିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଏହାକୁ ନିୟନ୍ତ୍ରଣ କରାଯାଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ମନ୍ଦିର ପୂଜାରୀ ପୁରୁଷୋତ୍ତମ ଶର୍ମାଙ୍କ ସୂଚନା ଅନୁଯାୟୀ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଲାଗିଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

■ ୪୭ ଦିନ ତଳେ ହୋଇଥିଲା ପ୍ରତିରୋପଣ

## ବାହାର କରାଗଲା ଘୁଷୁରୀ ବୃକକ



ନ୍ୟୁୟର୍କ, ୬।୬ (ଏଜେନ୍ସି): ଏପ୍ରିଲ ୧୨ ତାରିଖରେ ଆମେରିକାର ଜଣେ ମହିଳାଙ୍କ ଠାରେ ଲଗା ଯାଇଥିବା ଘୁଷୁରୀ ବୃକକ (ଜେନେଟିକାଲି ମୋଡିଫାଏଡ କିଡ୍‌ନୀ)କୁ ବାହାର କରିଦିଆଯାଇଛି। ନ୍ୟୁୟର୍କର ଲ୍ୟାଙ୍ଗୋନ ଟ୍ରାନ୍ସପ୍ଲାଣ୍ଟ ଇନଷ୍ଟିଚ୍ୟୁଟର ଡାକ୍ତର କହିଛନ୍ତି ଯେ ରୋଗୀଙ୍କ ହୃତ୍‌ପିଣ୍ଡକୁ ପର୍ଯ୍ୟାପ୍ତ ରକ୍ତ ଯାଉ ନ ଥିଲା। ଏଥିପାଇଁ ତାଙ୍କର ନୂଆ ବୃକକ ଖରାପ ହୋଇ ଯାଇଥିଲା। ତେଣୁ ୪୭ ଦିନ ପରେ ଏହାକୁ କାଢ଼ି ଦିଆଯାଇଛି। ଏବେ ଲିଜାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ତାଙ୍କ ଶରୀରରେ ବୃକକ ଲଗାଇବା ପୂର୍ବରୁ ମେକାନିକାଲ ହାର୍ଟ ପମ୍ପ (ଏଲ୍‌ଭିଏଡି) ଲଗା ଯାଇଥିଲା। ହାର୍ଟ ପମ୍ପ ଦ୍ୱାରା ଅଙ୍ଗ ପ୍ରତିରୋପଣର ଏହା ପ୍ରଥମ ମାମଲା ଥିଲା। ମାତ୍ର ଏଲ୍‌ଭିଏଡି ଠିକ୍‌ରେ ରକ୍ତ ଯୋଗାଣ କରିପାରୁ ନ ଥିଲା। ପ୍ରତିରୋପଣ ପରେ ବୃକକ ଠିକ୍ ଭାବେ କାମ କରୁଥିଲା। ଏହା ଗ୍ରହଣ ନ କରିବାର କୌଣସି ସୂଚନା ଦେଇ ନ ଥିଲା। ମାତ୍ର ବୃକକ ବାହାର କରିବା ପରେ ଏଲଭିଏଡି ଭଲ ଭାବେ କାମ କରୁଛି।

## ବିମାନ ବନ୍ଦରରେ କଙ୍ଗନାଙ୍କୁ ଚାପୁଡ଼ା ମାରିଲେ ସୁରକ୍ଷା ଗାର୍ଡ

ଚଣ୍ଡିଗଡ଼, ୬।୬ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ତଥା ନବ ନିର୍ବାଚିତ ବିଜେପି ସାଂସଦ କଙ୍ଗନା ରାଣାୱତଙ୍କୁ ଚଣ୍ଡିଗଡ଼ ବିମାନ ବନ୍ଦରରେ ଜଣେ ମହିଳା ସିଆଇଏସଏଫ କନଷ୍ଟେବଲ ଚାପୁଡ଼ା ମାରିଛନ୍ତି। ଦିଲ୍ଲୀରେ ଏକ ବୈଠକରେ ଯୋଗ ଦେବା ଲାଗି କଙ୍ଗନା ଚଣ୍ଡିଗଡ଼ ବିମାନ ବିମାନ ବନ୍ଦରରୁ ବିମାନ ଚଢ଼ିବାକୁ ଯାଉଥିବା ବେଳେ ସିକ୍ୟୁରିଟି ଚେକିଂ ବେଳେ ସୁରକ୍ଷା ଦାୟିତ୍ୱରେ ଥିବା ମହିଳା କନଷ୍ଟେବଲ





କୁଲବିନ୍ଦର କୌର ତାଙ୍କୁ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏନେଇ କଙ୍ଗନା ଉକ୍ତ ଗାର୍ଡଙ୍କ ବିରୋଧରେ ଅଭିଯୋଗ ଆଣି ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ଘଟଣା ପରେ କୁହାଯାଉଛି ଯେ, କୃଷକ ଆନ୍ଦୋଳନକୁ ନେଇ ସେତେବେଳେ କଙ୍ଗନା ଯେଉଁଭଳି ବିବୃତ୍ତି ଦେଇଥିଲେ ତାହାକୁ ନେଇ କୁଲବିନ୍ଦର କୌର ତାଙ୍କ ଉପରେ ରାଗିଯାଇଥିଲେ। ସେଥିପାଇଁ ସେ ବିଜେପି ସାଂସଦଙ୍କୁ ଚାପୁଡ଼ା ମାରିଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, କଙ୍ଗନା ହିମାଚଳପ୍ରଦେଶ ମଣ୍ଡି ଲୋକସଭା ଆସନରୁ ବିଜେପି ଟିକଟରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଛନ୍ତି। ନିର୍ବାଚନ ଜିତିବା ପରେ ସେ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ଏଭଳି ଘଟଣା ସାମ୍ନାକୁ ଆସିଛି।

ତୃତୀୟଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ମୋଦୀ

# ୯ରେ ଶପଥ ଗ୍ରହଣ ସମାରୋହ

ନୂଆଦିଲ୍ଲୀ, ୬।୬ (ଏଜେନ୍ସି)

କେନ୍ଦ୍ରରେ ପରବର୍ତ୍ତୀ ସରକାର ପ୍ରତିଷ୍ଠା କରିବାକୁ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟ ପ୍ରସ୍ତୁତି ଶେଷ କରିଛି। ଗତକାଲି ଏନଡିଏ ମେଣ୍ଟର ଦୁଇ ପ୍ରମୁଖ ସହଯୋଗୀ ଅଂଶୀଦାର ଜେଡିୟୁ ଏବଂ ଟିଡିପି ସମେତ ଅନ୍ୟ ସହଯୋଗୀ ଦଳର ନେତାଙ୍କ ସହ ବିଜେପି ନେତାମାନେ ଆଲୋଚନା କରାଯିବା ପରେ ନରେନ୍ଦ୍ର ମୋଦୀଙ୍କୁ ଏନଡିଏର ନେତା ଭାବେ ନିର୍ବାଚିତ କରାଯାଇଥିଲା। ଏହାସହିତ ସବୁ ସହଯୋଗୀ ଦଳ ସରକାର ଗଠନ ପାଇଁ ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ଆସନ୍ତା ୯ ତାରିଖରେ ମୋଦୀ କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଥିବା ନିଶ୍ଚିତ ହୋଇଛି। ଆସନ୍ତାକାଲି ଏନଡିଏ ମେଣ୍ଟର ନବ ନିର୍ବାଚିତ ସାଂସଦମାନେ ପୁଣି ଏକ ବୈଠକରେ ଏକାଠି ହେବା ସହିତ ମୋଦୀଙ୍କୁ ଆନୁଷ୍ଠାନିକ ଭାବେ ସେମାନଙ୍କ ନେତା ଭାବେ ଘୋଷଣା କରିବା ପରେ ରାଷ୍ଟ୍ରପତିଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିବେ। ଏହାପରେ ୯ ତାରିଖରେ ମୋଦୀଙ୍କ ନେତୃତ୍ୱରେ



ଏନଡିଏ ସରକାର ଶପଥ ନେବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୪ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ପଦରୁ ମୋଦୀ ଇସ୍ତଫା ଦେଇଥିଲେ। ତାଙ୍କର ଇସ୍ତଫାପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରହଣ କରିଥିଲା ବେଳେ ପରବର୍ତ୍ତୀ ସରକାର ଗଠନ ହେବା ଯାଏଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବାକୁ କହିଥିଲେ। ତେବେ ୯ ତାରିଖରେ ମୋଦୀ ସରକାର ଶପଥ ନେବା ପରେ କେନ୍ଦ୍ରରେ ସରକାର ଗଠନ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ହେବ ବୋଲି କୁହାଯାଉଛି।

## ଯୋଗ ଦେବେ ବହୁ ରାଷ୍ଟ୍ରମୁଖ୍ୟ

**ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜୁଙ୍କୁ ମଧ୍ୟ ଆମନ୍ତ୍ରଣ**

ତୃତୀୟ ଥର ଲାଗି କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାର ଗଠନ ହେବାକୁ ଯାଉଥିବା ବେଳେ ମୋଦୀ ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହିକ୍ରମରେ ଆସନ୍ତା ୯ ତାରିଖରେ ହେବାକୁ ଥିବା ଶପଥପାଠ ସମାରୋହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ସମାରୋହରେ ଯୋଗ ଦେବାକୁ ବିଭିନ୍ନ ରାଷ୍ଟ୍ରମୁଖ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମୋଦୀଙ୍କ ଶପଥ ସମାରୋହରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମେତ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ, ନେପାଳ, ଭୁଟାନ ଏବଂ ମରିସସର ପ୍ରମୁଖ ନେତାମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି। ଏପରିକି ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିପାରନ୍ତି ବୋଲି କୁହାଯାଉଛି। ବିଗତ ଦିନରେ ମାଳଦ୍ୱୀପ ସହିତ ଭାରତର ସମ୍ପର୍କ ଖରାପ ହୋଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଉଭୟ ରାଷ୍ଟ୍ର ମଧ୍ୟରେ ସ୍ଥିତି ପୂର୍ବ ଭଳି ଫେରି ନାହିଁ। ଏହାସତ୍ତ୍ୱେ ରାଷ୍ଟ୍ରପତି ମୁଇଜୁଙ୍କୁ ଶପଥ ଉତ୍ସବକୁ ଆମନ୍ତ୍ରିତ କରାଯାଇଥିବା ସୂଚନା ମିଳିଛି। ୨୦୧୯ ରେ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କରିଥିଲା ବେଳେ ଏହି ସମାରୋହରେ ଦେଶ ବିଦେଶର ବହୁ ଭିଭିଆଇପିଙ୍କ ସମେତ ୮,୦୦୦ ଅତିଥି ଯୋଗ ଦେଇଥିଲେ।

■ ଇସିଆଇଙ୍କ ସୂଚନା; ହଟିଲା ଆଚରଣ ବିଧି

# ୨୦୨୪ରେ ୬୫.୭୯% ମତଦାନ

ନୂଆଦିଲ୍ଲୀ, ୬।୬ (ଏଜେନ୍ସି)

ମାର୍ଚ୍ଚ ୧୬ରୁ ଦେଶରେ ଲାଗିଥିବା ଆଦର୍ଶ ଆଚରଣ ବିଧି ପ୍ରତ୍ୟାହାର ହୋଇଛି। ଏବେ ଫଳାଫଳ ସମସ୍ତଙ୍କ ସାମ୍ନାକୁ ଆସିଯାଇଛି। ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଇଭିଏମକୁ ବିଶ୍ରାମ କରିବାକୁ ଦିଆଯାଉ। ରାଜଘାଟରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଏହି ସୂଚନା ଦେଇଛନ୍ତି। ତାଙ୍କ ସହ ଅନ୍ୟ ଦୁଇ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସନ୍ଧୁ ମଧ୍ୟ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଚଳିତ ଲୋକସଭା ନିର୍ବାଚନରେ ମୋଟ ୬୫.୭୯ % ମତଦାନ ହୋଇଥିଲା। ଏହା ୨୦୧୯ ନିର୍ବାଚନ

**୨୦୧୯ ତୁଳନାରେ ୧.୬୧% କମ୍ ଭୋଟିଂ**

**ଆସାମରେ ସର୍ବାଧିକ, ବିହାରରେ ସର୍ବନିମ୍ନ**

ତୁଳନା (୬୭.୪୦%) ରେ ୧.୬୧ % କମ୍। ଏହା ଗତ ତିନି ଲୋକସଭା ନିର୍ବାଚନ ତୁଳନାରେ ମଧ୍ୟ କମ୍ ରହିଛି। ସେହିପରି ଆସାମରେ ସର୍ବାଧିକ ୮୧.୫୬% ଏବଂ ବିହାରରେ ସର୍ବନିମ୍ନ ୫୬.୧୯% ମତଦାନ ହୋଇଥିଲା। ଏହି ନିର୍ବାଚନରେ ପୁରୁଷ ଭୋଟର ୬୫.୮୦% ଏବଂ ମହିଳା ଭୋଟର ୬୫.୭୮% ମତଦାନ କରିଥିଲେ। ଅନ୍ୟମାନେ ୨୭.୦୮% ପ୍ରତିଶତ ଭୋଟ ଦେଇଥିଲେ। ୨୦୧୯ରେ ୬୧.୫ କୋଟି ଏବଂ ଚଳିତ ଥରର ୬୪.୨ କୋଟି ଲୋକ ଭୋଟ ଦେଇଛନ୍ତି। ଚଳିତ ଥର ମତଦାନ ବିଶ୍ୱ ରେକର୍ଡ କରିଛି ବୋଲି ସିଇସି କହିଛନ୍ତି। ଏହା ସବୁ ଜି୭ ଦେଶଙ୍କ ଭୋଟର ତୁଳନାରେ ୧.୫ ଗୁଣ ଏବଂ ଇୟୁର ୨୭ ଦେଶର ଭୋଟରଙ୍କଠାରୁ ୨.୫ ଗୁଣ। ଚଳିତ ଥର ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଗୁଜରାଟରେ ୪ରୁ ୫% ପ୍ରତିଶତ କମ୍ ମତଦାନ ହୋଇଛି। ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗରେ ଗତ ୧୫ ବର୍ଷରେ ପ୍ରଥମ ଥର ପାଇଁ ଭୋଟ୍ ପ୍ରତିଶତ ହ୍ରାସ ପାଇଛି। ତେବେ ମହାରାଷ୍ଟ୍ରରେ ବୃଦ୍ଧି ପାଇଛି। ସେହିପରି ଚଳିତ ବର୍ଷ ପ୍ରଥମ ୫ ପର୍ଯ୍ୟାୟରେ ୪ ପ୍ରତିଶତ କମ୍ ମତଦାନ ହୋଇଛି।

ଲକ୍ଷ୍ୟରେ ଚନ୍ଦ୍ର-ମଙ୍ଗଳ ଅଭିଯାନ

## ସବୁଠୁ ଶକ୍ତିଶାଳୀ ରକେଟ୍‌ର ପରୀକ୍ଷଣ ସଫଳ



ଟେକ୍ସାସ, ୬।୬ (ଏଜେନ୍ସି): ଚନ୍ଦ୍ର ଏବଂ ମଙ୍ଗଳ ଅଭିଯାନ ପାଇଁ ନିର୍ମିତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରକେଟ୍ 'ଷ୍ଟାରସିପ୍'ର ଚତୁର୍ଥ ପରୀକ୍ଷଣ ସଫଳ ହୋଇଛି। ଏହାକୁ ଗୁରୁବାର ସନ୍ଧ୍ୟା ୬ଟା ୨୦ରେ ଟେକ୍ସାସର ବୋକା ଚିକାରୁ ଉତ୍‌କ୍ଷେପଣ କରାଯାଇଥିଲା। ଏହି ଷ୍ଟାର୍‌ସିପ୍‌କୁ ମହାକାଶକୁ ନିଆଯାଇ ପୁଣି ପୃଥିବୀକୁ ଅଣା ଯାଇଥିଲା। ଏହା ଭାରତ ମହାସାଗରରେ ସଫଳତାର ସହ ଅବତରଣ କରିଥିଲା। ଏଥିପାଇଁ ଘଣ୍ଟାଏ ୫ ମିନିଟ ୪୮ ସେକେଣ୍ଡ ଲାଗିଥିଲା। ପୃଥିବୀ ବାତାବରଣରେ ପ୍ରବେଶ କରିବା ପରେ ଯାନ ତିଷ୍ଠି ପାରୁଛି ନା ନାହିଁ ଜାଣିବା ପାଇଁ ଏହି ପରୀକ୍ଷଣ କରାଯାଇଥିଲା। ଷ୍ଟାରସିପ୍‌ର ମାଲିକ ଏଲନ୍ ମସ୍କ ଏହି ସୂଚନା ଦେଇଛନ୍ତି। ଏହି ମହାକାଶ ଯାନର ଉଚ୍ଚତା ୩୯୭ ଫୁଟ। ଏହା ୧୫୦ ମେଟ୍ରିକ ଟନ୍ ଭାର ବହନ କରିପାରିବ। ଏହା ଥରକେ ୧୦୦ ଲୋକଙ୍କୁ ମଙ୍ଗଳ ଗ୍ରହକୁ ନେଇପାରିବ।

**ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

## ପାଣିର ଅପବ୍ୟବହାର ବନ୍ଦ କର

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଦିଲ୍ଲୀ ଜଳ ସଙ୍କଟ ମାମଲା ଉପରେ ସୁପ୍ରିମକୋର୍ଟ ବୁଧବାର ଶୁଣାଣି କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ପାଣିର ଅପବ୍ୟବହାର ବନ୍ଦ କରିବା ପାଇଁ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ କୌଣସି ରାଜନୀତି ହେବା ଅନୁଚିତ ବୋଲି ଜଷ୍ଟିସ ପିକେ ମିଶ୍ରା ଏବଂ ଜଷ୍ଟିସ କେ ଭି ବିଶ୍ୱନାଥନଙ୍କ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ଏହା ସହିତ ଦିଲ୍ଲୀକୁ ୧୩୭ କ୍ୟୁସେକ ପାଣି ଦେବା ପାଇଁ ହିମାଚଳ ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପାଣି ହଥିନିକୁଣ୍ଡ ବ୍ୟାରେଜରୁ ଛଡ଼ାଗଲେ ଏହାକୁ ୱଜିରାବାଦ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସହାୟତା କରିବାକୁ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ବିନା ସମସ୍ୟାରେ ଦିଲ୍ଲୀ ପର୍ଯ୍ୟନ୍ତ ପାଣି ପହଞ୍ଚି ଯିବ। ସମସ୍ତ ପକ୍ଷରୁ ୧୦ ତାରିଖ ସୁଦ୍ଧା ମାମଲାର ରିପୋର୍ଟ ପ୍ରଦାନ କରିବାକୁ କୋର୍ଟ କହିଛନ୍ତି। ଜଳ ସଙ୍କଟକୁ ନେଇ ଦିଲ୍ଲୀ ସରକାର ଗତ ୩୧ ତାରିଖରେ ଏହି ଆବେଦନ ଦାଏର କରିଥିଲେ। ଏଥିରେ ହରିୟାଣା, ଉତ୍ତର ପ୍ରଦେଶ ଏବଂ ହିମାଚଳ ପ୍ରଦେଶକୁ ମାସେ ପର୍ଯ୍ୟନ୍ତ ଦିଲ୍ଲୀକୁ ଅଧିକ ପାଣି ଦେବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା।

# ଏଥର ଲୋକସଭାରେ ୨୮୦ ନୂଆ ମୁହଁ











ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଅଷ୍ଟାଦଶ ଲୋକସଭାକୁ ୨୮୦ ପ୍ରାର୍ଥୀ ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି। ଉତ୍ତର ପ୍ରଦେଶରୁ ୪୫ ଓ ମହାରାଷ୍ଟ୍ରରୁ ୩୩ ଜଣ ଲୋକସଭାକୁ ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି। ଲୋକସଭାକୁ ପ୍ରଥମ ଥର ନିର୍ବାଚିତ ହେଇଥିବା ଜଣାଶୁଣା ବ୍ୟକ୍ତିମାନେ ହେଲେ, ଟେଲି ସିରିଜ୍ ରାମାୟଣରେ ରାମ ଭୂମିକାରେ ଅଭିନୟ କରିଥିବା ଅରୁନ ଗୋଭିଲ, ସ୍ମୃତି ଇରାନୀଙ୍କୁ ଆମେଥିରେ ହରାଇଥିବା କିଶୋରୀଲାଲ ଶର୍ମା, ଦଳିତ ଅଧିକାର ପାଇଁ ଲଢୁଥିବା ସାମାଜିକ କର୍ମୀ ଚନ୍ଦ୍ରଶେଖର ଆଜାଦ, ପୀୟୂଷ ଗୋୟେଲ ପ୍ରମୁଖ। ଲୋକସଭାକୁ ପ୍ରଥମ ଥର ନିର୍ବାଚିତ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ହେଲେ ନାରାୟଣ ରାଣେ, ତ୍ରିଭେନ୍ଦ୍ର ସିଂହ ରାୱତ, ମନୋହର ଲାଲ ଖଟ୍ଟର, ବିପ୍ଳବ କୁମାର ଦେବ, ଜିତିନ ରାମ ମାନଝି, ବାସବରାଜ ବୋମାଇ, ଜଗଦୀଶ ସେଟ୍ଟାର ଓ ଚରନଜିତ ସିଂହ ଛାନି। ଅଭିନୟ ଜଗତରୁ ଲେକସଭାକୁ ପ୍ରଥମ ଥର ନିର୍ବାଚିତ ହେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ସୁରେଶ ଗୋପି ଓ କଙ୍ଗନା ରନୌତ। ଲୋକସଭାକୁ ପ୍ରଥମ ଥର ନିର୍ବାଚିତ ହୋଇଥିବା ରାଜ୍ୟସଭା ସାଂସଦ ହେଲେ ଅନିଲ ଦେଶାଇ, ଭୂପେନ୍ଦ୍ର ଯାଦବ, ଧର୍ମେନ୍ଦ୍ର ପ୍ରଧାନ, ମନସୁଖ ମାଣ୍ଡବୀୟ, ପୁରୁଷୋତ୍ତମ ରୁପାଲା। କଲକାତା ହାଇକୋର୍ଟର ପୂର୍ବତନ ଜଜ୍ ଅଭିଜିତ ଗଙ୍ଗୋପାଧ୍ୟାୟ ମଧ୍ୟ ଲୋକସଭାକୁ ପ୍ରଥମ ଥର ନିର୍ବାଚିତ ହେଇଛନ୍ତି।

■ ସର୍ବାଧିକ ଦାଗୀ ନେତା ଲୋକସଭାକୁ ନିର୍ବାଚିତ

## ୨୫୧ ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା

ନୂଆଦିଲ୍ଲୀ, ୬।୬ (ଏଜେନ୍ସି)

ଅଷ୍ଟାଦଶ ଲୋକସଭା ନିର୍ବାଚନ ଫଳାଫଳ ଆସି ସାରିଛି। ଚଳିତ ଥର ଲୋକସଭାକୁ ସର୍ବାଧିକ ଦାଗୀ ସାଂସଦ ନିର୍ବାଚିତ ହୋଇଛନ୍ତି। ୫୪୩ ସାଂସଦଙ୍କ ମଧ୍ୟରୁ ୨୫୧ ଜଣଙ୍କ (୪୬ %) ବିରୋଧରେ ଆପରାଧିକ ମାମଲା ରହିଛି। ଏମାନଙ୍କ ମଧ୍ୟରୁ ୨୭ ସାଂସଦଙ୍କୁ ଅଲଗା ଅଲଗା କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ୨୦୧୯ ରେ ୨୩୩ (୪୩%) ଲୋକସଭା ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ଥିଲା। ନବ ନିର୍ବାଚିତ ବିଜେପିର ୯୪ (୩୯%), କଂଗ୍ରେସର ୪୯ (୪୯%), ଏସ୍‌ପିର ୨୧ (୪୫%), ଟିଏମ୍‌ସିର ୧୩ (୪୫%), ଡିଏମ୍‌କେର ୧୩ (୫୯%), ଟିଡିପିର (୫୦%) ଏବଂ ଶିବସେନାର ୫ (୭୧%) ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା

**ଦୋଷୀ ସାବ୍ୟସ୍ତ ହୋଇଛନ୍ତି ୨୭ ଜଣ ସାଂସଦ**

**ଗୁରୁତର ଅପରାଧ ଥିବା ସାଂସଦଙ୍କ ସଂଖ୍ୟା ୧୨୪% ବୃଦ୍ଧି**

**୨୦୦୯ରେ ୭୬ରୁ ୨୦୨୪ରେ ୧୭୦କୁ ବଢ଼ିଲା**

ରହିଛି। ରିପୋର୍ଟ ଅନୁଯାୟୀ ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ଗୁରୁତର ଆପରାଧିକ ମାମଲାର ଥିବା ସାଂସଦଙ୍କ ସଂଖ୍ୟା ୧୨୪ % ବୃଦ୍ଧି ପାଇଛି। ୨୦୦୯ରେ ଏହି ସାଂସଦଙ୍କ ସଂଖ୍ୟା ୭୬ ଥିବାବେଳେ ଏବେ ଏହା ୧୭୦କୁ ପହଞ୍ଚି ଯାଇଛି। ଚଳିତ ଥର ନିର୍ବାଚିତ ୨୫୧ ସାଂସଦଙ୍କ ମଧ୍ୟରୁ ୧୭୦ ଜଣଙ୍କ ବିରୋଧରେ ଦୁଷ୍କର୍ମ, ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ ଏବଂ ମହିଳା ବିରୋଧୀ ଅପରାଧ ସାମିଲ ରହିଛି। ବିଜେପିର ୬୩, କଂଗ୍ରେସର ୩୨, ଏସ୍‌ପିର ୧୭, ଟିଏମ୍‌ସିର ୭, ଡିଏମ୍‌କେର ୬, ଟିଡିପିର ୫ ଏବଂ ଶିବସେନାର ୪ ସାଂସଦଙ୍କ ବିରୋଧରେ ଗୁରୁତର ମାମଲା ରହିଛି।

ସଂସଦକୁ ନିର୍ବାଚିତ କେରଳ ଇଡୁକିର କଂଗ୍ରେସ ସାଂସଦ ଡିନ କୁରିୟାକୋସଙ୍କ ବିରୋଧରେ ସର୍ବାଧିକ ୮୮ ମାମଲା ରୁଜୁ ହୋଇଛି। କେରଳ ବଡକରାର କଂଗ୍ରେସ ସାଂସଦ ସଫି ପରମ୍ବିଲଙ୍କ ବିରୋଧରେ ୪୭ ମାମଲା ଏବଂ ତେଲଙ୍ଗାନା ମଲକାଜାଗିରିର ବିଜେପି ସାଂସଦ ଏଟେଲା ରାଜେନ୍ଦ୍ରଙ୍କ ଉପରେ ୪୫ ଆପରାଧିକ ମାମଲା ରହିଛି। ସେହିପରି ୧୫ ସାଂସଦଙ୍କ ଉପରେ ମହିଳା ବିରୋଧୀ ଅପରାଧ ରହିଛି। ୨ ଜଣଙ୍କ ବିରୋଧରେ ଦୁଷ୍କର୍ମ, ୪ ଜଣଙ୍କ ଉପରେ ଅପହରଣ, ୪୩ ଜଣଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ମାମଲା ରହିଛି।

## ସଂସଦରେ ଦେଖିବାକୁ ମିଳିବେନି ୟୁପିର ୫୫ ସାଂସଦ

ଚଳିତ ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସପ୍ତଦଶ ଲୋକସଭାକୁ ଭାଙ୍ଗି ଦିଆଯାଇଛି। ଏହାପରେ ନୂଆ ସରକାର ଗଠନ ହେବା ପରେ ଅଷ୍ଟାଦଶ ଲୋକସଭା କାର୍ଯ୍ୟ ଆରମ୍ଭ କରିବ। କିନ୍ତୁ ଏହି ଲୋକସଭାରେ ସଂସଦରେ ଉତ୍ତରପ୍ରଦେଶର ୫୫ ସାଂସଦଙ୍କୁ ଆଉ ଦେଖିବାକୁ ମିଳିବ ନାହିଁ। ଏହି ସାଂସଦମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଏଥର ଟିକଟ ମିଳି ନଥିଲା ବେଳେ ଆଉ କିଛି ସାଂସଦ ନିର୍ବାଚନରେ ପରାଜିତ ହୋଇଛି। ଏମାନଙ୍କ ମଧ୍ୟରେ ରହିଛନ୍ତି ବରିଷ୍ଠ ସାଂସଦ ମେନକା ଗାନ୍ଧୀ। ମେନକା ୧୯୮୯ ମସିହାରେ ପ୍ରଥମ ଥର ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୮ ଥର ସାଂସଦ ନିର୍ବାଚିତ ହୋଇଛନ୍ତି। କିନ୍ତୁ ଚଳିତ ନିର୍ବାଚନରେ ସେ ସୁଲତାନପୁର ଆସନରୁ ପରାଜିତ ହୋଇଛନ୍ତି।

## ଅଷ୍ଟାଦଶ ଲୋକସଭାର ୭ ସ୍ୱାଧୀନ ସାଂସଦ

ଅଷ୍ଟାଦଶ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ୭ ସ୍ୱାଧୀନ ସାଂସଦ। ସେମାନେ ହେଲେ ଅମ୍ରିତପାଲ ସିଂହ, ସରବଜିତ ସିଂହ ଖାଲସା, ପଟେଲ ଉମେଶଭାଇ ବାବୁଭାଇ, ମହମ୍ମଦ ହାନିଫା, ରାଜେଶ ରଞ୍ଜନ ଓରଫ ପପ୍ପୁ ଯାଦବ, ବିଶାଳ ପାଟିଲ ଓ ଶେଖ୍ ଅବଦୁଲ ରସିଦ ଓରଫ ରସିଦ ଇଞ୍ଜିନିୟର। ଅମ୍ରିତପାଲ ସିଂହ ଓ ଶେଖ୍ ଅବଦୁଲ ରସିଦ ଜେଲରେ ଥାଇ ନିର୍ବାଚନ ଲଢ଼ି ଜିତିଛନ୍ତି। ଅମ୍ରିତପାଲ ସିଂହ ହେଉଛନ୍ତି ଖାଲିସ୍ତାନ ଦାବିକୁ ସମର୍ଥନ ଦେଉଥିବା ସଂଗଠନ 'ୱାରିସ୍ ପଞ୍ଜାବ ଦେ'ର ମୁଖ୍ୟ। ସରବଜିତ ସିଂହ ଖାଲସା ହେଉଛନ୍ତି ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରିଥିବା ଅଙ୍ଗରକ୍ଷୀ ବିୟନ୍ତ ସିଂହଙ୍କ ପୁତ୍ର।

## ମହିଳା ସାଂସଦଙ୍କ ସଂଖ୍ୟା କମିଲା

ଅଷ୍ଟାଦଶ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ୭୩ ମହିଳା ସାଂସଦ। ୨୦୧୯ ନିର୍ବାଚନରେ ୭୮ ମହିଳା ସାଂସଦ ନିର୍ବାଚିତ ହେଇଥିଲେ। ୨୦୧୪ ନିର୍ବାଚନରେ ୬୨ ମହିଳା ସାଂସଦ ନିର୍ବାଚିତ ହେଇଥିଲେ। ଚଳିତ ନିର୍ବାଚନରେ ମୋଟ ୭୯୭ ମହିଳା ପ୍ରାର୍ଥୀ ଥିଲେ। ବିଜେପିର ଏଥର ୬୯ ମହିଳା ପ୍ରାର୍ଥୀ ଥିଲେ। ସେମାନଙ୍କ ମଧ୍ୟରୁ ୩୦ ଜଣ ଜିତିଛନ୍ତି। ୨୦୧୯ ନିର୍ବାଚନରେ ବିଜେପିର ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ଥିଲା ୫୬ ଓ ସେମାନଙ୍କ ମଧ୍ୟରୁ ୪୧ ଜଣ ଜିତିଥିଲେ। କଂଗ୍ରେସର ଏଥର ୪୧ ମହିଳା ପ୍ରାର୍ଥୀ ଥିଲେ। ସେମାନଙ୍କ ମଧ୍ୟରୁ ୧୩ ଜଣ ଜିତିଛନ୍ତି। ୨୦୧୯ ନିର୍ବାଚନରେ କଂଗ୍ରେସର ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ଥିଲା ୫୨ ଓ ସେମାନଙ୍କ ମଧ୍ୟରୁ ୬ ଜଣ ଜିତିଥିଲେ। ତୃଣମୂଳ କଂଗ୍ରେସର ଏଥର ୧୨ ମହିଳା ପ୍ରାର୍ଥୀ ଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣ ଜିତିଛନ୍ତି। ଏଥର ଲୋକସଭାକୁ ନିର୍ବାଚିତ ହୋଇଥିବା କେତେଜଣ ଜଣାଶୁଣା ମହିଳା ହେଲେ, କୁମାରୀ ଶୈଳଜା, କଙ୍ଗନା ରନୌତ, ହେମାମାଳିନୀ, ଡିମ୍ପଲ ଯାଦବ, ଇକ୍ରା ଚୌଧୁରୀ, ମିସା ଭାରତୀ, ମହୁଆ ମୋଇତ୍ର, କାନିମୋଝି କରୁଣାନିଧି ଓ ସୁପ୍ରିୟା ସୁଲେ।

**ଗଢ଼ାଚାଲିଛି ତିନିରଥ...**

# ଅନୁକୂଳ ହେଲା ଦଣ୍ଡା ମୁହାଁଟ



**ପୁରୀ,୬।୬(ସମିସ):** ଆଉ ଠିକ୍ ମାସକ ପରେ ରଥଯାତ୍ରା। ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଚଳଚଞ୍ଚଳ ରଥଖଳା। ଗୁରୁବାର ସୁଦ୍ଧା ତିନିରଥର ରଥର ୩୫ଟି ଚକ ସମ୍ପୂର୍ଣ୍ଣ ହୋଇଥିବା ବେଳେ ପ୍ରତ୍ୟେକ ରଥର ଗୋଟିଏ ଲେଖାଏ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଚାଳିରୁ ବାହାରକୁ ବାହାରିବ। ସେହିପରି ତିନିରଥର ୨୧ଟି ଯାକ ଅଖ ନିର୍ମାଣ ସରିଛି। ସେହିପରି ଗୁରୁବାର ଯନ୍ତା ଗାଡ଼ରେ ସିଙ୍ଗଡା ବାଡ଼ିଆ କାମ ଶେଷ ହୋଇଛି। ଭୋଇ ସେବକମାନେ ୪୨ଟି ଯାକ ତୁମ୍ବରେ ସିଙ୍ଗଡାବାଡ଼ିଆ ସାରିଥିବାରୁ ଶୁକ୍ରବାର ଯନ୍ତାଗାଡ଼ ବନ୍ଦ ହେବ। ଅନ୍ୟାନ୍ୟ କାମ ମଧ୍ୟରେ ଗୁରୁବାର ତିନିରଥର ଦୁଇଟି ଲେଖାଏଁ ୨୦ ଫୁଟିଆ ଆଗଆଣି, ପଛଆଣି ଦଣ୍ଡା ମୁହାଁଟର ଅନୁକୂଳ ହୋଇଛି। ଏହାପରେ ଏଥିରେ ମହାରଣା ସେବକ ବିନ୍ଧ କରୁଛନ୍ତି। ଏହି ଦଣ୍ଡାମୁହାଁଟ ତିନିରଥର ପାଞ୍ଚ ଦଣ୍ଡାରେ ଆଗ ଏବଂ ପଛ ଭାଗରେ ସଂଯୋଗ ହେବ। ପ୍ରତି ଦଣ୍ଡା ମୁହାଁଟରେ ପାଞ୍ଚଟି ଲେଖାଏଁ ବିନ୍ଧ କରାଯିବ। ସେହିପରି ତିନିରଥର ପାଞ୍ଚଦଣ୍ଡାର ମଧ୍ୟ ଅନୁକୂଳ ପୂଜା ହୋଇଛି। ଏହାପରେ ଦଣ୍ଡାଗୁଡ଼ିକର ଚଉପଟ କାର୍ଯ୍ୟ ଆରମ୍ଭ କରାଯାଇଛି।

ଅନ୍ୟପକ୍ଷରେ କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ଶେଷ କରିଛନ୍ତି। ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ପୂର୍ବରୁ ଦୁଇପାର୍ଶ୍ୱ ଚିତା କାର୍ଯ୍ୟ ଆରମ୍ଭ କରିଛନ୍ତି। ମାପ ଅନୁସାରେ ଏହାକୁ ଚିରଟ କରିବେ। ରୂପକାର ସେବକମାନେ ଗୁଜଗୁଡ଼ିକରେ ରୂପ ଖୋଦେଇ ସହ ରୂପରେ ଅଳଙ୍କାର ତଥା ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସରରେ କମାର ସେବକମାନେ ତିନିରଥର ଯୋକା କଣ୍ଟା, ଦଣ୍ଡା କଣ୍ଟା, ଅଗପାତେଳି କଣ୍ଟା ସହ ବିଡ଼ିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

**ଆଖିକୁ ନିଦ ନାହିଁ କି ପେଟକୁ ଭୋକ ନାହିଁ**

# ନବୀନଙ୍କୁ ଝୁରି ଝୁରି କାନ୍ଦୁଛନ୍ତି





**କେନ୍ଦ୍ରାପଡ଼ା/ରାଜନଗର,୬।୬ (ସମିସ):** ବିଜେପିର ଅପ୍ରତ୍ୟାଶିତ ବିଜୟକୁ ନେଇ ରାଜ୍ୟରେ ଯେତିକି ଚର୍ଚ୍ଚା ହେଉନି; ତା'ଠାରୁ କାହିଁ କେତେଗୁଣରେ ଅଧିକ ଚର୍ଚ୍ଚା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ନ ହୋଇପାରିବାର। ଚା' ଖଟି, ପାନ ଦୋକାନଠାରୁ ଆରମ୍ଭ କରି ସୋସିଆଲ ମିଡିଆରେ ନବୀନଙ୍କୁ ନେଇ ଭିନ୍ନଭିନ୍ନ ଆଲୋଚନା, ଚର୍ଚ୍ଚା ଓ ପୋଷ୍ଟ। ନବୀନ ପୁଣିଥରେ ମୁଖ୍ୟମନ୍ତ୍ରୀ ନ ହୋଇପାରିବା ଦୁଃଖରେ କିଏ ଲଣ୍ଡା ହେଉଥିବାର ଭିଡିଓ ପୋଷ୍ଟ କରୁଛି ତ ପୁଣି କିଏ ଗତ ୨୪ ବର୍ଷରେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପ୍ରତି ତାଙ୍କ ଅବଦାନକୁ ମନେ ପକାଇ ଦେଉଛି। ଏସବୁ ଭିତରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ଏକ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ନବୀନଙ୍କୁ ଝୁରି ହୋଇ ତାଙ୍କ ଫଟୋ ଉପରେ ଲୁହ ଢାଳି ଏକାଧିକ ମହିଳାମାନେ ଭୋ' ଭୋ' ହୋଇ କାନ୍ଦୁଥିବାର ଦୃଶ୍ୟ ଦେଖି ଯେକେହି ବି ବିଚଳିତ ହୋଇପଡ଼ିବ।

ରାଜନଗର ଗ୍ରାମର ବୃଦ୍ଧା ଆରତୀ ସେଠୀ, ମୁକୁତା ସେଠୀ, ମିଟି ସେଠୀ, ରମା ସେଠୀ, ନିମା ସେଠୀ ପ୍ରମୁଖ ଘର ବାରଣ୍ଡାରେ ବସି ନବୀନଙ୍କୁ ଝୁରି ଝୁରି କାନ୍ଦୁଛନ୍ତି। କାନ୍ଥରେ ଲାଗିଥିବା ନବୀନଙ୍କ ଫଟୋକୁ ବାରମ୍ବାର ଆଉଁସିବା ସହ ସେଥିରେ ମୁହଁ ମାଡ଼ି ଲୁହ ଗଡ଼ାଉଛନ୍ତି। ଗତକାଲିଠାରୁ ନବୀନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରଠାରୁ ଏମାନଙ୍କ ଆଖିକୁ ନିଦ ନାହିଁ କି ପେଟକୁ ଭୋକ ନାହିଁ। ଖାଲି ସେମାନଙ୍କ ଗୋଟିଏ ଚିନ୍ତା; ନବୀନ... ନବୀନ... ଆଉ ନବୀନ। ଏହି ସମୟରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ଦେଖି ବୃଦ୍ଧା ଆରତୀ ମନ ଭିତରର ସବୁ କଥା କହି ପକାଇଥିଲେ। ଲୁଗା କାନିରେ ଆଖି ପୋଛି ପୋଛି କହିଥିଲେ ଯେ ନବୀନ ବାବୁ ଆମ ପୁଅ। ଆମ ସୁଖଦୁଃଖ କଥା ବୁଝିଛନ୍ତି। ଏନ୍ତୁଡ଼ିଶାଳରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ସବୁ ଯୁଗାନ୍ତକାରୀ ଜନକଲ୍ୟାଣ ଯୋଜନା କରିଛନ୍ତି। ଏବେ ବି ମୋର ମନେ ଅଛି, ମୋ ପିଲା ବେଳେ ରାଜନଗରରେ ଗୋଟିଏ ବଡ଼ ବାତ୍ୟା ହୋଇଥିଲା। ନବୀନ ବାବୁଙ୍କ ବାପା ସ୍ୱର୍ଗତ ବିଜୁ ପଟ୍ଟନାୟକ ସେତେବେଳେ ଦେବଦୂତ ଭାବେ ଆମ ପାଖରେ ଛିଡ଼ା ହୋଇଥିଲେ। ବିଜୁବାବୁଙ୍କର ଯେମିତି ଦରଦୀ ହୃଦୟ ଥିଲା, ନବୀନ ବି ସେମିତି ସବୁବେଳେ ବିପଦ ଆପଦରେ ଆମ ସହ ଛିଡ଼ା ହୋଇଛନ୍ତି। ଛତାଠାରୁ ଆରମ୍ଭ କରି ଘର ଛାତ ପର୍ଯ୍ୟନ୍ତ ସବୁ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ରୋଗ ବଇରାଗ ହେଲେ ବଡ଼ବଡ଼ ଡାକ୍ତରଖାନାରେ ଆମ ପିଲାମାନେ ଚିକିତ୍ସା ସୁବିଧା ପାଇଛନ୍ତି। କିନ୍ତୁ ଏବେ ଆଉ ସେ ମୁଖ୍ୟମନ୍ତ୍ରୀ ନାହାନ୍ତି। ଆମ କଥା କିଏ ବୁଝିବ କହି ଭୋ' ଭୋ' ହୋଇ କାନ୍ଦି ପକାଇଥିଲେ।

## ତିନିଦିନ ହେଲା ଖାଇନାହାନ୍ତି ବିଶ୍ୱନାଥ

**ନନ୍ଦପୁର, ୬।୬ (ସମିସ):** ନିର୍ବାଚନ ଫଳାଫଳ ବାହାରିବା ପରଠାରୁ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ର ବିଶ୍ୱନାଥ ମହାନ୍ତି ସ୍ତବ୍ଧ। କାହା ସାଙ୍ଗରେ କଥାବାର୍ତ୍ତା ହେଉନାହାନ୍ତି କି ଖାଦ୍ୟ ଖାଉନାହାନ୍ତି। ନବୀନ ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇ ନ ପାରିବାର ସତ୍ୟକୁ ସେ ଏଯାବତ୍ ଗ୍ରହଣ କରିପାରୁନାହାନ୍ତି କି ସେ ଦୁଃଖକୁ ବରଦାସ୍ତ କରିପାରୁନାହାନ୍ତି। ତାଙ୍କର ଏ ଅବସ୍ଥା ଦେଖି ପରିବାରଲୋକ ବି ଚିନ୍ତାରେ ପଡ଼ି ଯାଇଛନ୍ତି।



ବିଶ୍ୱନାଥ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜଣେ ବଡ଼ ପ୍ରଶଂସକ। ନବୀନଙ୍କ ବ୍ୟକ୍ତିତ୍ୱ ତାଙ୍କୁ ଏତେମାତ୍ରାରେ ପ୍ରଭାବିତ କରିଛି ଯେ ଗତ ୪ ତାରିଖରେ ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ବିଜୟ ଉତ୍ସବ ପାଳନ କରିବାକୁ ସେ ନିଜ ବ୍ୟକ୍ତିଗତ ଗାଡ଼ିରେ 'ମୋ ଓଡ଼ିଶା ନବୀନ ଓଡ଼ିଶା' ଲେଖି ଚର୍ଚ୍ଚାକୁ ଆସିଥିଲେ। କିନ୍ତୁ ଜନମତରେ ବଡ଼ଧରଣର ଓଲଟପାଲଟ ଦେଖି ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଖାଲି ସେତିକି ନୁହେଁ, ଫଳାଫଳ ପ୍ରକାଶ ପରଠୁ ଆଜିକୁ ତିନି ଦିନ ହେବ ସେ ଖାଦ୍ୟ ଖାଇନାହାନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଶାବାସୀ ବିରୋଧୀଙ୍କ ଏକ ମିଥ୍ୟା ଓ ଗୁଜବ ପ୍ରଚାରରେ ବଶୀଭୂତ ହୋଇ ୨୫ବର୍ଷ ଧରି ଓଡ଼ିଶାର ସୁଶାସନର ବାହକ ସାଜିଥିବା ଜଣେ ଜନନାୟକଙ୍କୁ ହରାଇଦେଲେ। ବର୍ତ୍ତମାନ ଓଡ଼ିଶାର ରାଜନୀତିକ ପରିବର୍ତ୍ତନର ସମୟ ଆସିନଥିଲା। ସବୁ କ୍ଷେତ୍ରରେ ଓଡ଼ିଶାକୁ ସଜାଡ଼ିବା ପରେ ବି ଓଡ଼ିଶାବାସୀ ବିକାଶର ବିନ୍ଧାଣୀଙ୍କୁ ପ୍ରତ୍ୟାଖାନ କରିବା ଭଳି କାର୍ଯ୍ୟ କରିଛନ୍ତି ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି।

# ଲକ୍ଷ୍ମୀ ବସ୍‌ରୁ ଷ୍ଟିକର୍ ଉଭାନ୍; ଦ୍ୱନ୍ଦ୍ୱରେ ଜନତା

**ଭୁବନେଶ୍ୱର/ଫୁଲବାଣୀ/ପାରଳାଖେମୁଣ୍ଡି, ୬।୬(ସମିସ):** ବିଜୁ ଜନତା ଦଳ କ୍ଷମତାରୁ ଯାଉ ଯାଉ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି। ଦିନକ ତଳେ ବିଏସ୍‌କେୱାଇ ରୋଗୀଙ୍କୁ ଚିକିତ୍ସାରେ ଅବହେଳା ନେଇ ଅଭିଯୋଗ ଆସିବା ପରେ ଏଥିନେଇ ମୁଖ୍ୟ ସଚିବଙ୍କୁ ସ୍ୱଷ୍ଟୀକରଣ ଦେବାକୁ ପଡ଼ିଛି।

- ଗାଁ ଗହଳିରେ ଲକ୍ଷ୍ମୀ ବସ୍ ସେବା ଜାରି ରଖିବାକୁ ଦାବି
- ୫ ଟଙ୍କାରେ ଯାତ୍ରା ସୁଯୋଗ ପାଉଥିଲେ ମହିଳା ଓ ଛାତ୍ରଛାତ୍ରୀ

ଅନ୍ୟପକ୍ଷରେ ଲକ୍ଷ୍ମୀ ବସ୍‌ରୁ ପୂର୍ବରୁ ଲାଗିଥିବା ଲକ୍ଷ୍ମୀ ଓ ମିଶନ୍ ଶକ୍ତି ଷ୍ଟିକର୍ ମଧ୍ୟ ବାହାର କରି ଦିଆଯାଇଛି। ଖୋର୍ଦ୍ଧା, ମାଲକାନଗିରି ଭଳି କିଛି ଜିଲ୍ଲାରୁ ଏପରି ଚିତ୍ର ଦେଖିବାକୁ ମିଳିଛି। କାହା ନିର୍ଦ୍ଦେଶରେ ଷ୍ଟିକର୍ ବାହାର କରାଗଲା ତାହାର ଉତ୍ତର କାହାପାଖରେ ନାହିଁ। ଏହାକୁ ନେଇ ସାଧାରଣ ଯାତ୍ରୀଙ୍କ ମଧ୍ୟରେ ଲକ୍ଷ୍ମୀ ବସ୍‌ର କାର୍ଯ୍ୟକାରୀତାକୁ ନେଇ ସଂଶୟ ଦେଖା ଦେଇଛି।

ଲକ୍ଷ୍ମୀ ବସ୍‌ର ଜଣେ କର୍ମଚାରୀ କହିଛନ୍ତି, ସରକାର ବଦଳିବା ପରଠାରୁ ଯାତ୍ରୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଲକ୍ଷ୍ମୀ ବସ୍ ସେବା ବନ୍ଦ ହୋଇଯିବା ଆଶଙ୍କାରେ ସେମାନେ ରହିଛନ୍ତି। କାରଣ ଗାଁ ଗହଳିର ଲୋକେ ଏହି ବସ୍ ସେବା ଦ୍ୱାରା ବହୁତ ଉପକୃତ ହେଉଥିଲେ। ମହିଳାମାନେ ୫ ଟଙ୍କାରେ ଯିବା ଆସିବା କରୁଥିଲେ। ଅନ୍ୟ ଯାତ୍ରୀମାନେ



ମଧ୍ୟ ରିହାତି ମୂଲ୍ୟରେ ଯାତ୍ରା କରିବାର ସୁଯୋଗ ପାଉଥିଲେ। ହେଲେ ନୂଆ ସରକାର ଆସୁଥିବାରୁ କାଳେ ଏହି ସେବାକୁ ବନ୍ଦ କରିଦେବେ ତାକୁ ନେଇ ଲୋକେ ଆମକୁ ପ୍ରଶ୍ନ କରୁଛନ୍ତି। ଅପରପକ୍ଷେ ଜନସାଧାରଣଙ୍କ ମତରେ ଯେଉଁ ସରକାର ଶାସନ କରନ୍ତୁ ନା କାହିଁକି, ପ୍ରକୃତରେ ଲୋକେ ଯେଉଁ ଯୋଜନାରୁ ଉପକୃତ ହେଉଛନ୍ତି ତାହା ଚାଲୁ ରହିବା ଜରୁରୀ। ଯଦି ଲୋକଙ୍କୁ ସମସ୍ୟାରେ ପକାଇ ରାଜନୀତି କରାଯାଏ ତା ହେଲେ ତାହା ଠିକ୍ ନୁହେଁ। ଆମର ଆଶା ନୂଆ ସରକାର ପୂର୍ବଭଳି ଲକ୍ଷ୍ମୀ ବସ୍ ସେବା ଜାରି ରଖିବେ ବୋଲି ଲୋକେ ବିଶ୍ୱାସବ୍ୟକ୍ତ କରିଛନ୍ତି। କମ୍ ଦିନ ମଧ୍ୟରେ ଲକ୍ଷ୍ମୀ ବସ୍ ସମଗ୍ର ରାଜ୍ୟରେ ଜନାଦୃତ ହୋଇପାରିଛି। ବିଶେଷକରି ଗ୍ରାମାଞ୍ଚଳର ଲୋକେ ବସ୍ ସେବାରୁ ଆଉ ବଞ୍ଚିତ ନାହାନ୍ତି। ଲୋକେ ସହଜରେ ଯିବା ଆସିବା ସୁଯୋଗ ସହ ସମ୍ପୃକ୍ତ ଅଞ୍ଚଳର ଆର୍ଥିକ ଓ ସାମାଜିକ ପ୍ରଗତି ମଧ୍ୟ ଏହି ବସ୍ ଦ୍ୱାରା ସମ୍ଭବ ହେଉଛି। ତେବେ ନିର୍ବାଚନ ଫଳାଫଳ ଘୋଷଣା ହେବାର ଦିନକ ପରେ ଲକ୍ଷ୍ମୀ ବସ୍‌ରୁ ଷ୍ଟିକର୍ ବାହାର କରିଦିଆଯିବାକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

# ବିଧାନସଭାକୁ କମିଲା ମହିଳା ପ୍ରତିନିଧିତ୍ୱ

**ଭୁବନେଶ୍ୱର,୬।୬(ସମିସ):** ଗତ ୪ ତାରିଖରେ ଓଡ଼ିଶା ବିଧାନସଭା ନିର୍ବାଚନ ଫଳାଫଳ ଆସିଛି। ରାଜ୍ୟରେ ବିଜେପି ନୂଆ ସରକାର ଗଠନ କରିବାକୁ ଥିବାବେଳେ ଏଥିପାଇଁ କସରତ୍ ଆରମ୍ଭ ହୋଇଯାଇଛି। ତେବେ ଚଳିତ ବିଧାନସଭାରେ ମହିଳା

- ଚଳିତଥର ମାତ୍ର ୧୧ ମହିଳା ପ୍ରାର୍ଥୀ ବିଜୟୀ
- ବିଜେପି ଓ ବିଜେଡିର ୫ ଜଣ ଲେଖାଏଁ, କଂଗ୍ରେସରୁ ଜଣେ
- ଗତ ବିଧାନସଭାରେ ଥିଲେ ୧୮ ଜଣ ମହିଳା ବିଧାୟକ

ବିଧାୟିକାଙ୍କ ସଂଖ୍ୟା ୨୦୧୯ ତୁଳନାରେ ୩୫% ହ୍ରାସ ପାଇଛି। ୨୦୧୯ ମସିହା ସାଧାରଣ ନିର୍ବାଚନରେ ମୋଟ ୧୪ ଜଣ ବିଧାୟିକା ନିର୍ବାଚିତ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ବିଭିନ୍ନ ସମୟରେ ଅନୁଷ୍ଠିତ ଉପ ନିର୍ବାଚନରେ ଆଉ ୪ ଜଣ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଅର୍ଥାତ୍ ୨୦୧୯ ବିଧାନସଭାର କାର୍ଯ୍ୟକାଳ ଶେଷ ହେବା ସମୟରେ ଓଡ଼ିଶା ବିଧାନସଭାରେ ମହିଳା ବିଧାୟିକାଙ୍କ ସଂଖ୍ୟା ୧୮ ଥିଲା। ମାତ୍ର ଚଳିତ ଥର ବିଧାନସଭାକୁ ମାତ୍ର ୧୧ ଜଣ ବିଧାୟିକା ନିର୍ବାଚିତ ହୋଇଛନ୍ତି।

ପଦ୍ମପୁରରୁ ବର୍ଷା ସିଂ ବରିହା ନିର୍ବାଚିତ ହୋଇଥିବା ବେଳେ ବାଙ୍ଗିରିପୋଷିରୁ ସଞ୍ଜଳି ମୁର୍ମୁ, ବସ୍ତାରୁ ସୁବାସିନୀ ଜେନା, ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ, ଯାଜପୁରରୁ ସୁଜାତା ସାହୁ ବିଜୟ ଲାଭ କରିଛନ୍ତି। ହିନ୍ଦୋଳରୁ ସୀମାରାଣୀ ନାଏକ, ନର୍ଲାରୁ ମନୋରମା ମହାନ୍ତି, ବାରବାଟୀ-କଟକରୁ ସୋଫିଆ ଫିର୍ଦ୍ଦୋସ, ବ୍ରହ୍ମଗିରିରୁ ଉପାସନା ମହାପାତ୍ର, ରଣପୁରରୁ ସୁରମା ପାଢ଼ୀ ଏବଂ ନିମାପଡ଼ାରୁ ପ୍ରଭାତୀ ପରିଡ଼ା ପ୍ରମୁଖ ବିଜୟ ଲାଭ କରିଛନ୍ତି। ୧୧ ଜଣଙ୍କ ମଧ୍ୟରୁ ବିଜେପି ଓ ବିଜେଡିର ୫ ଜଣ ଲେଖାଏଁ ମହିଳା ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସର ଜଣେ ବିଜୟ ଲାଭ କରିଛନ୍ତି। ପ୍ରତିଶତ ଭାବେ ବିଚାରକୁ ନିଆଗଲେ ମୋଟ ଆସନର ମାତ୍ର ୭.୪୮ ପ୍ରତିଶତ ମହିଳା ଏଥର ବିଧାନସଭାକୁ ପ୍ରତିନିଧିତ୍ୱ କରୁଛନ୍ତି। ତେବେ ୨୦୧୯ ମସିହା ଅର୍ଥାତ୍ ଷୋଡ଼ଶ ବିଧାନସଭାରେ ପ୍ରଥମେ ୧୪ ଜଣ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ବିଜେପୁର ଆସନ ଛାଡ଼ିବା ପରେ ଏଠାରୁ ରୀତା ସାହୁ ଉପ ନିର୍ବାଚନରେ ଜିତାପଟ ହାସଲ କରିଥିଲେ। ସେହିପରି ପଦ୍ମପୁରରେ ବର୍ଷା ସିଂ ବରିହା, ଝାରସୁଗୁଡ଼ାରେ ଦୀପାଳି ଦାସ ଏବଂ ବ୍ରଜରାଜନଗର ଆସନରୁ ଅଳକା ମହାନ୍ତି ଉପ ନିର୍ବାଚନରେ ବିଜୟ ଲାଭ କରି ଓଡ଼ିଶା ବିଧାନସଭାରେ ନିଜର ଉପସ୍ଥିତି ଜାହିର୍ କରିପାରି ଥିଲେ। ଏହି ୧୮ ଜଣଙ୍କ ମଧ୍ୟରୁ କେବଳ କୁସୁମ ଟେଟେଙ୍କୁ ଛାଡ଼ିଦେଲେ ବାକି ସମସ୍ତ ୧୭ ଜଣ ବିଜେଡି ଟିକଟରୁ ବିଜୟ ଲାଭ କରିଥିଲା। ଚଳିତ ଥର ମଧ୍ୟ ବିଜେଡି ସର୍ବାଧିକ ୩୬ ଜଣ ମହିଳା ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଥିଲା। ତନ୍ମଧ୍ୟରୁ ମାତ୍ର ୫ ଜଣ ନିର୍ବାଚନ ଜିଣିବାରେ ସଫଳ ହୋଇପାରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ୩ ପରାମର୍ଶଦାତାଙ୍କ ଇସ୍ତଫା

**ଭୁବନେଶ୍ୱର,୬।୬(ସମିସ):** ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ତିନି ପ୍ରମୁଖ ପରାମର୍ଶଦାତା ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଭାବେ କାର୍ଯ୍ୟରତ ସୁରେଶ ଚନ୍ଦ୍ର ମହାପାତ୍ର, ଆର ବାଲକ୍ରିଷ୍ଣନ୍ ଓ ଉପେନ୍ଦ୍ର ତ୍ରିପାଠୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଅପରପକ୍ଷେ କିଛି

- ପଦ ଛାଡ଼ିଲେ ଆଇଟି ବିଭାଗ ପ୍ରମୁଖ ସଚିବ ମନୋଜ ମିଶ୍ର
- ଜ୍ୟୋତିପ୍ରକାଶ ପଟ୍ଟନାୟକ ଆଡ୍‌ଭୋକେଟ୍ ଜେନେରାଲ ନିଯୁକ୍ତ

ମାସ ପୂର୍ବେ ସରକାରୀ ଚାକିରୀରୁ ଇସ୍ତଫା ଦେଇ ଚୁକ୍ତି ଭିତ୍ତିରେ ନିଯୁକ୍ତି ପାଇଥିବା ଆଇଟି ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ର ମଧ୍ୟ ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସମସ୍ତଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯାଇ ଥିବା ନେଇ ସାଧାରଣ ପ୍ରଶାସନ ବିଭାଗ ସ୍ୱଷ୍ଟ କରିଛି। ସେହିପରି ଜ୍ୟୋତି ପ୍ରକାଶ ପଟ୍ଟନାୟକଙ୍କୁ ରାଜ୍ୟ ଆଡଭୋକେଟ ଜେନେରାଲ ଦାୟିତ୍ୱ ପ୍ରଦାନ କରାଯାଇଛି। ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ଶ୍ରୀ ପଟ୍ଟନାୟକ ଏହି ଦାୟିତ୍ୱ ତୁଲାଇବେ ବୋଲି ଆଇନ୍ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଉତ୍‌କେଳା-ରାୟପୁର ବିମାନ ସେବା ଆରମ୍ଭ

**ଭୁବନେଶ୍ୱର, ୬।୬(ସମିସ):** କଳାହାଣ୍ଡି ଜିଲ୍ଲା ଉତ୍‌କେଳା ବିମାନବନ୍ଦରରୁ ରାୟପୁରକୁ ବିମାନ ଉଡ଼ିବ। ଇଣ୍ଡିଆୱାନ୍ ଏୟାର ପକ୍ଷରୁ ସପ୍ତାହର ଗୋଟିଏ ଦିନ ଉତ୍‌କେଳା-ରାୟପୁର ମଧ୍ୟରେ ବିମାନ ସେବା ଜାରି ରହିବ। ଏହି ପଥରେ ବିମାନ ଭଡ଼ା ୨୪୮୬ ଟଙ୍କା ରଖାଯାଇଛି। ଉତ୍‌କେଳା-ରାୟପୁର ମଧ୍ୟରେ ବିମାନ ଚଳାଚଳ ଆରମ୍ଭ ହେଉଥିବା ନେଇ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ଅଗଷ୍ଟ ମାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମିଳିତ ଭାବେ ଉତ୍‌କେଳା ବିମାନବନ୍ଦରର ଲୋକାର୍ପଣ କରିଥିଲେ। ଏହି ଦିନ ଭୁବନେଶ୍ୱର-ଉତ୍‌କେଳା ମଧ୍ୟରେ ଇଣ୍ଡିଆୱାନ୍ ଏୟାର ବିମାନ ସେବା ଆରମ୍ଭ କରିଥିଲା। ଉତ୍‌କେଳାରୁ ଭୁବନେଶ୍ୱର ପରେ ରାୟପୁରକୁ ବିମାନ ସେବା ଆରମ୍ଭ ହେଉଛି।

## ଲୋକକଥା



ନେତା ବଦଳିଲେ ନୀତି ତ ବଦଳେ
ଏ କଥା ତ ସାଧାରଣ,
ହେଲେ କିନ୍ତୁ ଆଉ ଆକ୍ରୋଶରେ ଲୋକ
ନହୁଅନ୍ତୁ ହଇରାଣ !
ବଦଳିବ କେତେ କ'ଣ,
ଆତଙ୍କିତ ସତେ ହୋଇଲେଣି କେତେ
ଶୁଣି ନେତା ବାକ୍ୟ ବାଣ !!

## ନଦୀରେ ବୁଡ଼ି ଭାଇ-ଭଉଣୀ ମୃତ

**ନୟାଗଡ଼, ୬।୬(ସମିସ):** ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଇଟାମାଟି ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ନଦୀରେ ବୁଡ଼ି ଭାଇ-ଭଉଣୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ବାଉଁଶିଆପଡ଼ା ଗାଁର ଦୃତିକୃଷ୍ଣ ସେଠୀଙ୍କ ପୁଅ ସାଇ ସେଠୀ (୮) ଓ ଝିଅ କାଜଲ ସେଠୀ (୧୨)। ଏହି ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଏହି ଭାଇ-ଭଉଣୀଙ୍କ ସହ ଗାଁର ଅନ୍ୟ ଜଣେ ନାବାଳକ ନିକଟସ୍ଥ କୁସୁମୀ ନଦୀକୁ ଗାଧେଇବାକୁ ଯାଇଥିଲେ। ଗାଧୋଇବା ବେଳେ ଭାଇ-ଭଉଣୀ ଗଭୀର ଜଳରାଶି ଭିତରକୁ ଚାଲି ଯାଇଥିଲେ। ଏହା ଦେଖି ପାଖରେ ଥିବା ଅନ୍ୟ ନାବାଳକଜଣଙ୍କ ପାଟି କରି ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ଦୁହିଁଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଇଟାମାଟି ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିର୍ବାଚନ ଫଳ ଓଡ଼ିଶାବାସୀଙ୍କ ପାଇଁ ସତର୍କଘଣ୍ଟି: କଂଗ୍ରେସ

**ଭୁବନେଶ୍ୱର,୬।୬(ସମିସ):** ରାଜ୍ୟରେ ନିର୍ବାଚନର ଫଳାଫଳ ଓଡ଼ିଶାବାସୀଙ୍କ ପାଇଁ ଏକ ସତର୍କ ଘଣ୍ଟି। ଏହା ସମସ୍ତଙ୍କ ପାଇଁ ଏକ ବିରାଟ ଚେତାବନୀ। କାରଣ ଓଡ଼ିଶାକୁ ଜଙ୍ଗଲ, ଜମି, ଖଣି ଓ ପାଣି ଲୁଟେରା ସରକାର ଆସୁଛି ବୋଲି କହିଛନ୍ତି ରାଜ୍ୟ କଂଗ୍ରେସ ପ୍ରଭାରୀ ଡ଼. ଅଜୟ କୁମାର।

ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡଃ କୁମାର କହିଛନ୍ତି ଯେ ପୂର୍ବରୁ ଭାରତୀୟ ଜନତା ପାର୍ଟିର ସରକାର ଛତିଶଗଡ଼, ଗୁଜରାଟ ଓ ମଧ୍ୟପ୍ରଦେଶରେ ଜଙ୍ଗଲ, ଜମି ଲୁଟି ସଫା କରିଦେଇଛି। ଏବେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର ଓ ସୁନ୍ଦରଗଡ଼ ଭଳି ଜିଲ୍ଲାର ଆଦିବାସୀ, ଅନୁସୂଚୀତ ଜାତି ଓ ଜନଜାତିଙ୍କ ଜମି, ଘରଦ୍ୱାର ଉପରେ ଏହି ସରକାରର ଲୋଲୁପ ଦୃଷ୍ଟି ପଡ଼ିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ମୋଦୀ ଲୁଟିନେବାକୁ ଯୋଜନା କରିଛନ୍ତି। ତେବେ ବିଜେପି ସରକାରର ଏଭଳି ଉଦ୍ୟମ ବିରୋଧରେ କଂଗ୍ରେସ ୧୪ ବିଧାୟକ ଜୋରଦାର ଲଢ଼େଇ କରିବେ। କଂଗ୍ରେସ ୧୪ ବିଧାୟକ ଅନ୍ୟ ଦଳର ୧୪୦ ବିଧାୟକଙ୍କ ସହ ସମାନ। ସେମାନେ ବିଧାନସଭାରେ ଓ ବିଧାନସଭା ବାହାରେ ଓଡ଼ିଶାବାସୀଙ୍କ ସ୍ୱାର୍ଥ, ସେମାନଙ୍କ ଜଙ୍ଗଲ ଜମିର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି ଡଃ ଅଜୟ କୁମାର କହିଛନ୍ତି।

ସେ ପୁଣି କହିଛନ୍ତି ଯେ ମିଛ, ଘୃଣା ଓ ଅହଙ୍କାରର ରାଜନୀତି କରୁଥିବା ମୋଦୀ



- ଏବେ ରାଜ୍ୟରେ ହେବ ଜଙ୍ଗଲ, ଜମି ଲୁଟେରା ସରକାର
- ଓଡ଼ିଶାକୁ ଛୁଟିଲାଣି ସୁଟ୍ ବୁଟ୍ ପିନ୍ଧା ଲୋକଙ୍କ ସୁଅ
- ସତର୍କ ରହିବାକୁ ରାଜ୍ୟବାସୀଙ୍କୁ କଂଗ୍ରେସର ପରାମର୍ଶ
- ରାଜ୍ୟ ସ୍ୱାର୍ଥ ପାଇଁ ଲଢ଼ିବେ କଂଗ୍ରେସର ୧୪ ବିଧାୟକ

ସରକାରଙ୍କୁ ଦେଶବାସୀ ଚଳିତ ନିର୍ବାଚନରେ ଉପଯୁକ୍ତ ଜବାବ ଦେଇଛନ୍ତି। ଦେଶରେ ଏନ୍‌ଡିଏ ସରକାର ଗଢ଼ିବାକୁ ଯାଉଥିଲେ ମଧ୍ୟ ସହଯୋଗୀ ଦଳମାନେ କେତେଦୂର ମୋଦୀଙ୍କ ସହ ରହିବେ ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ। ଟିଡିପି ଓ ଜେଡିୟୁ ଭଳି ଦଳମାନେ ସେମାନଙ୍କର ବିଭିନ୍ନ ପ୍ରକାର ଦାବି ରଖୁଥିବା ଶୁଣିବାକୁ ମିଳୁଛି। ସେହିପରି ଚଳିତ ସାଧାରଣ ନିର୍ବାଚନରେ ଓଡ଼ିଶାର ଜନସାଧାରଣଙ୍କ ବିଶ୍ୱାସ ଓ ଭଲପାଇବା କଂଗ୍ରେସ ପ୍ରତି ବୃଦ୍ଧି ପାଇଥିବାରୁ ସେଥିପାଇଁ ସେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାବାସୀଙ୍କୁ ସତର୍କ ରହିବାକୁ ପଡ଼ିବ ବୋଲି କହିଛନ୍ତି। କାରଣ ଆଗାମୀ ଦିନରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପାଇବା ସହ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିବ। ଏବେଠାରୁ ହଠାତ୍ ଓଡ଼ିଶାକୁ ସୁଟ୍ ବୁଟ୍ ପିନ୍ଧିଥିବା ଲୋକଙ୍କ ସୁଅ ଛୁଟିଲାଣି। ସେମାନେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଲୁଟିନେବାକୁ ଉଦ୍ୟମ କରିବେ। ତେବେ କଂଗ୍ରେସ ସେମାନଙ୍କୁ ମୁକାବିଲା କରିବ। ଆସନ୍ତା ୫ବର୍ଷ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସର ଲଢ଼େଇ ଆହୁରି ଜୋରଦାର ହେବ। ଚଳିତ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିବା ନେତାମାନଙ୍କୁ ଦଳ ଉପଯୁକ୍ତ ସମ୍ମାନ ଦେବ। ତେବେ ଯେଉଁମାନେ ଦଳ ପାଇଁ କିଛି କାର୍ଯ୍ୟ କରିନାହାନ୍ତି କିମ୍ବା ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ରହିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡ. ଅଜୟ କୁମାର ଚେତାବନୀ ଦେଇଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ତେଲେଙ୍ଗାନାର ଉପ ମୁଖ୍ୟମନ୍ତ୍ରୀ ମାଲୁଭାଟି ବିକ୍ରମାର୍କା ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଦେଶବାସୀ ଯେଉଳି କଂଗ୍ରେସକୁ ସମର୍ଥନ ଜଣାଇଲେ ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଲେ ଯେ ଦେଶର ଦଳିତ, ଆଦିବାସୀ, ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ତା'ର ଲଢ଼େଇ ଜାରି ରଖିବ। ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକ ଚଳିତ ନିର୍ବାଚନରେ ଜନସାଧାରଣଙ୍କ ମତାମତକୁ ସମ୍ମାନ ଜଣାଇବା ସହ କଂଗ୍ରେସ ପ୍ରତି ସେମାନଙ୍କ ଭଲପାଇବା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଦଳର ନବନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଉପସ୍ଥିତ ଥିଲେ।



ଗୁରୁବାର ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ଦଳର ନେତୃବୃନ୍ଦ ଓ ଶୁଭେଚ୍ଛୁ

## ଓଇଏସ୍ ପରିବେଶ ପୁରସ୍କାର ପ୍ରଦାନ

# ମୃତ୍ତିକା ସୁରକ୍ଷା ଆମର ବ୍ରତ ହେଉ



**ଭୁବନେଶ୍ୱର, ୬।୬ (ସମିସ):** ମୃତ୍ତିକା ସୁରକ୍ଷା ଆମର ବ୍ରତ ହେବା ଆବଶ୍ୟକ। ମୃତ୍ତିକା ଖାଦ୍ୟ ଉତ୍ପାଦନ ତଥା ମଣିଷ ଏବଂ ଅନ୍ୟାନ୍ୟ ଜୀବଜନ୍ତୁଙ୍କର ଆବଶ୍ୟକ ସମ୍ବଳର ଉତ୍ସ ହୋଇଥିବାରୁ ଏହାର ପୁନରୁଦ୍ଧାର ଏବଂ ଅବକ୍ଷୟକୁ ରୋକିବା ଏକାନ୍ତ ଆବଶ୍ୟକ। ଓଡ଼ିଶା ପରିବେଶ ସମିତି ଆନୁକୂଲ୍ୟରେ ଆୟୋଜିତ ଓଇଏସ୍ ପରିବେଶ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଜୀବ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ। ପ୍ରାକୃତିକ ପରିସଂସ୍ଥାକୁ ସୁରକ୍ଷା ଦେବା ଏବଂ ମାନବ ପରିବେଶର ଗୁଣବତ୍ତା ବଞ୍ଚାଇ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମିତିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ପରିବେଶ ଦିବସର ନିର୍ଦ୍ଧାରିତ ପ୍ରସଙ୍ଗ 'ଭୂମି ପୁନରୁଦ୍ଧାର, ମରୁଭୂମିକରଣ ଏବଂ ମରୁଡ଼ିର ପ୍ରତିରୋଧ' ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା।

ସୋଆ ବିଶ୍ୱବିଦ୍ୟାଳୟର ପରିବେଶ ଏବଂ ଜଳବାୟୁ କେନ୍ଦ୍ରର ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନକୁ ନେଇ ବାରମ୍ବାର ମରୁଡ଼ି ପରିସ୍ଥିତି ସୃଷ୍ଟି ଯୋଗୁଁ ଜମିର ଅବନତି ଏବଂ ମରୁଭୂମିକରଣ କିପରି ତୀବ୍ର ହେଉଛି, ତାହା ବର୍ଣ୍ଣନା କରିଥିଲେ। ଏହାସହ ପ୍ରାକୃତିକ ଭୂ-ଦୃଶ୍ୟ ପଟ୍ଟରେ ବ୍ୟାପକ ପରିବର୍ତ୍ତନ ତଥା ଜମିର ତ୍ରୁଟିପୂର୍ଣ୍ଣ ବ୍ୟବହାରକୁ ରୋକିବା ଏବଂ ଉପଯୁକ୍ତ ପୁନରୁଦ୍ଧାର ପଦକ୍ଷେପ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ସମିତିର ସଭାପତି ଡ. ପାତ୍ର ସଭାପତି ଅଭିଭାଷଣରେ କହିଥିଲେ ଯେ ଭୂମିର ପ୍ରଦୂଷଣ ଏବଂ ଅବନତି କ୍ରମଶଃ ବୃଦ୍ଧି ପାଇବା ଦ୍ୱାରା ମଣିଷ ତଥା ଅନ୍ୟାନ୍ୟ ଜୀବଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟା ବୃଦ୍ଧି ପାଉଛି। ଏଥିନିମନ୍ତେ ଆମେ ଆମ ନିଜ ଜୀବନଶୈଳୀକୁ ପରିବେଶଧର୍ମୀ କରିବା ଏକାନ୍ତ ଅପରିହାର୍ଯ୍ୟ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଜାତିସଂଘର ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି (୨୦୨୧-୨୦୩୦) ଉପରେ ଆଲୋକପାତ କରି ପରିବେଶ ଦିବସ ଉତ୍ସବ ପାଳନର ମହତ୍ତ୍ୱ ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ।

ଏହି ଅବସରରେ ଜଳ ସମ୍ପଦ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରଖ୍ୟାତ ଜଳ ବିଶେଷଜ୍ଞ ଇଂ ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ 'ଓଡ଼ିଶାର ଜଳ ମାନବ' ପୁରସ୍କାର ଏବଂ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ତଥା କ୍ୟାପିଟାଲ ହସ୍ପିଟାଲ୍‌ର ହୃଦରୋଗ କେନ୍ଦ୍ରର ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ଦାଶଙ୍କୁ 'ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆଜୀବନ ଅବଦାନ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ପୂର୍ବତନ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. ବାମନ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଚଳିତ ବର୍ଷର 'ପରିବେଶବିତ୍' ପୁରସ୍କାର ଏବଂ ସିଏସ୍‌ଆର୍ ତଥା ବୃକ୍ଷରୋପଣ କ୍ଷେତ୍ରରେ କାର୍ଯ୍ୟରତ ସୁକାନ୍ତ ପଟ୍ଟନାୟକଙ୍କୁ 'ସବୁଜ ଯୋଦ୍ଧା' ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଉପସଭାପତି ଡ. ଲାଲା ଏ.କେ. ସିଂହ ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ମାନପତ୍ର ପାଠ କରିଥିଲେ ଡ଼. ଚିତ୍ତ ରଞ୍ଜନ ମିଶ୍ର। ଏହି ଅବସରରେ ସମିତିର ବାର୍ଷିକ ରିପୋର୍ଟ 'ପରିବେଶ ଓ ବିଜ୍ଞାନ ଉପରେ ଆଲୋଚନା'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

**ସମ୍ବଲପୁର ଶୀତଳଷଷ୍ଠୀ**

# ସରିଲା ମହାଦେବଙ୍କ ପତରପେଣ୍ଡି; ବିବାହକୁ ଅପେକ୍ଷା

ସମ୍ବଲପୁର, ୬।୬(ସମିସ): ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ନିମନ୍ତେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ପାଇଁ ଗୁରୁବାର ନନ୍ଦପଡ଼ାର ବମ୍ ବମ୍ ବରାଡ଼ ବାଲୁଙ୍କେଶ୍ୱରବାବାଙ୍କ ପତରପେଣ୍ଡି ପରମ୍ପରା ସମ୍ପନ୍ନ ହୋଇଛି। କନ୍ୟା ଅନ୍ୱେଷଣ ପାଇଁ ବରପିତା ରାମଚରଣ ମିଶ୍ର ସପ୍ତରଷିଙ୍କ ସହ ପାରମ୍ପରିକ ବାଜା, ଶଙ୍ଖ, ଘଣ୍ଟର ତାଳେ ତାଳେ ଶୋଭାଯାତ୍ରାରେ ବାହାରି କନ୍ୟା ପିତାମାତା ସୁମନ୍ତ ପଣ୍ଡା ଓ ନିତିପ୍ରିୟାଙ୍କ ଘରେ ପହଞ୍ଚିଥିଲେ। ସପ୍ତରଷି ବିଜୟ ମିଶ୍ର, କାମପାଳ ମିଶ୍ର, ଗୋଲକ ବିହାରୀ ମିଶ୍ର, ଚକ୍ରଧର ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ଅମରେନ୍ଦ୍ର ପୂଜାରୀ କନ୍ୟାପକ୍ଷଙ୍କୁ ମାତା ପାର୍ବତୀଙ୍କ ସହ ବାଲୁଙ୍କେଶ୍ୱର ବାବାଙ୍କ ବିବାହ ପ୍ରସ୍ତାବ ଦେଇଥିଲେ। କନ୍ୟା ପିତାମାତା ଏହି ବିବାହ ପ୍ରସ୍ତାବରେ ରାଜି ହୋଇଥିଲେ। ସ୍ଥାନୀୟ ପାରମ୍ପରିକ ରୀତିନୀତି ଓ ଲୋକାଚାର ଅନୁସାରେ ପୂଜାର୍ଚ୍ଚନା କରିବା ପରେ ବରପକ୍ଷ ୭୨ଟି ସରଗି ପତ୍ର (ଶାଳପତ୍ର) ଏକା ବିଡ଼ା କନ୍ୟାପକ୍ଷଙ୍କୁ ପ୍ରଦାନ କରି ବିବାହ ସ୍ଥିରୀକୃତ କରିଥିଲେ। ଏହି ପରମ୍ପରାକୁ ପତର ପେଣ୍ଡି ବା ନିର୍ବନ୍ଧ କୁହାଯାଏ। ପରେ ହନୁମାନ ନିଉତା ନୀତି ଅନୁଷ୍ଠିତ ହେବ। ୧୨ ତାରିଖ ରାତିରେ ମହାଦେବଙ୍କ ବରଯାତ୍ରୀ ଶୋଭାଯାତ୍ରା ବାହାରିବ। ବିଳମ୍ବିତ ରାତିରେ ଦେବ ଦମ୍ପତିଙ୍କ ବିବାହ ଅନୁଷ୍ଠିତ ହେବ। ୧୩ ଓ ୧୪ ତାରିଖ ଅପରାହ୍ଣ ପର୍ଯ୍ୟନ୍ତ ଶୋଭାଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ। ସନ୍ଧ୍ୟାରେ ଦେବ ଦମ୍ପତିଙ୍କ ମନ୍ଦିର ପ୍ରବେଶ ହେବ।



# ଆଜି ବାହାରିବେ ୧୦୮ ଭରି ସୁନା ନାଗ

- ଟ୍ରେଜେରିରୁ ଚନ୍ଦ୍ରଶେଖର ମନ୍ଦିରକୁ ବିଜେ ହେବେ
- ଶୀତଳଷଷ୍ଠୀରେ ସୁନା ନାଗ ପ୍ରତିମା ଦର୍ଶନ ଦେବେ

**ସୋନପୁର, ୬।୬ (ସମିସ):** ୧୦ ତାରିଖ (ସୋମବାର) ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା। ସୁବର୍ଣ୍ଣପୁରର ଇଷ୍ଟଦେବ ସୁବର୍ଣ୍ଣମେରୁଙ୍କ ସହ ମାତା ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହେବ। ସୋନପୁର ଶୀତଳ ଷଷ୍ଠୀ ଯାତ୍ରାର ଅନନ୍ୟ ପରମ୍ପରା ହେଲା ଏଠାରେ ବର ବେଶରେ କନ୍ୟା ପିତା ଘରକୁ ଯାଆନ୍ତି ୧୦୮ ଭରି ଓଜନ ବିଶିଷ୍ଟ ସୁନାର ନାଗ ପ୍ରତିମା। କେଉଁ ରଜାରାଜୁଡ଼ା ଅମଳରୁ ଏହି ପରମ୍ପରା ଚାଲି ଆସୁଛି। ତେବେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଶୁକ୍ରବାର ଜିଲ୍ଲା କୋଷାଗାରରୁ ବାହାରିବେ ୧୦୮ ଭରି ସୁନା ନାଗ। ସୁନା ନାଗଙ୍କ ସୁନାର ମୁକୁଟ, ମାଳି ଆଦି ଅଳଙ୍କାର ସହ ରୁପା ବିମାନ ମଧ୍ୟ ବାହାର କରାଯିବ। ଦିନ ୯ଟାରେ ସୁନାର ନାଗ ପ୍ରତିମା ଜିଲ୍ଲା ଟ୍ରେଜେରିରୁ ବାହାର କରିବା ପାଇଁ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା କୋଷାଗାର ଅଧିକାରୀଙ୍କୁ ଚିଠି କରିଛନ୍ତି।

ସୁନା ନାଗ ସହ ସୁନାର ମୁକୁଟ, ସୁନା ଚେନ, ନଅ ଗୁଟି ଯୁକ୍ତ ସୁନାର କଣ୍ଠି ମାଳ, ଦୁଇଟି ରୁପା ଛତ୍ର (ବଡ ଓ ସାନ), ମାତା ପାର୍ବତୀଙ୍କ ରୁପା ପ୍ରଭା ଏବଂ ରୁପାର ଝୁଲଣ ଖଟୁଲି ମଧ୍ୟ କୋଷାଗାରରୁ ବାହାର କରାଯିବ। ନାଗ ଏବଂ ଅଳଙ୍କାର ବାହାର କରିବା ପରେ ସେବାୟତମାନଙ୍କ ଦ୍ୱାରା ପ୍ରଥମେ କୋଷାଗାର ସମ୍ମୁଖରେ ପୂଜା ରୀତି ଅନୁଷ୍ଠିତ ହେବ। ରୀତିନୀତି ଅନୁଯାୟୀ ଉପଜିଲ୍ଲାପାଳ ଏବଂ ପୁଲିସ୍ ଉପସ୍ଥିତିରେ ସେହିଠାରେ ପୂଜାର୍ଚ୍ଚନା ପରେ ଥାନପତି ପଡ଼ାରେ ଥିବା ଚନ୍ଦ୍ରଶେଖର ମନ୍ଦିରକୁ ନେଇ କଡ଼ା ସୁରକ୍ଷା ମଧ୍ୟରେ ନାଗ ପ୍ରତିମାଙ୍କୁ ରଖାଯିବ। ଜୁନ୍ ୧୦ ତାରିଖରେ ଶୀତଳ ଷଷ୍ଠୀ ଦିନ ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବା ବରବେଶରେ ସଜ୍ଜିତ ହୋଇ ସୁନା ନାଗ ସହ ବାହାରିବେ। କନ୍ୟା ପିତାଙ୍କ ବାସଭବନରେ ବାବା ସୁବର୍ଣ୍ଣମେରୁଙ୍କ ବିବାହ ମାତା ପାର୍ବତୀଙ୍କ ସହ ଅନୁଷ୍ଠିତ ହେବ।



ସୋନପୁର ଶୀତଳଷଷ୍ଠୀର ଆଉ ଏକ ସ୍ୱାତନ୍ତ୍ରତା ହେଲା ଭୋଳାବାବାଙ୍କ ବରଯାତ୍ରୀରେ ଅଷ୍ଟ ବିଷ୍ଣୁ ଏବଂ ଅଷ୍ଟଶମ୍ଭୁ ସାମିଲ ହୋଇଥାନ୍ତି। ଏହି ବିବାହୋତ୍ସବରେ ସାମିଲ ହେବା ପାଇଁ ଚନ୍ଦ୍ରଶେଖର ମନ୍ଦିରରୁ ପ୍ରଭୁ ଭୈରବ ବିଭିନ୍ନ ମନ୍ଦିରକୁ ନିମନ୍ତ୍ରଣ କରିବାକୁ ଯାଇଥାନ୍ତି। ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା ହୁଏ। ଜୁନ୍ ୯ ତାରିଖରେ ଅଳଙ୍କାର ଧାରଣ ଏବଂ ବର ନିମନ୍ତ୍ରଣ ରହିଛି। ୧୦ ତାରିଖରେ ବରାନୁଗମନ ଓ ବିବାହ ଅନୁଷ୍ଠିତ ହେବ। ତେବେ ଜୁନ୍ ୧୨ ତାରିଖ ବୁଧବାର ପ୍ରାତଃ ସମୟରେ ଶୀତଳ ଷଷ୍ଠୀର ଯାତ୍ରାର ମୁଖ୍ୟ ଆକର୍ଷଣ ଦେବ ଦଂପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ।

ଭିନ୍ନ ଜଣେ ସତ୍ୟବାନ

# ୬ ବର୍ଷ ଧରି ଅସୁସ୍ଥ ପତ୍ନୀଙ୍କ ସେବାରେ ବିରଞ୍ଚି



**କର୍ଣ୍ଣଗୋଲା, ୬।୬(ସମିସ):** ସେଦିନ ନିଜର ତପସ୍ୟା, ତ୍ୟାଗ ଓ ସାଧନା ପାଇଁ ଯମରାଜଙ୍କଠାରୁ ନିଜ ସତ୍ୟବାନଙ୍କୁ ଛଡ଼ାଇ ଆଣିଥିଲେ ସାବିତ୍ରୀ। କିନ୍ତୁ ଆଜି ଏମତି ଜଣେ ସତ୍ୟବାନ ଅଛନ୍ତି, ଯିଏ ନିଜ ସାବିତ୍ରୀ ଅର୍ଥାତ ପତ୍ନୀଙ୍କ ସେବାରେ ଦୀର୍ଘ ୬ ବର୍ଷ ହେଲା ଲାଗିଛନ୍ତି। ସେହି ସତ୍ୟବାନ ବା ସ୍ୱାମୀ ଆଜିର ସାବିତ୍ରୀ ଅମାବାସ୍ୟାରେ ଅନ୍ୟ ପୁରୁଷଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତ ଅଭାବ ଅନଟନ ସତ୍ତ୍ୱେ ନିଜ ଅସୁସ୍ଥ ପତ୍ନୀଙ୍କ ଚିକିତ୍ସାରେ କେବେ ହେଲେ ହେଳା କରିନାହାନ୍ତି। ପ୍ରତିଦିନ ଅଟୋ ରିକ୍ସାରେ ପତ୍ନୀଙ୍କୁ ନେବା ଆଣିବା କରିଥା'ନ୍ତି। ଖାଲି ସେତିକି ନୁହେଁ, ସ୍ନାୟୁଗତ ରୋଗରେ ପୀଡ଼ିତା ପତ୍ନୀଙ୍କୁ ଗାଧୁଆପାଧୁଆ, ଶୌଚ ଆଦି କର୍ମ ପାଇଁ ଟେକି ଟେକି ଗାଧୁଆ ଘରକୁ ନେବା, ପୋଷାକ ପିନ୍ଧାଇବା ଓ ରୋଷେଇ ସମେତ ଘରର ଯାବତୀୟ କାମ କରିଥାନ୍ତି।

ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବିରିପଟା ଶାସନ ଗ୍ରାମର ବିରଞ୍ଚି ନାରାୟଣ ଶତପଥୀ। ବୟସ ୪୨ ଟପିଲାଣି। ପେସାରେ ଜଣେ ରାଜମିସ୍ତ୍ରୀ ଭାବେ କାମ କରନ୍ତି। ଆଜକୁ ୧୦ବର୍ଷ ପୂର୍ବେ ସେ ଶାନ୍ତିଲତାଙ୍କୁ ବିବାହ କରିଥିଲେ ଓ ବିବାହର ୬ ବର୍ଷ ପରେ ଶାନ୍ତିଲତାଙ୍କ ମେରୁଦଣ୍ଡରେ ବ୍ୟଥା ହେବା ସହ ପ୍ରବଳ ବିନ୍ଧା ବିନ୍ଧି କଲା ଓ ଗୋଡ କାଲୁଆ ଗୋଦରା ହୋଇଗଲା। ଉଠିବା, ବସିବା ଏପରିକି ନିଜର ନିତ୍ୟକର୍ମ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଲା। ଡିହ ବାଡ଼ି ଖଣ୍ଡକୁ ଛାଡିଦେଲେ ଜମି ଗୁଣ୍ଠେ ନାହିଁ। ସରକାରଙ୍କ ପକ୍ଷରୁ ମିଳିଥିବା ୧ ଲକ୍ଷ ୩୦ ହଜାର ଟଙ୍କାରେ ପକ୍କା ଘର ଖଣ୍ଡିଏ କରିଛନ୍ତି। ଘର ପାଇଁ ହାତ ଉଧାରି କିଛି କରିଥଲେ ମଧ୍ୟ ଗୃହ ସମ୍ପୂର୍ଣ୍ଣ ହୋଇନି। ପ୍ରଥମେ ପତ୍ନୀ ଶାନ୍ତିଲତାଙ୍କୁ ଯାଜପୁର ଓ ପରେ କଟକ ନେଇ ଚିକିତ୍ସା କରାଇଲେ। ବର୍ଷ ବର୍ଷ ଧରି ଚିକିତ୍ସା କରିବା ସତ୍ତ୍ୱେ ଶାନ୍ତିଲତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଲା ନାହିଁ। ଦିନମଜୁରିଆ ବିରଞ୍ଚି ମାସକୁ ୧୫ରୁ ୨୦ ଦିନ କାମକୁ ଯାଇ ଯାହା ମଜୁରି ପାଆନ୍ତି, ସେଥିରେ ଦୁଇ ପ୍ରାଣୀ ଦୁଇ ଓଳି ଚଳନ୍ତି ଓ ବଳକା ପଇସାରେ ଶାନ୍ତିଲତାଙ୍କ ଔଷଧ ଆସେ। ପ୍ରତିଦିନ ଘରୁ ଟେକି ଟେକି ନେଇ ଅଟୋ ରିକ୍ସା ବସାଇ ପାଖ ବଜାର ଔଷଧ ଦୋକାନକୁ ନିଅନ୍ତି ବିରଞ୍ଚି। ଅସୁସ୍ଥ ପତ୍ନୀଙ୍କ ଚିକିତ୍ସା ପାଇଁ ଦିନରାତି ଏକ କରିଛନ୍ତି ବିରଞ୍ଚି। ମନରେ ସାମାନ୍ୟ ବିରକ୍ତି ଭାବ କି ଅନୁଶୋଚନା ନାହିଁ। ଅର୍ଥାଭାବ ସତ୍ତ୍ୱେ ତାଙ୍କ ମନର ବଳ ଭାଙ୍ଗିନି। ପତ୍ନୀ ଶାନ୍ତିଲତାଙ୍କ ପାଇଁ ଭଲ ପାଇବା କମିନି। ଆଜି ପର୍ଯ୍ୟନ୍ତ ଭଲ ଚିକିତ୍ସା ଓ ଭତ୍ତା ଟିକେ ମିଳିପାରିନି। ଏଥିପାଇଁ ଜିଲ୍ଲାପାଳ ବ୍ୟବସ୍ଥା କଲେ ବିରଞ୍ଚିଙ୍କ ପତ୍ନୀ ଆରୋଗ୍ୟ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ମୌସୁମୀ ପୂର୍ବରୁ ପରିବା ବଜାରରେ ନିଆଁ

## ବିନ୍ ୨ଶହ ପାର୍, ୫୦ ଟଙ୍କା ଉପରେ ସବୁ ପରିବା

**ଭୁବନେଶ୍ୱର, ୬।୬(ସମିସ):** ପରିବା ଦରକୁ ନେଇ ଆକ୍ରାମାକ୍ରା ହେଲେଣି ସାଧାରଣ ଖାଉଟି। ହୁ'ହୁ' ହୋଇ ପରିବା ଦର ବଢୁଥିବା ଯୋଗୁଁ ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ବଜାରକୁ ଯିବାକୁ ଭୟ କରୁଛନ୍ତି। ୫ ଶହ ଟଙ୍କାରେ ବ୍ୟାଗ୍ ଅଧା ବି ପୂରୁନି। ରାଜଧାନୀ ବଜାରରେ ପରିବା ଦର ଆକାଶଛୁଆଁ ହୋଇଛି। ସବୁ ପରିବା ଦରରେ ଅହେତୁକ ବୃଦ୍ଧି ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। ଓଡ଼ିଶାରେ ପରିବା ସଙ୍କଟ ସୃଷ୍ଟି ହୋଇଛି। ଆଜି ଏକ ନମ୍ବର ହାଟରେ ବିନ୍ କିଲୋ ୨୦୦ ଟଙ୍କା, ଝୁଡ଼ଙ୍ଗ କେଜି ୧୩୦ ଟଙ୍କା, କ୍ୟାପ୍ସିକମ୍ କେଜି ୧୬୦ ଟଙ୍କା, ଫୁଲ କୋବି ଗୋଟା ୪୦ ଟଙ୍କା, ବାଇଗଣ କିଲୋ ୫୦ ଟଙ୍କା, ପୋଟଳ କେଜି ୮୦ ଟଙ୍କା, କଲକତା ପୋଟଳ କେଜି ୪୦ ଟଙ୍କା, ଟମାଟୋ କେଜି ୬୦ ଟଙ୍କା, ଭେଣ୍ଡି କେଜି ୭୦ ଟଙ୍କା ଓ ସାରୁ କେଜି ୫୦ ଟଙ୍କା ରହିଛି। ଏଣେ କଞ୍ଚା କଦଳୀ ଗୋଟାକୁ ୨୦ ଟଙ୍କା ଦାମ୍ ରହିଛି। ଏନେଇ ବ୍ୟବସାୟୀଙ୍କ ମତ ହେଲା, ଓଡ଼ିଶାରେ ଏବେ ପରିବା ଚାଷ କମୁଛି। ତେଣୁ ପ୍ରାୟ ପରିବା ଦର ବୃଦ୍ଧି ହୋଇଛି। ବେଙ୍ଗାଲୁରୁ, ଆନ୍ଧ୍ରା, କଲିକତା, ନାସିକ, ରାୟପୁରରୁ ଓଡ଼ିଶା ପରିବା ଆମଦାନୀ କରୁଛି। ତେଣୁ ଦରବୃଦ୍ଧି

**ଓଡ଼ିଶା ଚାଷୀଙ୍କ ଅମଳ ନାହିଁ**
**ବାହାର ରାଜ୍ୟ ଉପରେ ଭରସା**

ହୋଇଛି। ଆଉ ମାସେ ଭିତରେ ଦର କମିପାରେ ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, ଜଟଣୀ ଓ ଭୁବନେଶ୍ୱର ବଜାରକୁ ଏବେ ସ୍ଥାନୀୟ ଚାଷୀଙ୍କଠାରୁ ପରିବା ଆସୁନାହିଁ। ସାଧାରଣତଃ ଏହି ଦୁଇ ବଜାରକୁ ବାଙ୍କୀ, ଆଠଗଡ଼, ବାରଙ୍ଗ, ବାଲିଅନ୍ତା, ବାଲିପାଟଣା, ବଳଙ୍ଗା, ପିପିଲି, ଡେଲାଙ୍ଗ, ବଳଙ୍ଗା, ଡେଇଶପୁର, କଣ୍ଟି, ସିକୋ, ରଣପୁର, କଳାପଥର, ବୈଦେଶ୍ୱର, ନୟାଗଡ଼ ଆଦି ଅଞ୍ଚଳରୁ ପରିବା ଆସିଥାଏ। ଏମିତିକି ଏଠାକୁ ଗଞ୍ଜାମରୁ ମଧ୍ୟ କିଛି ପରିବା ଆସିଥାଏ। କିନ୍ତୁ ଏବେ ଏହି ଅଞ୍ଚଳର ଚାଷୀମାନେ ଖରିଫ୍ ଧାନ ଚାଷ ପାଇଁ ପ୍ରସ୍ତୁତ ହେଉଛନ୍ତି। ବହୁ ପରିବା କିଆରୀ ଧାନ ଚାଷ ପାଇଁ ପ୍ରସ୍ତୁତ ହେଲାଣି। ତେଣୁ ରବି ଋତୁରୁ ହୋଇଥିବା ପରିବା ଚାଷ ଶେଷ ହୋଇଯାଇଛି। ଫଳରେ ଅମଳ ପୂରା ନାହିଁ କହିଲେ ଭୁଲ ହେବ ନାହିଁ। ଏଥିସହ ଯେତିକି ଚାଷୀଙ୍କ ବିଲରେ ପରିବା ଅଛି, ମଝିରେମଝିରେ ହେଉଥିବା କାଳବୈଶାଖୀ ବର୍ଷାରେ ତାହା ନଷ୍ଟ ହୋଇଯାଉଛି। ତେଣୁ ପ୍ରାୟ ସମସ୍ତ ପରିବା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଏଭଳି ଦରବୃଦ୍ଧିକୁ ସାମ୍ନା କରିବାକୁ ପଡୁଛି।

ଆଉ ମାତ୍ର ଦିନ କେଇଟା ପରେ ଓଡ଼ିଶା ଛୁଇଁବ ମୌସୁମୀ। ତେଣୁ ଏହି ଅଞ୍ଚଳର ଚାଷୀମାନେ ଏବେ ଡ଼ିପ ଜମି ଦେଖି ପରିବା ଚାଷ କରିବେ। ତେଣୁ ବାଇଗଣ, ଭେଣ୍ଡି, ଜହ୍ନି ଭଳି ପରିବା ଅମଳ ହେବାକୁ ଆହୁରି ମାସକରୁ ଅଧିକ ସମୟ ଲାଗିବ। ଏବେ ଲୋକାଲ ପରିବା ନଥିବାରୁ ସବୁ ପରିବା ବାହାରୁ ଆମଦାନି ହେଉଛି। କନ୍ଧମାଳ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର, ଢେଙ୍କାନାଳ ଭଳି ପାହାଡ଼ିଆ ଅଞ୍ଚଳରେ ଉତ୍ପାଦିତ ହେଉଥିବା ପରିବା ଉପରେ ଭରସା କରିବାକୁ ପଡୁଛି। ଏମିତିକି କୋଲକାତା, ଆନ୍ଧ୍ରପ୍ରଦେଶ ପରିବା ବି ଆବଶ୍ୟକତା ମେଣ୍ଟାଉଛି। ସେତେବେଳେ ସ୍ଥାନୀୟ ପରିବା ଉପଲବ୍ଧ ଥିବାରୁ ବାହାର ପରିବା ଚାହିଦା କମ ଥିଲା। ତେଣୁ ଦର ସ୍ୱାଭାବିକ ଥିଲା। କିନ୍ତୁ ଏବେ ସ୍ଥାନୀୟ ଚାଷୀଙ୍କ ହାତ ଖାଲି ହୋଇଯାଇଥିବାରୁ ବାହାର ପରିବା ଚାହିଦା ବଢ଼ିଛି ଏବଂ ସ୍ୱାଭାବିକ ଭାବେ ବଜାରରେ ଚାହିଦା ବୃଦ୍ଧି ଦରବୃଦ୍ଧିକୁ ଡାକି ଆଣିଛି।

**ମୁଖ୍ୟ ସଚିବ ଦେଲେ ଆଶ୍ୱାସନା**

# ଜାରି ରହିବ ବିଏସ୍‌କେୱାଇ ସେବା

**ଭୁବନେଶ୍ୱର, ୬।୬ (ସମିସ):** ରାଜ୍ୟରେ ବିଏସ୍‌କେୱାଇ ବଳବତ୍ତର ରହିଛି। ପରବର୍ତ୍ତୀ ସରକାର ନିଷ୍ପତ୍ତି ଗ୍ରହଣ କରିବା ପର୍ଯ୍ୟନ୍ତ ହିତାଧିକାରୀମାନଙ୍କୁ ନଗଦବିହୀନ ସ୍ୱାସ୍ଥ୍ୟ ସେବା ଯୋଗାଣ ଜାରି ରହିବ। ଯଦି କୌଣସି ସ୍ୱୀକୃତିପ୍ରାପ୍ତ ଡାକ୍ତରଖାନା ବିଏସ୍‌କେୱାଇ ରୋଗୀଙ୍କୁ ଅବହେଳା କରନ୍ତି, ତା'ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ ଚିକିତ୍ସା ଖର୍ଚ୍ଚକୁ ନେଇ ଘରୋଇ ଡାକ୍ତରଖାନା ଦ୍ୱନ୍ଦରେ ରହିବା ଆବଶ୍ୟକ ନାହିଁ। ତେଣୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ହିତାଧିକାରୀଙ୍କୁ ସମୟ ଆଗରୁ ଡିସ୍‌ଚାର୍ଜ କରାଯାଇ ପାରିବ ନାହିଁ କିମ୍ବା ନୂଆ ରୋଗୀଙ୍କୁ ଆଡମିସନ୍ ପାଇଁ ମନା କରିପାରିବେ ନାହିଁ। ସୂଚନାଯୋଗ୍ୟ, ବିଏସ୍‌କେୱାଇକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଦୂର କରିବାକୁ ରାଜ୍ୟପାଳ ରଘୁବର ଦାସ ଆଜି ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ମନା କଲେ କାର୍ଯ୍ୟାନୁଷ୍ଠାନ**
**ହେଲ୍ପଲାଇନ୍ ନମ୍ବର '୧୦୪'ରେ ଯୋଗାଯୋଗ ପାଇଁ ନିବେଦନ**

ଅନ୍ୟପକ୍ଷରେ ଯଦି କୌଣସି ସ୍ୱୀକୃତିପ୍ରାପ୍ତ ଡାକ୍ତରଖାନା ବିଏସ୍‌କେୱାଇ ହିତାଧିକାରୀଙ୍କୁ ଚିକିତ୍ସାରେ ଅବହେଳା କରନ୍ତି, ତା'ହେଲେ ୧୦୪ ହେଲ୍ପ ଲାଇନ୍ ନମ୍ବରରେ ଯୋଗାଯୋଗ କରି ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଯୋଜନାକୁ ନେଇ ଆତଙ୍କିତ ହେବାର ନାହିଁ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି।

# ଟିକା ନେବାର ୨୦ ଘଣ୍ଟା ପରେ ଶିଶୁକନ୍ୟାର ମୃତ୍ୟୁ

## ହସ୍ପିଟାଲ ସମ୍ମୁଖରେ ଶବ ରଖି ପରିବାରଲୋକଙ୍କ ୭ ଘଣ୍ଟା ଧାରଣା

**ତେନ୍ତୁଲିଖୁଣ୍ଟି, ୬।୬ (ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ପାତ୍ରପୁଟ ଗ୍ରାମରେ ଦେଢ଼ ମାସର ଏକ ଶିଶୁକନ୍ୟା ପ୍ରଥମ ଡୋଜ୍ ଟିକା ନେବାର ୨୦ ଘଣ୍ଟା ପରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ପରିବାରଲୋକେ ଶିଶୁକନ୍ୟାର ଶବକୁ ଧରି ପାତ୍ରପୁଟସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବା ସହ କ୍ଷତିପୂରଣ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ପାତ୍ରପୁଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ସବ୍ ସେଣ୍ଟରରେ ବୁଧବାର ଟିକାଦାନ କାର୍ଯ୍ୟକ୍ରମ ଥିଲା। ଏଥିରେ ଅଞ୍ଚଳର ୧୫ ଜଣ ଶିଶୁଙ୍କୁ ଟିକାକରଣ କରାଯାଇଥିଲା। ମହିଳା ସ୍ୱାସ୍ଥ୍ୟକର୍ମୀ କବିତା ସେଠୀ ଭ୍ୟାକ୍ସିନ ଦେଇଥିଲେ। ୧୫ଶିଶୁଙ୍କ ମଧ୍ୟରୁ ଦୁଇଜଣ ଶିଶୁଙ୍କୁ ପ୍ରଥମ ଡୋଜ ଭ୍ୟାକ୍ସିନ ଦିଆଯାଇଥିଲା। ଏହି ୨ଜଣ ଶିଶୁଙ୍କୁ ପୋଲିଓ, ପେଣ୍ଟା, ପିସିବି ଇଞ୍ଜେକ୍ସନ ଏବଂ ରୋଟା ଖାଇବାକୁ ଦିଆଯାଇଥିଲା। ଦୁଇଜଣଙ୍କ ମଧ୍ୟରୁ ପାତ୍ରପୁଟ ଗ୍ରାମର କିରଣ ପାତ୍ରଙ୍କ ଦେଢ଼ ମାସର ଶିଶୁକନ୍ୟାଙ୍କୁ ମଧ୍ୟ ସକାଳ ୮ଟା ୪୫ରେ ଅନୁରୂପ ଭ୍ୟାକ୍ସିନ ଦିଆଯାଇଥିଲା। ଏହାପରେ ପରିବାର ଲୋକେ ଶିଶୁଙ୍କୁ ନେଇ ଘରକୁ ଚାଲିଯାଇଥିଲେ। ତେବେ ଗୁରୁବାର ଶିଶୁଟି କ୍ଷୀରପାନ କରିବା ପରେ ସକାଳ ୫ଟାରେ ତା'ର ମୃତ୍ୟୁ ହୋଇଥିଲା। ଭ୍ୟାକ୍ସିନ୍ ନେବା କାରଣରୁ ଶିଶୁଟିର ମୃତ୍ୟୁ ହୋଇଥିବା ନେଇ ପରିବାରଲୋକେ ଅଭିଯୋଗ କରି କ୍ଷତିପୂରଣ ଦାବି କରିଥିଲେ। ଏହାପରେ ଶିଶୁର ମୃତଦେହକୁ ଧରି ପାତ୍ରପୁଟ ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇ କ୍ଷତିପୂରଣ ଦାବି କରିଥିଲେ। ସମ୍ପୃକ୍ତ ପରିବାର ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦୀର୍ଘ ୭ଘଣ୍ଟା ଧରି ଡାକ୍ତରଖାନା ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ନବରଙ୍ଗପୁର ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନବ କିଶୋର ବେହେରା, ତେନ୍ତୁଲିଖୁଣ୍ଟି ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ସୋମଲେଇ ପ୍ରସାଦ ପଣ୍ଡା, ସ୍ୱାସ୍ଥ୍ୟ ପରିଦର୍ଶକ ପହଞ୍ଚି ପରିବାରଲୋକଙ୍କ ସହ ଆଲୋଚନା କରିଥିଲେ। ତେବେ ସମ୍ପୃକ୍ତ ପରିବାରକୁ ରେଡକ୍ରସ ପକ୍ଷରୁ ୧୦ ହଜାର ଏବଂ ପାତ୍ରପୁଟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବିଜେପିକୁ ଭୋଟ ନ ଦେବାରୁ ଆକ୍ରମଣ

**ରାଜନଗର, ୬।୬(ସମିସ):** ରାଜନଗର ନିର୍ବାଚନମଣ୍ଡଳୀର ରାଜନଗର ବ୍ଲକରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ଜଣେ ମହିଳା ପଦ୍ମ ଚିହ୍ନରେ ଭୋଟ ଦେଇ ନ ଥିବାରୁ ଅନ୍ୟଜଣେ ମହିଳା ତାଙ୍କୁ ଲୁହାରଡ୍‌ରେ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ଏ ନେଇ ରାଜନଗର ଥାନାରେ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ର ନାରାୟଣପୁର ଗ୍ରାମର ନିର୍ମଳ ପରମାଣିକଙ୍କ ପତ୍ନୀ ଲତା ପରମାଣିକ ଅଭିଯୋଗ କରିଛନ୍ତି। ଗତ ମାସ ୩୦ତାରିଖ ଦିନ ସେହି ଗାଁର ମହେନ୍ଦ୍ର ମିସ୍ତ୍ରୀଙ୍କ ପତ୍ନୀ ତୁଳସୀ ମିସ୍ତ୍ରୀ ତାଙ୍କ ପାଖରେ ପହଞ୍ଚି ପଦ୍ମରେ ଦୁଇଟି ଭୋଟ ଦେବାକୁ କହିଥିଲେ। ମୁଁ ବିଜେଡି ଲୋକ, ଶଙ୍ଖ ଚିହ୍ନରେ ଭୋଟ ଦେବି ବୋଲି ତୁଳସୀଙ୍କୁ ସଫା ସଫା କହିଥିଲେ। ଆଜି ଦିନ ପ୍ରାୟ ୧୦ଟା ୩୦ ମିନିଟରେ ତୁଳସୀ ମିସ୍ତ୍ରୀ ଲତାଙ୍କ ଘର ପାଖରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଘରେ ପଶି ଲୁଗାପଟା ଚିରି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଲୁହାରଡରେ ମୁଣ୍ଡ ଓ ହାତକୁ ଶକ୍ତ ପ୍ରହାର ଦେଇଥିଲେ। ଲୁହା ରଡ୍ ମାଡ଼ରେ ଲତାଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ହାତ ମଧ୍ୟ ଫୁଲି ଯାଇଛି। ଲତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମାଡ଼ ମାରିବା ସମୟରେ ଲତାଙ୍କ କାନଫୁଲ ଛିଣ୍ଡାଇ ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି।

**ମହିଳାଙ୍କ ମୁଣ୍ଡ ଫାଟିଲା, ଥାନାରେ ଅଭିଯୋଗ**

# ବାଡ଼ିରୁ ୧୨ ଫୁଟିଆ ଅଜଗର ଉଦ୍ଧାର

**ନୀଳଗିରି, ୬।୬(ସମିସ):** ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ସିଆଡ଼ିମାଳ ଗ୍ରାମରୁ ୧୨ ଫୁଟ ଲମ୍ବର ଏକ ଅଜଗର ସାପକୁ ଉଦ୍ଧାର କରାଯାଇ କୁଲଡିହା ଜଙ୍ଗଲରେ ଛଡ଼ା ଯାଇଛି। ଉକ୍ତ ଗାଁର ଚନ୍ଦ୍ରମୋହନ ସିଂ ଓ ପରିବାରଲୋକେ ବାଡ଼ିକୁ ଯାଇଥିବା ବେଳେ ସାପଟିକୁ ଦେଖି ଭୟଭୀତ ହୋଇଥିଲେ। କୁଲଡିହା ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। କୁଲଡିହା ଜଙ୍ଗଲରୁ ସାପଟି ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହୋଇଥିବା କୁହାଯାଉଛି।

# ସ୍କୁଟି ଡିକି ଭାଙ୍ଗି ୭ ଲକ୍ଷ ଲୁଟ୍

**ଜୟପୁର, ୬।୬ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ମୁଖ୍ୟରାସ୍ତା କଣ୍ଡରା ସାହି ଛକ ଏକ ମୋବାଇଲ ଦୋକାନ ସମ୍ମୁଖରେ ସ୍କୁଟିର ସିଟ୍ ତଳ ଡିକି ଭାଙ୍ଗି ୭ଲକ୍ଷ ଟଙ୍କା ଲୁଟ ହୋଇଥିବା ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ସହରର ବିଭିନ୍ନ ସିସି କ୍ୟାମେରା ଯାଞ୍ଚ କରିବା ସହିତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ନେଇ ତଦନ୍ତ ଆରମ୍ଭ କରିଛି। ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଜୟପୁର ମାଦଳାସାହି ବାସିନ୍ଦା ରାହୁଲଦେବ ସାମନ୍ତରାୟ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରୁ ୭ ଲକ୍ଷ ଟଙ୍କା ଉଠାଣ କରିବା ପରେ ଏକ ବ୍ୟାଗରେ ଉକ୍ତ ଟଙ୍କା ରଖି ନିଜର ସ୍କୁଟି (ଓଆର ୧୦ ଜେ-୯୧୨୪) ସିଟ୍ ତଳ ଡିକିରେ ଟଙ୍କାକୁ ରଖିଥିଲେ। ଏହାପରେ ସେଠାରୁ ବାହାରି ମୁଖ୍ୟ ରାସ୍ତା କଣ୍ଡରା ସାହି ଛକଠାରେ ଏକ ମୋବାଇଲ ଦୋକାନକୁ ଯାଇଥିଲେ। ଉକ୍ତ ଦୋକାନରୁ ବାହାରିବା ପରେ ତାଙ୍କ ସ୍କୁଟି ସିଟ୍ ଖୋଲା ରହିଥିବା ଓ ଡିକିରୁ ଟଙ୍କା ବ୍ୟାଗ ଗାଏବ ହୋଇଯାଇଥିବା ଦେଖିବାକୁ ପାଇଥିଲେ। କୌଣସି ସନ୍ଧାନ ନ ମିଳିବାରୁ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଦୁଇ ବାଇକ୍ ଧକ୍କା; ୫ ଗୁରୁତର

**ବ୍ରହ୍ମପୁର, ୬।୬(ସମିସ):** ବ୍ରହ୍ମପୁର ୧୬ ନମ୍ବର ଜାତୀୟ ରାଜପଥର ହଳଦିଆପଦର ଛକ ନିକଟରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୫ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆଜି ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାସ୍ଥଳରୁ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତ ଆହତଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତ ଯୁବକମାନେ ହେଲେ, ବ୍ରହ୍ମପୁର ଉପକଣ୍ଠ ଫୁଲଟା ଗ୍ରାମର ନୂଆ ସାହିର ଶିଶିର ନାହାକ ଓ ମହେନ୍ଦ୍ର ନାହାକ, ଗନ୍ଧଷଣ ସାହିର କାହ୍ନୁ ନାହାକ, ରିତେଶ ସାସମଲ ଓ ସୁନୀଲ ସାସମଲ।

# ହାତୀ ଗଣନା: ଢେଙ୍କାନାଳରେ ବଢ଼ିଲେ, ବାରିପଦାରେ କମିଲେ

**ଢେଙ୍କାନାଳ, ୬।୬ (ସମିସ):** ଢେଙ୍କାନାଳ ବନାଞ୍ଚଳରେ ହାତୀ ଗଣନା ରିପୋର୍ଟରେ ଚଳିତବର୍ଷ ହାତୀ ସଂଖ୍ୟା ୨୩୯କୁ ବୃଦ୍ଧି ପାଇଛି। ସେହିପରି ଏହି ବନାଞ୍ଚଳରେ ୫୭ଦନ୍ତା ସହିତ ୭୪ଟି ମାଇହାତୀ ଚଳପ୍ରଚଳ କରୁଥିବା ଜଣାପଡ଼ିଛି। ଜିଲ୍ଲାର ୮ଟି ବନାଞ୍ଚଳରେ ମୋଟ ୨୩୯ଟି ହାତୀ ବିଚରଣ କରୁଥିବା ରିପୋର୍ଟରେ ପ୍ରକାଶ ପାଇଛି। ଢେଙ୍କାନାଳ ବନାଞ୍ଚଳ ନିକଟବର୍ତ୍ତୀ ଆଠଗଡ଼ ବନଖଣ୍ଡରେ ୧୭୮ଟି ହାତୀ ରହିଥିବାର ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ୨୦୧୭ରେ ଶେଷଥର ପାଇଁ ହାତୀ ଗଣନା କରାଯାଇଥିଲା। ସେତେବେଳେ ଢେଙ୍କାନାଳ ଜିଲ୍ଲାରେ ୧୬୯ହାତୀ ରହିଥିଲେ। ଏହାରି ଭିତରେ ହାତୀ ସଂଖ୍ୟାରେ ବୃଦ୍ଧି ପାଇଛି। ହାତୀ ସଂଖ୍ୟା ବୃଦ୍ଧି ପାଇବା ଜିଲ୍ଲା ପାଇଁ ଭଲ ସୂଚନା ବୋଲି ବନବିଭାଗ ପ୍ରକାଶ କରିଛି।

ଢେଙ୍କାନାଳ ବନଖଣ୍ଡ ୮ଟି ରେଞ୍ଜକୁ ନେଇ ଗଠିତ ହୋଇଥିବା ବେଳେ ଏଠାରେ ଥଣ୍ଡା ପରିବେଶ, ସବୁଜ ବନାନୀ ହାତୀଙ୍କ ବିଚରଣ ପାଇଁ ଭୂସ୍ୱର୍ଗ ସାବ୍ୟସ୍ତ ହୋଇଛି। ଏଥିସହ ବ୍ରାହ୍ମଣୀ, ରାମିଆଳ ଓ ସାପୁଆ ନଦୀର ଜଳ ହାତୀଙ୍କ ପାଇଁ ବରଦାନ ସଦୃଶ ହୋଇଛି। ଫଳରେ ଢେଙ୍କାନାଳ ବନଖଣ୍ଡ ହାତୀଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ ପାଲଟିବା ସହ କ୍ରମାଗତ ଭାବେ ହାତୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଏହି ବନଖଣ୍ଡରେ ୫୭ଦନ୍ତା, ୧ଟି ମାଖନା ହାତୀ ରହିଛନ୍ତି। ୭୪ ବଡ଼ ମାଇହାତୀ, ୪୨ଟି କିଶୋର, ୨୪ଟି ଶିଶୁବର୍ଗର ଏବଂ ୪୧ଟି

- **ଢେଙ୍କାନାଳର ୮ ବନାଞ୍ଚଳରେ ୨୩୯ ହାତୀ**
- **୫୭ଦନ୍ତା ଓ ୭୪ ବଡ଼ ମାଇହାତୀ ଚଳପ୍ରଚଳ**
- **ଆଠଗଡ଼ ବନଖଣ୍ଡରେ ରହିଛନ୍ତି ୧୭୮ ହାତୀ**

ହାତୀ ଶାବକ ରହିଛନ୍ତି। ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ହାତୀପଲ ଚଳପ୍ରଚଳ କରୁଛନ୍ତି। ସଦର ବନାଞ୍ଚଳ ଅନ୍ତର୍ଗତ ମଠରଗଡ଼ି ଓ ମେଘା ସଂରକ୍ଷିତ ଜଙ୍ଗଲ, କପିଳାସ ବନାଞ୍ଚଳର କପିଳାସ ସଂରକ୍ଷିତ ଜଙ୍ଗଲ, ଷଡ଼ଙ୍ଗୀ ବନାଞ୍ଚଳର ରୁପାବଳିଆ ଓ ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲ, କାମାକ୍ଷାନଗର ବ୍ଲକର ପୂର୍ବ ଓ ପଶ୍ଚିମ ବନାଞ୍ଚଳ, ପରଜଙ୍ଗ ବ୍ଲକର ମହାବିରୋଡ଼ ବନାଞ୍ଚଳ, ହିନ୍ଦୋଳ ବନାଞ୍ଚଳ ଆଦି ହାତୀମାନଙ୍କ ଚରାଭୂଇଁ ପାଲଟିଛି। ବ୍ରାହ୍ମଣୀ ନଦୀର ଜଳ, ଧାନ ଏମାନଙ୍କର ମୁଖ୍ୟ ଖାଦ୍ୟ ହୋଇଛି। ରେଙ୍ଗାଳି ଜଳସେଚନ ପ୍ରକଳ୍ପ ଦ୍ୱାରା କେନାଲ ଖୋଳା, ଦ୍ରୁତ ଶିଳ୍ପାୟନ, ଉନ୍ନୟନ କାମ ନାମରେ ଅବାଧ ଜଙ୍ଗଲ କଟା ଓ ଖଣିଖନନ ଯୋଗୁ ହାତୀମାନଙ୍କର ଯାତାୟାତରେ ଘୋର ବାଧା ସୃଷ୍ଟି ହୋଇଛି। ଫଳରେ ହାତୀ- ମଣିଷ ସଂଘର୍ଷ ଏଠାରେ ଦିନକୁ ଦିନ ବୃଦ୍ଧି ପାଇଛି। ଜିଲ୍ଲାର ୮ଟି ରେଞ୍ଜରେ ୧୦୪ଟି ବିଟ୍ ଗଠିତ ହୋଇ ୫୩ଟି ମଞ୍ଚା ପ୍ରସ୍ତୁତ କରାଯାଇ ୩ଦିନ ବ୍ୟାପୀ ହାତୀ ଗଣନା କରାଯାଇଥିଲା। ଏଥିସହ ଜଙ୍ଗଲ ଭିତରେ ଥିବା ୱାଚ୍ ଟାୱାରରୁ ମଧ୍ୟ ହାତୀ ଗଣନା କରାଯାଉଥିଲା। ହାତୀମାନଙ୍କ ଗତିବିଧି, ପାଦଚିହ୍ନ ଓ ପ୍ରକାରଭେଦକୁ ନେଇ ହାତୀ ଗଣନା କରାଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି।



## ବାରିପଦା ସର୍କଲରେ ୪୩୧ ହାତୀ

**ବାରିପଦା, ୬।୬(ସମିସ):** ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ଆରସିସିଏଫ) କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷର ହାତୀ ଗଣନା ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ବାରିପଦା ବନ ସର୍କଲରେ ସମୁଦାୟ ହାତୀଙ୍କ ସଂଖ୍ୟା ୪୩୧ ରହିଥିବା ବେଳେ ୭ବର୍ଷ ପୂର୍ବ ଗଣନା ରିପୋର୍ଟ ତୁଳନାରେ ଚଳିତ ବର୍ଷ ୨୦୦ରୁ ଊର୍ଦ୍ଧ୍ୱ ହାତୀଙ୍କ ସଂଖ୍ୟା କମିଛି। ଜଙ୍ଗଲରୁ ଜଙ୍ଗଲ ଭ୍ରମଣ କରୁଥିବା ହାତୀପଲ ଅନୁପସ୍ଥିତି ପାଇଁ ଏହି ସଂଖ୍ୟା କମିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ଆରସିସିଏଫ) ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ବନ ବିଭାଗ ପକ୍ଷରୁ ଚଳିତ ବର୍ଷ ମାର୍ଚ୍ଚ ୨୨ରୁ ୨୪ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ହାତୀ ଗଣନା କରାଯାଇଥିଲା। ଏଥିପାଇଁ ଗଛ ଉପରେ ମଞ୍ଚା ବାନ୍ଧି ଦିନରାତି ଜଗି ବନକର୍ମଚାରୀ ରିପୋର୍ଟ ସଂଗ୍ରହ କରିଥିବା ବେଳେ ସେହି ୩ଦିନ ଉପଗ୍ରହ ଜରିଆରେ ମଧ୍ୟ ଗଣନା ହୋଇଥିଲା। ହାତୀ ଗଣନା ଶେଷ ହେବା ପରେ ହାତୀଙ୍କ ସଂଖ୍ୟା ୪୩୧ ଥିବାନେଇ ସ୍ପଷ୍ଟ ରିପୋର୍ଟ ପ୍ରଦାନ ହୋଇଛି। ପ୍ରଦତ୍ତ ରିପୋର୍ଟ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ବନଖଣ୍ଡରେ ସମୁଦାୟ ୩୩୦ ହାତୀ ରହିଥିବା ବେଳେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨୦୪ଟି ରହିଥିବା ଜଣାପଡ଼ିଛି। ସେହିପରି ବାରିପଦା ବନଖଣ୍ଡରେ ୧୦୫, କରଞ୍ଜିଆରେ ୧୮, ରାଇରଙ୍ଗପୁରରେ ୩ ଏବଂ ବାରିପଦା ସର୍କଲ ଅଧୀନରେ ଥିବା ବାଲେଶ୍ୱର ଜିଲ୍ଲାର କୁଲଡିହାରେ ୬୮ ଓ କେନ୍ଦୁଝର ଜିଲ୍ଲାର ଆନନ୍ଦପୁରରେ ୩୩ଟି ହାତୀ ରହିଛନ୍ତି। ତେବେ ଏହି ହାତୀଗଣନା ପରେ ସଂଖ୍ୟା ହ୍ରାସ ପାଇଛି ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ୨୦୧୭ ମସିହାରେ ହାତୀ ଗଣନା କରାଯାଇଥିଲା। ୪୩୧ ହାତୀଙ୍କ ମଧ୍ୟରେ ଅଣ୍ଡିରା, ମାଇ ହାତୀ ସମେତ ହାତୀ ଶାବକ ମଧ୍ୟ ରହିଛନ୍ତି। ଚଳିତବର୍ଷରୁ ପ୍ରତିବର୍ଷ ଦୁଇ ଥର ଗ୍ରୀଷ୍ମ ଓ ଶୀତ ଋତୁରେ ହାତୀ ଗଣନା କରାଯିବ ବୋଲି ଡ. ଗୋଗିନେନି କହିଛନ୍ତି। ଉକ୍ତ ସମୟରେ ହାତୀମାନଙ୍କ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ଥିବା ବେଳେ ଗଣନା ନିମନ୍ତେ ସହାୟକ ହୋଇଥାଏ। ତେବେ ଉକ୍ତ ହାତୀ ଗଣନା ରିପୋର୍ଟ ପରେ ହାତୀ ସଂଖ୍ୟା କମିବାକୁ ନେଇ ପ୍ରାଣୀପ୍ରେମୀ ଚିନ୍ତା ପ୍ରକଟ କରିଛନ୍ତି। ଶିମିଳିପାଳ ସଂଲଗ୍ନରେ ବେଆଇନ ପଥର ଖାଦାନ ଓ କ୍ରସର ସ୍ଥାପନ ପାଇଁ ଜଙ୍ଗଲ ଅବକ୍ଷୟ ଏହାର କାରଣ। ଏତତଭିନ୍ନ କାଠମାଫିଆଙ୍କ ଦ୍ୱାରା ଗଛକଟା ବୃଦ୍ଧି ଅନ୍ୟତମ କାରଣ। ହାତୀଙ୍କ ଖାଦ୍ୟ ପାଇଁ ଆବଶ୍ୟକ ବାଉଁଶ ଓ ବୃକ୍ଷ ରୋପଣ ଜରୁରୀ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି।

କୌଣସି ଦେଶର ଜନସାଧାରଣଙ୍କୁ ଯଦି ସେ ଦେଶର ଐତିହ୍ୟଠାରୁ ଦୂରେଇ ରଖାଯାଏ,
ତେବେ ସେମାନଙ୍କୁ ବିଭ୍ରାନ୍ତ କରିବା ସହଜ ହୋଇଯାଏ !
-କାର୍ଲ ମାର୍କସ



ସକାଳ
THE SAKALA

## ବିଏସ୍‌କେୱାଇକୁ ନେଇ ଦ୍ୱନ୍ଦ୍ୱ

# ଗୁଜବ ଗ୍ରହଣୀୟ ନୁହେଁ

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ନେଇ ହଠାତ୍ ଏକ ଅପପ୍ରଚାର ଓ ଗୁଜବ ଉଠିବା ଦୁର୍ଭାଗ୍ୟଜନକ। ଏହାପଛରେ ନିଶ୍ଚିତ ଭାବେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ହାତ ରହିଥିବା ମନେ ହେଉଛି। ଏହି ଘଟଣାରେ ରାଜ୍ୟପାଳ ରଘୁବର ଦାସ୍ ଉଦ୍‌ବେଗ ପ୍ରକାଶ କରିବା ସହିତ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆ ସରକାର ନୂଆ ଯୋଜନା ଲାଗୁ ନ କରିବା ପର୍ଯ୍ୟନ୍ତ ବିଏସ୍‌କେୱାଇର କାର୍ଯ୍ୟକାରିତା ଓ ବୈଧତା ନେଇ ଜନସାଧାରଣ ଆଶଙ୍କିତ କିମ୍ବା ଦ୍ୱନ୍ଦ୍ୱରେ ରହିବା ଅନୁଚିତ ବୋଲି ରାଜ୍ୟପାଳ ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଏବଂ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ତୁରନ୍ତ ଏହି ଅପପ୍ରଚାରକୁ ଖଣ୍ଡନ କରିଛନ୍ତି। ସେମାନଙ୍କ କହିବା କଥା ହେଲା ବିଏସ୍‌କେୱାଇ ଯୋଜନା ପୂର୍ବବତ୍ ଚାଲୁ ରହିଛି। କୌଣସି ପଞ୍ଜୀକୃତ ହସ୍ପିଟାଲ ଏହି କାର୍ଡଧାରୀଙ୍କୁ ଚିକିତ୍ସା ପାଇଁ ମନା କରିପାରିବେ ନାହିଁ କିମ୍ବା ଡିସ୍‌ଚାର୍ଜ କରିପାରିବେ ନାହିଁ ବୋଲି ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଓ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେଣୁ ଜନସାଧାରଣ, ଯେଉଁମାନେ ଏହି ଯୋଜନାର ଲାଭାର୍ଥୀ, ସେମାନେ କୌଣସି ପ୍ରକାର ବିଭ୍ରାନ୍ତ ନ ହୋଇ ଚିକିତ୍ସାର ସୁବିଧା ନେବା ଆବଶ୍ୟକ।

ଏଠାରେ ସୂଚନାଯୋଗ୍ୟ ଯେ ବିଏସ୍‌କେୱାଇ ବିଜେଡି ସରକାରର ଏକ ଅନ୍ୟତମ ସଫଳ ଯୋଜନା ଥିଲା। ତେବେ ଇତିମଧ୍ୟରେ ନିର୍ବାଚନରେ ବିଜେଡି ସରକାର ହାରିଯିବା ପରେ ଏହି ଯୋଜନା ବନ୍ଦ ହୋଇଗଲା ବୋଲି କେତେକ ମହଲରେ ଗୁଜବ ସୃଷ୍ଟି ହୋଇଛି। ଏହାପଛରେ ଅବଶ୍ୟ କିଛି କାରଣ ରହିଛି। ବିଏସ୍‌କେୱାଇରେ ପଞ୍ଜୀକୃତ ବେସରକାରୀ ହସ୍ପିଟାଲ ମଧ୍ୟରୁ କେତେକ ଏହି ଯୋଜନାର ଭବିଷ୍ୟତ ନେଇ ସନ୍ଦେହ ପ୍ରକାଶ କରିବା ସହ ନୂଆ ବିଜେପି ସରକାର କ୍ଷମତାକୁ ଆସିଲେ ଏହାକୁ ବନ୍ଦ କରି ଦେଇପାରେ ବୋଲି ସନ୍ଦେହ ପ୍ରକାଶ କରୁଛନ୍ତି। ତେଣୁ ନୂଆ ସରକାର ଦାୟିତ୍ୱ ନେଇ ଏ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶ ନ ଦେବା ଯାଏଁ ସେମାନେ ବିଏସ୍‌କେୱାଇ ହିତାଧିକାରୀଙ୍କୁ ସେବା ଦେବାକୁ ସାମୟିକ ଭାବେ ମନା କରୁଥିବା ଶୁଣାଯାଉଛି। ସେମାନଙ୍କର ଆଶଙ୍କା ଯେ ଓଡ଼ିଶାରେ ନୂଆ ବିଜେପି ସରକାର ଆସିଲେ ବିଏସ୍‌କେୱାଇକୁ ବନ୍ଦ କରି ତା' ବଦଳରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରିବ। ତେଣୁ ଏହି ଅନ୍ତର୍ବର୍ତ୍ତୀ ସମୟରେ ବିଏସ୍‌କେୱାଇରେ ହିତାଧିକାରୀଙ୍କୁ ମାଗଣା ଚିକିତ୍ସା ଯୋଗାଇଲେ ସେ ବାବଦ ବୀମା ଅର୍ଥ ନୂଆ ସରକାର ଦେଇ ନପାରନ୍ତି। ଗୋଟିଏ ଦୃଷ୍ଟିରୁ ଏଭଳି ଆଶଙ୍କା ସମ୍ପୂର୍ଣ୍ଣ ଅମୂଳକ ହୋଇନପାରେ। ତେବେ ରାଜ୍ୟ ସରକାର ଯେତେବେଳେ ଯୋଜନା ବନ୍ଦ ହୋଇନାହିଁ ବୋଲି କହିବା ସହ ବିଜ୍ଞପ୍ତି ପ୍ରକାଶ କରୁଛନ୍ତି, ସେତେବେଳେ କୌଣସି ଭ୍ରାନ୍ତି ରହିବା ଅନାବଶ୍ୟକ।

ଇତିମଧ୍ୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ସ୍ପଷ୍ଟ କରି ଦେଇଛନ୍ତି ଯେ ବିଏସ୍‌କେୱାଇ ସମେତ ସବୁ ସ୍ୱାସ୍ଥ୍ୟ ସେବା ଯୋଜନା ଅତ୍ୟାବଶ୍ୟକ ସେବାର ଅନ୍ତର୍ଭୁକ୍ତ। ରୋଗୀଙ୍କୁ ଚିକିତ୍ସା ସେବା ଦେବା ସରକାରଙ୍କ ନୈତିକ ଓ ମୌଳିକ ଦାୟିତ୍ୱ। ନୂଆ ସରକାର ଗଠନ ହୋଇନଥିବାବେଳେ ବିଏସ୍‌କେୱାଇକୁ ବନ୍ଦ କରିଦିଆଯିବା କଥା କହିବା ଠିକ୍ ନୁହେଁ। ଆହୁରି ମଧ୍ୟ ବିଏସ୍‌କେୱାଇର ପଞ୍ଜୀକୃତ ଘରୋଇ ହସ୍ପିଟାଲ ସଂଘର କର୍ମକର୍ତ୍ତାମାନେ ସ୍ପଷ୍ଟ କରି ଦେଇଛନ୍ତି ଯେ ଏହି ଯୋଜନା ଏଯାଏ ବନ୍ଦ ହୋଇନାହିଁ ବରଂ ପୂର୍ବବତ୍ ହିତାଧିକାରୀଙ୍କୁ ସେବା ଯୋଗାଇ ଦିଆଯାଉଛି। ଏତେ ସବୁ ସ୍ପଷ୍ଟୀକରଣ ପରେ ଲୋକେ ବିଭ୍ରାନ୍ତ ହେବା ଅନୁଚିତ।

ଏଠାରେ ସୂଚନା ଯୋଗ୍ୟ ଯେ ବିଜେପି ତାହାର ନିର୍ବାଚନ ଇସ୍ତାହାରରେ କହିଥିଲା ଯେ ଦଳ ଓଡ଼ିଶାରେ କ୍ଷମତାକୁ ଆସିଲେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରିବ। ଦଳ ବିଜୟୀ ହୋଇଛି ଏବଂ ସରକାର ଗଠନ ହୋଇନାହିଁ କିମ୍ବା ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ତେଣୁ ଏହାକୁ ନେଇ ଆଗୁଆ ଛାନିଆ ହେବାର ଆବଶ୍ୟକତା ନାହିଁ।

ବିଏସ୍‌କେୱାଇ ଓ ଆୟୁଷ୍ମାନ ଯୋଜନା ଭିତରେ କିଏ ଭଲ ତାହାର ତର୍ଜମା କରିବାର ଅବକାଶ ଏଠାରେ ଉଠୁନାହିଁ। ଉଭୟ ପକ୍ଷ ନିଜ ନିଜର ଯୋଜନାକୁ ଅଧିକ ଭଲ କହୁଥିଲେ ମଧ୍ୟ ମୌଳିକ ଲକ୍ଷ୍ୟ ଗରିବ ଲୋକଙ୍କୁ ମାଗଣାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଣ। ଆୟୁଷ୍ମାନ ଭାରତ ଓଡ଼ିଶା ଓ ପଶ୍ଚିମବଙ୍ଗ ବ୍ୟତୀତ ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଛି। ଓଡ଼ିଶା ସରକାର ଆଗରୁ ନିଜସ୍ୱ ଖର୍ଚ୍ଚରେ ବିଏସ୍‌କେୱାଇକୁ କାର୍ଯ୍ୟକାରୀ କରିଆସୁଥିଲେ। ଏବେ ରାଜ୍ୟ କ୍ଷମତା ପରିବର୍ତ୍ତନର ସନ୍ଧିକ୍ଷଣରେ। ଗୋଟିଏ ସରକାର ଯାଇଛି ଓ ଆଉ ଗୋଟିଏ ସରକାର ଆସୁଛି। ନୂଆ ସରକାର ବିଏସ୍‌କେୱାଇ ନେଇ ବିଧିବଦ୍ଧ ନିଷ୍ପତ୍ତି ନେବା ଯାଏଁ ପୁରୁଣା ବ୍ୟବସ୍ଥା ସ୍ୱାଭାବିକ ଭାବେ ଚାଲିବ। ତେଣୁ ସର୍ବସାଧାରଣରେ ଏହାକୁ ନେଇ ଭ୍ରାନ୍ତି ଓ ସନ୍ଦେହ ରହିବା ଅନୁଚିତ। ●

# ସନ୍ଦେହଘେରରେ ଭାରତୀୟ ମସଲା!



ଡକ୍ଟର ଚିତ୍ତରଞ୍ଜନ ମିଶ୍ର
ଭୁବନେଶ୍ୱର, ମୋ: ୯୩୩୮୨୦୪୯୯୩

ଭାରତୀୟ ଜଡ଼ିବୁଟି ଓ ମସଲାରେ ମାତ୍ରାଧିକ କୀଟନାଶକ ମିଶୁଛି ବୋଲି କିଛିଦିନ ତଳେ ଏକ ଖବର ପ୍ରକାଶ ପାଇଥିଲା। ହଂକଂର ଖାଦ୍ୟ ନିୟନ୍ତ୍ରକ ସଂସ୍ଥା ଭାରତର ୨୪ ପ୍ରମୁଖ ମସଲା ଉତ୍ପାଦନକାରୀ କଂପାନୀର କେତେକ ଉତ୍ପାଦରେ କୀଟନାଶକ ଇଥିଲିନ୍ ଅକ୍ସାଇଡ୍ ଥିବା ଅଭିଯୋଗ ଆସିବା ପରେ ଭାରତରୁ ମସଲା ଆମଦାନୀକାରୀ ଅନ୍ୟ କେତେକ ଦେଶରେ ଏହି ପ୍ରସଙ୍ଗରେ ଚର୍ଚ୍ଚା ହୋଇଥିଲା। ବ୍ରିଟେନର ଖାଦ୍ୟ ତଦାରଖ ସଂସ୍ଥା ଭାରତରୁ ଆମଦାନୀ ହେଉଥିବା ସମସ୍ତ ମସଲାର ଯାଞ୍ଚ କଡ଼ାକଡ଼ି କରିଥିବା ବେଳେ ସିଙ୍ଗାପୁର ମଧ୍ୟ ଭାରତରେ ପ୍ରସ୍ତୁତ ହେଉଥିବା ଏକ ନିର୍ଦ୍ଦିଷ୍ଟ ମସଲାର ଆମଦାନୀ ଉପରେ କଟକଣା ଜାରି କରିଥିଲା। ନ୍ୟୁଜିଲ୍ୟାଣ୍ଡ, ଆମେରିକା ଓ ଅଷ୍ଟ୍ରେଲିଆ ତତ୍କାଳ ଏ ସମ୍ପର୍କରେ କୌଣସି ପଦକ୍ଷେପ ନେଇ ନଥିଲେ ମଧ୍ୟ ଭାରତର ନିର୍ଦ୍ଦିଷ୍ଟ ଦୁଇଟି ବ୍ରାଣ୍ଡର ମସଲାର ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିବା କୁହାଯାଉଛି। ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼ ମସଲା ଉତ୍ପାଦନକାରୀ ଓ ରପ୍ତାନିକାରୀ ରାଷ୍ଟ୍ର। ମସଲାରେ ଇଥିଲିନ ଅକ୍ସାଇଡର ବ୍ୟବହାର ପାଇଁ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ସୀମା ଥାଏ। ତେଣୁ ଇଥିଲିନ ଅକ୍ସାଇଡ ପରୀକ୍ଷଣ ପାଇଁ ଭାରତ ମଧ୍ୟ ଚୂଡ଼ାନ୍ତ ମାନଦଣ୍ଡ ପାଇଁ ପ୍ରସ୍ତାବ ଦେଇଛି।

ପ୍ୟାକିଂ ହୋଇଥିବା ମସଲାମାନଙ୍କରେ ଇଥିଲିନ ଅକ୍ସାଇଡ ଅତ୍ୟନ୍ତ ଭୟାବହ ବୋଲି ଆଲୋଚନା ହୋଇଥାଏ। କିନ୍ତୁ ବିଜ୍ଞାନର ଏକ ଅଧିକ ସୂକ୍ଷ୍ମାନ୍ତର ଦୃଷ୍ଟିକୋଣ ରହିଛି। ଇଥିଲିନ ଅକ୍ସାଇଡକୁ ପ୍ରଶ୍ୱାସରେ ଗ୍ରହଣ କଲେ ତାହା ଶରୀର ପାଇଁ ହାନିକାରକ ହୋଇଥାଏ, କିନ୍ତୁ ଖାଦ୍ୟପଦାର୍ଥମାନଙ୍କରେ ଏହାର କ୍ଷୁଦ୍ର ପରିଶିଷ୍ଟ ଏତେ ମାତ୍ରାରେ ଖରାପ ନୁହେଁ। ଏବେ କିନ୍ତୁ ଇଥିଲିନ ଅକ୍ସାଇଡ ବୈଶ୍ୱିକ ବାଣିଜ୍ୟିକ ଯୁଦ୍ଧର କେନ୍ଦ୍ରସ୍ଥଳୀ ପାଲଟି ଯାଇଛି। ଏହାର କାରଣ ହେଲା ଖାଦ୍ୟ ଓ ମସଲାରେ ଇଥିଲିନ ଅକ୍ସାଇଡର ଉପସ୍ଥିତି ପାଇଁ କୌଣସି ଆନ୍ତର୍ଜାତିକ ମାନକ ନିର୍ଦ୍ଧାରିତ ହୋଇ ନାହିଁ। ବୈଶ୍ୱିକ ଖାଦ୍ୟ କୋଡିଂ ସଂସ୍ଥା(କୋଡେକ୍ସ) ଖାଦ୍ୟ ଓ ମସଲାରେ ଇଥିଲିନ ଅକ୍ସାଇଡର ଉପସ୍ଥିତିକୁ ମୂଲ୍ୟାଙ୍କନ କରି ଏକ ବିଶ୍ୱ ମାନକ ସ୍ଥିରିକୃତ କରିବା ପାଇଁ ୨୦୨୩ ମସିହାରେ ଇଣ୍ଡୋନେସିଆ, କେନିଆ, ମେକ୍ସିକୋ, ନ୍ୟୁଜିଲାଣ୍ଡ ଓ ପେରୁ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିକଟରେ ପ୍ରସ୍ତାବ ରଖିଥିଲେ।

ଭାରତବର୍ଷରେ ଖାଦ୍ୟ ନିରାପତ୍ତା ନିୟମାବଳୀ ଅନୁଯାୟୀ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ, ଖାଦ୍ୟଶସ୍ୟ, ଡାଲିଜାତୀୟ ଶସ୍ୟ, ପନିପରିବା ଓ ଫଳ, ମାଛ, ସାମୁଦ୍ରିକ ଖାଦ୍ୟ, ମାଂସ ଇତ୍ୟାଦି ଖାଦ୍ୟ ଦ୍ରବ୍ୟରେ ବିଷାକ୍ତ ପଦାର୍ଥର ଉପସ୍ଥିତି ବିପକ୍ଷରେ ପରୀକ୍ଷା ନିରୀକ୍ଷା କରାଯାଇଥାଏ। କିନ୍ତୁ ଏହାର ସର୍ବାଧିକ ଅବଶେଷ ସୀମା ନିର୍ଦ୍ଧାରିତ ହୋଇନଥାଏ। ଭାରତୀୟ କୃଷି ଗବେଷଣା ପରିଷଦର ବରିଷ୍ଠ ବୈଜ୍ଞାନିକ ଡ. କୌଶିକ ବାନାର୍ଜିଙ୍କ କହିବା ଅନୁଯାୟୀ, ମାନ୍ୟତା ପ୍ରାପ୍ତ ପ୍ରମାଣପତ୍ର ପ୍ରଦାନକାରୀ ସଂସ୍ଥା ଆପେଡ଼ା ଓ ଏଫଏସଏସଏଆଇ ନେଟୱାର୍କ ଅନ୍ତର୍ଗତ ବିଜ୍ଞାନାଗାରଗୁଡ଼ିକ ନିୟମିତ ଖାଦ୍ୟ ପ୍ରଦୂଷକ, ବିଷାକ୍ତ ଉପାଦାନ, କୀଟନାଶକର ଅବଶେଷ, ଭାରୀ ଧାତୁ ଆଦିକୁ ପରୀକ୍ଷଣ କରି ଆସୁଛନ୍ତି। ୨୦୨୨ ମସିହାରେ ୟୁରୋପୀୟ ସଂଘର ଚେତାବନୀ ପରେ ଏଫଏସଏସଏଆଇ କହିଥିଲା ଯେ, ଯେପର୍ଯ୍ୟନ୍ତ ମସଲାରେ କ୍ଷତିକାରକ ଅବଶେଷକୁ ନେଇ ଭାରତ ନିଜର ସର୍ବାଧିକ ଅବଶେଷ ସୀମା (ଏମଆରଏଲ) ପ୍ରସ୍ତୁତ କରିନାହିଁ ସେ ପର୍ଯ୍ୟନ୍ତ ଇଥିଲିନ ଅକ୍ସାଇଡର ପରୀକ୍ଷଣମାନ ଜାପାନ ଓ ଅନ୍ୟ ରାଷ୍ଟ୍ରମାନଙ୍କ ପରି କିଲୋଗ୍ରାମ ପିଛା ୦.୦୧ ମିଲିଗ୍ରାମ ରହିବ।



ଇଥିଲିନ ଅକ୍ସାଇଡ ହେଉଛି ଏକ ମୌଳିକ ରସାୟନ। ଏହା ପ୍ଲାଷ୍ଟିକ୍, ଔଷଧ, ଲୁଗାଧୂଆ ପାଉଡ଼ର, ଅଠା ଆଦିର ମୂଳ ପଦାର୍ଥ ଅଟେ। ଦଶନ୍ଧି ଦଶନ୍ଧି ଧରି ଏହା ଶିଳ୍ପ କ୍ଷେତ୍ରରେ ବ୍ୟବହାର ହୋଇ ଆସୁଅଛି। ଭେଷଜ ଯନ୍ତ୍ରପାତିର ଷ୍ଟେରିଲାଇଜେସନ୍ କ୍ଷେତ୍ରରେ ଇଥିଲିନ ଅକ୍ସାଇଡର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇଥିଲିନ ଅକ୍ସାଇଡ ଗ୍ୟାସ ଚିକିତ୍ସା ଉପକରଣର କୋଣଅନୁକୋଣରେ ପ୍ରବେଶ କରି ମାଇକ୍ରୋ-ଅର୍ଗାନିଜମ୍ ବା ଅଣୁଜୀବମାନଙ୍କୁ ନଷ୍ଟ କରିଦେଇଥାଏ। ଠିକ୍ ସେହିପରି ମସଲାପାତିକୁ ଇଥିଲିନ ଅକ୍ସାଇଡର ଧୂପ, ଧୂଆଁ ଦେଇ ଷ୍ଟେରିଲାଇଜ କରି ସୁବାସିତ କରାଯାଇଥାଏ, ଯଦ୍ୱାରା ମସଲା ଓ ଜଡ଼ିବୁଟି ଆଦି ବହୁକାଳ ଧରି ସଂରକ୍ଷିତ ହୋଇ ରହିପାରିବ। ଏହାଦ୍ୱାରା ମସଲାରେ ଜୀବାଣୁ ଓ ସୂକ୍ଷ୍ମଜୀବୀୟ ପ୍ରଭାବକୁ ହ୍ରାସ କରାଯାଇଥାଏ। ଇଥିଲିନ ଅକ୍ସାଇଡ ରୋଗ ସୃଷ୍ଟିକାରୀ ମାଇକ୍ରୋ-ଅର୍ଗାନିଜମ୍ ବା ଅଣୁଜୀବ 'ସାଲ୍‌ମୋନେଲା'କୁ ଧ୍ୱଂସ କରିଦେବାରେ ପ୍ରଭୂତ କ୍ଷମତା ରଖିଛି, ଯାହାକି ବିଜ୍ଞାନସମ୍ମତ ଭାବେ ପରୀକ୍ଷିତ ହୋଇସାରିଛି।

୨୦୨୪ ଏପ୍ରିଲ ୧୮ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ପର୍ଯ୍ୟାବରଣ ସଂରକ୍ଷଣ ସଂସ୍ଥା କର୍କଟ ରୋଗ ସୃଷ୍ଟିକାରୀ ରାସାୟନିକ ପଦାର୍ଥଗୁଡ଼ିକର ନୂଆ ମାନକ ସ୍ଥିରୀକୃତ କରିଛି। ଏହି ନିର୍ଦ୍ଧାରିତ ନିୟମ ଅନୁଯାୟୀ ତାଲିକାରେ ଇଥିଲିନ୍ ଅକ୍ସାଇଡ୍ ମଧ୍ୟ ସାମିଲ୍ ଅଛି। ଇଣ୍ଟରନ୍ୟାଶ୍‌ନାଲ୍ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନସର ପକ୍ଷରୁ ଇଥିଲିନ୍ ଅକ୍ସାଇଡକୁ କର୍କଟ ସୃଷ୍ଟିକାରୀ ବୋଲି କୁହାଯାଇଛି। ଆମେରିକାର ପର୍ଯ୍ୟାବରଣ ସଂରକ୍ଷଣ ସଂସ୍ଥା ମଧ୍ୟ ଇଥିଲିନ୍ ଅକ୍ସାଇଡ ବିଷୟରେ ସମାନ ମତ ପୋଷଣ କରିଛି। ଏହାର ମାତ୍ରାଧିକ ବ୍ୟବହାର ସ୍ତନ କର୍କଟ ଓ ଲିମ୍ଫୋମା ସୃଷ୍ଟି କରିଥାଏ। ଇଥିଲିନ୍ ଅକ୍ସାଇଡ୍ ଆମର ଡିଏନଏକୁ ନଷ୍ଟ କରିବାର କ୍ଷମତା ରଖିଥାଏ। ନ୍ୟୁୟର୍କ ସ୍ଥିତ ପ୍ରୋ-ପବ୍ଲିକାର ଗବେଷଣା ଅନୁଯାୟୀ ସମଗ୍ର ଆମେରିକାରେ ବାୟୁ ପ୍ରଦୂଷଣ ମାଧ୍ୟମରେ ଶିଳ୍ପବର୍ଜ୍ୟ ଜନିତ କର୍କଟ ସୃଷ୍ଟିକାରୀ ବିପଦରେ ଇଥିଲିନ୍ ଅକ୍ସାଇଡ ଏକକ ବୃହତ୍ତମ ଯୋଗଦାନକାରୀ।

ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନର ଜୈବରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଏସ୍.ଚନ୍ଦ୍ରଶେଖରନ କୁହନ୍ତି ଯେ ଇଥିଲିନ ଅକ୍ସାଇଡକୁ ପ୍ରଶ୍ୱାସରେ ଗ୍ରହଣ କଲେ ତାହା ଅଧିକ ଭୟାବହ ହୋଇଥାଏ। ବିଭିନ୍ନ କଳକାରଖାନା ଓ ଶିଳ୍ପସଂସ୍ଥାମାନଙ୍କରେ, ଯେଉଁଠାରେ କି ଇଥିଲିନ ଅକ୍ସାଇଡକୁ ବହୁଳ ପରିମାଣରେ ଧୂଆଁ ଭାବେ ବ୍ୟବହାର କରାଯାଇଥାଏ କିମ୍ବା କଞ୍ଚାମାଲ ଭାବେ ବ୍ୟବହାର କରାଯାଇଥାଏ, ସେଠାରେ ଇଥିଲିନ୍ ଅକ୍ସାଇଡର ପାର୍ଶ୍ୱପ୍ରତିକ୍ରିୟା ଅଧିକ ଗମ୍ଭୀର ହୋଇଥାଏ। ପ୍ରଫେସର ଚନ୍ଦ୍ରଶେଖରନ୍‌ଙ୍କ ମତରେ ମସଲାମାନଙ୍କରେ ଅବଶେଷ ହିସାବରେ ଇଥିଲିନ ଅକ୍ସାଇଡର ବ୍ୟବହାର ଅତ୍ୟନ୍ତ ସ୍ୱଳ୍ପ ହୋଇଥିବା କାରଣରୁ ଏହା ସେତେଟା ମାରତ୍ମକ ହୋଇନଥାଏ। ଅତଏବ ସଂକ୍ଷେପରେ ଏହା କୁହାଯାଇପାରେ ଯେ ମସଲାରେ ଇଥିଲିନ ଅକ୍ସାଇଡର ଅବଶେଷର ଉପସ୍ଥିତି ଯେ କର୍କଟ ସୃଷ୍ଟିକାରୀ ଏହାର ସମ୍ଭାବନା ବହୁତ କମ୍।

ଅପରପକ୍ଷରେ ଆମଦାନୀ ହେଉଥିବା କୌଣସି ଖାଦ୍ୟ ପଦାର୍ଥରେ ଇଥିଲିନ ଅକ୍ସାଇଡ ଆଦୌ ରହିପାରିବ ନାହିଁ ବୋଲି ୟୁରୋପୀୟ ସଂଘ ନିଷେଧାଜ୍ଞା ଜାରି କରିଛି। ଆମେରିକା ଓ କାନାଡ଼ାରେ ଇଥିଲିନ ଅକ୍ସାଇଡର ସର୍ବାଧିକ ଅବଶେଷ ସୀମା ନାନାବିଧ ସତେଜ ଖାଦ୍ୟ ପଦାର୍ଥମାନଙ୍କରେ କିଲୋଗ୍ରାମ ପିଛା ୭ ମିଲିଗ୍ରାମ ହୋଇଥାଏ। ୱାଲନଟ କ୍ଷେତ୍ରରେ ଏହା କିଲୋଗ୍ରାମ ପିଛା ୫୦ ମିଲିଗ୍ରାମ। ଦକ୍ଷିଣ କୋରିଆ ଓ ଜାପାନରେ ଖାଦ୍ୟ ପଦାର୍ଥମାନଙ୍କରେ ଇଥିଲିନ ଅକ୍ସାଇଡର ସର୍ବାଧିକ ଅବଶେଷ ସୀମା ହେଲା କିଲୋଗ୍ରାମ ପିଛା ୦.୦୧ ମିଲିଗ୍ରାମ। ସିଙ୍ଗାପୁର ସରକାର ସମସ୍ତ ମସଲାରେ ଇଥିଲିନ ଅକ୍ସାଇଡର ବ୍ୟବହାରର ସୀମାକୁ କିଲୋଗ୍ରାମ ପିଛା ୫୦ ମିଲିଗ୍ରାମ ପର୍ଯ୍ୟନ୍ତ ସୀମିତ ରଖିବାକୁ ଧାର୍ଯ୍ୟ କରିଛନ୍ତି।

ଭାରତବର୍ଷରେ ସମ୍ପ୍ରତି ବିଭିନ୍ନ ମସଲାରେ ଥିବା ଅଦରକାରୀ ଅବଶେଷ ପଦାର୍ଥଗୁଡ଼ିକୁ ସଠିକ୍ ଭାବେ ଆକଳନ କରିବା ପାଇଁ ବିଶ୍ଳେଷଣ ପଦ୍ଧତିର ଚିହ୍ନଟ ପ୍ରକ୍ରିୟା ଦ୍ରୁତ ଗତିରେ ଜାରି ରହିଛି। ଏହି ଗବେଷଣା ସମ୍ପୂର୍ଣ୍ଣ ହେଲେ ଖାଦ୍ୟ ପଦାର୍ଥରେ କୀଟନାଶକ ଉପାଦାନମାନଙ୍କର ସର୍ବାଧିକ ଅବଶେଷ ସୀମା ନିର୍ଦ୍ଧାରଣ କରାଯାଇ ପାରିବ। କୌଶିକ ବାନାର୍ଜୀଙ୍କ ମତରେ ଭାରତୀୟ ବିଜ୍ଞାନାଗାରଗୁଡ଼ିକର କ୍ଷମତା ଖାଦ୍ୟ ପଦାର୍ଥରେ କୀଟନାଶକ ପଦାର୍ଥର ଅବଶେଷ, ଅନ୍ୟ ବିଷାକ୍ତ ପଦାର୍ଥ ଓ ଭାରୀ ଧାତୁମାନଙ୍କର ଉପସ୍ଥିତିତ ବିଶ୍ଳେଷଣ କରିବା କ୍ଷେତ୍ରରେ ସନ୍ତୋଷଜନକ ହୋଇଥିଲେ ମଧ୍ୟ ଅନ୍ୟ ପ୍ରଦୂଷକ ଚିହ୍ନଟ କରିବାରେ ଦୁର୍ବଳ। ବିଶ୍ଳେଷଣାତ୍ମକ ପଦ୍ଧତିର ଅଭାବ ଏହାର ପ୍ରମୁଖ କାରଣ। ●

# 'ସବ୍‌ଜାନ୍‌ତା'ରୁ ହୀନସ୍ତା!



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

ଭାଣିଜୀ ନିଜ ତିନି/ଚାରି ବର୍ଷର ପୁଅଟି ସହିତ ଆସିଥିଲେ। ଦୁଇଦିନରହି ସେ ଯେତେବେଳେ ନିଜ ଶାଶୂ ଘରକୁ ଯିବାକୁ ବାହାରିଲେ, ତାଙ୍କ କୁନି ପୁଅଟି ଯିବାକୁ ଅମଙ୍ଗ ହେଲା। 'ସ୍କୁଲ ଖୋଲି ଗଲେ ମିସ୍ ଗାଳି ଦେବେ' କହି ସେ, ତାକୁ ଡରେଇ ଧମକେଇ ସାର୍ଟ ପ୍ୟାଣ୍ଟ ପିନ୍ଧାଇ ଦେଲେ। ଟିକି ପୁଅଟି ତାଙ୍କର କାନ୍ଦି କାନ୍ଦି କହୁଥାଏ, 'ମତେ ଏଠାରୁ ଯିବାକୁ ଜମା ଇଚ୍ଛା ନାହିଁ କାହିଁକି ମତେ ଜବରଦସ୍ତି କରୁଛ? ଅତି ଶିକ୍ଷିତ୍ ମାଧୁରୀ ଦୀକ୍ଷିତ୍ ବନୁଛ..?' ତା' କଥା ଶୁଣି ମୁଁ ହସିଦେଲି ଓ ପଚାରିଲି ଏହାର ଅର୍ଥ କ'ଣ? ଭାଣିଜୀ କହିଲେ, 'ମୁଁ ତ କଲେଜ ପଳେଇ ଯାଉଚି, ସେ ସାଇ ପିଲାଙ୍କ ସହିତ ମିଶି ଏଇ ସବୁ କଥା ଶିଖୁଛି।'

ଗାଁ ଗହଳିରେ ଏଇପରି କଥାଗୁଡ଼ିଏ ଆମେ ଶୁଣିବାକୁ ପାଇଥାଉ, ଯେଉଁଠି ଗଭୀର ଅର୍ଥ ଥିବା କଥାଟିଏକୁ ଖୁବ୍ ସହଜ ଓ ସରଳ ଢଙ୍ଗରେ କୁହାଯାଇ ଥାଏ। ତେବେ ଟିକି ପୁଅଟିର ଏହି କଥାଟି ମତେ ଖୁବ୍ ରୋଚକ ମନେହେଲା। ଊଣାଅଧିକେ ଆମେ ସମସ୍ତେ ନିଜକୁ ସବଜାନତା ମନେ କରୁ। ନିଜକୁ ଅତି ଶିକ୍ଷିତ ଦେଖାଇବାକୁ ଯାଇ ଭୁବନେଶ୍ୱରରୁ ଆରମ୍ଭ କରି ଭୁବନେଶ୍ୱରୀଙ୍କ ପର୍ଯ୍ୟନ୍ତ ସବୁ କଥାରେ ନିଜ ପାଣ୍ଡିତ୍ୟ ଦେଖାଉ। ଆଉ ଯଦି ଭୁଲରେ କାହା ପାଟିରୁ ତାରୋଗ ବାଗର କଥା ବାହାରି ଯାଏ ତେବେ ତ କଥା ସରିଲା। ସଙ୍ଗେ ସଙ୍ଗେ ଆମେ ସମସ୍ତେ ଡାକ୍ତରୀ ନ ପଢ଼ି ବି ନିଜକୁ ଡାକ୍ତରଙ୍କ ଡାକ୍ତର ଭାବେ ପ୍ରମାଣ କରିବାକୁ ପ୍ରତିଯୋଗିତା ଆରମ୍ଭ କରିଦେଉ। ଜାଣିଥିବା ତୁଟୁକା ତୁଟୁକିଠାରୁ ଘୋଷି ଥିବା ସମସ୍ତ ଔଷଧର ନାମଗୁଡ଼ିକୁ କହି ନିଜର ଜ୍ଞାନର ପେଡ଼ି ଖୋଲି ଦେଉ। କେବଳ ସେତିକି ନୁହେଁ, ଆପଣ ବାସ୍ତୁବିଜ୍ଞାନ ଉପରେ କୁହନ୍ତୁ ଅବା ରାଜନୀତି, ଧର୍ମ କୁହନ୍ତୁ ଅବା ସିନେମା, ଏପରି କୌଣସି କ୍ଷେତ୍ର ନାହିଁ, ଯାହା ଉପରେ ଆମେ ଭାରତୀୟମାନେ କହି ପାରିବୁ ନାହିଁ। ଆଉ ଅଯାଚିତ ଉପଦେଶ ଦେବା ପାଇଁ ସପ୍ତାହର ସାତ ବାର ଓ ଚବିଶ ଘଣ୍ଟା ଯାକ ଆମେ ନିଜକୁ ରଖିଥାଉ ପ୍ରସ୍ତୁତ। ଯଦିଓ ସେ ଉପଦେଶ, ଆମେ ନିଜର କୌଣସି କାମରେ ଲଗାଉନା କିମ୍ବା ଆପଣ ଆମ ଉପଦେଶ ଦରକାର କରୁଛନ୍ତି ବା ନ କରୁଛନ୍ତି ତାହା ମଧ୍ୟ ଆମେ ଜାଣିବାକୁ ଇଚ୍ଛା କରୁନା।

କଥାରେ ଅଛି ଅତି ପଣ୍ଡିତରେ ବାଇ, ମୂରୁଖ ବୋଲାଉ ଥାଇ। ଅତି ଚାଲାକିଆ ହୋଇ କାଉ କ'ଣ କରେ! ଅତି ଗର୍ବ କରିବା କାରଣରୁ କୌରବମାନଙ୍କର ହେଲା କ'ଣ! ତେଣୁ ଅତିକୁ ସବୁବେଳେ ବର୍ଜନ କରିବାକୁ ପୁରୁଖା ଲୋକେ ଚେତେଇ ଦେଇଛନ୍ତି। ଅର୍ଥାତ୍ ନିଜ ସୀମା ବିଷୟରେ ସଚେତନ ହେବା ପାଇଁ କରିଦେଇଛନ୍ତି ତାଗିଦ୍। ଈଶ୍ୱର ତାଙ୍କ ସୃଷ୍ଟିରେ ସମସ୍ତଙ୍କୁ କିଛିଟା ସ୍ୱତନ୍ତ୍ରତା ଦେଇ ଗଢ଼ି ତୋଳିଛନ୍ତି ଅନନ୍ୟ କରି। କେହି ସମ୍ପୂର୍ଣ୍ଣ ବିଜ୍ଞ ନୁହେଁ, ନୁହେଁ କେହି ସମ୍ପୂର୍ଣ୍ଣ ଅଜ୍ଞ। ସେତିକି କଥା ବୁଝିଗଲେ ହେଲା। ମୋ ନିକଟରେ ଯେଉଁ ବିଦ୍ୟା ଅଛି ତାହା ଅନ୍ୟ ନିକଟରେ ନାହିଁ ବୋଲି ମୁଁ ତାକୁ ହେୟଜ୍ଞାନ କରି ପାରିବି ନାହିଁ।



ଗୁରୁକୁଳରେ ସଦ୍ୟ ବିଦ୍ୟା ସମାପ୍ତ କରି ଗାଁକୁ ଫେରିଥାଏ ଯୁବକଟିଏ। ଗୁରୁକୁଳରେ ଥିବା ସମସ୍ତ ବିଦ୍ୟାର୍ଥୀଙ୍କ ଭିତରେ ନିଜକୁ ପ୍ରଥମ ବୋଲି ପ୍ରମାଣିତ କଲା ପରେ ମନରେ ତା'ର ଖୁବ୍ ଗର୍ବ ନିଜ ପାଣ୍ଡିତ୍ୟକୁ ନେଇ। ତା' ହିସାବରେ ତା'ପରି ପଣ୍ଡିତ ଏ ବିଶ୍ୱରେ ବିରଳ। ତେଣୁ ସେ ରାସ୍ତାରେ ଯାହାକୁ ଦେଖୁଥାଏ ତା'କୁ ମୋଟା ମୋଟା ସଂସ୍କୃତ ଭାଷାରେ ପ୍ରଶ୍ନ ପଚାରି କରୁଥାଏ ହତଚକିତ। ଲୋକେ ବି ତା' ପ୍ରଶ୍ନ ବୁଝି ନ ପାରି ନିଜ ଅଜ୍ଞତା ପ୍ରକାଶ କରୁ ଥିବାରୁ ସେ ହେଉଥାଏ ଆମୋଦିତ ତଥା ଉତ୍ସାହିତ। ଛାତି ତା'ର ଗର୍ବରେ ଫୁଲି ଉଠୁଥାଏ। ଏହିପରି କେତେ ଗାଈଆଳ ପିଲା, କାଠ କଟାଳି, ଚଢ଼େଇଆ ଆଦିଙ୍କୁ ଭେଟି ସେ ଆସି ପହଞ୍ଚିଲା ନଦୀ କୂଳରେ। ନଦୀ ପାର ହୋଇ ସେ ଗାଁକୁ ଯିବ। ନଦୀରେ ଆସିଥାଏ ବନ୍ୟା ଜଳ। ନୌକା ବାହୁଥିବା ନାଉରୀ ପିଲାଟି ନଦୀର ପ୍ରଖର ସୁଅରେ ନୌକା ବାହିବାକୁ ଅମଙ୍ଗ ହେବାରୁ ଗୁରୁକୁଳରୁ ଲେଉଟି ଥିବା ଯୁବକଟି ତା'କୁ କହିଲା, 'ତୁ ଜାଣିଛୁ, ତୋର୍ କେତେ ବଡ଼ ଭାଗ୍ୟ। ମୋ ପରି ଜଣେ ବିଦ୍ୱାନକୁ ତୋ ନୌକାରେ ବସାଇଲେ ତୋ ଜୀବନ ଧନ୍ୟ ହୋଇଯିବ।' ଏହା କହି ନିଜ ପାଣ୍ଡିତ୍ୟ ପ୍ରଦର୍ଶନ କରିବା ନିମନ୍ତେ କେତୋଟି ଶ୍ଳୋକ ଆବୃତ୍ତି କଲା। ନାଉରୀ ପିଲାଟି ଅଗତ୍ୟା ବାଧ୍ୟ ହୋଇ ନୌକା ଫିଟାଇଲା। ଯୁବକଟିର ତ ନିଶା ଲାଗିଛି। ତହୁଁ ସେ ଆରମ୍ଭ କଲା, 'ଆରେ ନାଉରୀ ଟୋକା, ତୁ ଗଣିତ ତ ପଢ଼ିଥିବୁ ନିଶ୍ଚୟ। ମୋର ଗୋଟିଏ ଅତି ସାଧାରଣ ପ୍ରଶ୍ନର ଉତ୍ତର ଦେ ତ ଦେଖି।' ନାଉରିଆ କାକୁତି ମିନତି ହୋଇ କହିଲା, 'ବାବୁ ମୁଁ କିଏ ଆଉ ଗଣିତ କିଏ। ଦିନେ ନୌକା ନ ଚଳାଇଲେ ଆମ ପେଟ ଉପାସ।' ଯୁବକ ହସି ଦେଇ କହିଲା, 'ଆଚ୍ଛା ସାହିତ୍ୟ ପଢ଼ିଥିବୁ ବୋଧେ।' 'ନା ଆଜ୍ଞା।' - ଉତ୍ତର ଦେଲା ନାଉରିଆ। ଯୁବକ ପୁଣି ପ୍ରଶ୍ନ କଲା - 'ତେବେ ଇତିହାସ ଭୂଗୋଳ?' ନାଉରିଆ କହିଲା, 'ନା ନା... ଏସବୁ ଶବ୍ଦ ତ ମୁଁ ପ୍ରଥମ କରି ଶୁଣିଲି ଆପଣଙ୍କ ମୁଖରୁ।' ହସି ଦେଲା ଯୁବକ ତାଚ୍ଛଲ୍ୟ କରି। 'ବୁଝିଲୁ, ତୋ ଜୀବନଟା ବୃଥା ହୋଇଗଲା। ଅବଶ୍ୟ ଏପରି ବିଦ୍ୟା ବୁଦ୍ଧି ସମସ୍ତଙ୍କୁ ମିଳି ନଥାଏ। ଏଥିପାଇଁ ଖୁବ୍ ମାନସିକ କସରତ ବି କରିବାକୁ ହୋଇଥାଏ। ହେଉ ତୁ ମତେ ନଦୀ ପାର କରେଇ ଦେ। ମୁଁ ତା' ବଦଳରେ ତତେ କେତୋଟି ଶ୍ଳୋକ ଉଚ୍ଚାରଣ କରି ଶୁଣାଇବି।' - ଏହା କହି ଯୁବକ ଶ୍ଳୋକ ଉଚ୍ଚାରଣ ଆରମ୍ଭ କରିଛି, ନୌକା ପଡ଼ିଲା ଗୋଟିଏ ଭଉଁରୀରେ। ଘିରିଘିରି କରି ନୌକା ବୁଲିବାରେ ଲାଗିଲା। ଯୁବକ ଶ୍ଳୋକ ବନ୍ଦ କରି କହିଲା, 'ଆରେ ବାଳକ ଇଏ କ'ଣ?' ନାଉରିଆ ଉତ୍ତର ଦେଲା, 'ଆଜ୍ଞା ଯାକୁ ଭଉଁରୀ କୁହାଯାଏ। ତେବେ ବାବୁ, ଆପଣ ସନ୍ତରଣ ଜାଣିଥିବେ ବୋଧେ।' ଯୁବକ ଡରି ଡରି କହିଲା, 'ନା ନା ମତେ ସନ୍ତରଣ ଆସେନି।' ନାଉରୀ କହିଲା, 'ଆଜ୍ଞା ଆପଣ ଯେଉଁ ବିଦ୍ୟାଗୁଡ଼ିକ ଶିଖିଛନ୍ତି ତାହା କ'ଣ ଆପଣଙ୍କୁ ଏ ବିପଦ ବେଳେ ସାହାଯ୍ୟ କରିବ ନାହିଁ? ତେବେ ତ ଆପଣଙ୍କ ଜୀବନ ବୃଥାରେ ଚାଲିଯିବ।' ଅବଶ୍ୟ ଦରଦୀ ନାଉରିଆଟି ପଣ୍ଡିତଙ୍କୁ କୂଳକୁ ଆଣିଥିଲା ଖୁବ୍ ସାବଧାନତା ଅବଲମ୍ବନ କରି। ତେଣୁ ଶିକ୍ଷିତ ହେବା ଓ ନିଜ ଉପସ୍ଥିତ ବୁଦ୍ଧି ଓ ସାଧାରଣ ଜ୍ଞାନ ବଳରେ ଶିକ୍ଷାକୁ କାର୍ଯ୍ୟରେ ଲଗାଇବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା।

ତେବେ ଆମର ଏଠି ଅତି ଶିକ୍ଷିତମାନେ ନିଜକୁ ମାଧୁରୀ ଦୀକ୍ଷିତ୍ ମାନନ୍ତୁ ବା ନ ମାନନ୍ତୁ ମାଧୁରୀ ଦୀକ୍ଷିତ୍‌ମାନେ କିନ୍ତୁ ଅତି ଶିକ୍ଷିତ ବୋଲି ଆମେ ଦୃଢ଼ ବିଶ୍ୱାସ କରୁ। ତେଣୁ ଗଳଦ୍‌ଘର୍ମ ହୋଇ ଡାକ୍ତରୀ ପଢ଼ିଥିବା ଡାକ୍ତରଙ୍କୁ ହେୟଜ୍ଞାନ କରି ମାଧୁରୀ ବତାଇ ଥିବା ମଲମ ଓ ତେଲ ବ୍ୟବହାର କରିବା ପାଇଁ ଆମେ ହେଉ ଆଗଭର। ଜୁହି ଚାୱଲା, ନିଜ ଲଣ୍ଡା ମୁଣ୍ଡିଆ ସ୍ୱାମୀଙ୍କ ମୁଣ୍ଡରେ କେଶ କଅଁଳେଇବାକୁ ପ୍ରଯତ୍ନ ନକରି ଆମ ମୁଣ୍ଡରୁ କେଶ ଝଡୁ ଥିବା ଯୋଗୁଁ ଦରଦୀ ହୋଇ ଯେଉଁ କେଶତୈଳ ବ୍ୟବହାର କରିବାକୁ କୁହନ୍ତି, ଡାଲି ଚାଉଳରୁ କାଟି ସେହି ତେଲ ଆଣିବା ପାଇଁ ଆମକୁ ତର ସହେନା। ଅଜୟ ଦେବଗନ ପାନ ମସଲା ଖାଇ ବଡ଼ ବଡ଼ ଗାଡ଼ିର ଗତିରୋଧ କରି ଦେଇ ପାରନ୍ତି, କିନ୍ତୁ ତାଙ୍କୁ ଦେଖି ଆମେ ପାନ ମସଲା ଖାଇଲେ ବି ସାମାନ୍ୟ କ୍ୟାନସରକୁ ବି ଟାଳି ଦେଇ ପାରୁନା। ମନୋଜ ଦାସ ବା ଅମୃତା ପ୍ରୀତମ କେଉଁ କଲମରେ ଲେଖନ୍ତି ତା' ଜାଣିବାକୁ ଆମେ ଯେତିକି ଆଗ୍ରହୀ ନୋହୁଁ, ଅମିତାଭ ବଚ୍ଚନ ଯେଉଁ କଲମର କଥା କହନ୍ତି ତା' କିଣିବାକୁ ଆମେ ସେତିକି ଉତ୍ସାହ ଦେଖାଉ। ଆମେ ଏତେ ଭାବ ଭୋଳା ଯେ ଡାକ୍ତର୍ ପୋଷାକରେ ଥିବା ଅଭିନେତାଟି ମାଟ୍ରିକ୍ ପାସ କରିଛି କି ନାହିଁ ସେ ବିଷୟରେ ବି ମୁଣ୍ଡ ଖେଳାଇ ନଥାଉ।

ହଁ ଆଜ୍ଞା, ଆମର ଏଠି ଭଲ ଲେଖକଙ୍କୁ ଡାକିବାକୁ ହେଲେ ଆୟୋଜକମାନେ ନିଜ ପକେଟ ଖାଲି କରିବା ସହିତ ଏଠି ସେଠି ହାତ ପତାନ୍ତି। ହେଲେ ଛୋଟ ମୋଟ ଅଭିନେତାଟିଏ ଆସିଲେ ବି ଚଢ଼ା ଦରରେ ଟିକେଟ ବ୍ଲାକ୍ କରି ଆୟୋଜକଙ୍କ ସୁଧ ମୂଳ ଆଦାୟ କରିବା ସହିତ ଦଶବର୍ଷ ପାଇଁ ସଞ୍ଚୟ ବି କରି ଦେଇଥା'ନ୍ତି। ତେଣୁ ମାଧୁରୀ ଦୀକ୍ଷିତ୍‌ମାନେ ନିଜକୁ ଅତିଶିକ୍ଷିତ ଭାବିବାରେ ଭୁଲ ରହିଲା କେଉଁଠି? ହଉ ହଉ ହେଲା। ମାଧୁରୀ ନିଜକୁ ଅତି ଶିକ୍ଷିତ ଭାବନ୍ତୁ ବା ନ ଭାବନ୍ତୁ ଆପଣ କିନ୍ତୁ ନିଜକୁ ଅତିଶିକ୍ଷିତ ଭାବିବେ ନାହିଁ ବୋଲି ଆମେ ଚେତେଇ ଦେଉଛୁ। ନ ହେଲେ ଭଉଁରୀରେ ପଡ଼ି ଘିରିଘିରି ହୋଇ ବୁଲିବାଟି ହେବ ସାର। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ପୁରୀ ବାଣ ବିସ୍ଫୋରଣ ଘଟଣା**

## ଫ୍ରିଜରରେ ସଂରକ୍ଷିତ ଦିବ୍ୟରଞ୍ଜନଙ୍କ ମୃତଦେହ

# ହରଡ଼ଘଣାରେ ଏସ୍‌ସିବି କର୍ତ୍ତୃପକ୍ଷ

**କଟକ, ୬।୬(ସମିସ):** ପୁରୀ ବାଣ ବିସ୍ଫୋରଣ ଘଟଣାରେ ପ୍ରାଣ ହରାଇଥିବା ଦିବ୍ୟରଞ୍ଜନ ସାହୁଙ୍କ ମୃତଦେହ ଏସ୍‌ସିବି ଶବ ସଂରକ୍ଷଣ ଗୃହ ଫ୍ରିଜ୍‌ରରେ ରଖାଯାଇଛି । ଦିବ୍ୟରଞ୍ଜନଙ୍କ ମୃତ୍ୟୁକୁ ଇତି ମଧ୍ୟରେ ୫ ଦିନ ପୂରଣ ହେଲାଣି । ହେଲେ ତାଙ୍କ ପରିବାରଲୋକ କି ସମ୍ପର୍କୀୟ, କାହାର ଦେଖାନାହିଁ । ଏଭଳି ପରିସ୍ଥିତିରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ହରଡ଼ଘଣାରେ ପଡ଼ିଛନ୍ତି । ମୃତଦେହ ସତ୍କାର କରାଯିବା ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରୁନାହିଁ । ମୃତ୍ୟୁର ୯୬ଘଣ୍ଟା ପରେ ଅର୍ଥାତ୍ ଗତ ବୁଧବାର ଦିନ ସତ୍କାର କରାଯିବ ବୋଲି ପୂର୍ବରୁ କୁହାଯାଇଥିଲା । ମାତ୍ର ଦିନ ଗଡ଼ି ଚାଲିଛି । ଦିବ୍ୟରଞ୍ଜନଙ୍କ ମୃତଦେହ ରଖାଯିବ କି ସତ୍କାର ହେବ, ତାହାକୁ ନେଇ ଏବେ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଛନ୍ତି ।

ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ଏ ବାବଦରେ କହିଛନ୍ତି ଯେ ମୃତକଙ୍କ କେହି ନା କେହି ସମ୍ପର୍କୀୟ ନିଶ୍ଚିତ ଥିବେ । ଏଣୁ ୯୬ଘଣ୍ଟା ପରିବର୍ତ୍ତେ ଆଉ ଦୁଇ ଦିନ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ହୋଇଛି ।

- ଦିବ୍ୟଙ୍କ ମୃତ୍ୟୁକୁ ୫ ଦିନ ପୂରିଲା, ଆସିଲେନି ସମ୍ପର୍କୀୟ
- ସତ୍କାର କରାଯିବା ନେଇ ହୋଇପାରୁନି ନିଷ୍ପତ୍ତି

ଏହି ସମୟ ଅତିକ୍ରମ କଲେ ସତ୍କାର କରାଯିବ । ମୃତକଙ୍କୁ ଚିହ୍ନଟ କରିବାକୁ ପୁରୀ ଜିଲ୍ଲା ପ୍ରଶାସନକୁ ନିବେଦନ କରାଯାଇଛି ବୋଲି ସେ କହିଛନ୍ତି ।

ପ୍ରକାଶଯୋଗ୍ୟ, ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ ଦିବ୍ୟରଞ୍ଜନ ସାହୁ । ଗତ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁରୀ ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ଭାବେ ଆହତ ହୋଇ ଏସ୍‌ସିବି ଆସିଥିବା ଦିବ୍ୟରଞ୍ଜନଙ୍କ ବାବଦରେ ଅଧିକ ତଥ୍ୟ ମିଳିବା କଷ୍ଟକର ହୋଇପଡ଼ିଲାଣି । ଏବେ ବି ସେ ଅପରିଚିତ ତାଲିକାରେ ରହିଛନ୍ତି । ଦିବ୍ୟରଞ୍ଜନଙ୍କ ପରିବାରଲୋକ କିମ୍ବା ସମ୍ପର୍କୀୟ ଏ ପର୍ଯ୍ୟନ୍ତ ମେଡିକାଲରେ ପହଞ୍ଚି ନାହାନ୍ତି । ମେଡିକାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ସମସ୍ତ ଉଦ୍ୟମ ସତ୍ତ୍ୱେ ଦିବ୍ୟରଞ୍ଜନଙ୍କ ବାବଦରେ ଅଧିକ ତଥ୍ୟ ମିଳିପାରିନାହିଁ । ୩୫ ବର୍ଷୀୟ ଦିବ୍ୟରଞ୍ଜନଙ୍କୁ ଏସ୍‌ସିବି ମେଡିକାଲ ଅଣାଯିବା ବେଳେ ତାଙ୍କ ଘର ପୁରୀ ଏବଂ ପିତାଙ୍କ ନାମ ଦୁଷ୍ମନ୍ତ ସାହୁ ବୋଲି ପଞ୍ଜୀକରଣ ତାଲିକାରେ ଉଲ୍ଲେଖ କରାଯାଇଛି । ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସୂଚନା ମୁତାବକ ମୃତ ଦିବ୍ୟରଞ୍ଜନଙ୍କର ଏହି ପରିଚୟ ମିଳିଛି ।

# ହାଇକୋର୍ଟରେ ୫ମାସରେ ୪୨, ୯୮୭ମାମଲା ଫଇସଲା

**କଟକ, ୬।୬(ସମିସ):** ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା କମୁଛି । ୨୦୨୪ ଜାନୁଆରୀ ପହିଲାରେ ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ୧ଲକ୍ଷ ୪୭ ହଜାର୨୮ ଥିଲା ବେଳେ ୨୦୨୪ ମେ' ୩୧ ସୁଦ୍ଧା ଏହା ୧ ଲକ୍ଷ ୪୧ ହଜାର ୫୯୬ ହୋଇପାରିଛି । ଚଳିତ ବର୍ଷ ଜାନୁଆରୀରୁ ମେ' ମଧ୍ୟରେ ମୋଟ ୩୭ ହଜାର ୭୭୦ଟି ମାମଲା ଦାୟର ହୋଇଥିବା ବେଳେ ଏହାଠାରୁ ଯଥେଷ୍ଟ ଅଧିକ ତଥା ୪୨ ହଜାର ୯୮୭ଟି ମାମଲା ଫଇସଲା ହୋଇଥିଲା । ତେବେ ୨୦୨୩ ତୁଳନାରେ ବିଗତ ୫ ମାସରେ ମାମଲା ଫଇସଲା ହାର କମ ରହିଥିବା ଜଣାପଡ଼ିଛି । ୨୦୨୩ର ଜାନୁଆରୀରୁ ମେ' ୩୧ ମଧ୍ୟରେ ୩୭ହଜାର୯୬୨ଟି ମାମଲା ରୁଜୁ ସ୍ଥଳେ ୪୬ ହଜାର ୫୨୩ଟି ମାମଲା ଫଇସଲା ହୋଇଥିଲା । ୨୦୨୩ ତୁଳନାରେ ଯଦିଓ ୨୦୨୪ର ଉପରୋକ୍ତ ଅବଧି ମଧ୍ୟରେ ୭.୭୦ ପ୍ରତିଶତ କମ ମାମଲା ଫଇସଲା କରାଯାଇଛି, କିନ୍ତୁ ତାହା ଆଶାଜନକ ରହିଛି । ଗତ ୨୦୨୪ ଜାନୁଆରୀରେ ୫୨୮୭ ମାମଲା ରୁଜୁ ହୋଇଥିବା ବେଳେ ୮୭୪୭ଟି ଫଇସଲା ହୋଇଥିଲା । ଫେବୃଆରୀରେ ୭୧୩୯ ରୁଜୁ ସ୍ଥଳେ ୯୭୫୪, ମାର୍ଚ୍ଚରେ ୭୪୧୧ ରୁଜୁ ସ୍ଥଳେ ୭୩୮୩, ଏପ୍ରିଲରେ ୯୫୫୮ ରୁଜୁ ସ୍ଥଳେ ୯୧୧୬, ମେ' ମାସରେ ୮୩୭୫ଟି ମାମଲା ରୁଜୁ ସ୍ଥଳେ ମୋଟ ୮୦୮୭ଟି ମାମଲା ଫଇସଲା କରାଯାଇପାରିଛି । ରୁଜୁ ମାମଲାର ୧୧୩ ପ୍ରତିଶତ ମାମଲା ଫଇସଲା କରାଯାଇପାରିଛି । ଗତ ୫ ମାସ ମଧ୍ୟରେ ୨୫ରୁ ୪୦ ବର୍ଷ ମଧ୍ୟରେ ୫୬୭ଟି, ୧୦ରୁ ୨୫ବର୍ଷ ପର୍ଯ୍ୟନ୍ତ ପୁରୁଣା ମାମଲା ୧୭୧୮ଟି ଫଇସଲା ହୋଇଛି । ସେହିପରି ୧୦ ବର୍ଷରୁ କମ ୪୦୭୦୨ଟି ମାମଲା ଫଇସଲା ହୋଇପାରିଛି । ସେହିପରି ୨୦୨୩ରେ ମୋଟ ୨୮୧୩ଟି ମାମଲାର ଶୁଣାଣି କରି ହାଇକୋର୍ଟ ରାୟ ପ୍ରକାଶ କରିଥିଲେ । ତେବେ ୨୦୨୪ର ବିଗତ ୫ ମାସ ମଧ୍ୟରେ ହାଇକୋର୍ଟ ୧୧୬୫ଟି ମାମଲାରେ ରାୟ ପ୍ରକାଶ କରିଛନ୍ତି । ଜାନୁଆରୀରେ ୧୭୩ଟି, ଫେବୃଆରୀରେ ୨୨୪, ମାର୍ଚ୍ଚରେ ୨୨୧, ଏପ୍ରିଲରେ ୩୨୪ ଓ ମେ' ମାସରେ ୨୨୩ଟି ମାମଲାରେ ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି ।

- ୨୦୨୩ ତୁଳନାରେ ଫଏସଲା ହାର କମିଲା
- ୧୧୬୫ଟି ରାୟ ପ୍ରକାଶ

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କେନ୍ଦୁଝର, ୬।୬(ସମିସ):** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ତେଲକୋଇ ଥାନା ଅନ୍ତର୍ଗତ ସିରିଆବାହାଳ ଗ୍ରାମର ଟୁକୁନା ମୁଣ୍ଡା (୨୨)କୁ ପୋକ୍ସ ଧାରା ୪ ଅନୁଯାୟୀ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ଏହାସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଲିଗାଲ ଏଡ୍ ସେକ୍ରେଟାରୀଙ୍କୁ ସୁପାରିଶ କରିଛନ୍ତି ।

ଘଟଣାରୁ ପ୍ରକାଶ ଯେ, ଗତ ୨୦୨୨ ଫେବୃଆରୀ ୨୫ରେ ନାବାଳିକାଜଣଙ୍କ ତା' ସାନ ଭଉଣୀ ଓ ଗାଁର କିଛି ଝିଅଙ୍କ ସହ ଶୋଇଥିବା ବେଳେ ଟୁକୁନା ରାତି ଅଧରେ ଘର ଭିତରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲା । ନାବାଳିକାର ପାଟି ଶୁଣି ପାଖରେ ଶୋଇଥିବା ଝିଅମାନେ ଉଠି ପଡ଼ିବାରୁ ଟୁକୁନା ସେଠାରୁ ଖସି ପଳାଇଥିଲା । କିନ୍ତୁ ତାକୁ ସମସ୍ତେ ତାକୁ ଚିହ୍ନି ପାରିଥିଲେ । ଏ ସଂପର୍କରେ ପୀଡ଼ିତାର ଭାଇ ୨୬ ତାରିଖ ଦିନ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ ।

# ରାହୁଲ ଗାନ୍ଧୀଙ୍କୁ ହତ୍ୟା ଧମକ ପୋଷ୍ଟ

## ସାଇବର ଥାନାରେ ଏତଲା ଦେଲା କଂଗ୍ରେସ

**ଭୁବନେଶ୍ୱର, ୬।୬(ସମିସ):** 'ଭାରତ ସିନେମା' ନାମକ ଏକ ମିଡିଆ ସଂସ୍ଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଆକ୍ଷେପ କରି ଏକ ଆପତ୍ତିଜନକ ପୋଷ୍ଟ କରିଛି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ସଂସ୍ଥା ପକ୍ଷରୁ ପୋଷ୍ଟ କରାଯାଇଛି ଯେ 'କଂଗ୍ରେସ ଓଡ଼ିଶାରେ କେବେବି ଆସିବ ନାହିଁ, ରାହୁଲ ଗାନ୍ଧୀ ଓଡ଼ିଶା ଆସିଲେ ମୁଁ ନାଥୁରାମ ଗଡ୍‌ସେ ହେବି' । ଏହାସହ ଫଟୋଚିତ୍ର ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ ଗଡ୍‌ସେ ଗୁଳି କରିବା ଭଳି ରାହୁଲ ଗାନ୍ଧୀଙ୍କୁ ଗୁଳି କରିବା ଦୃଶ୍ୟ ଦେଖାଯାଉଛି । ଏହି ଘଟଣାକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଏତଲା ଦାୟର କରାଯାଇଛି । ଏହାସହ ତୁରନ୍ତ ଏହି ମିଡିଆ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିନିଧି ଦଳ ଦାବି କରିଛନ୍ତି । ଏହି ସଂସ୍ଥା କାହା ଦ୍ୱାରା ପରିଚାଳିତ ତତ୍‌ସହିତ ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଉପରୋକ୍ତ ସଂସ୍ଥା ଓ ଏହା ପଛପଟରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ପ୍ରତିନିଧି ଦଳ ଦାବି କରିଛି । ଏହି ପ୍ରତିନିଧି ଦଳରେ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଡଃ ବିଶ୍ୱରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ ।

# ସିପିଇଟି ଆବେଦନ ପାଇଁ ପୁନଃ ସୁଯୋଗ ଦାବି

**ଭୁବନେଶ୍ୱର, ୬।୬ (ସମିସ):** ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ପାଇଁ ପୁନଃ ଆବେଦନ ସୁଯୋଗ ଦେବାକୁ ଛାତ୍ରଛାତ୍ରୀଙ୍କ ମହଲରେ ଦାବି ହୋଇଛି । ସେମାନଙ୍କର ଯୁକ୍ତି ହେଲା, ମେ' ୧୮ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ୧୦ ଦିନ ଆବେଦନ ପ୍ରକ୍ରିୟା ଚାଲିଥିଲା । ତେବେ ସ୍ୱଳ୍ପ ସମୟର ଅବଧି ଓ ସେହି ସମୟରେ ନିର୍ବାଚନ ହେଉଥିବାରୁ ବହୁ ଛାତ୍ରଛାତ୍ରୀ ଆବେଦନ କରିପାରି ନାହାନ୍ତି । ନିର୍ବାଚନ କାର୍ଯ୍ୟରେ ସରକାରୀ ଅଧିକାରୀମାନେ ନିୟୋଜିତ ଥିବାରୁ ଜାତି, ଆବାସିକ ଓ ଆୟ ପ୍ରଣାଣପତ୍ର ପାଇବାରେ ବିଳମ୍ବ ହୋଇଥିଲା । ଫଳରେ ବହୁ ଛାତ୍ରଛାତ୍ରୀ ଆବେଦନ କରିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ପୂର୍ବବର୍ଷ ତୁଳନାରେ ଆବେଦନ ସଂଖ୍ୟା ମଧ୍ୟ କମିଛି । ୨୦୨୩ ମସିହାରେ ମୋଟ୍ ୬୯ହଜାର ୭୦୫ଜଣ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିଲେ । ଚଳିତ ବର୍ଷ ୬୩ ହଜାର ୧୫୦ଜଣ ପଞ୍ଜିକରଣ କରିଛନ୍ତି । ଅର୍ଥାତ ପ୍ରାୟ ୬ହଜାର ୫ଶହ କମ୍ ଆବେଦନ ହୋଇଛି । ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୪୦ ଜଣ ମଧ୍ୟ ଆବେଦନ ଫି' ଦାଖଲ କରି ନାହାନ୍ତି । ଶେଷ ସମୟରେ ସାମ୍‌ସ୍ ପୋର୍ଟାଲ୍ ସର୍ଭର ଧିମା ଚାଲିବାରୁ ଫି' ଦାଖଲ କରିପାରି ନଥିବା ବହୁ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି ।

- ନିର୍ବାଚନ ପାଇଁ ଆବାସିକ, ଜାତି ଓ ଆୟ ପ୍ରଣାଣପତ୍ର ପାଇବାରେ ବିଳମ୍ବ
- ପୂର୍ବାପେକ୍ଷା କମିଛି ଆବେଦନ ସଂଖ୍ୟା

ସମସ୍ତ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ସୁନିଶ୍ଚିତ କରିବା ପାଇଁ ପୁନଃ ଆବେଦନ ସୁଯୋଗ ଦେବାକୁ ବହୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ବିଭାଗ ନିକଟରେ ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଏପରିକି ନୂତନ ସରକାର ଆସିବା ପର୍ଯ୍ୟନ୍ତ କିଛି କରାଯାଇପାରିବ ନାହିଁ ବୋଲି ଅଧିକାରୀମାନେ ପ୍ରକାଶ କରୁଥିବା ଜଣେ ଏକ୍ସ ୟୁଜର ଅଭିଯୋଗ କରିଛନ୍ତି । ଅଭିଯୋଗ ନେଇ ବିଭାଗ ବା କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି ।

ସୂଚନାଯୋଗ୍ୟ, ଚଳିତଥର ୧୧୩ଟି ଶିକ୍ଷାନୁଷ୍ଠାନରେ ୨୮ହଜାର ୯୨୬ଟି ସିଟ୍‌ରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା କରାଯାଉଛି । ଜୁନ୍ ୨୨ତାରିଖରେ ଆଡମିଟ୍ କାର୍ଡ ଉପଲବ୍ଧ ହେବା ସହ ଜୁଲାଇ ୩ ତାରିଖରୁ ୧୪ ତାରିଖ ମଧ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

# ଆଜିଠୁ ଆରମ୍ଭ +୨ ପ୍ରଥମ ବର୍ଷ ନାମଲେଖା ଆବେଦନ

**ଭୁବନେଶ୍ୱର, ୬।୬(ସମିସ):** +୨ ପ୍ରଥମ ବର୍ଷ ନାମଲେଖା ପାଇଁ ଆସନ୍ତାକାଲି ବା ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହେବ । ଛାତ୍ରଛାତ୍ରୀମାନେ ସାମ୍‌ସ ୱେବସାଇଟ୍ www.samsodisha.gov.inରେ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ବିଭାଗରେ ନାମଲେଖା ପାଇଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ । ସାଧାରଣ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୨ଶହ ଟଙ୍କା ଆବେଦନ ଫି' ଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ପାଇଁ ଶହେ ଟଙ୍କା ରହିଛି । ସେହିପରି ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଓ ଅନାଥ ପିଲାମାନେ ନିଶୁଳ୍କ ଆବେଦନ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କହିଛି । ଅପରପକ୍ଷରେ ଅଗଷ୍ଟ ୧ରୁ ପାଠପଢ଼ା ଆରମ୍ଭ ହେବବୋଲି ମଧ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

## ଅବଶିଷ୍ଟାଂଶ...

### ୪ ଦିନରେ...

ଉପର ମୁହାଁ ହୋଇଥିବା ବେଳେ ୪୩ ଡିଗ୍ରୀ ସହ ବଲାଙ୍ଗିର ରାଜ୍ୟର ଉତ୍ତପ୍ତ ସହରରେ ପରିଣତ ହୋଇଛି । ସେହିପରି ନୂଆପଡ଼ାରେ ୪୨.୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୪୧.୮, ମାଲକାନଗିରିରେ ୪୧.୫, ଝାରସୁଗୁଡ଼ାରେ ୪୧.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୨ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି । ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଆଶଙ୍କା ରହିଛି ।

### ସହଯୋଗୀଙ୍କ ଚାପରେ...

୧୬ ଆସନରେ ବିଜୟୀ ହୋଇଥିବା ଟିଡିପି ଏବଂ ୧୨ ଆସନରେ ବିଜୟୀ ହୋଇଥିବା ଜେଡିୟୁ ବିଜେପି ଚିନ୍ତା ବଢାଇଛନ୍ତି । ସରକାର ଗଠନ ପାଇଁ ୨୭୨ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଥିବା ବେଳେ ବିଜେପିର ୨୪୦ ସାଂସଦଙ୍କୁ ବାଦ୍ ଦେଇ ଆଉ ୩୨ ସାଂସଦଙ୍କ ସମର୍ଥନ ଦରକାର । ଏଥିମଧ୍ୟରୁ ଏହି ଦୁଇ ଦଳର ସଂଖ୍ୟା ୨୮ ରହିଛି । ଯାହାକୁ ବିଜେପି ଏଡାଇବା ଏକପ୍ରକାର ଅସମ୍ଭବ । ଏହାକୁ ଦୃଷ୍ଟିରେ ରଖି ଏହି ଦୁଇ ଦଳ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବିଭାଗ ବଣ୍ଟନକୁ ନେଇ ଯେଉଁ ଦାବି ରଖଇଛନ୍ତି ତାହା ଏବେ ବିଜେପି ପାଇଁ ଚିନ୍ତାର ବିଷୟ ହୋଇଛି ।

ମିଳିଥିବା ସୂଚନା ଅନୁସାରେ ବିଜେପି ନେତୃତ୍ୱ ସହ ସହଯୋଗୀ ଦଳଙ୍କ ହୋଇଥିବା ଆଲୋଚନା ଅନୁସାରେ ପ୍ରତି ୪ ଜଣ ସାଂସଦଙ୍କ କ୍ଷେତ୍ରରେ ଜଣେ ମନ୍ତ୍ରୀ ପଦ ଦାବି କରାଯାଇଛି । ସେହି ଅନୁସାରେ ଚନ୍ଦ୍ରବାବୁ ନାଇଡୁ ୪ କ୍ୟାବିନେଟ୍ ମନ୍ତ୍ରୀପଦ ଦାବି କରିଥିଲା ବେଳେ ନୀତୀଶ କୁମାର ୩, ଚିରାଗ ପାଶୱାନଙ୍କ ଏଲଜେପି ୨ ଏବଂ ଏକନାଥ ସିନ୍ଦେ ନେତୃତ୍ୱ ଶିବସେନା ମଧ୍ୟ ଦୁଇ ମନ୍ତ୍ରୀପଦ ପାଇଁ ଦାବି ରଖିଛନ୍ତି । ଏହାସହିତ ଜେଡିୟୁ ଏବଂ ଟିଡିପି ଗୃହ,ଅର୍ଥ ,କୃଷି, ରେଳବାଇ, ପ୍ରତିରକ୍ଷା ଏବଂ ଭିତ୍ତିଭୂମି ବିକାଶ ଓ ଆଇଟି ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହାତେଇବାକୁ ମଧ୍ୟ ଦାବି ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପରେ ଯେଉଁ ୪ଟି ବିଭାଗ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସେଗୁଡିକ ହେଲା ଅର୍ଥ, ପ୍ରତିରକ୍ଷା, ଗୃହ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ । କିନ୍ତୁ ବିଜେପି ଏହି ୪ଟି ବିଭାଗ କାହାକୁ ଦେବା ଲାଗି ଆଦୌ ପ୍ରସ୍ତୁତ ନଥିବା ବେଳେ ଟିଡିପି ଅତିକମ୍‌ରେ ଏଥିରୁ ଦୁଇ ବିଭାଗ ହତେଇବାକୁ ଚାହୁଁଛି । ସେପଟେ ନୀତୀଶ କୁମାର ରେଳ ମନ୍ତ୍ରାଳୟ ପାଇଁ ମଧ୍ୟ ଦାବି କରୁଥିବା କୁହାଯାଇଛି । ମନ୍ତ୍ରାଳୟ ବ୍ୟତୀତ ଆନ୍ଧ୍ର ପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବାକୁ ଚନ୍ଦ୍ରବାବୁ ଦାବି କରିଥିବା ବେଳେ ନୀତୀଶ କୁମାରଙ୍କ ଦଳ ଜାତିଭିତ୍ତିକ ଜନଗଣନା ଏବଂ ଅଗ୍ନିବୀର ଯୋଜନାର ପୁନଃ ସମୀକ୍ଷା ଲାଗି ବିଜେପି ନିକଟରେ ସର୍ତ୍ତ ରଖିଥିବା ସୂଚନା ମିଳିଛି । ଏଭଳି ସ୍ଥଳେ ସହଯୋଗୀ ଦଳର ସମର୍ଥନକୁ ନେଇ ବିଜେପି ସରକାର ଗଠନ କରିବା ଏକପ୍ରକାର ଚିନ୍ତାର କାରଣ ହୋଇଥିବା ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଜେପି ବାଚସ୍ପତି ପଦ ହାତରୁ ଛାଡ଼ିବାକୁ ଚାହୁଁ ନାହିଁ । ଅତୀତରେ ଚନ୍ଦ୍ରବାବୁ ନାଇଡୁଙ୍କ ଦଳର ବାଚସ୍ପତି ବାଲଯୋଗୀ ବିଜେପି ପାଇଁ ଯେଉଁ ସମସ୍ୟା ସୃଷ୍ଟି କରିଥିଲେ ତାହା ଦଳ ଭୂଲି ପାରିନାହିଁ । ଏହାବ୍ୟତୀତ ମେଣ୍ଟ ସରକାରରେ ବାଚସ୍ପତିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହି ପଦ ଅନ୍ୟ ରାଜନୈତିକ ଦଳ ହାତକୁ ଟେକି ଦେବାକୁ ବିଜେପି ପ୍ରସ୍ତୁତ ନୁହେଁ ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ଟିଡ଼ିପି ଓ ଜେଡ଼ିୟୁର ଦାବି ଗ୍ରହଣ ଯୋଗ୍ୟ ହୋଇ ନ ଥିଲେ ମଧ୍ୟ ତାହାକୁ ଏଡ଼ାଇବା ବିଜେପି ପକ୍ଷରେ ସମ୍ଭବ ନୁହେଁ । ଏହା ହିଁ ଦଳୀୟ ନେତୃତ୍ୱଙ୍କୁ ଚିନ୍ତାରେ ପକାଇଛି । ଅନ୍ୟପକ୍ଷରେ ଦଳ ଏକାକୀ ସରକାର ଗଠନ ପାଇଁ ସକ୍ଷମ ହେଉ ନ ଥିବାରୁ ସହଯୋଗୀଙ୍କ ଦାବି ମାନି ନେବା ବ୍ୟତୀତ ବିଜେପି ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ ବୋଲି କୁହାଯାଉଛି ।

### ନଡ୍ଡାଙ୍କ ବାସଭବନରେ...

ସେହିପରି ଏଲ୍‌ଜେପି ୫, ସିନ୍ଦେଙ୍କ ଶିବସେନା ୭, ଜେଡ଼ିଏସ୍ ୨, ଆର୍‌ଏଲ୍‌ଡ଼ି ୨ ଓ ୭ଟି ସାନ ରାଜନୈତିକ ଦଳ ଗୋଟିଏ ଲେଖାଏଁ ୭ଟି ଆସନ ପାଇଛନ୍ତି । ମାତ୍ର ଏହି ଦଳଗୁଡ଼ିକ କ୍ୟାବିନେଟ୍ ସହ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମନ୍ତ୍ରୀ ପଦ ଦାବି କରିଛନ୍ତି । ତେବେ ବିଜେପି ଗୃହ, ପ୍ରତିରକ୍ଷା, ଅର୍ଥ, ବିଦେଶ, ରେଳବାଇ, ସୂଚନା ପ୍ରସାରଣ, ଶିକ୍ଷା, କୃଷି, ସଡ଼କ ପରିବହନ ଓ ବିମାନ ଚଳାଚଳ ମନ୍ତ୍ରଣାଳୟ ହାତରୁ ଛାଡ଼ିବାକୁ ଚାହୁଁ ନାହିଁ । ୨୦୧୯ରେ ବିଜେପି ଏହି ବିଭାଗଗୁଡ଼ିକ ନିଜ ହାତରେ ରଖିଥିଲା ।

### ବିଜେପିର ମୁଖ୍ୟମନ୍ତ୍ରୀ...

ସିଂହଦେଓ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନାମ ଆଗରେ ରହିଛି । ତେବେ ଶେଷ ମୂହୂର୍ତ୍ତରେ ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ବିଜେପି ହାଇକମାଣ୍ଡ ସରପ୍ରାଇଜ କାର୍ଡ ଖେଳିପାରନ୍ତି ବୋଲି ବିଜେପିର ଗୋଟିଏ ଗୋଷ୍ଠୀ ଯୁକ୍ତି ବାଢୁଛନ୍ତି । ସେହିପରି ରାଜ୍ୟର ସମ୍ଭାବ୍ୟ ମନ୍ତ୍ରୀ ତାଲିକାକୁ ନେଇ ମଧ୍ୟ ବିଜେପି ଆଭ୍ୟନ୍ତରୀଣ ମହଲରେ ଜୋର ଚର୍ଚ୍ଚା ଚାଲିଛି । ସଭାବ୍ୟ ମନ୍ତ୍ରୀପଦ ଦୌଡ଼ରେ ଜୟ ନାରାୟଣ ମିଶ୍ର, ରବି ନାଏକ, ସୁରେଶ ପୂଜାରୀ, ମୋହନ ଚରଣ ମାଝୀ, ଭବାନୀ ଶଙ୍କର ଭୋଇ, ଲକ୍ଷ୍ମଣ ବାଗ୍, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଭାସ୍କର ମଢ଼େଇ, ଗଣେଶ ରାମ୍ ଖୁଣ୍ଟିଆ, ଗୋବିନ୍ଦ ଚନ୍ଦ୍ର ଦାସ, ପଦ୍ମଲୋଚନ ପଣ୍ଡା, ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ଚର୍ଚ୍ଚାରେ ରହିଛି । ସେହିପରି ଅମରେନ୍ଦ୍ର ଦାସ, ଦୁର୍ଗାପ୍ରସନ୍ନ ନାୟକ, ସୀମାରାଣୀ ନାଏକ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ରଘୁରାମ ମାଛ, ସୁରମା ପାଢ଼ୀ, ପ୍ରଭାତୀ ପରିଡ଼ା, ପୃଥ୍ୱୀରାଜ ହରିଚନ୍ଦନ, ଆକାଶ ଦାସ ନାୟକ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମଧ୍ୟ ମନ୍ତ୍ରୀ ପଦ ପାଇ ପାରନ୍ତି ବୋଲି ଚର୍ଚ୍ଚା ଚାଲିଛି ।

### ଶୁଣ୍ଠିପଲ୍ଲୀରେ ନିର୍ମମ...

ଗୁରୁବାର ଘରକୁ ଆଣିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ବଡଗଡ଼ ଥାନାରେ ମୃତ ମିଟୁଙ୍କ ସାନଭାଇ ଟିଟୁ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଛି । ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି । ଆଜି ସାବିତ୍ରୀ ଅମାବାସ୍ୟା ପାଳନ ଅବସରରେ ଧରାକୋଟ ଅଞ୍ଚଳରେ ଘଟିଥିବା ଏହି ହତ୍ୟାକାଣ୍ଡ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପ୍ରକାଶଯୋଗ୍ୟ ମୃତ ମିଟୁ ଗତବର୍ଷ ବିବାହ କରିଥିଲେ ।

### ଜନସେବାରେ ବ୍ରତୀ...

ପରାଜିତ ହୋଇଥିବା ବିଭିନ୍ନ ଲୋକସଭା କ୍ଷେତ୍ର ଓ ବିଧାନସଭା କ୍ଷେତ୍ରର ପ୍ରାର୍ଥୀମାନେ ଆଜି ସନ୍ଧ୍ୟାରେ ନବୀନ ନିବାସରେ ପହଞ୍ଚିଥିଲେ । ଏହି ଅବସରରେ ନବୀନ ପଟ୍ଟନାୟକ ଦଳୀୟ ନେତାମାନଙ୍କ ସହ ଆଲୋଚନା କରିଥିଲେ । ନବୀନ କହିଥିଲେ ଯେ ଗତ ୨୬ ବର୍ଷ ଧରି ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସେବା କରି ଆସୁଥିଲା ଏବଂ ଆଗକୁ ମଧ୍ୟ ଏହି ଗୁରୁ ଦାୟିତ୍ୱ ନିର୍ବାହ କରିବ । ଆଗରୁ ଯେପରି ଭାବେ ଆମେ ଓଡ଼ିଶାବାସୀଙ୍କ ସୁଖ ଦୁଃଖରେ ସାଥୀ ହୋଇ ରହିଥିଲେ, ଆଗକୁ ମଧ୍ୟ ସେହିପରି ଲୋକଙ୍କ ସହିତ ରହିବା । ଓଡ଼ିଶାର ବିକାଶ ଏବଂ ରାଜ୍ୟବାସୀଙ୍କ ସେବା ହିଁ ବିଜେଡିର ଆଭିମୁଖ୍ୟ ଥିଲା ଆଉ ରହିବ । ଆମେ ଜନତାଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛୁ, ଜନତା ଯାହା ଦାୟିତ୍ୱ ଦେଇଛନ୍ତି ତାହା ଅକ୍ଷରେ ଅକ୍ଷରେ ପାଳନ କରିବା । ରାଜ୍ୟର ବିକାଶ ପାଇଁ ଗଠନମୂଳକ ବିରୋଧୀ ଦଳ ଭୂମିକା ନିର୍ବାହ କରିବା ବୋଲି ସେ ପରାମର୍ଶ ଦେଇଥିଲେ । ବୈଠକ ପରେ ଏ ସମ୍ପର୍କରେ ଅଧିକ ସୂଚନା ଦେଇ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଥିଲେ ଯେ, ଗତ ୨୫ରେ ବିଜେଡି ସରକାରର ରାଜ୍ୟ ପାଇଁ କ'ଣ କରିଛି ଏବଂ ଆଗକୁ କ'ଣ କରାଯିବା ସେ ସମ୍ପର୍କରେ ଦଳର ସଭାପତି ଆମ ସହ ଆଲୋଚନା କରିଥିଲେ । ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ କରାଯାଇଛି । ଏହି କମିଟି ପରାଜୟର କାରଣ ତର୍ଜମା କରି ସଭାପତିଙ୍କୁ ରିପୋର୍ଟ ଦେବ । ନବୀନ ପଟ୍ଟନାୟକ ଆମର ସର୍ବମାନ୍ୟ ନେତା ଓ ତାଙ୍କ ନିଷ୍ପତ୍ତି ସର୍ବୋପରି । ଦଳର ସଭାପତି ସବୁ ନିଷ୍ପତ୍ତି ନେଉଥିଲେ ଏବଂ ଆଗକୁ ମଧ୍ୟ ତାଙ୍କ ନିଷ୍ପତ୍ତି ଅନୁସାରେ ଦଳ କାର୍ଯ୍ୟ କରିବ । ଅନୁରୂପ ଭାବରେ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ କହିଛନ୍ତି, ଦଳର ସଭାପତି ଆଜି ଆମକୁ ଦିଗଦର୍ଶନ ଦେଇ ବହୁମୂଲ୍ୟ ପରାମର୍ଶ ଦେଇଛନ୍ତି । ଆମ ନିର୍ବାଚନମଣ୍ଡଳୀରେ ଯେପରି ଭାବେ ଆମେ ଲୋକଙ୍କ କାମ କରୁଥିଲୁ, ସେହିପରି କାର୍ଯ୍ୟ ଜାରି ରହିବ । ଆମେ କ୍ଷମତାରେ ଥାଉ କିମ୍ବା ବିରୋଧୀ ଆସନରେ ବସିଥାଉ, ଓଡ଼ିଶାବାସୀଙ୍କ ପ୍ରତି ଆମର ଯେଉଁ ପ୍ରତିବଦ୍ଧତା ଥିଲା ତାହା ଜାରି ରହିବ । ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ସଭାପତି ଆମକୁ ଦିଗଦର୍ଶନ ଦେଇଥିଲେ । ମହେଶ ସାହୁ କହିଥିଲେ, ନିର୍ବାଚନମଣ୍ଡଳୀରେ ଆମର ଜନସମ୍ପର୍କ କାର୍ଯ୍ୟକ୍ରମ ଜାରି ରହିବ । ସଂଗଠନକୁ ଆହୁରି ସୁଦୃଢ଼ କରାଯିବ । କେନ୍ଦ୍ର ସରକାରଙ୍କ ବେଆଇନ୍ କାର୍ଯ୍ୟ ବିରୋଧରେ ବିଜେଡିର ଲଢ଼େଇ ଜାରି ରହିବ ବୋଲି ଶ୍ରୀ ସାହୁ କହିଛନ୍ତି ।

# ଶପଥ ଗ୍ରହଣ ଉତ୍ସବ ପାଇଁ ୫୦ ଅଧିକାରୀ ନିଯୁକ୍ତ

**ଭୁବନେଶ୍ୱର, ୬।୬(ସମିସ):** ଆସନ୍ତା ୧୦ ତାରିଖରେ ଜନତା ମଇଦାନରେ ରାଜ୍ୟର ପ୍ରଥମ ବିଜେପି ସରକାରର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଦେଶର ଏନଡିଏ ଶାସିତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ ଏବଂ ବହୁ ବରିଷ୍ଠ ନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତେଣୁ ନୂଆ ମନ୍ତ୍ରିମଣ୍ଡଳର ଶପଥ ସମାରୋହ ଉତ୍ସବକୁ ସୁବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ପାଇଁ ରାଜ୍ୟର ୫୦ଜଣ ବରିଷ୍ଠ ଅଧିକାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଛନ୍ତି । ଗୁରୁବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ୫୦ ଜଣିଆ ତାଲିକା ପ୍ରକାଶ ପାଇଛି । ଏଥିରେ ରାଜ୍ୟର ଅତିରିକ୍ତ ସଚିବ, ଯୁଗ୍ମ ସଚିବ ପାହ୍ୟାର ୫୦ଜଣ ଅଫିସରଙ୍କ ମଧ୍ୟରେ ୯ଜଣ ଆଇଏଏସ୍, ଜଣେଓଏଫଏସ୍‌ଓଅନ୍ୟ୪୦ଜଣବରିଷ୍ଠଓଏଏସ୍‌ଅଫିସରରହିଛନ୍ତି । ଏହି ସମସ୍ତ ଅଫିସରମାନଙ୍କୁ ଜୁନ୍ ୮ ତାରିଖ ଦିନ ୧୧ଟା ସୁଦ୍ଧା ଇଡ୍‌କୋ ଟାୱାରର ୬ଷ୍ଠ ମହଲାରେ ଥିବା କନଫରେନ୍ସ ହଲରେ ଇଡକୋ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଭୂପିନ୍ଦର ସିଂ ପୁନିଆଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

SALE
ESCORTS KUBETA PT EURO 50,MODEL 2019, UN REGISTERED in as is where is condition.
Contact: M/S Sundaram Finance Limited, NAYAGARH BRANCH,
Ph:0675-3299916
MOB -9437560891,
within 7 days

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

ସତ୍ୟପାଠ
ମୁଁ ମାମିନା ତ୍ରିପାଠୀ, ସ୍ୱାମୀ- ଗୌରାଙ୍ଗ କର, ପିତା- କେଦାରନାଥ ତ୍ରିପାଠୀ, ଗ୍ରାମ- ବ୍ରହ୍ମପୁର, ପୋଷ୍ଟ- ଗରଦପୁର, ଥାନା- ପାଟକୁରା, ଜିଲ୍ଲା କେନ୍ଦ୍ରାପଡ଼ା ଘୋଷଣା କରୁଛି କି ମାମିନା ତ୍ରିପାଠୀ ଏବଂ ମାମୁନି କର ସମାନ ବ୍ୟକ୍ତିଙ୍କ ନାମ ଅଟେ । ହେଲେ ଆଧାର କାର୍ଡରେ ଭୁଲବସତ୍ ମାମୁନି କର ହୋଇଯାଇଛି । ଆଜିଠାରୁ ସମସ୍ତ କାଗଜପତ୍ରରେ ମାମିନା ତ୍ରିପାଠୀ ନାମ ବ୍ୟବହାର ହେବ ।

AFFIDAVIT
I, Pooja Modi Saraf, W/o, Chandrakanta Saraf,D/o Bed Prakash Modi, Resident of at Simlipada, PO/PS/Dist-Angul, Odisha-759122, declare by this affidavit No.12AA 771301 dtd 06.06.2024 that now onwards I shall be known as **Pooja Modi** for all future purposes.

PM SHRI JAWAHAR NAVODAYA VIDYALAYA
AT/PO- TARBHA, DIST.- SONEPUR, ODISHA, PIN-767016
An Autonomous Organization under Ministry of Education
Department of School education & Literacy, Government of India
Phone: 9437564481 (Office), Email: invtarbha@gmail.com
Website: https/www.navodaya.gov.in/nvs/nvs-school/Sonepur/en/home
TENDER NOTICE NO.-1/2024-25
Sealed Tenders are invited from the registered and reputed firms for supply of different items for the period from June, 2024 to May, 2025 for Jawahar Navodaya Vidyalaya, Tarbha, Dist.: Sonepur (Odisha). Items and services required are Grocery articles, Vegetables, Non-Veg. items, Fruits & other mess items, Toilet items, Student & Office Stationery, Uniform & Bedding items, Medicines, Stitching of uniform, Electrical cum Plumber, Sports equipments, Lab equipments, M&R items, Washing & Pressing, Hair Cutting, Hiring of Vehicle & other items etc. The tender forms with other particulars and list of items can be obtained from the Office of the Principal, PM SHRI JNV, Tarbha in all working days w.e.f. **07.06.2024 to 24.06.2024** during office hours **(09.00 A.M. to 04.00 P.M.)** on payment of **Rs.200/- (non-refundable)**. The sealed tender forms completed in all respects along with requisite Earnest Money in shape of Bank Draft i.f.o. Principal, JNV, Tarbha payable at SBI, Tarbha (Branch Code SBIN 0002129) would only be deposited on or before **25.06.2024 at 04.00 P.M.** The Purchase Advisory Subcommittee Meeting will be held on **26.06.2024 at 10.00 A.M.** for finalisation of tenders. The Chairman of the Committee reserves the right to accept or reject one or all the tenders partially or wholly without assigning any reason thereof. Any dispute in this regard would be subjected to the Court jurisdiction of the Sonepur District only. Further, the details of tender will be available on the Vidyalaya website i.e. **https://www.navodaya.gov.in/nvs/nvs-school/Sonepur/en/home/**. Those who have downloaded Tender Form from the website, the cost of Tender Form of **Rs. 200/-** (non-refundable) in shape of separate bank draft also to be enclosed alongwith the requisite Bank Draft for EMD.
SD/- PRINCIPAL, JNV, TARBHA, SONEPUR

AFFIDAVIT
I, Aman Hussain, S/o-Sheikh Sayyed Hussain, resident of At/Po-Thakurmunda, Infront of Police Station, Ps-Thakurmunda, Dist- Mayurbhanj, Pin-757038, Odisha, declare by this affidavit No.981, dated- 05/06/2024 that now onwards I shall be known as **ARIZ ZOHAN** for all future purposes.

AFFIDAVIT
By virtue of an affidavit before the Notay Public, Jharsuguda, Odisha. I, **Chaitanya,** S/o. Srigopal Mundra, resident of At-Sarbahal Road, Po-Sarbahal, Ps/Dist-Jharsuguda, Odisha, Pin-768201 declare by this affidavit No.08, dated-03/06/2024 that now onwards I shall be known as **Chaitanya Mundra** for all future purposes.

AFFIDAVIT
By virtue of an affidavit before the Notay Public, Jharsuguda, Odisha. I, **Poonam,** W/o. Srigopal Mundra, resident of At-Sarbahal Road, Po-Sarbahal, Ps/Dist-Jharsuguda, Odisha, Pin-768201 declare by this affidavit No.10, dated-03/06/2024 that now onwards I shall be known as **Poonam Mundra** for all future purposes.

Office of the Principal, Model Degree College, Rayagada
AT- Amlabhatta, Po- Penta, Dist- Rayagada (Odisha) Pin- 765017
Contact No: 7008779251, E-mail – mdcrayagada@gmail.com
Website: www. mdcrayagada.org.in
WALK-IN-INTERVIEW FOR ENGAGEMENT OF GUEST FACULTIES
A **walk-in-interview** for engagement of Guest Faculties in Model Degree College, Rayagada will be held on 21st & 22nd June-2024 at the college premises in the following subjects and as per following timetable. Interested candidates should bring all the original documents of their academic qualifications starting from 10th onward with photocopy of each one. The candidates should have 55% marks in the PG level of the concerned subject.

| Date | Subject |
| --- | --- |
| 21.06.2024 | 1. Anthropology, 2. Economics, 3. Education, 4. Political Science, 5. Sociology, 6. MSW |
| 22.06.2024 | 1. English 2. Chemistry 3. Physics 4. Mathematics, 5. Computer Science 6. BBA |

No TA & DA will be allowed for attending the interview.
PRINCIPAL
MODEL DEGREE COLLEGE, RAYAGADA

AFFIDAVIT
By virtue of an affidavit before the Notay Public, Jharsuguda, Odisha. I, **Srigopal Mundra,** S/o- Shyam Sundar Mundra, permanent resident of At-Sarbahal Road, Po-Sarbahal, Ps/Dist-Jharsuguda, Pin-768201, Odisha have corrected my minor daughter's name from **Pavitra To Pavitra Mundra** vide affidavit No.07, dated-03/06/2024 before the Notary Public, Jharsuguda, Dist-Jharsuguda, Odisha. Now onwards she shall be known as **Pavitra Mundra** for all future purposes.

ଜିଡିପିଆର୍ କାର୍ଯ୍ୟକୁ ନେଇ ଅସନ୍ତୋଷ

# ଓଡ଼ଗାଁ ପାଇପ୍ ଯିବାକୁ ମିଳୁନି ଅନୁମତି



ନୟାଗଡ଼, ୬।୬(ସମିସ):

ନୟାଗଡ଼ ଜିଲ୍ଲାର ନୟାଗଡ଼, ଭାପୁର, ଖଣ୍ଡପଡ଼ା ବ୍ଲକ ଓ ନୂଆଗାଁ ବ୍ଲକର କିଛି ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ମସିହାରେ ମେଗା ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ସରକାର ଏଥିପାଇଁ ଆନୁସଙ୍ଗିକ ପାଣ୍ଠି

- **ସହର ମଧ୍ୟରେ ରାସ୍ତା ତାଡିବାକୁ ନାଁ**
- **ଚିନ୍ତା ବଢ଼ାଇଲାଣି ପାନୀୟ ଜଳ ସମସ୍ୟା**

ବ୍ୟବସ୍ଥା କରିଥିବା ବେଳେ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଜିଡିପିଆର୍ ନୟାଗଡ଼ବାସୀଙ୍କୁ ଦୀର୍ଘ ବର୍ଷ ହେବ ଭୂଆଁ ବୁଲାଇ ଚାଲିଛି। ମନ୍ଥର ଗତିରେ ପ୍ରକଳ୍ପ କାମ ଚାଲିଥିବା ବେଳେ କେବେ ଶେଷ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ପାଇଁ ଅନେକ ଗାଁ, ମୁଖ୍ୟ ରାସ୍ତାରେ ପାଇପ ବିଛାଇବା କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଥିବା ବେଳେ ଅନେକ ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କାମ ବାକି ରହିଛି। ଏହି ପ୍ରକଳ୍ପର ମୁଖ୍ୟ କୁହାଯାଇଥିବା ଇନଟେକ୍ ୱେଲ୍, ଜଳ ବିଶୋଧନାଗାର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି। ବନମାଳିପୁର ବିମାନ ଅବତରଣ ପଡ଼ିଆରେ ନିର୍ମାଣ କରାଯାଉଥିବା ଜଳବିଶୋଧନ ପ୍ରକଳ୍ପ ୫୦ ପ୍ରତିଶତ ଶେଷ ହୋଇନାହିଁ। ସେହିଭଳି ଭାବେ ଭାପୁର ବ୍ଲକ ଟିକିରିପଡ଼ା ଶାସନ ନିକଟବର୍ତ୍ତୀ ପଦ୍ମାବତୀ ମୌଜାରେ ନିର୍ମାଣ କରାଯାଉଥିବା ଇନଟେକ୍ ୱେଲ୍ କାର୍ଯ୍ୟ ଶେଷ ହୋଇଥିବା ବେଳେ ପମ୍ପ ହାଉସ କାର୍ଯ୍ୟ ୫୦ ପ୍ରତିଶତ ସରିଛି। ପାଇପ ଲାଇନ କାର୍ଯ୍ୟ ଅନେକ ସ୍ଥାନରେ ଅଧା ଅଧୁରା ଅବସ୍ଥାରେ ରହିଛି। ମେଗା ପ୍ରକଳ୍ପ ଅଧିନରେ ମୋଟ ୭୮ଟି ଓଭରହେଡ୍ ଟାଙ୍କି ନିର୍ମାଣ ହେବାକୁ ଥିବା ବେଳେ ଏବେ ସୁଦ୍ଧା ୪୮ଟି ଟାଙ୍କି ନିର୍ମାଣ ଶେଷ ହୋଇଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ଏକ ନୂଆ ସମସ୍ୟାକୁ ଆଳ କରି ଜିଡିପିଆର୍ ସମୟ ଗଡ଼ାଇବାକୁ ବାହାନା କରୁଛି। ମେଗା ପାନୀୟ ଜଳ ପ୍ରକଳ୍ପ ସହ ଓ?ଗାଁ ବ୍ଲକ ସଂଯୋଗ ହୋଇଥିବା ବେଳେ ଓଡଗାଁକୁ ନୟାଗଡ଼ ସହର ଦେଇ ପାଇପ ଯିବା ପାଇଁ ଅନୁମତି ମିଳୁନି। ନୟାଗଡ଼ ସହର ମଧ୍ୟରେ ପୂର୍ତ୍ତ ବିଭାଗ ରାସ୍ତା ତାଡି ପାଇପ ବିଛାଇବାକୁ ବିଭାଗ ଅମଙ୍ଗ ହେଉଥିବା ସୂଚନା ମିଳିଛି। କିଛିମାସ ତଳେ ଦିଶା ବୈଠକରେ ଏନେଇ ଆଲୋଚନା ବେଳେ ଜିଲ୍ଲାପାଳ ସହର ବାହାରେ ପାଇପ ବିଛାଇ ନେବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହି ଅନୁସାରେ ବିଭାଗୀୟ ଅନୁମତି ଆଣିବାକୁ କୁହାଯାଇଥିଲା। ମାତ୍ର ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏଥିପାଇଁ ବ୍ୟୟ ଅଟକଳ ହୋଇ ପାରୁନଥିବାକୁ ଆଳ କରି ଜିଡିପିଆର୍ ସମୟ ଗଡ଼ାଇ ଚାଲିଛି। ୨୦୧୯ ମସିହା ଡିସେମ୍ବର ୬ ତାରିଖରୁ ଏହାର ନିର୍ମାଣ ଆରମ୍ଭ ହୋଇ ୨୦୨୧ ଡିସେମ୍ବର ୫ ତାରିଖ ମଧ୍ୟରେ ଏହା ଶେଷ ହେବ ବୋଲି ପ୍ରଥମେ ଚୁକ୍ତିନାମା କରାଯାଇଥିଲା। ପରେ ଡିପିଆର୍ ପରିବର୍ତ୍ତନ କରି ୨୦୨୧ ମସିହାରୁ କାମ ଆରମ୍ଭ କରିବାକୁ କୁହାଯାଇଥିଲା। ଦୀର୍ଘଦିନ ବିତିଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଥିବାକୁ ନେଇ ଜିଲ୍ଲାରେ ଅସନ୍ତୋଷ ସୃଷ୍ଟି ହେଉଛି। ନୟାଗଡ଼ ପାନୀୟ ଜଳ ଯୋଗାଣ ବିଭାଗ ଏହାର ତଦାରଖ ଦାୟିତ୍ୱରେ ରହିଥିବା ବେଳେ କମ୍ପାନୀ ପ୍ରୀତି ପାଇଁ ଆଦୌ ଧ୍ୟାନ ଦିଆଯାଉନାହିଁ। କମ୍ପାନୀର କିଛି କର୍ମଚାରୀ ସରକାରୀ ଅଧିକାରୀଙ୍କୁ ହାତ ବାରିଶ ସଜାଇ ଦିନ ଗଡ଼ାଇ ଚାଲିଥିବା ବେଳେ ଜଳାଭାବ ସମସ୍ୟା ଦିନକୁ ଦିନ ବହୁ ଗୁଣିତ ହେଉଛି। ଅନେକ ଗାଁରେ ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳ ମିଳିପାରୁନାହିଁ।

## ପାଇପ୍ ଫାଟି ରାସ୍ତାରେ ପାଣି



ଖଣ୍ଡପଡ଼ା, ୬।୬(ସମିସ): ଚଳିତ ବର୍ଷ ଗ୍ରୀଷ୍ମପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ଦେଖିବାକୁ ମିଳିଛି। ପ୍ରଚଣ୍ଡ ରୌଦ୍ରତାପରେ ଜଳସ୍ତର ହ୍ରାସ ପାଇଛି। ଏପରି ସ୍ଥଳେ ଅନେକ ସ୍ଥାନରେ ଜଳ ମୁନ୍ଦେ ପାଇଁ ଲୋକଙ୍କ ମଧ୍ୟରେ ହାହାକାର ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ବ୍ଲକର ଅଧିକାଂଶ ଗ୍ରାମରେ ପାଇପି ଫାଟି ଦୈନିକ ହଜାର ହଜାର ଲିଟର ପାଣି ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତର ୧୦ନଂ ଓ ୮ନଂ ୱାର୍ଡରେ ପାଇପି ଫାଟିବା ଯୋଗୁଁ ରାସ୍ତାରେ ପାଣି ଲହଡ଼ି ମାରୁଛି। ଯାହା ଫଳରେ ଲୋକଙ୍କ ନିକଟରେ ଯେତିକି ପିଇବା ପାଣି ପହଞ୍ଚିବା କଥା ସେତିକି ପହଞ୍ଚି ପାରୁନି। ଏନେଇ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହ ଖୁବଶୀଘ୍ର ଏହାର ସମାଧାନ ନିମନ୍ତେ ଅଭିଯୋଗ ଆଣିଛନ୍ତି। ତେବେ ବିଭାଗୀୟ କର୍ତ୍ତୃପକ୍ଷ ତଥା ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ୯ରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ଓଡଗାଁ, ୬।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡ଼ଗାଁର ସୁବର୍ଣ୍ଣ ଜୟନ୍ତି ପାଳନ ନିମନ୍ତେ ଚଳିତ ମାସ ୯ ତାରିଖ ରବିବାର ଦିନ ୧୦ ଟା ସମୟରେ ବିଦ୍ୟାଳୟ ପରିସରରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ। ଏହି ସୁନାମଧନ୍ୟ ଶିକ୍ଷାନୁଷ୍ଠାନଟି ବାଳିକା ଶିକ୍ଷା କ୍ଷେତ୍ରରେ ରାଜ୍ୟ ତଥା ଦେଶରେ ସୁଖ୍ୟାତି ଅର୍ଜନ କରିଥିବା ବେଳେ ଅନୁଷ୍ଠାନର ବିଦ୍ୟାର୍ଥୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ସ୍ଥିରୀକୃତ ପ୍ରାକ୍ ପ୍ରସ୍ତୁତି ବୈଠକରେ ଯୋଗଦେବାକୁ ପ୍ରଧାନ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷକଶିକ୍ଷୟିତ୍ରୀ ବୃନ୍ଦ ଅନୁରୋଧ କରିଛନ୍ତି।

## ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ନୟାଗଡ଼, ୬।୬(ସମିସ): ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ବେକରେ ରସି ଲଗାଇ ଅ। ।ହତ୍ୟା କରିଥିବା ଜଣାପଡ଼ିଛି। ବୃଦ୍ଧ ଜଣଙ୍କ କ୍ଷେତ୍ରବାସୀ ନାୟକ ବୟସ ୫୯। ଖମାରସାହି ସ୍ମଶାନ ନିକଟରେ ଥିବା ଏକ ଗଛରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ।ଖବରପାଇ ପୁଲିସ ଏସ୍ଆଇ ସିମାଞ୍ଚଳ ନାୟକ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ଜଣାପଡ଼ିଛି। ଏନେଇ ଟାଉନ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ଶରଣକୁଳ, ୬।୬(ସମିସ): ଶରଣକୁଳ ନିକଟସ୍ଥ ହରିହରପୁର ଗ୍ରାମରେ ପୂଜା ପାଉଥିବା ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ଆଜିଠାରୁ ତିନି ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଗୁରୁବାର ସକାଳୁ କୁସୁମୀ ନଦୀରୁ ଗ୍ରାମର ୧୦୮ ମହିଳା ଓ ପୁରୁଷ ମୁଣ୍ଡରେ କଳସ ଧରି ସଂକୀର୍ତ୍ତନ ଦଳ ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ନିକଟବର୍ତ୍ତୀ ବ୍ରାହ୍ମଣ ଶାସନରୁ ନିମନ୍ତ୍ରିତ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରି ହୋମକୁଣ୍ଡରେ ଅଗ୍ନି ସ୍ଥାପନ କରି ଘୃତଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ଗ୍ରାମର ହରିହର ବରାଡ଼ ସସ୍ତ୍ରୀକ ବସି ଯଜ୍ଞ କାର୍ଯ୍ୟ କରିଥିଲେ। ହରିହରପୁର ଗ୍ରାମ ସଭାପତି, ପୂଜା କମିଟି, ଗ୍ରାମ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଅନୁଷ୍ଠିତ ହୋଇଛି। ଏହି ଶାନ୍ତି ଯଜ୍ଞ ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବ ବୋଲି ଯଜ୍ଞ କମିଟି ସୂତ୍ରରୁ ପ୍ରକାଶ ପାଇଛି। ଯଜ୍ଞକମିଟିର କୋଷାଧ୍ୟକ୍ଷ ସୌଦାଗର ନାୟକ, ସଦସ୍ୟ ରମେଶ ଚନ୍ଦ୍ର ବରାଡ଼, ମଙ୍ଗୁଳି ସ୍ୱାଇଁ, ସମ୍ପାଦକ କିଶୋର ନାୟକ ପ୍ରମୁଖ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି। ପ୍ରତିଦିନ ଯଜ୍ଞ ମଣ୍ଡପର ଚତୁପାର୍ଶ୍ୱରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କାର୍ଯ୍ୟ ଅହରହ ଚାଲିବାର ବ୍ୟବସ୍ଥା ହୋଇଛି।



● ଜିଲ୍ଲା ପୁଲିସର ଗାଁରେ ଶାନ୍ତି

## ପିଲାଙ୍କ ସହ କ୍ରିକେଟ ଖେଳିଲେ ଏସ୍‌ପି



ନୟାଗଡ଼, ୬।୬(ସମିସ): ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଗାଁରେ ଶାନ୍ତି, ନୟାଗଡ଼ ଉନ୍ନତୀ କାର୍ଯ୍ୟକ୍ରମକୁ ଗୁରୁତର ସହ କରାଯାଉଛି। ଗୁରୁବାର ନୟାଗଡ଼ ଏସ୍‌ପି ରାହୁଲ ଜୈନ ଖଣ୍ଡପଡ଼ା ଓ ଗଣିଆ ଥାନା ଅଞ୍ଚଳର ବିଭିନ୍ନ ଗାଁ ପରିଦର୍ଶନ କରିବା ସହ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକ, ଥାନା ଅଧିକାରୀ ଏବଂ ପୁଲିସ କର୍ମଚାରୀମାନେ ଏସ୍‌ପିଙ୍କ ସହ ସାମିଲ ରହିଥିଲେ। ଏହି ଅବସରରେ ଏସ୍‌ପି ଖଣ୍ଡପଡ଼ା ଥାନା ଅନ୍ତର୍ଗତ ସିଧାମୂଳା ଗାଁକୁ ଯାଇ ପଡ଼ିଆରେ ପିଲାଙ୍କ ସହ କ୍ରିକେଟ୍ ଖେଳିଥିବା ଦେଖାଯାଇଛି। ପୁଲିସ ଓ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ନିକଟତର କରିବା, ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଦେବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି।

## ଅସହାୟ ମହିଳାଙ୍କ ଘର ପୋଡ଼ିଦେଲେ ଦୁର୍ବୃତ୍ତ

ଓଡ଼ଗାଁ, ୬।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସିର ରାଜ୍ୟ ପରିବହନ ବିଭାଗ ବସଷ୍ଟାଣ୍ଡ ପଛପଟ ଗାନ୍ଧୀ ନଗର ସାହିରେ ଘରେ କେହିନଥିଲା ବେଳେ ଘରର ସାମନା କବାଟ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଘରେ ପଶି ନିଆଁ ଲଗାଇଦେବା ଫଳରେ ଘରେ ଥିବା ଲୁଗାପଟା ବାସନ କୁସନ ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ସହିତ ଚାଉଳ ଡବାରେ ଲୁଚାଇ ରଖିଥିବା ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ପୋଡ଼ି ଯାଇଥିବା ଘରମାଲିକ ଠାରୁ ଜଣାପଡ଼ିଛି। ବିଧବା ମହିଳା ରାଧା ଦାସ ସ୍ୱାମୀଙ୍କ ମୃତ୍ୟୁପରେ ଓଡ଼ଗାଁ ଏନ୍ଏସିରେ କେତେକଙ୍କ ପରିବାରକୁ ଯାଇ ଦୈନିକ ଘରକାମ କରି କଷ୍ଟେ ମଷ୍ଟେ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ବାପାଙ୍କ ଦଶାହ କାର୍ଯ୍ୟରେ ଯୋଗ ଦେବାକୁ ବାପ ଘରକୁ ଯାଇଥିବା ସମୟରେ କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଘରେ ନିଆଁ ଲଗାଇ ଦେବାରୁ ପୋଡ଼ି ଯାଇଥିବା ରାଧା ଦାସ କହିଛନ୍ତି। ଅସହାୟ ମହିଳାଙ୍କୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।



## ମନ୍ଦିରରେ ମହିଳାଙ୍କ ଭିଡ଼

ଓଡଗାଁ, ୬।୬(ସମିସ): ହିନ୍ଦୁ ପରମ୍ପରା ଆଧାରରେ ବିଭିନ୍ନ ମନ୍ଦିର ଏବଂ ଘରେ ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଓଡଗାଁରେ ଥିବା ସାବିତ୍ରୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ସଧବା ନାରୀମାନଙ୍କର ଗହଳି ଲାଗିଥିଲା। ନୂଆଲୁଗା, ସିନ୍ଦୁର, ଚୁଡି ଓ ନାନା ରକମର ଫଳଫୁଲ ଧରି ସଧବାମାନେ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିଥିଲେ। ସେହିପରି ପ୍ରଥା ପରମ୍ପରା ଆଧାରରେ କେତେକ ଘରରେ ଏକାଠି ହୋଇ ଶିଳ ଶିଳପୁଆକୁ ସାବିତ୍ରୀ ସତ୍ୟବାନ ରୂପେ ସଜାଇ ପୂଜାଅର୍ଚ୍ଚନା କରିଥିଲେ। ପରମ୍ପରା ଆଧାରରେ ବ୍ରତଧାରୀ ସଧବା ନାରୀମାନେ ଉପବାସ ରହି ପ୍ରଭୁଙ୍କ ନିକଟରେ ସ୍ୱାମୀଙ୍କ ମଙ୍ଗଳ କାମନା କରିବା ସହିତ ଶେଷ ଯାତ୍ରା ପର୍ଯ୍ୟନ୍ତ ପତିଙ୍କର ହାତ ଧରି ଚାଲିବା ପାଇଁ ପ୍ରାର୍ଥନା କରିଥିଲେ। ଶ୍ରୀରଘୁନାଥଙ୍କ ପୀଠ ଏବଂ ଲକ୍ଷ୍ମୀ ମନ୍ଦିର ପରସରରେ ସତ୍ୟବାନ ସାବିତ୍ରୀଙ୍କର ମନ୍ଦିର ରହିଛି। ଉଭୟ ସ୍ଥାନରେ ସକାଳ ସମୟରୁ ଗହଳ ଆରମ୍ଭ ହୋଇଥିବା ବେଳେ ଶୃଙ୍ଖଳା ସହକାରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା



ନୟାଗଡ଼/ଗଣିଆ, ୬।୬(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ଦେବାଳୟରେ ସାବିତ୍ରୀ ପାଇଁ ଭିଡ ଦେଖିବାକୁ ମିଳିଛି। ସଧବା ମହିଳାମାନେ ସ୍ୱାମୀଙ୍କ ମଙ୍ଗଳ କାମନା କରି ନୂଆ ଲୁଗା ଓ ଫଳ ନେଇ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ନୟାଗଡ଼ ଜିଲ୍ଲାର ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ସାବିତ୍ରୀକୁ ନେଇ ଘର ଓ ପରିବାର ଉତ୍ସାହ ସହ ବ୍ରତ ପାଳନ କରାଯାଇଛି। ଗଣିଆ ଅଞ୍ଚଳର ସଧବା ମହିଳାମାନେ ମଙ୍ଗଳବାର ସାବିତ୍ରୀ ବ୍ରତ ପାଳନ କରିଥିଲେ। ପୂଜାର୍ଚ୍ଚନା ପାଇଁ ଗୁରୁବାର ସକାଳୁ ଦେବାଳୟରେ ଭାରି ଭିଡ ଜମିଥିଲା। ବିଶେଷ କରି ଶିବ ମନ୍ଦିର ଗୁଡିକରେ ବହୁତ ଭିଡ ହୋଇଥିଲା। କେତେକ ସ୍ଥାନରେ ମହିଳାମାନେ ତୁଳସୀମୂଳରେ ତ କେତେକ ସ୍ଥାନରେ ବରଗଛ ମୂଳରେ ସାବିତ୍ରୀ ବ୍ରତ ବହି ପାଠ କରି ପୂଜାର୍ଚ୍ଚନା କରିଥିବା ବେଳେ ଆଉ କେତେକ ସ୍ଥାନରେ ଘରେ ଶିଳପୁଆକୁ ସ୍ନାନ ଓ ପଞ୍ଚାମୃତ କରାଇ ନୂତନ ବସ୍ତ୍ର ପରିଧାନ କରାଇ ପୂଜାର୍ଚ୍ଚନା କରିବାର ଦେଖାଯାଇଥିଲା। ପୂଜାର୍ଚ୍ଚନା ପରେ ଘରେ ନୂତନ ବସ୍ତ୍ର ପରିଧାନ କରି ସ୍ୱାମୀ ତଥା ଅନ୍ୟାନ୍ୟ ଗୁରୁଜନଙ୍କର ଆଶୀର୍ବାଦ ଭିକ୍ଷାକରି ଫଳ କିମ୍ବା ପଣା ସେବନ କରିଥିଲେ। ହିନ୍ଦୁଧର୍ମ ଅନୁସାରେ ଏହି ବ୍ରତକୁ ସ୍ୱାମୀ ତଥା ପରିବାର ମଙ୍ଗଳ କାମନା କରି ସଧବା ନାରୀମାନେ ଏହି ବ୍ରତ ପାଳନ କରିଥାନ୍ତି।

ଡାହୁକା ସେତୁ ନିର୍ମାଣରେ ମନ୍ଥରତା

# ବନ୍ୟାରେ ଭୁଶୁଡ଼ିବ ପୁରୁଣା ସେତୁ






- **୫୦ ପ୍ରତିଶତ ନିର୍ମାଣ ସରିନି ;**
- **ମେ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଥିଲା**

ନୟାଗଡ଼, ୬।୬(ସମିସ):

ନୟାଗଡ଼ ଜିଲ୍ଲା ନୟାଗଡ଼ ଖଣ୍ଡପଡ଼ା ରାସ୍ତାରେ ରହିଥିବା ଡାହୁକା ନଦୀରେ ପୋଲ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି। ଦୀର୍ଘ ୫ ବର୍ଷ ତଳୁ ଏହି ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସରିବାର ନାଁ ଧରୁନି। ପ୍ରଥମେ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଅଧାରୁ କାମ ଛା? ଚାଲିଯିବା ପରେ ପୁନଃ ଟେଣ୍ଡର କରାଯାଇ ନୂଆ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ନିର୍ମାଣ କରାଯାଉଥିବା ବେଳେ ଅଧିକାରୀଙ୍କ ଅବହେଳା ପାଇଁ ଠିକାସଂସ୍ଥା ମଧ୍ୟ ମନ୍ଥର ଗତିରେ ନିର୍ମାଣ କରୁଛି। ଗତବର୍ଷଠାରୁ ନୂଆ ଠିକାସଂସ୍ଥା କାମ ଆରମ୍ଭ କରିଥିବା ବେଳେ ୨୦୨୪ ମେ ମାସ ସୁଦ୍ଧା ଏହା ଶେଷ ହେବାକୁ ଲକ୍ଷ ରଖାଯାଇଥିଲା। ଏବେ ଜୁନ ମାସ ଛୁଇଁଥିବା ବେଳେ ନିର୍ମାଣ କାମ ୩୦ ପ୍ରତିଶତ ଶେଷ ହୋଇନଥିବା ଦେଖାଯାଇଛି। ଏପଟେ ଦୁର୍ବଳ ଅବସ୍ଥାରେ ଥିବା ପୋଲ ତଥା ପୋତାଶଙ୍କ ବଡ ଧରଣର ବନ୍ୟା ହେଲେ ଭୁଶୁଡିବା ସମ୍ଭାବନା ସୃଷ୍ଟି ହୋଇଛି। ନୟାଗଡ଼ ସହରଠାରୁ ଖଣ୍ଡପଡ଼ା ରୋଡ ଦେଇ ଗଲା ବେଳେ ସହର ଠାରୁ ମାତ୍ର ୪କି.ମି.ଦୂରରେ ପଡ଼େ ଡାହୁକା ସେତୁ। ଏହି ରାସ୍ତାକୁ ଅନେକ ପଞ୍ଚାୟତ ସଂଯୋଗ ହୋଇଥିବା ବେଳେ ନୟାଗଡ଼ ସହରକୁ ଆସିବା ପାଇଁ ଏହି ସେତୁ ମୁଖ୍ୟ ଭୂମିକା ନିଭାଇଥାଏ। ଏହି ସେତୁ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହାନ ଯିବା ଆସିବା କରୁଛି। ପୁରୁଣା ସେତୁ ଦୀର୍ଘ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି। ସେତୁ ଖୋଳି ହୋଇ ଲୁହା ଖାଡ଼ି ଦେଖାଗଲାଣି। ବିପଦସଙ୍କୁଳ ଅବସ୍ଥାରେ ଲୋକମାନେ ଯିବା ଆସିବା କରିବାକୁ ବାଧ୍ୟ ହେଉଛନ୍ତି। ଯାତାୟତର ସୁବିଧା ପାଇଁ ଏହି ସେତୁର କଡ଼ରେ ନୂତନ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦.୪୭ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ୬ଟି ପିଲର୍ ଦ୍ୱାରା ସୁଉଚ୍ଚ ସେତୁ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଲକ୍ଷ୍ୟ ସାଧିତ ହେବାରେ ଅହେତୁକ ବିଳମ୍ବ ଦେଖିବାକୁ ମିଳୁଛି। ପୂର୍ତ୍ତ ବିଭାଗ ପକ୍ଷରୁ ଗତବର୍ଷ ମାର୍ଚ୍ଚ ମାସରୁ ନୂଆଠିକା ସଂସ୍ଥା କାମ ଆରମ୍ଭ କରିଛି। ୬ ଟି ପିଲର୍ କାର୍ଯ୍ୟ ମଧ୍ୟରୁ ଦୁଇଟି ଶେଷ ହୋଇଥିବା ବେଳେ ୪ଟି ଅଧାଅଧୁରା ଅବସ୍ଥାରେ ରହିଛି ।ଏଥିସହ ସେତୁ ନିର୍ମାଣ ଲାଗି ଆବଶ୍ୟକ ଜମି ଚିହ୍ନଟ ହୋଇଛି। ସେତୁ ନିର୍ମାଣ ବାବଦକୁ ୧.୪୩ ଏକର ଜମି ଚିହ୍ନଟ ହୋଇଥିଲେ ମଧ୍ୟ ସମସ୍ତ ଜମି ଏପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ହାତକୁ ଆସିପାରିନଥିବା ଜଣାପଡ଼ିଛି। ଯାହାଦ୍ୱାରା ନିର୍ମାଣ ମନ୍ଥର ଗତିରେ ଚାଲିଛି। ଫଳରେ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି। ବାଲୁଗାଁ, ଶରଧାପୁର, ଭାପୁର, କଳାପଥର, ଗଣିଆ, ଖଣ୍ଡପଡ଼ା ଭଳି ଅଞ୍ଚଳକୁ ଯିବା ପାଇଁ ଏହି ସେତୁ ଉପରେ ନିର୍ଭର କରୁଛନ୍ତି। ଭୁବନେଶ୍ୱରର ଏକ ସଂସ୍ଥା ସେତୁର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ଲୋକମାନେ ପ୍ରତିଦିନ ବିପଦସଙ୍କୁଳ ଅବସ୍ଥାରେ ପୁରାତନ ସେତୁ ଦେଇ ଯିବା ଆସିବା କରୁଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ସେତୁ ନିର୍ମାଣ କରିବାକୁ ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି।

୬/୬/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୩୫,୬୫୪/- ସୁନା: ୦୦.୧୮୦ କେଜି ରୁପା: ୩୦.୬୫୦ ଗ୍ରାମ୍

# ଦିବ୍ୟାଙ୍ଗ ସ୍ୱାମୀ ପାଇଁ ସାବିତ୍ରୀ

**ଅସ୍ତରଙ୍ଗ, ୬।୬(ସମିସ):** ସାବିତ୍ରୀ ବ୍ରତ ପ୍ରତ୍ୟେକ ଓଡିଆ ସଧବା ମହିଳାଙ୍କ ପାଇଁ ବହୁତ ପର୍ବ। ସାଧବାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରି ଉପବାସ କରନ୍ତି। ଏମିତି ଜଣେ ସାବିତ୍ରୀର କରୁଣ କାହାଣୀ ଉପରେ ନଜର ପକାଇବା। ଅସ୍ତରଙ୍ଗ ବ୍ଲକ ଅଠଡିରା ଗ୍ରାମର ବିଜୟ ସ୍ୱାଇଁ, ଯିଏ ଜନ୍ମରୁ ଦିବ୍ୟାଙ୍ଗ, ଆଜିକାଲି ଦୁନିଆରେ ଜଣେ ପୁରୁଷ ବିବାହ କରିବାକୁ ଗଲେ, ଝିଅର ପରିବାର ଖୋଜୁଛନ୍ତି ସରକାରୀ ଚାକିରିଆ, ଇଞ୍ଜିନିୟର, ନଚେତ ବଡ଼ ବ୍ୟବସାୟୀ। ଏଭଳି ଜଣେ ଦିବ୍ୟାଙ୍ଗଙ୍କ ପାଇଁ ବିବାହ କରିବା ସ୍ୱପ୍ନ ଥିବା ବେଳେ ତାଙ୍କ ହାତ ଧରିଛନ୍ତି ସଞ୍ଜୁଲତା ସ୍ୱାଇଁ। ଯିଏ ନିଜ ଦିବ୍ୟାଙ୍ଗ ସ୍ୱାମୀଙ୍କ ପାଇଁ ସାଜିଛନ୍ତି ଦେବୀ। ନାରୀ ସମାଜ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ସଞ୍ଜୁଲତା। ଦିବ୍ୟାଙ୍ଗ ସ୍ୱାମୀଙ୍କୁ ନେଇ ପରିବାର ଆଗକୁ ନେଉଛନ୍ତି ହେଲେ କେବେ ଦୁଃଖ ପ୍ରକାଶ କରିନାହାନ୍ତି କି ଜୀବନ ଯୁଦ୍ଧରେ ହାରମାନି ନାହାନ୍ତି ସଞ୍ଜୁଲତା। ଯିଏ ପ୍ରତ୍ୟେକ ଦିନ ନିଜ ସ୍ୱାମୀଙ୍କ ପାଇଁ ସାଜିଛନ୍ତି ସାହାରା।ସ୍ୱାମୀଙ୍କୁ ଖୁଆଇଦେବା, ଗାଧେଇ ଦେବା, ନେବା ଆଣିବା କରିବା ପ୍ରତ୍ୟେକ କାର୍ଯ୍ୟରେ ସେ ନିଜ ସ୍ୱାମୀଙ୍କ ହାତଛାଡି ନାହାନ୍ତି। ଆଖପାଖ ପଡ଼ିଶା ଘର ମହିଳାମାନେ ସଞ୍ଜୁଙ୍କ ଏଭଳି ନିଷ୍ପାପର ପତିସେବା ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ସରକାରୀ ସାହାଯ୍ୟ କହିଲେ କେବଳ ଦିବ୍ୟାଙ୍ଗ ଭତ୍ତା, ଆଉ ଆର୍ଥିକ ସମସ୍ୟା ଭିତରେ ନିଜ ଦାମ୍ପତ୍ୟ ଜୀବନକୁ ଏହିଭଳି ନିର୍ବାହ କରୁଛନ୍ତି ଦମ୍ପତି।



## ଶ୍ରୀକ୍ଷେତ୍ରରେ ସାବିତ୍ରୀ ବ୍ରତ

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା

**ପୁରୀ, ୬।୬(ସମିସ)**

ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଗୁରୁବାର ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ସକାଳୁ ସକାଳୁ ପୁରୀର ବିଭିନ୍ନ ମନ୍ଦିରରେ ସଧବାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ହାତରେ ଥିଲା ଫୁଲ, ଫଳ, ଧୂପ, ଦୀପ ଆଉ ଶାଢୀ ଓ ଚୁଡ଼ି। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ବ୍ରତଧାରୀମାନେ ମନ୍ଦିରରେ ଦିଅଁଙ୍କୁ ପୂଜିଥିଲେ। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିସର ସାବିତ୍ରୀ ମନ୍ଦିର, ଗୁଣ୍ଡିଚା ମନ୍ଦିର ନିକଟ ନୃସିଂହ ମନ୍ଦିର, ଶିବ ମନ୍ଦିର, ଷ୍ଟେଶନ ନିକଟ ରାମ ମନ୍ଦିର, ନବକଳେବର ରୋଡସ୍ଥିତ ଆଖଣ୍ଡଳମଣୀ ମନ୍ଦିର, ମୁକୁନ୍ଦ ମିଶ୍ର ନଗରସ୍ଥିତ ଶିବ ମନ୍ଦିର ସମେତ ସହରର ବିଭିନ୍ନ ବିଷ୍ଣୁ ମନ୍ଦିରରେ ଲାଗିଥିଲା ଭିଡ। ସାବିତ୍ରୀ ଓ ସତ୍ୟବାନଙ୍କ ଭଳି ସେମାନଙ୍କ ସମ୍ପର୍କକୁ ଅତୁଟ ଓ ଦୀର୍ଘସ୍ଥାୟୀ କାମନା କରି ମହିଳାମାନେ ଏହି ବ୍ରତ ପାଳନ କରିଥିଲେ। ଦିଅଁଙ୍କ ନିକଟରେ ବିଭିନ୍ନ ଫଳମୂଳ ଅର୍ପଣ କରି ଶଙ୍ଖା, ସିନ୍ଦୂର, ଶାଢୀ, ଚୁଡ଼ି ପୂଜା କରି ସ୍ୱାମୀଙ୍କ ମଙ୍ଗଳ ମନାଷି ଥିଲେ। ଗୁଣ୍ଡିଚା ମନ୍ଦିର ନିକଟ ଶିବ ମନ୍ଦିରକୁ ପୂଜା କରିବାକୁ ଆସିଥିବା ସୌଭାଗିନୀ ଜେନା କହିଛନ୍ତି, ସ୍ୱାମୀଙ୍କ ଦୀର୍ଘାୟୁ ସହ ଯୋଡି ହୋଇ ରହିଥିବା ଏହି ବ୍ରତ ନିଷ୍ଠାର ସହ ପାଳିଆସୁଛି। ସାବିତ୍ରୀ ବ୍ରତ ସଧବା ମହିଳାଙ୍କର ଏକ ପ୍ରମୁଖ ବ୍ରତ। ଏହା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଥିବା ସମ୍ପର୍କ ଓ ଭଲପାଇବାକୁ ଆହୁରି ନିବିଡ କରିଥାଏ। ଆମ ବାହାରକୁ ୮ ବର୍ଷ ହେଲାଣି। ପ୍ରତିବର୍ଷ ଏହି ବ୍ରତ ପାଳନ କରୁଛି।



# ଜେଲ୍‌ରେ ସାବିତ୍ରୀ ବ୍ରତ

**ପୁରୀ, ୬।୬ (ସମିସ):** ବାହା ବେଦୀରେ ସାତ ଜନମର ସାଥୀ ହେବା ପାଇଁ ଶପଥ ନେଇଥିଲେ। ସୁଖ, ଦୁଃଖର ସମଭାଗୀ ହେବାକୁ ପରସ୍ପରକୁ କଥା ଦେଇଥିଲେ। ହେଲେ ସୁଖଦୁଃଖର ସଂସାର ଆଗେଇ ଚାଲିଥିବାବେଳେ କେତେ ଜଣଙ୍କ କ୍ଷେତ୍ରରେ ଘଟିଛି ବ୍ୟତିକ୍ରମ। ନିଜ ଭୁଲ ପାଇଁ ହେଉ ବା ଅନ୍ୟ କାହାର ଚକ୍ରାନ୍ତରେ ସେମାନେ ବାଟ ଭୁଲି ଯାଇଛନ୍ତି। ପାରିବାରିକ ସ୍ନେହ, ପ୍ରେମର ଠିକଣା ହଜାଇ ଜେଲର ଚାରିକାନ୍ଥ ଭିତରେ ଜୀବନ ଅତିବାହିତ କରୁଛନ୍ତି। କିନ୍ତୁ ସେମାନଙ୍କ ମନ ଭିତରେ ଥିବା ଭଲପାଇବା ମରିଯାଇନାହିଁ। ଭୁଲି ପାରିନାହାନ୍ତି ନିଜ ମନର ମଣିଷକୁ। ପ୍ରତିଟି ଓଷା, ବ୍ରତ ଆଉ ପର୍ବପର୍ବାଣି ଆସିଲେ ଛାତିର କୋହକୁ ଚାପି ସେ ବି ଆଗେଇ ଆସନ୍ତି। ଅନ୍ୟମହିଳାଙ୍କ ପରି ସଜେଇ ହୁଅନ୍ତି



ଆଉ ଠାକୁରଙ୍କୁ ପୂଜାର୍ଚ୍ଚନା କରନ୍ତି। ଏମିତି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ପୁରୀ ଜେଲରେ। ଏଠାରେ ରହୁଥିବା ୮ ଜଣ ମହିଳା ଅନ୍ତେବାସୀ ଗୁରୁବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି, ଯାହାକି ଜେଲ୍ ପରିସରରେ ସୃଷ୍ଟି କରିଥିଲା ଏକ ଆଧ୍ୟାତ୍ମିକ ବାତାବରଣ। ସମ୍ପୃକ୍ତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଛନ୍ତି। କାରାପାଳ ଅକ୍ଷୟ କୁମାର ଜେନା ସୂଚନା ମୁତାବକ, ଏଠାରେ ରହିଥିବା ୮ ମହିଳାଙ୍କୁ ନୂଆ ଶାଢୀ, ଶଙ୍ଖା, ସିନ୍ଦୁର, ଚୁଡି, ଫଳମୂଳ ଓ ପୂଜା ସାମଗ୍ରୀ କିଣି ଦିଆଯାଇଥିଲା। ସେମାନେ ଅନ୍ୟ ମହିଳାଙ୍କ ଭଳି ସାବିତ୍ରୀ ବ୍ରତ ପାଳିଥିଲେ। ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରି ସେମାନଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ ମଧ୍ୟ କାମନା କରିଥିଲେ। ପୂଜା ଶଙ୍ଖା, ସିନ୍ଦୁର ଏବଂ ନୂଆ ଶାଢୀ ପିନ୍ଧି କିଛି ମହିଳା ସ୍ୱାମୀଙ୍କୁ ମୁଣ୍ଡିଆ ମାରିଥିଲେ। ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ପୁରୀ ଜେଲ୍ ପରିସରରେ। ମହିଳା କାରାରକ୍ଷୀ ସଂଯୁକ୍ତା ପାତ୍ର ଓ ସୁନୀତା ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିସହିତ ମୁଖ୍ୟ କାରାରକ୍ଷୀ ଗୁଲ୍‌ଜାର ଖାଁ, ଅଧୀକ୍ଷକ ସଞ୍ଜୟ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# କିନ୍ନର ପାଳିଲେ ସାବିତ୍ରୀ ବ୍ରତ



**ପୁରୀ, ୬।୬(ସମିସ)**

ସାଧାରଣତଃ ସ୍ୱାମୀଙ୍କ ଦୀର୍ଘାୟୁ କାମନା ପାଇଁ ସଧବା ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରି ସ୍ୱାମୀର ମଙ୍ଗଳ ମନାସିଥାନ୍ତି। ହେଲେ ପୁରୀରେ କିନ୍ନରମାନେ ବି ପାଳନ କରିଛନ୍ତି ସାବିତ୍ରୀ ବ୍ରତ। ସେମାନେ ବେଶ୍ ନିଆରା ଢଙ୍ଗରେ ଏହି ବ୍ରତ ପାଳନ କରିଛନ୍ତି। ଗୁରୁବାର ସକାଳେ ଶ୍ରୀକ୍ଷେତ୍ର କଲୋନୀସ୍ଥିତ ଗଦା ମହାବୀର ମନ୍ଦିରରେ କିନ୍ନରମାନେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ନିଜ ଗୁରୁଙ୍କୁ ପୂଜା କରିବା ସହ ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି। କିନ୍ନରମାନେ ତାଙ୍କ ଗୁରୁ ବା ମା'ଙ୍କ ନାମରେ ବ୍ରତ ରଖିଥିଲେ। ଗୁରୁଙ୍କ ହାତରୁ ଶଙ୍ଖା ଏବଂ ସିନ୍ଦୁର ପିନ୍ଧି ସାବିତ୍ରୀ ବ୍ରତ ପାଳିଥିଲେ।

# ସମୁଦ୍ରରେ ବୁଡ଼ିଯାଉଥିବା ପର୍ଯ୍ୟଟକ ଉଦ୍ଧାର

**ପୁରୀ, ୬।୬(ସମିସ):** ପୁରୀ ସମୁଦ୍ରରେ ଗାଧୋଇବା ବେଳେ ବିଭିନ୍ନ ସମୟରେ ପର୍ଯ୍ୟଟକ ବିପଦରେ ପଡୁଛନ୍ତି। କେତେବେଳେ ଲାଇଫ୍‌ଗାର୍ଡଙ୍କ କଥା ନ ମାନି ପର୍ଯ୍ୟଟକ ବିପଦରେ ପଡୁଥିବା ବେଳେ ଆଉ କେତେବେଳେ ରିପ୍ କରେଣ୍ଟରେ ପଡ଼ି ବୁଡ଼ିଯାଉଛନ୍ତି। ଗୁରୁବାର ମଧ୍ୟ ଜଣେ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ତାଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ପର୍ଯ୍ୟଟକ ହେଲେ ମଧ୍ୟପ୍ରଦେଶ ବସ୍ତର ଜିଲ୍ଲାର ୧୯ ବର୍ଷୀୟ ଯୁବକ। ସେ ୮/୯ ସେକ୍ଟରରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରିଥିଲେ।

# ମନ୍ଦିର ଓ ମଠ ସହିତ ଘରେ ଘରେ ପୂଜା

**ସାକ୍ଷୀଗୋପାଳ, ୬।୬( ସମିସ):** ସାବିତ୍ରୀ ପୂଜା ପାଇଁ ସାକ୍ଷୀଗୋପିନାଥଙ୍କ ମନ୍ଦିରରେ ମହିଳାମାନଙ୍କର ଭିଡ ପରିଲକ୍ଷିତ ହୋଇଥିଲା। ସେହିପରି ମନ୍ଦିର, ବିଭିନ୍ନ ଶୈବପୀଠ ସହିତ ଘରେ ଘରେ ସାବିତ୍ରୀଙ୍କ ପୂଜା ପାଳିତ ହୋଇଯାଇଛି। ସଧବା ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମନ୍ଦିରମାନଙ୍କରେ ପୂଜାର୍ଚ୍ଚନ କରିଥିବା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ବାହ୍ମଣଙ୍କ ଦ୍ୱାରା ଚଉରା ମୂଳରେ ପୂଜା କରାଯାଉଥିବା ବେଳେ କେତେକ ଗ୍ରାମରେ ଶିଳପୁଆରେ ବଟା ହଳଦୀରେ ମା ସାବିତ୍ରୀଙ୍କ ପ୍ରତିମୂର୍ତ୍ତି କରାଯାଇ ପୂଜା ପାଠ କରିଥିବାର ଦେଖାଯାଇଥିଲା।ସେହିପରି ସାକ୍ଷୀଗୋପାଳ ମନ୍ଦିରରେ ମାନବ କୂଳରେ ଜନ୍ମିତ ଠାକୁର ସାକ୍ଷୀଗୋପିନାଥ ଦେବ ମା'ଶ୍ରୀରାଧାରାଣିଙ୍କ ସାବିତ୍ରୀ ପର୍ବ ପାଳିତ ହୋଇଯାଇଛି। ଧୂପ ପରେ ଚନ୍ଦନ ବେଡା ପରେ ଚଳନ୍ତି ପ୍ରତିମା ମଦନମୋହନ



ଓ ମା ଶ୍ରୀରାଧାଙ୍କ ବିଗ୍ରହକୁ ସେବାୟତମାନେ ରଙ୍ଗଣି ମଣ୍ଡପକୁ ବିଜେ କରାଇଥିଲେ। ସେଠାରେ ନୂତନ ବସ୍ତ୍ର ପରିଧାନ କରିବା ପରେ ତୁଳସି, ଚନ୍ଦନ ଲାଗି କରାଯିବା ପରେ ସାବିତ୍ରୀ ପୂଜାନୀତି କାନ୍ତି କରାଯାଇଥିଲା। ବିଭିନ୍ନ ଫଳମୂଳ, ସହିତ ଧୁଆମୁଗ ନଡିଆ, ପାଚିଲାକଦଳୀ ଅର୍ପଣ କରାଯାଇଥିଲା ବୋଲି ମନ୍ଦିର କାର୍ଯ୍ୟନିବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କ ଠାରୁ ସୁଚନା ମିଳିଛି। ଠାକୁରଙ୍କ ନୀତିକାନ୍ତି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ରଙ୍କ ତତ୍ୱବଧାନରେ ହୋଇଥିଲା।

# ଶ୍ରୀମନ୍ଦିରରେ ଜଳକ୍ରୀଡ଼ା

**ପୁରୀ, ୬।୬(ସମିସ):** ଶ୍ରୀମନ୍ଦିରରେ ଗୁରୁବାର ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ଦ୍ୱିତୀୟ ଜଳକ୍ରୀଡ଼ା।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

**ପୁରୀ, ୬।୬(ସମିସ):** ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ଗୁରୁବାର ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ବାଣ ବିସ୍ଫୋରଣ ପରେ...

# ଭୟ ବଢ଼ାଉଛି ଜନଗହଳି ସ୍ଥାନରେ ପେଟ୍ରୋଲ ପମ୍ପ

**ପୁରୀ, ୬।୬(ସମିସ)**



ବାରୁଦ ଗଦାରେ ପୁରୀ ସହର। ହଁ ଏଭଳି କହିବାର ପ୍ରାସଙ୍ଗିକତା ରହିଛି। କାରଣ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଠିଆ ହୋଇଛି ତିନୋଟି ପେଟ୍ରୋଲ ପମ୍ପ। ନିକଟରେ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣର ଭୟାବହତାକୁ ସହରବାସୀ ଭୁଲିପାରି ନ ଥିବାବେଳେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପେଟ୍ରୋଲ ପମ୍ପକୁ ନେଇ ସୋସିଆଲ ମିଡ଼ିଆର ପୋଷ୍ଟ ଏବେ ଭୟ ବଢ଼ାଇଦେଇଛି। ଗୋଟିଏ ପେଟ୍ରୋଲ ପମ୍ପ ବଡ଼ଦାଣ୍ଡରେ, ଗୋଟିଏ ସହରର ସବୁଠୁ ବଡ଼ ବସ୍ତି କୁହାଯାଉଥିବା ପେଣ୍ଠକଟାରେ ଏବଂ ଅନ୍ୟଟି ନୂତନ ଭାବେ ଗୁଣ୍ଡିଚା ମନ୍ଦିର ଏବଂ ବସ୍‌ଷ୍ଟାଣ୍ଡ କଡ଼ରେ ନିର୍ମିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା। ନବଦିନାତ୍ମକ ଯାତ୍ରାରେ ଆସି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିବେ ଠାକୁର। ଏହି ସମୟରେ ନୂତନ ଭାବେ ନିର୍ମିତ ପେଟ୍ରୋଲ ପମ୍ପ ସଂଲଗ୍ନ ଶରଧାବାଲି ଏବଂ ବସ୍‌ଷ୍ଟାଣ୍ଡରେ ପ୍ରବଳ ଗହଳି ହେବ। ତେଣୁ କୌଣସି ଅଘଟଣ ଯେପରି ନ ଘଟେ ସେଥିପ୍ରତି ପେଟ୍ରୋଲ ପମ୍ପ ମାଲିକ ଏବଂ ପ୍ରଶାସନ ସତର୍କ ରହିବା ଜରୁରୀ ବୋଲି କହିଛନ୍ତି ବୁଦ୍ଧିଜୀବୀ।

ଗତ ୨୯ ତାରିଖରେ ନରେନ୍ଦ୍ରରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ବାଣ ବିସ୍ଫୋରଣ ଘଟି ଅକାଳରେ ୧୫ ଜଣଙ୍କ ଜୀବନ ଗଲାଣି। ଏବେ ବି ବିଭିନ୍ନ ହସ୍ପିଟାଲରେ ୧୨ ଜଣ ଚିକିତ୍ସାଧୀନ ଅଛନ୍ତି। ଏହି ଦୁର୍ଘଟଣା ପରେ ବିସ୍ଫୋରକ ସାମଗ୍ରୀ ଏବଂ ଦ୍ରବ୍ୟର ବ୍ୟବହାରକୁ ନେଇ ଉଠିଛି ଅନେକ ପ୍ରଶ୍ନ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଧାର୍ମିକ ସହର। ଏହାକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ସେମାନଙ୍କ ସୁରକ୍ଷା ଏବଂ ନିରାପତ୍ତା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ କେତେକ କ୍ଷେତ୍ରରେ ପ୍ରଶାସନ ଆଖି ବୁଜି ଦେଇଛି। ବିଶେଷକରି ସହରର ବିଭିନ୍ନ ସ୍ଥାନରେ ବିସ୍ଫୋରକ ସାମଗ୍ରୀ ଓ ଦ୍ରବ୍ୟ ବିକ୍ରି ପ୍ରତି ଯେତିକି ସମ୍ବେଦନଶୀଳ ହେବା କଥା ହେଉନାହିଁ। ନୂତନ ଭାବେ ଗୁଣ୍ଡିଚା ମନ୍ଦିର ଏବଂ ବସ୍‌ଷ୍ଟାଣ୍ଡ ନିକଟରେ ଏକ ପେଟ୍ରୋଲ ପମ୍ପ ଖୋଲାଯାଇଛି। ଏହି ପମ୍ପକୁ ନେଇ ଆରମ୍ଭରୁ ବିରୋଧ ହୋଇଥିଲା। ପୁରୀ ସହରର ଜନସାଧାରଣ, ବୁଦ୍ଧିଜୀବୀ ଏହାକୁ ବିରୋଧ କରି ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ଯଦିଓ ସହର ପାଇଁ ପେଟ୍ରୋଲ ପମ୍ପର ଆବଶ୍ୟକତା ରହିଛି କିନ୍ତୁ ଯେଉଁ ସ୍ଥାନରେ ଏହା କରାଯାଉଛି ତାହା ଠିକ୍ ନୁହେଁ। ଏହାର ଯୁକ୍ତି ମଧ୍ୟ ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲେ। ଯେହେତୁ ପେଟ୍ରୋଲ ଟାଙ୍କିର ୧୦୦ ମିଟରରୁ କମ୍ ମଧ୍ୟରେ ପୁରୀ ବସ୍‌ଷ୍ଟାଣ୍ଡ ଏବଂ ଗୁଣ୍ଡିଚା ମନ୍ଦିର ରହୁଛି ଏହା ଭବିଷ୍ୟତରେ କୌଣସି ସମୟରେ ବିପଦ ଆଣିପାରେ ବୋଲି ଦୃଷ୍ଟି ଆକର୍ଷଣ କରିଥିଲେ। କେବଳ ବସ୍‌ଷ୍ଟାଣ୍ଡ କି ଗୁଣ୍ଡିଚା ମନ୍ଦିର ନୁହେଁ ଏହି ପେଟ୍ରୋଲ ପମ୍ପ ଚତୁଃପାର୍ଶ୍ୱରେ ଶହ ଶହ ଘରଦ୍ୱାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ରହିଛି ବୋଲି ପ୍ରଶାସନକୁ କହିଥିଲେ। ହେଲେ କେହି ଶୁଣି ନ ଥିଲେ। ଏବେ ଏହା କାର୍ଯ୍ୟକ୍ଷମ କରିସାରିଛି।

ସେହିପରି ବଡ଼ଦାଣ୍ଡ ପାର୍ଶ୍ୱରେ ଗୋଟିଏ ପେଟ୍ରୋଲ ପମ୍ପ ଥିବାବେଳେ ପେଣ୍ଠକଟା ବସ୍ତି ଅଞ୍ଚଳରେ ରହିଛି ଆଉ ଏକ ପେଟ୍ରୋଲ ପମ୍ପ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପେଟ୍ରୋଲ ପମ୍ପ ଅଞ୍ଚଳରେ ସବୁବେଳେ ଜନଗହଳି ରହିଥାଏ। ଯଦି ବି କିଛି ଅଘଟଣ ଘଟେ ତେବେ ଏଥିପାଇଁ ଦାୟୀ ରହିବ କିଏ? ୨୦୨୦ ମସିହା ଅକ୍ଟୋବର ମାସରେ ରାଜଧାନୀ ଭୁବନେଶ୍ୱର ରାଜଭବନ ନିକଟ ପେଟ୍ରୋଲ ଟାଙ୍କିରେ ନିଆଁ ଲାଗିବା ସହ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା। ଏଥିରେ ଏକାଧିକ ମୃତାହତ ହୋଇଥିଲେ। ଆଖପାଖ ଅଞ୍ଚଳର ଘରଦ୍ୱାର ଥରି ଉଠିଥିଲା। ଏପରି କି କେତେକ ଘରର କାଚ ଝରକା କବାଟ ମଧ୍ୟ ଭାଙ୍ଗି ଯାଇଥିଲା। ତେଣୁ ଜନଗହଳି ଅଞ୍ଚଳରେ ପେଟ୍ରୋଲ ପମ୍ପ ପାଇଁ ପ୍ରଶାସନ କିଭଳି ଅନୁମତି ଦେଉଛି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସାଧାରଣ ଜନତା।

ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ହୋଇ ଏତେ ଲୋକଙ୍କ ଜୀବନ ଚାଲିଯିବ କେହି କେବେ ଭାବି ନ ଥିଲେ। ଦୁର୍ଘଟଣା କେତେବେଳେ ବି ହୋଇପାରେ। ହେଲେ ତା' ପୂର୍ବରୁ ସତର୍କ ରହିବା ନିତାନ୍ତ ଜରୁରୀ।

# ମହାପ୍ରସାଦ ପାଇଁ ଉତ୍ତର ଦ୍ୱାରରେ ଭିଡ଼



**ପୁରୀ, ୬।୬(ସମିସ):** ସାବିତ୍ରୀ ବ୍ରତ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଥିଲା। ବେଢ଼ା ପରିସର ସାବିତ୍ରୀ ମନ୍ଦିରରେ ସକାଳୁ ସଧବା ମହିଳମାନେ ଧାଡ଼ି ଲଗାଇ ପୂଜାର୍ଚ୍ଚନା କରିଥିଲେ। ମହାପ୍ରସାଦ ପାଇଁ ବି ବେଶ୍ ଭିଡ଼ ହୋଇଥିଲା। ଏହିଦିନ ପୁରୀ ସହରର ପ୍ରାୟ ଅଧିକାଂଶ ପରିବାର ମହାପ୍ରସାଦ ସେବନ କରିଥାନ୍ତି। ତେଣୁ ଅବଢ଼ା ପାଇଁ ଉତ୍ତର ଦ୍ୱାରରେ ଭିଡ ଲଗାଇଥିଲେ। ଉତ୍ତର ଦ୍ୱାର ଦେଇ ପ୍ରବେଶ ଅନୁମତି ନ ଥିବାରୁ ଶ୍ରଦ୍ଧାଳୁ ବାହାରେ ଅପେକ୍ଷା କରି ରହିଥିଲେ। ପୂର୍ବରୁ ଅର୍ଡର ପାଇଥିବା ଅନୁସାରେ ସୁଆର ସେବକ ଆଣି ଉତ୍ତର ଦ୍ୱାରରେ ସେମାନଙ୍କୁ ମହାପ୍ରସାଦ ଦେଉଥିଲେ। ସେହିପରି କେତେକ ବୋଝିଆ ବି ଶ୍ରଦ୍ଧାଳୁଙ୍କ କହିବା ମୁତାବକ ଆନନ୍ଦ ବଜାରରୁ ଅବଢ଼ା ଆଣି ଦେଉଥିଲେ। ଏଥିପାଇଁ ଉତ୍ତର ଦ୍ୱାରରେ ଗହଳି ହୋଇଥିଲା।

## ପୂର୍ବଶତ୍ରୁତାରୁ ଦୁର୍ବୃତ୍ତ ଲଗାଇ ଦେଲେ ନିଆଁ

**ବେଗୁନିଆ, ୬।୬(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଦଲକ ଗ୍ରାମ ଆଦିବାସୀ ସାହିର ପ୍ରତାପ ନାୟକଙ୍କ ଘରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେହି ଦୁର୍ବୃତ୍ତ ବୁଧବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଛି । ଏଥିରେ ଘରର ଆସବାବପତ୍ର ଆନୁମାନିକ ୩୦ ହଜାର ଟଙ୍କାର ପୋଡ଼ି ଯାଇଥିବାର ବେଗୁନିଆ ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏନେଇ ପୁଲିସ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଖବର ପାଇ ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ତୁରନ୍ତ ପ୍ରଶାସନ ପକ୍ଷରୁ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ।

## ଘରପୋଡ଼ିରେ ଲକ୍ଷାଧିକ ସମ୍ପତ୍ତି ନଷ୍ଟ

**ଟାଙ୍ଗୀ, ୬।୬(ସମିସ):** ଟାଙ୍ଗୀ ବ୍ଲକ ଅଧିନସ୍ଥ ବଡପାରି ଗ୍ରାମର କୈଳାସ ଚନ୍ଦ୍ର ଜେନାଙ୍କ ଘରେ ବୁଧବାର ବିଳମ୍ବିତ ରାତ୍ରିରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାରୁ ତାଙ୍କର ଲକ୍ଷାଧିକମୂଲ୍ୟର ସମ୍ପତି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ସେହିଘରେ ତାଙ୍କର ବୃଦ୍ଧ ଜେଜ ଭିକାରୀ ଜେନା ଯାହାଙ୍କର ବୟସ ୮୫ ବର୍ଷ ଓ ତାଙ୍କର ଧର୍ମପତ୍ନୀ ଶୋଇଥିଲେ । ପଡୋଶୀ ଲୋକମାନେ ସହାୟତା କରିନଥିଲେ ସେମାନେ ମଧ୍ୟ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥାନ୍ତେ ବୋଲି ପ୍ରତ୍ୟକ୍ଷଦର୍ଶୀମାନଙ୍କ ଠାରୁ ଜଣାପଡ଼ିଛି । ନିଆଁ ଲାଗିବା ଦେଖି ପଡୋଶୀ ଲୋକ ପହଁଞ୍ଚିଚ ବହୁ ଆସବାବପତ୍ର ବାହାରକୁ ନେଇଆସିଥିଲେ ମଧ୍ୟ ଧାନ, ମୁଗ ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ପୋଡିଯାଇଥିବା ଜଣାପଡ଼ିଛି । ଖବର ପାଇ ଟାଙ୍ଗୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଗୁରୁବାର ସକାଳୁ ରାମଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକ ସରଜମିନ ତଦନ୍ତ କରି କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡ଼ିଛି । ବଡପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ପହଁଞ୍ଚି ବିପନ୍ନ ପରିବାରକୁ ଆଶ୍ୱାସନା ପ୍ରଦାନ କରିଥିଲେ । ଟାଙ୍ଗୀ ବ୍ଲକ ଅଧକ୍ଷା ରୀସ୍ମା ମାନଧାତା ମଧ୍ୟ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଥିବା ଜଣାପଡ଼ିଛି । କୌଣସି ଦୁର୍ବୃତ୍ତ ଅଗ୍ନିକାଣ୍ଡ ଘଟାଇଥିବା ନେଇ କୈଳାସ ଚନ୍ଦ୍ର ଜେନା ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ବିପନ୍ନ ପରିବାରକୁ ଆବସ ଯୋଜନାରେ ସାମିଲ କରି ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

### ମନ୍ଦିରରେ ସାବିତ୍ରୀ ପାଳିଲେ ମହିଳା

# ବଜ୍ର ହେଉ ଆମ ଶଙ୍ଖା ସିନ୍ଦୂର



**ଖୋର୍ଦ୍ଧା, ୬।୬(ସମିସ)**

ଖୋର୍ଦ୍ଧା ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରେ ଥିବା ଦେଳାଳୟ ଗୁଡିକରେ ଗୁରୁବାର ସାବିତ୍ରୀ ବ୍ରତ ଲାଗି ଭିଡ ଜମିଥିଲା । ହିନ୍ଦୁଧର୍ମର ସଧବା ନାରୀମାନେ ସ୍ୱାମୀଙ୍କ ମଙ୍ଗଳ ମନାସିବା ସହ ଶଙ୍ଖା ସିନ୍ଦୁରକୁ ଅତୁଟ ରଖିବା ଲାଗି ଏହି ବ୍ରତ କରିଥିଲେ । ବିଧି ଅନୁଯାୟୀ ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହି ଓଷା କରାଯାଏ । ତେଣୁ ଏହାକୁ କେହି କେହି ଅମାବାସ୍ୟା ମଧ କରିଥାନ୍ତି ।ଏଥିପାଇଁ ସହର ଓ ଏହାର ଉପକଣ୍ଠରେ ଥିବା ମନ୍ଦିରରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା । ନାରୀମାନେ ସ୍ୱାମୀଙ୍କ ଦୀର୍ଘଜୀବନ, ସୁସ୍ଥତା ଓ ସଫଳତା କାମନା କରି ନିଷ୍ଠାର ସହ ଏହି ପାଳନ କରିଥାନ୍ତି । ଏଥିସହିତ ଦେବୀ ସାବିତ୍ରୀ, ସତ୍ୟବାନ ଏବଂ ଯମରାଜଙ୍କୁ ମଧ ପୂଜାର୍ଚ୍ଚନା କରାଯାଏ ।ବ୍ରତ ରଖିଥିବା ମହିଳାମାନେ ଭୋରୁ ଗାଧୋଇ ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ ଆଦି ବିଷ୍ଣୁ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିବା ବେଳେ ଆଉକିଛି ଶ୍ରଦ୍ଧାଳୁ ଶୈବପୀଠ ବା ଶକ୍ତିପୀଠରେ ପୂଜା କରିଥିବା ଦେଖାଯାଇଛି । ତେବେ ପରିବେଶ ଓ ପରିସ୍ଥିତି ସହ ତାଳ ଦେଇ ସାବିତ୍ରୀ ବ୍ରତର ପରମ୍ପରାରେ ଯଦିଓ କିଛି ପରିବର୍ତ୍ତନ ଘଟିଛି, ତଥାପି ପ୍ରତ୍ୟେକ ହିନ୍ଦୁ ସଧବା ନାରୀ ଏହାକୁ ନିଷ୍ଠାର ସହ ପାଳନ କରିଥିଲେ ।

ପୂଜାଲାଗି ନୂତନ ବସ୍ତ୍ର ସହ ବିଭିନ୍ନ ପ୍ରକାରର ଫୁଲ, ଫଳ, ବ୍ରତ ଓ ପୂଜା ସାମଗ୍ରୀ ନେଇ ବ୍ରତଧାରୀ ଠାକୁରଙ୍କୁ ପୂଜା କରିଥିଲେ । ଖୋର୍ଦ୍ଧା ସହରର ମୁଖ୍ୟତଃ ଧବଳେଶ୍ୱର, ବାଟ ମଙ୍ଗଳା, ଲକ୍ଷ୍ମୀନାରାୟଣ, ଲୋକେଶ୍ୱର, ଲୋକନାଥ, ଦକ୍ଷେଶ୍ୱର, କାମନାମନ୍ଦିର, ଶ୍ରୀରାମନ୍ଦିର, ବାଲୁଙ୍କେଶ୍ୱର, ମା'ମଙ୍ଗଳା ପ୍ରମୁଖ ମନ୍ଦିର ଉପକଣ୍ଠର ମନ୍ଦିର ମାନଙ୍କରେ ସଧବା ନାରୀଙ୍କର ବେଶ ଭିଡ଼ ଦେଖାଯାଇଛି । ତେବେ ବ୍ରତଧାରୀଙ୍କ ପୂଜା ଲାଗି ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ।

### ମା' ଭଗବତୀଙ୍କ ସାବିତ୍ରୀ ବ୍ରତ

**ବାଣପୁର :** ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ମା' ଙ୍କ ସାବିତ୍ରୀ ବ୍ରତ ଓଷା ପାଳନ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ଏହି ପ୍ରସିଦ୍ଧ ସାବିତ୍ରୀ ବ୍ରତ ଓଷାରେ ସଧବା ନାରୀମାନେ ଯେପରି ନିଜ ପତିଙ୍କ ଶୁଭ ମନାସି ଦୀର୍ଘାୟୁ କାମନା ଲାଗି ସାବିତ୍ରୀବ୍ରତ ଓଷା ପାଳନ କରନ୍ତି । ସେହିପରି କଳି ଯୁଗରେ ମାନବୀୟ ଲୀଳାର ପ୍ରତୀକ ଭାବେ ଦେବଦେବ ମହାଦେବଙ୍କ ଶୁଭ ମନାସି ମା' ଭଗବତୀଙ୍କ ସାବିତ୍ରୀ ବ୍ରତ ଓଷା ପାଳନ ପରମ୍ପରା ପ୍ରାଚୀନ କାଳରୁ ଚଳି ଆସୁଛି । ଓଡ଼ିଶାର ସମସ୍ତ ଶକ୍ତି ପୀଠ ଠାରୁ ଅନନ୍ୟ ମା' ଭଗବତୀଙ୍କ ପୀଠରେ କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ପ୍ରତ୍ୟୁଷରୁ ମା' ଙ୍କ ଅଙ୍ଗରାଗ ମାଜଣା, ଅଁଳା ହଳଦୀ ଅଗୁରୁ ଚନ୍ଦନ କର୍ପୁର ମିଶ୍ରିତ ସୁବାଷିତ ଜଳରେ ମହାସ୍ନାନ, ବେଶ, ମହାପ୍ରସାଦ ସେବନ, ବଲ୍ଲଭ ଆଳତୀ ପରେ ମା'ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଥିଲେ । ମା'ଙ୍କ ପାଇଁ ପିତ୍ରାଳୟ ଦକ୍ଷପ୍ରଜାପତିଙ୍କ ମନ୍ଦିରରୁ ଦଣ୍ଡସେଣା ସାବିତ୍ରୀ ଭାରରେ ନୂଆ ଶାଢୀ, ଚୂଡ଼ି, ଅଳତା, ସିନ୍ଦୁର, କଜ୍ୱଳ, ପାନିଆ, ଦର୍ପଣ ସହ ମୁଗ, ଆମ୍ବ, ପଣସ, ନଡ଼ିଆ, ତାଳ ଓ ଖଜୁର ଆଦି ଫଳମୂଳ ନେଇ ଥିଲେ । ପାଳିଆ ମାଳି ମଧାହ୍ନରେ ମା' ଙ୍କୁ ପିତ୍ରାଳୟରୁ ଆସିଥିବା ନୂଆ ଶାଢୀ ସିନ୍ଦୁର କଜ୍ଜଳ ଓ ଚୁଡ଼ି ଆଦି ସମର୍ପଣ କରି ସୁସଜ୍ଜିତ ବେଶ କରାଇ ଥିଲେ । ପରିଛା ସାଆନ୍ତେ ବ୍ରତ ବିଧି ବଢ଼ାଇ ଆଳତୀ ବନ୍ଦାପନା ପରେ ଶଙ୍ଖୁଡ଼ି ଧୂପ ଲାଗି କରିଥିଲେ । ପରେ ମା'ଙ୍କ ମନ୍ଦିର ସର୍ବସାଧାରଣ ଦର୍ଶନ ପାଇଁ ସାହାଣ ମେଳା ହୋଇଥିଲା । ତେବେ ବ୍ରତ ପାଳନ ନିମନ୍ତେ ଦେବୋତ୍ତର କାର୍ଯ୍ୟାଳୟ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରା ଯାଇଥିବା କାର୍ଯ୍ୟନିର୍ବାହୀ ବାଳମୁକୁନ୍ଦ ଦାସ କହିଛନ୍ତି ।



**ବାଲୁଗାଁ :** ବାଲୁଗାଁ ଓ ବାଣପୁର ଅଞ୍ଚଳର ପ୍ରତ୍ୟେକ ସଧବା ନାରୀ ସ୍ୱାମୀଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନର ଶୁଭ ମନାସି ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ଅବସ୍ଥାପିତ ସତ୍ୟବାନ ସାବିତ୍ରୀ ମନ୍ଦିରରେ ସକାଳୁ ବ୍ରତଧାରୀ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ । ସେହିପରି ସମଗ୍ର ଅଞ୍ଚଳର ସର୍ବ ପୁରାତନ ଶୈବପୀଠ ରାମେଶ୍ୱର ଦେବ ମନ୍ଦିର, ସାମନ୍ତରାପୁର ଦଧିବାମନଦେବ ମନ୍ଦିର ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ । ସେହିପରି ଅଞ୍ଚଳର କିନ୍ନର ସମ୍ପ୍ରଦାୟ ଗୋଷ୍ଠୀ ତରଫରୁ ସାବିତ୍ରୀ ବ୍ରତ ଓଷା ପାଳନ କରାଯାଇଛି । ଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିରରେ ସକାଳୁ ଏକତ୍ରୀତ ହୋଇ କିନ୍ନରମାନେ ସେମାନଙ୍କର ଗୁରୁଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନର ଶୁଭ ମନାସି ସାବିତ୍ରୀ ବ୍ରତ କରି ଥିବା ଦେଖିବାକୁ ମିଳିଥିଲା । ଦୀର୍ଘ ୧୧ ବର୍ଷ ଧରି ଅଞ୍ଚଳର କିନର ସମ୍ପ୍ରଦାୟ ସାବିତ୍ରୀ ବ୍ରତ ଓଷା ପାଳନ କରି ଆସୁଥିବା ଜଣାଯାଇଛି ।





### ଜେଲରେ ବ୍ରତ ପାଳିଲେ ଅନ୍ତେବାସୀ

**ଖୋର୍ଦ୍ଧା, ୬।୬(ସମିସ):** ବ୍ରିଟିସ ସମୟର ବହୁପୁରାତନ ଜେଲ ଭାବେ ଖୋର୍ଦ୍ଧା ଜେଲ ପରିଚିତ । ଏଠାରେ ବିଭିନ୍ନ ଅପରାଧିକ ମାମଲା ରେ ଛନ୍ଦି ହୋଇ ଜେଲରେ ରହୁଥିବା ୮ଜଣ ସଧବା ଅନ୍ତେବାସୀ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ସକାଳୁ ଜେଲ ତରଫରୁ ସେମାନଙ୍କୁ ନୂତନ ଶାଢୀ, ଶଙ୍ଖା ସିନ୍ଦୁର ଏବଂ ଫଳମୂଳ ପ୍ରଦାନ କରାଯାଇଥିଲା । ଜେଲ ପରିସରରେ ଥିବା ମନ୍ଦିରରେ ବ୍ରାହ୍ମଣ ଠାକୁର ନିକଟରେ ପୂଜା ଅର୍ଚ୍ଚନା କରିବା ପରେ ମହିଳାଅନ୍ତେବାସୀମାନେ ସାବିତ୍ରୀ ବ୍ରତ ପାଳନ କରିଥିବା ଜଣାଯାଇଛି । ସେମାନେ ଜେଲ ମଧ୍ୟରେ ଥାଇ ମଧ ଭଗବାନଙ୍କ ନିକଟରେ ନିଜର ସ୍ୱାମୀଙ୍କ ଦୀର୍ଘାୟୁକାମନା କରିଥିଲେ । ସେହିପରି ଜେଲ ମଧ୍ୟରେ ଥିବା ପୁରୁଷ ଅନ୍ତେବାସୀଙ୍କ ପତ୍ନୀମାନେ ମଧ ନୂତନ ଶାଢୀ ଏବଂ ଠାକୁର ପ୍ରସାଦ ଆଣି ସ୍ୱାମୀଙ୍କ ପାଦ ପୂଜା କରିବା ସମେତ ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ । ସାବିତ୍ରୀ ବ୍ରତ ଅବସରରେ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ପ୍ରକାର ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିବା ଜେଲ ଜେଲ ଅଧିକ୍ଷକ ରାଜୀବ କୁମାର ଦାସ ସୂଚନା ଦେଇଛନ୍ତି ।



## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ନିରାକାରପୁର, ୬।୬(ସମିସ):** ମିଶନ ଏସ କ୍ରିଷ୍ଣା ଓ ସହଯୋଗ ପରିବାର ମିଳିତ ଉଦ୍ୟମରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଖୋର୍ଦ୍ଧା ଜିଲ୍ଲା ହୀରାପୁର ଠାରେ ମିଶନ ଏସ କ୍ରିଷ୍ଣାର ନିର୍ଦ୍ଦେଶକ ତଥା ଶିକ୍ଷକ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ସମାଜସେବୀ ବିଭୂତି ଭୂଷଣ ଶତପଥୀ, ଅଧାପକ ଦିଲ୍ଲୀପ କୁମାର ବେହେରା, ପ୍ରତିଷ୍ଠାତା ମଞ୍ଜୁଲତା ମହାପାତ୍ର, ସହ ପ୍ରତିଷ୍ଠାତା ନବୀନ ମହାପାତ୍ର ଓ ସହଯୋଗ ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟ ଉପସ୍ଥିତ ରହି ଏ-ୱାନ ପାଇ କୃତିତ୍ୱ ହାସଲ କରିଥିବା ଛତ୍ରପଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ବୈଶାଖୀ ବେହେରାଙ୍କ ସହିତ ଅନ୍ୟ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟତ୍ରୀ ଲିଜା ବେହେରା, ସୋନାଲି ମହାପାତ୍ର, ଲିପିନା ବାହୁ ବଳବନ୍ତରାୟ, ଶିକ୍ଷକ ଦୀପକ ସାହୁ, ଶରତ ଚନ୍ଦ୍ର ସୁବୁଦ୍ଧି, ବିକାଶ ମାର୍ଥା, ସୁଜିତ୍ ଲେଙ୍କା ଓ ବିଶ୍ୱରଞ୍ଜନ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।

## ବିଦ୍ୟାଳୟ ପରିସରରେ ଚାରାରୋପଣ

**ବେଗୁନିଆ, ୬।୬(ସମିସ):**ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଚାରାରୋପଣ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର, ଶିକ୍ଷକ ନାରାୟଣ ମାନସିଂହ, ମାନସ ରଞ୍ଜନ ସେଠୀ ଓ ପରିଚାଳନା କମିଟିର ସଭାପତି ବଂଶୀଧର ପାଣିଗ୍ରାହୀଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ରହି ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିଥିଲେ । ତତ ସହିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବେଗୁନିଆ ବ୍ଲକର ସର୍ବୋଚ୍ଚ ନମ୍ବର ରଖି ସଫଳତା ହାସଲ କରିଥିବା ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ସାହୁଙ୍କ ଉଦ୍ଦେଶ୍ୟରେ ସ୍ମୃତିକୁ ଆଗାମୀ ଦିନରେ ଉଜ୍ଜୀବିତ କରିବା ପାଇଁ ମଧ ଚାରାରୋପଣ କରିଥିଲେ ।



### • ମରାମତି ହେଉନି ରେଳଫାଟକ ଅତିକ୍ରମ ରାସ୍ତା

## ବିଭାଗ ଦାୟିତ୍ୱହୀନତାରୁ ଯାତ୍ରୀ ହନ୍ତସନ୍ତ

**ନିରାକାରପୁର, ୬।୬(ସମିସ):** ରେଳ ବିଭାଗର ଦାୟିତ୍ୱହୀନତା ଯୋଗୁ ଗତ କିଛି ଦିନ ହେବ ସାଧାରଣଜନତା ଓ ହଜାରହଜାର ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ବାରମ୍ବାର ଏବିଷୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଲେ ବି ଏଥିପ୍ରତି ରେଳ ବିଭାଗ ଅଧିକାରୀମାନଙ୍କ କର୍ଣ୍ଣପାତ ନକରିବା ବିଡ଼ମ୍ବନାର ବିଷୟ । ସୂଚନାଯୋଗ୍ୟ କି ନୟାଗଡ଼-ପୁରୀ ନୂଆ ଜଗନ୍ନାଥ ସଡ଼କ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଜାର ରେଳ ଫାଟକରେ ଲୋକେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ରେଳ ଫାଟକ ଅତିକ୍ରମ କରିବା ରାସ୍ତାକୁ ବିଭାଗ ପକ୍ଷରୁ ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଇ ଯାତ୍ରୀମାନଙ୍କ ଯାତାୟାତକୁ ସୁଗମ ପାଇଁ ବ୍ୟବସ୍ଥା କରାଯାଇଥାଏ । କିନ୍ତୁ ଦୀର୍ଘ ଦିନ ହେବ ଏହାର ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ରେଳ ଧାରଣା କଡ଼ରେ ଦିଆଯାଇଥିବା ପେବର ବ୍ଲକ ଗୁଡ଼ିକ ଦବି ଗଲାଣି । ରେଳ ଧାରଣା ଗୁଡ଼ିକ ଉପରକୁ ଉଠିଯିବା କାରଣରୁ ଲୋକେ ଯାତାୟାତ କରୁଥିବା ବେଳେ ଯାନବାହାନ ଗୁଡ଼ିକ ରେଳ ଧାରଣା ଅତିକ୍ରମ କରିବା କଷ୍ଟକର ହୋଇପଡ଼ିଛି । ଗେଟ୍ ବନ୍ଦ ସମୟରେ ପ୍ରବଳ ଗହଳି ମଧ୍ୟରେ ଅନେକ ଛୋଟବଡ ଦୁର୍ଘଟଣା ଘଟୁଛି ଓ ପରସ୍ପର ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହେଉଛି । ତୁରନ୍ତ ରେଳଫାଟକ ଅତିକ୍ରମ ରାସ୍ତାର ମରାମତି କରିବାକୁ ଦାବି ହେଉଛି ।



# ଉଗ୍ରତାରା ପୀଠ ରଜ ଯାତ୍ରା ଓ ମହୋତ୍ସବ ପ୍ରସ୍ତୁତି ଶେଷ

**ନିରାକାରପୁର, ୬।୬(ସମିସ)**

ଆଉ ୭ ଦିନ ପରେ ରଜ ପାଇଁ ମା'ଉଗ୍ରତାରା ପୀଠ ଚଳଚଞ୍ଚଳ ହେବ । ମା'ଙ୍କୁ ଦର୍ଶନ ସହ ମୀନା ବଜାରର ବେଶ ମଜା ନେବେ ଶ୍ରଦ୍ଧାଳୁ । ଓଡ଼ିଶାର ଗଣ ପର୍ବ ରଜ । ଘରେ ଘରେ ରଜ ପିଠା ରଜ ପାନର ମହକ, ରଜ ଦୋଳିର କେଁକଟର ଶବ୍ଦ ଶୁଭେ । ଖୋର୍ଦ୍ଧା ଜିଲ୍ଲା ମୁଳିଝର ଗଡ଼ସ୍ଥିତ ପ୍ରତିଷ୍ଠିତ ତନ୍ତ୍ର ପୀଠ ମା'ଉଗ୍ରତାରାଙ୍କ ପୀଠରେ ରଜ ମହୋତ୍ସବ ମହାଆଡ଼ମ୍ବର ସହକାରେ ଆସନ୍ତା ୧୪ ତାରିଖ ଠାରୁ ଆରମ୍ଭ ହେବ । ଏଥି ପାଇଁ ସବୁ ପୂର୍ବ ପ୍ରସ୍ତୁତି ଶେଷ ହୋଇଯାଇଛି କେବଳ ଔପଚାରିକତା ଦୃଷ୍ଟିରୁ ସରକାରୀସ୍ତରରେ ମନ୍ଦିର ପ୍ରଶାସନ ତରଫରୁ ତହସିଲଦାରଙ୍କ ନେତୃତ୍ୱରେ ପୂର୍ବ ପ୍ରସ୍ତୁତି ବୈଠକ ହେବାର ରହିଛି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ ଅଧିନସ୍ଥ ରାଜ ପ୍ରତିଷ୍ଠିତ ପ୍ରସିଦ୍ଧ ତନ୍ତ୍ର ପୀଠ ମା'ଉଗ୍ରତାରଙ୍କ ପୀଠରେ ପ୍ରତିବର୍ଷ ଭଳି ରଜଉତ୍ସବ ଦୀର୍ଘ ୭ ଦିନ ଧରି ଅର୍ଥାତ୍ ୧୪ ତାରିଖ ରୁ ୨୧ ତାରିଖ ଅନୁଷ୍ଠିତ ହେଉଥିବା ବେଳେ ଉଗ୍ରତାରା ମହୋତ୍ସବ ୧୫ ରୁ ୧୭ ତାରିଖ ୩ ଧରି ହେବାର ନିଷ୍ପତ୍ତି ହୋଇଥିବା ଉଗ୍ର ତାରା ମନ୍ଦିର ଟ୍ରଷ୍ଟ ବୋର୍ଡ ସୁପରଭାଇଜର କୁମର ପାତ୍ର ଜଣାଇଛନ୍ତି । ମା' ଉଗ୍ରତାରା ବି ମାନବୀୟଲୀଳାକୁ ଗ୍ରହଣ କରି ପାଳିବେ ରଜପର୍ବ । ପହଲି ରଜରେ ମା'ପ୍ରତ୍ୟୁଷରୁ ହଳଦୀ, ଚୁଆ ଚନ୍ଦନ, ଆଗୁରୁ, କର୍ପୂର ମିଶ୍ରିତ ସୁବାସିତ ଜଳରେ ସ୍ନାନ କରି ବାର ରଙ୍ଗି ପାଟରେ ସଜେଇ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବେ । ରଜ ପର୍ବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି ।ଉଗ୍ରତାରା ପୀଠରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ର ସମସ୍ତ ଅଧିକାରୀ ଘଟଣା ସ୍ଥଳରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ ବ୍ୟବସ୍ଥା କରିବେ । ଉଗ୍ରତାରାଙ୍କ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ସମସ୍ତ ବ୍ୟବସ୍ଥା ସରିଛି । ଏହି ସମୟରେ ଶାନ୍ତିଶୃଙ୍ଖଳାର ସହିତ ଭକ୍ତମାନେ ମା ଉଗ୍ରତାରାଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିବେ ।



ରଜରେ ଭଳିକି ଭଳି ଦୋକାନ ବଜାର ଆରମ୍ଭ କରି ବିଭିନ୍ନ ଦୋଳି, ଡ୍ରାଗନ ଟ୍ରେନ ଇତ୍ୟାଦି ପଡ଼ିବାର କାର୍ଯ୍ୟକ୍ରମ ଥିବା ବେଳେ ଏବେ ଠାରୁ କିଛି କିଛି ପସରା ଦୋକାନ ଆସି ନିଜ ନିଜର ଟେଣ୍ଟ ଲଗାଇବାକୁ ଆରମ୍ଭ କଲେଣି । ସମୁଦାୟ ପ୍ରାୟେ ୨୫୦ ବିଭିନ୍ନ ଦୋକାନ କରିବାକୁ ମନ୍ଦିର ପ୍ରଶାସନ ନିକଟରେ ଆବେଦନ କରିଥିବା ଜଣାପଡ଼ିଛି । ଚଳିତ ବର୍ଷ ରଜରେ ଭଲ ବ୍ୟବସାୟ କରିବାକୁ ଆଶା ରଖିଛନ୍ତି ବ୍ୟବସାୟୀ । ଚଳିତ ବର୍ଷ ରଜ ଯାତ୍ରା ସମ୍ପର୍କରେ ତହସିଲଦାର ମିତାଲୀ ପାତ୍ରଙ୍କୁ ପଚାରିବାରୁ ସେମାନେ ନିର୍ବାଚନ ରେ ବ୍ୟସ୍ତ ଥିଲେ ଶୁକ୍ରବାର ଆଲୋଚନା କରି ପ୍ରସ୍ତୁତି ବୈଠକ ନିକଟରେ କରିବାକୁ ଜଣାଇଛନ୍ତି ।

## ବଡବେରଣା- କୁଶପଲ୍ଲା ଗ୍ରାମ୍ୟରାସ୍ତା ମରଣଯନ୍ତା



**ବେଗୁନିଆ, ୬।୬(ସମିସ):** ବେଗୁନିଆ ପୋଷ୍ଟ ଅଫିସ ଛକ ଠାରୁ ବଡ଼ବେରଣା ପର୍ଯ୍ୟନ୍ତ ୪ କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହୋଇଥିଲା । ତେବେ ରାସ୍ତାର ସ୍ଥାୟୀତ୍ୱ ଦୃଷ୍ଟିରୁ କୁଶପଲା ଠାରୁ ବଡ଼ବେରଣା ପର୍ଯ୍ୟନ୍ତ ୨ କିମି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ି ଥିବାରୁ ଯାତାୟାତରେ ବାଧାପ୍ରାପ୍ତ ହେଉଛି । ପ୍ରତ୍ୟହ ରାସ୍ତାରେ ଭାରୀ ଓ ଲଘୁଯାନ ସମେତ ପଥଚାରୀମାନେ ବେଗୁନିଆ ବ୍ଲକ, ଥାନା, ଚିକିତ୍ସାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ବ୍ୟବସାୟ ପ୍ରତିଷ୍ଠାନକୁ ନିତ୍ୟ ବ୍ୟବହାର୍ଯ୍ୟ ଆସବାବପତ୍ର କ୍ରୟ ବିକ୍ରୟ ନିମନ୍ତେ ଯାତାୟାତ କରିଥାନ୍ତି । ଏହି ରାସ୍ତାର ଉନ୍ନତୀକରଣ ନିମିତ୍ତ ପ୍ରତି ବର୍ଷ ମରାମତି କରିବା ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ବ୍ୟୟ ବରାଦ କରାଯାଉଥିବା ବେଳେ ନାମକୁ ମାତ୍ର କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ଆତ୍ମସାତ ହେଉଛି ।

ତେବେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ରାତ୍ର ଓ ଦିନରେ ଛୋଟବଡ ଦୁର୍ଘଟଣାମାନ ଘଟି ଧନଜୀବନ ନଷ୍ଟ ହେଉଛି । ବର୍ଷା ହେଲେ ଗର୍ତ୍ତରେ ପାଣି ଭର୍ତ୍ତି ହୋଇ ରହିଥିବାରୁ ମଧ ଯାତାୟାତ କରିବା ପାଇଁ ଲୋକମାନଙ୍କ ମନରେ ଭୟ ସୃଷ୍ଟି ହେଉଛି । ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୮ • ପାଉଣ୍ଡ ୧୦୬.୨୫
- ୟୁରୋ ୯୦.୫୭ • ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଚ୍ଛା (ଟଙ୍କାରେ)
- ସୁନା : ୬୬,୮୦୦ (ଭୁବନେଶ୍ୱର)
- ରୁପା : ୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୦୭୪.୦୦
- ନିଫ୍ଟି ୨୨,୮୨୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଚ୍ଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଚାନ୍ଦି ଭଣ୍ଡାରରେ ରଜ ସେଲିବ୍ରେସନ୍



**ଭୁବନେଶ୍ୱର, ୬।୬(ସିମସ):** ରଜ ହେଉଛି ଉକ୍ତ ପର୍ବ, ଯାହା ମୌସୁମୀର ଆଗମନକୁ ସୂଚାଇଥାଏ ଏବଂ ନାରୀକୁ ପାଳନ କରିଥାଏ। ରୁପା ଗହଣାର ଏକ୍ସକ୍ଲୁସିଭ୍ ସୋ'ରୁମ୍ ଚାନ୍ଦି ଭଣ୍ଡାର ପକ୍ଷରୁ 'ରଜ ସଜ' କଲେକ୍ସନ ଅଣାଯାଇଛି। ଆଧୁନିକ ଡିଜାଇନ୍ ସହ ରୁପାର କାଳଜୟୀ ସୌନ୍ଦର୍ଯ୍ୟର ମିଶ୍ରଣଯୁକ୍ତ ଆକର୍ଷଣୀୟ ଗହଣା ସମ୍ଭାର ଏବଂ ଆସେସରିଜ୍ ସୋ'ରୁମ୍ ପକ୍ଷରୁ ଉପଲବ୍ଧ କରାଯାଇଛି। 'ରଜ ସଜ' କଲେକ୍ସନରେ ସୂକ୍ଷ୍ମ ତଥା ଚମତ୍କାର ଆକ୍ୟୁଟ୍ ରହିଛି। ଏହା ଉତ୍ସବ ପରିଧାନରେ ସୌନ୍ଦର୍ଯ୍ୟର ସ୍ପର୍ଶ ପ୍ରଦାନ କରିବ। ଏହି କଲେକ୍ସନରେ ମଧ୍ୟ ଭଲିକି ଭଳି କାନଫୁଲ ରହିଛି। ପାରମ୍ପରିକଠାରୁ ଆରମ୍ଭ କରି ସମସାମୟିକ ଡିଜାଇନ୍ ଏଥିରେ ଅଛି, ଯାହାକି ସମସ୍ତଙ୍କୁ ପସନ୍ଦ ଆସିବ। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ, ରଜ ପର୍ବର ଆଗମନ ସହ ଚାନ୍ଦି ଭଣ୍ଡାର ଏକ ସେଲିବ୍ରେଶନ୍ ଘୋଷଣା କରି ଆନନ୍ଦିତ, ଯାହାକି ସମସାମୟିକ ଯାତ୍ରା ସହ ପରମ୍ପରାକୁ ମିଶ୍ରଣ କରୁଛି । ରଜର ଉତ୍ସାହକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଏକ ସ୍ୱତନ୍ତ୍ର ଅଫର ଆଣିଛି। ଏହା ଅନ୍ତର୍ଗତ ଗ୍ରାହକ ଜୁନ୍ ୭ରୁ ୧୬ ପର୍ଯ୍ୟନ୍ତ ସମସ୍ତ ଗହଣାର ଗଢ଼ା ମଜୁରିରେ ୨୦% ପର୍ଯ୍ୟନ୍ତ ରିଆତି ପାଇପାରିବେ। ନିଆରା ଢ଼ଙ୍ଗରେ ରଜକୁ ପାଳନ କରିବା ପାଇଁ ତଥା ଆମ ମୂଲ୍ୟବାନ ଗ୍ରାହକଙ୍କୁ ସେମାନଙ୍କ ନିରନ୍ତର ସହଯୋଗ ଏବଂ ପୃଷ୍ଠପୋଷକତା ପାଇଁ କୃତଜ୍ଞତା ଜଣାଇବା ପାଇଁ ଏ ଅଫର ଅଣାଯାଇଛି ।

**ସମସ୍ତ ଗହଣାର ଗଢ଼ା ମଜୁରିରେ ୨୦% ପର୍ଯ୍ୟନ୍ତ ରିଆତି**

# ଡାଲମିଆ ଭାରତ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ




**ଭୁବନେଶ୍ୱର, ୬।୬(ସମିସ):** ବିଶ୍ୱ ପରିବେଶ ଦିବସ ପାଳନ ଏବଂ ଦୀର୍ଘସ୍ଥାୟିତା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରିବା ନିମନ୍ତେ ଡାଲମିଆ ଭାରତ ଲିମିଟେଡ ଓଡ଼ିଶାରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି ଉତ୍ସବ ପାଳନରେ ସ୍ଥାନୀୟ କୃଷକଙ୍କୁ ସମର୍ଥନ କରିବା ଏବଂ ଅଞ୍ଚଳରେ ସବୁଜ ବଳୟ ବୃଦ୍ଧି କରିବା ଲକ୍ଷ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ରାଜଗାଙ୍ଗପୁର ଜଙ୍ଗଲ ବିଭାଗର ରେଞ୍ଜ ଅଫିସର ଗୁରୁ ଚରଣ ମଣ୍ଡଳ, ଡିସିବିଏଲ୍ ରାଜଗାଙ୍ଗପୁରର ୟୁନିଟ ହେଡ୍‌ଚେତନ ଶ୍ରୀବାସ୍ତବ, ଲାଞ୍ଜିବେର୍ଣ୍ଣା ମାଇନ୍ସ ହେଡ ଓମ୍ ପ୍ରକାଶ ଖେଲକାର, ହେଡ୍ ଏଚଆର ଆଣ୍ଡ କର୍ପୋରେଟ ସୋସିଆଲ ରିଲେସନ୍ସ ଡ.ନିଳାଦ୍ରୀ ଭୂଷଣ ପାଢ଼ୀ ଏବଂ ହେଡ୍ ଏନ୍‌ଭାଇରନ୍‌ମେଣ୍ଟ ଡିସିବିଏଲ୍ ଅଶୋକ କୁମାର ମିଶ୍ର ପ୍ରମୁଖ ଥିଲେ। ନାବାର୍ଡର ଏକ ପ୍ରକଳ୍ପ ଫାର୍ମ ସେକ୍ଟର ପ୍ରମୋସନ ଫଣ୍ଡ (ଏଫଏସ୍‌ପିଏଫ୍) ଅଧୀନରେ ଏକ ସବୁଜ ଛାୟା ନର୍ସରୀ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ପରିବେଶ ଦିବସରେ ଏକ ପ୍ଲାଣ୍ଟେସନ ଗ୍ରୀନ୍ ଡ୍ରାଇଭ୍ ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ଅଧୀନରେ ଲାଞ୍ଜିବେର୍ଣ୍ଣା ଏବଂ କୁକୁଡା ଗ୍ରାମ, ଆର୍ ଆଣ୍ଡ ଆର୍ କଲୋନି ଓ ପାୱାର ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୦୦୦ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଓ ୟୁନିଟ ହେଡ୍, ରାଜଗାଙ୍ଗପୁର କହିଛନ୍ତି ଯେ, ବିଶ୍ୱ ପରିବେଶ ଦିବସ ଆମ ପରିବେଶକୁ ସୁରକ୍ଷିତ ରଖିବା ଏବଂ ପରିପୋଷଣ କରିବା ନିମନ୍ତେ ଆମର ସାମୂହିକ ଦାୟିତ୍ୱକୁ ସ୍ମରଣ କରାଇଦେଉଛି। ଡାଲମିଆ ଭାରତ ଲିମିଟେଡରେ ଆମେ ଓଡ଼ିଶାରେ ପ୍ରଭାବୀ ପ୍ରୟାସସମୂହ ଜରିଆରେ ସ୍ଥାନୀୟ ଜନସାଧାରଣଙ୍କୁ ନିୟୋଜିତ କରି ଏହି ଦିବସ ପାଳନ କରିବା ନେଇ ଗର୍ବିତ ମନେକରୁଛୁ।

# ଦର ବୃଦ୍ଧିରୁ ତ୍ରାହି ନାହିଁ: ଖାଇବା ଥାଳି ମହଙ୍ଗା

**ଟମାଟୋ, ଆଳୁ, ପିଆଜ ଦର ବଢ଼ିଲା**

**ମେ'ରେ ଭେଜ୍ ଥାଳି ୭% ମହଙ୍ଗା**

**ଚାଉଳ ୧୩%, ଡାଲି ଦର ୨୧% ବଢ଼ିଛି**



**ନୂଆଦିଲ୍ଲୀ,୬।୬(ଏଜେନ୍ସି)**

ଅଣାୟତ୍ତ ବଜାର ଦର। ଅତ୍ୟାବଶ୍ୟକ ସାମଗ୍ରୀର ଉଚ୍ଚ ବଜାର ଦରରେ ଖାଉଟି ଲହୁଲୁହାଣ। ବର୍ତ୍ତମାନ ଏପରି ସ୍ଥିତି ଯେ, ଖାଉଟି ମହଙ୍ଗା ମାଡ଼ରୁ ରକ୍ଷା ପାଇଁ ତ୍ରାହି ତ୍ରାହି ଡାକ ଛାଡିଲେଣି। କାରଣ ଏବେ ଟମାଟୋ, ଆଳୁ, ପିଆଜ ସବୁର ବଜାର ଦର ବଢ଼ୁଯାଇଛି। ଏଥିଯୋଗୁ ବଜାରରେ ଖାଇବା ଥାଳି ମହଙ୍ଗା ହୋଇଯାଇଛି।

ମେ' ମାସରେ ଭେଜ୍ ବା ଏକ ଶାକାହାରୀ ଥାଳିର ମୂଲ୍ୟ ୯ ପ୍ରତିଶତ (ବାର୍ଷିକ ଭିତ୍ତିରେ) ବୃଦ୍ଧି ଘଟିଛି। ଅପରପକ୍ଷେ ବାର୍ଷିକ ଆଧାରରେ ଦେଖିଲେ ଚାଉଳ ମୂଲ୍ୟରେ ୧୩% ଏବଂ ଡାଲି ୨୧% ବଢ଼ିଛି।

୨୦୨୩ ମେ'ରେ ଦେଶରେ ଏକ ଭେଜ୍ ଥାଳିର ମୂଲ୍ୟ ୨୫ ଟଙ୍କା ୫୦ ପଇସା ରହିଥିଲା। ତେବେ ଚଳିତବର୍ଷ ମେ' ମାସରେ ଏକ ଶାକାହାରୀ ଥାଳିର ମୂଲ୍ୟ ୯ ପ୍ରତିଶତ ବୃଦ୍ଧି ଘଟି ୨୭ ଟଙ୍କା ୮୦ ପଇସାରେ ପହଞ୍ଚିଛି। ଗୁରୁବାର ପ୍ରକାଶିତ ଖାଦ୍ୟ ଥାଳି ମୂଲ୍ୟର ମାସିକ ସୂଚକାଙ୍କରେ କ୍ରିସିଲ୍ ଏହି ସୂଚନା ଦେଇଛନ୍ତି ବୋଲି କ୍ରିସିଲ୍ କହିଛନ୍ତି ଯେ ଗତ ମାସରେ ଏପ୍ରିଲ୍ ତୁଳନାରେ ଶାକାହାରୀ ଥାଳିର ମୂଲ୍ୟ ମେ' ମାସରେ ୧ ପ୍ରତିଶତ ବୃଦ୍ଧି ପାଇଛି। ଏପ୍ରିଲ୍ ମାସରେ ଭେଜ୍ ଥାଳିର ମୂଲ୍ୟ ୨୭.୪ ଟଙ୍କା ଥିଲା । ଯେତେବେଳେ ଏକ ନନ୍-ଭେଜ୍ ଥାଳିର ମୂଲ୍ୟ ବାର୍ଷିକ ଭିତ୍ତିରେ ମେ' ମାସରେ ୭% ହ୍ରାସ ହୋଇ ୫୫ ଟଙ୍କା ୯୦ ପଇସାକୁ ଖସିଆସିଛି। ଗତ ବର୍ଷ ମେ' ମାସରେ ନନ୍-ଭେଜ୍ ଥାଳିର ମୂଲ୍ୟ ୫୯ ଟଙ୍କା ୯୦ ପଇସା ରହିଥିଲା। କ୍ରିସିଲ୍ ରିପୋର୍ଟ ଅନୁଯାୟୀ, ଟମାଟୋ ମୂଲ୍ୟରେ ୩୯%, ଆଳୁ ୪୧% ଏବଂ ପିଆଜ ମୂଲ୍ୟରେ ୪୬% ବୃଦ୍ଧି ହେତୁ ଭେଜ୍ ଥାଳିର ମୂଲ୍ୟରେ ଏହି ଅଭିବୃଦ୍ଧି ଦେଖିବାକୁ ମିଳିଛି। ବାର୍ଷିକ ଭିତ୍ତିରେ ଚାଉଳ ମୂଲ୍ୟରେ ୧୩ ପ୍ରତିଶତ ଏବଂ ଡାଲି ମୂଲ୍ୟରେ ୨୧ ପ୍ରତିଶତ ବୃଦ୍ଧି ଘଟିଛି ବୋଲି କ୍ରିସିଲ କହିଛି।

ଏଥିସହିତ, ବ୍ରଏଲର୍ ଅର୍ଥାତ୍ ଚିକେନ୍ ମୂଲ୍ୟରେ ବାର୍ଷିକ ଆଧାରରେ ୧୬ ପ୍ରତିଶତ ହ୍ରାସ ହେବା ଯୋଗୁ ମେ' ମାସରେ ନନ୍-ଭେଜ୍ ଥାଳିର ମୂଲ୍ୟରେ ହ୍ରାସ ଘଟିଛି। ଏଠାରେ ସୂଚନାଯୋଗ୍ୟ ଯେ, ନନ୍‌ଭେଜ୍ ଥାଳି ମୂଲ୍ୟରେ ୫୦ ପ୍ରତିଶତ ହେଉଛି ବ୍ରଏଲର। ଚଳିତବର୍ଷର ଏପ୍ରିଲ ମାସ ତୁଳନାରେ ନନ୍- ଭେଜ୍ ଥାଳିର ପ୍ରସ୍ତୁତି ବାବଦ ଖର୍ଚ୍ଚ ୧ ପ୍ରତିଶତ ହ୍ରାସ ପାଇଛି। ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ଭାରତରେ ବର୍ତ୍ତମାନର ଖାଦ୍ୟ ମୂଲ୍ୟକୁ ଆଧାର କରି କ୍ରିସିଲ୍ ଘରେ ଥାଳି ପ୍ରସ୍ତୁତ କରିବାର ହାରାହାରି ମୂଲ୍ୟ ହିସାବ କରିଛି। ଏଥିରେ ମାସିକ ମୂଲ୍ୟ ପରିବର୍ତ୍ତନ ସାଧାରଣ ଲୋକଙ୍କ ଖର୍ଚ୍ଚକୁ ପ୍ରଭାବିତ କରିଥାଏ। କ୍ରିସିଲ୍ ତଥ୍ୟ ମଧ୍ୟ ସେହି ଉପାଦାନଗୁଡ଼ିକୁ ପ୍ରକାଶ କରିଥାଏ ଯାହାକି ଏକ ଖାଇବା ଥାଳି ମୂଲ୍ୟରେ ପରିବର୍ତ୍ତନ ଆଣିଥାଏ। ସେଗୁଡ଼ିକ ହେଉଛି, ଚାଉଳ, ଡାଲି, ବ୍ରଏଲର (ଚିକେନ୍), ପନିପରିବା, ମସଲା, ଖାଇବା ତେଲ ଏବଂ ରନ୍ଧନ ଗ୍ୟାସ୍। ଭେଜ୍ ଥାଳିରେ ରୁଟି, ପନିପରିବା (ପିଆଜ, ଟମାଟୋ ଏବଂ ଆଳୁ), ଚାଉଳ, ଡାଲି, କଦଳୀ ଏବଂ ସାଲାଡ୍ ଥାଏ। ତେବେ ନନ୍-ଭେଜ୍ ଥାଳି ପାଇଁ ଡାଲି ବଦଳରେ ଚିକେନ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି।

**ଏମ୍‌ପିସି ବୈଠକରେ ଆଜି ହେବ ସୁଧହାର ଉପରେ ନିଷ୍ପତ୍ତି**

# ପୁଣି ଅପରିବର୍ତ୍ତିତ ରହିପାରେ ସୁଧହାର

**ମୁମ୍ବଇ,୬।୬(ଏଜେନ୍ସି)**



ଚଳିତମାସ ୫ରୁ ଆରମ୍ଭ ହୋଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)ର ମୁଦ୍ରାନୀତି ସମୀକ୍ଷା (ଏମ୍‌ପିସି) ବୈଠକ। ଏହି ବୈଠକର ଫଳାଫଳ ଜୁନ୍ ୭ରେ ଆସିବ। କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାର ହ୍ରାସ କରିବା ଆଶା କ୍ଷୀଣ ହେଉଥିବାବେଳେ ଶୁକ୍ରବାର ସୁଧ ହାର ନେଇ ଚୂଡାନ୍ତ ନିଷ୍ପତ୍ତି ଆସିପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ, ବର୍ତ୍ତମାନ ବି ଖାଦ୍ୟ ସାମଗ୍ରୀ ମୂଲ୍ୟରେ ଢ଼େର ଉପରେ ରହିଥିବ ଦୃଷ୍ଟିରୁ ଏମପିସି ସୁଧ ହାର ହ୍ରାସକୁ ଏଡାଇ ଦେଇପାରେ। ଫେବୃଆରୀ ୨୦୨୩ ଠାରୁ ରେପୋ ହାର ୬.୫ ପ୍ରତିଶତ ରହିଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏମପିସି ବୈଠକର ନିଷ୍ପତ୍ତି ଜୁନ ୭ରେ ଘୋଷଣା କରାଯିବ। ରେପୋ ହାରରେ ଯଦି କୌଣସି ପରିବର୍ତ୍ତନ କରା ଯାଏ ତେବେ ସୁଧ ହାର ବଜାୟ ରଖିବା ପାଇଁ ଏହା ଆର୍‌ବିଆଇ ପାଇଁ ଅଷ୍ଟମ ସୁଯୋଗ ହେବ। ସେହିପରି ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା ରହିଛି ଏବଂ ଗ୍ରୀଷ୍ମ ପ୍ରବାହ ପନିପରିବା ମୂଲ୍ୟ ଉପରେ ବିଶେଷ ପ୍ରଭାବ ପକାଇଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆସୋଚାମର ସଭାପତି ସଞ୍ଜୟ ନାୟାର କହିଛନ୍ତି, ଖୁଚୁରା ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟଠାରୁ ୪% ଅଧିକ ରହିଥିବାରୁ ଆସନ୍ତା ଏମପିସି ବୈଠକରେ ରେପୋ ହାର ଅପରିବର୍ତ୍ତିତ ରହିବ ବୋଲି ଆଶା କରାଯାଉଛି। ଯଦିଓ ମୁଦ୍ରାସ୍ଫୀତି ହ୍ରାସ ପାଇବାରେ ଲାଗିଛି। ସେପ୍ଟେମ୍ବରରେ ମୌସୁମୀ ଅଧିବେଶନ ଶେଷ ହେବା ପରେ ମାକ୍ରୋ-ଅର୍ଥନୈତିକ ସ୍ଥିତି ସ୍ପଷ୍ଟ ହୋଇପାରେ। ଆଇସିଆରଏର ମୁଖ୍ୟ ଅର୍ଥନୀତିଜ୍ଞ ଅଦିତି ନାୟାର କହିଛନ୍ତି ଯେ, ସମ୍ପ୍ରତି ମୁଦ୍ରାସ୍ଫୀତି ତଥ୍ୟ ଏବଂ ଖାଦ୍ୟ ମୂଲ୍ୟର ପୂର୍ବାନୁମାନ ସୂଚାଇ ଦେଉଛି ଯଥାସ୍ଥିତି ରହିବ। ସେ କହିଛନ୍ତି ଯେ, ମୋଟ ଘରୋଇ ଉତ୍ପାଦ (ଜିଡିପି) ଆକଳନ ଏହି ତଥ୍ୟକୁ ସୁନିଶ୍ଚିତ କରିଛି।

**ନିୟମ ବଦଳାଇଲା ସେବି**

# ଶେୟାର ବିକ୍ରି ପରେ ଆକାଉଣ୍ଟକୁ ଟଙ୍କା ଆସିବା ହେଲା ସରଳ

**ମୁମ୍ବଇ,୬।୬(ସମିସ)**



ବୁଧବାର ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ଼ (ସେବି) ଗ୍ରାହକଙ୍କ ଆକାଉଣ୍ଟରେ ସିଧାସଳଖ ଭାବେ ଦେୟ ପ୍ରକ୍ରିୟା ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନେଇଛି। ପରିଚାଳନା ଦକ୍ଷତା ବୃଦ୍ଧି ଏବଂ ଗ୍ରାହକଙ୍କ ସିକ୍ୟୁରିଟି ପ୍ରତି ବିପଦକୁ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ଅକ୍ଟୋବର ୧୪ରୁ କାର୍ଯ୍ୟକାରୀ ହେବା ନେଇ ଏକ ସାର୍କୁଲାରରେ ସେବି କହିଛି। ବର୍ତ୍ତମାନ କ୍ଲିୟରାନ୍ସ କର୍ପୋରେସନ ପ୍ରଥମେ ଦଲାଲଙ୍କ ଆକାଉଣ୍ଟରେ ସିକ୍ୟୁରିଟି ପେମେଣ୍ଟ କରିଥାଏ। ପରେ ଏହାକୁ ସମ୍ପୃକ୍ତ ଗ୍ରାହକଙ୍କ ଡିମାଟ୍ ଆକାଉଣ୍ଟରେ ଜମା କରାଯାଏ। ନୂଆ ନିୟମ ଅନୁଯାୟୀ ଏଣିକି ସମ୍ପୃକ୍ତ ଗ୍ରାହକଙ୍କ ଡିମାଟ୍ ଆକାଉଣ୍ଟରେ ସିଧାସଳଖ ଭାବେ କ୍ଲିୟରାନ୍ସ କର୍ପୋରେସନ ପେମେଣ୍ଟ କରିବ। ଷ୍ଟକ୍ ଏକ୍ସଚେଞ୍ଜ, କ୍ଲିୟରିଂ କର୍ପୋରେସନ ଏବଂ ଜମାକାରୀଙ୍କ ସହ ଆଲୋଚନା କରିବା ପରେ ସେବି ନିଷ୍ପତ୍ତି ନେଇଛି। କ୍ଲିୟରିଂ କର୍ପୋରେସନକୁ ମାର୍ଜିନ ଟ୍ରେଡିଂ ସୁବିଧା ଅନ୍ତର୍ଗତ ଦେୟମୁକ୍ତ ସିକ୍ୟୁରିଟି ଏବଂ ପାଣ୍ଠିପ୍ରାପ୍ତ ଶେୟାର ଚିହ୍ନଟ କରିବା ପାଇଁ ଟ୍ରେଡିଂ ସଦସ୍ୟ କିମ୍ବା କ୍ଲିୟରାନ୍ସ ସଦସ୍ୟମାନଙ୍କୁ ଏକ ବ୍ୟବସ୍ଥା ପ୍ରଦାନ କରିବା ନେଇ ସେବି ପରାମର୍ଶ ଦେଇଛି ।

**ନିଟ୍ ପ୍ରବେଶିକା ପରୀକ୍ଷା**

# ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଅଭୂତପୂର୍ବ ସଫଳତା

**କଟକ,୬।୬(ସମିସ):** ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାରେ ଟେଟ୍ରାହେଡନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ମୋଟ ୧୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାୟ ୧୧୫ ଜଣ ଛାତ୍ରଛାତ୍ରୀ ୬୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣ ବିଦ୍ୟାର୍ଥୀ ସତ୍ୟଜିତ୍ ସ୍ୱାଇଁ, ଅବିନାଶ ସାହୁ, ସ୍ୱସ୍ତିକ୍ ଦଳାଇ, ଦିପ୍ତିମୟୀ ବେହେରା ଏବଂ ସତ୍ୟଜିତ୍ ବେହେରା ପ୍ରମୁଖ ପ୍ରେଶର୍ ଭାବରେ ଏହି କୃତିତ୍ୱ ହାସଲ କରିଛନ୍ତି। ୫ ଜଣ ବିଦ୍ୟାର୍ଥୀ ୭୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ସ୍ଥଳେ ସର୍ବୋଚ୍ଚ ନମ୍ବର ରଖୁଥିବା କମଳାକାନ୍ତ ଦାସ-୭୧୫ ନମ୍ବର ରଖି ଓଡିଶାରେ ପ୍ରଥମ ସ୍ଥାନରେ ରହିଥିବାବେଳେ ଜିଜ୍ଞାସୁ ପରିଡା ଓ ରାହୁଲ କର୍ମୀ ଉଭୟ ୭୦୫ ନମ୍ବର ରଖିଛନ୍ତି। ସେହିପରି ଓମ୍ ପ୍ରକାଶ ସାହୁ ଏବଂ ସ୍ୱାଗତିକା ପ୍ରିୟଦର୍ଶିନୀ ସାହୁ ଉଭୟ-୭୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିବାର ଗୌରବ ଅର୍ଜନ କରିଛନ୍ତି। ବିଦ୍ୟାର୍ଥୀମାନଙ୍କର ଏହି ସଫଳତାରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁନ୍ସରେ ପକ୍ଷରୁ କଲେଜ ପରିସରରେ ନିଟ୍‌ର ସଫଳତା ହାସଲ କରିଥିବା ବିଦ୍ୟାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରୀଦେବ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଧାପକ କୈଳାସ ଚନ୍ଦ୍ର ରାଉତ ଏବଂ ବୈକୁଣ୍ଠ ନାରାୟଣ ଦାସ ଉଭୟ ପିଲାମାନଙ୍କର ଭବିଷ୍ୟତର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ମହେଶ୍ୱର ପରିଡା, ଭାଗୀରଥି ମଲ୍ଲିକ, ଅଶୋକ ରାଉଳ, ମିଲନ୍ ସାମଲ,କମଳାକାନ୍ତ ସାହୁ,ଅମିତାଭ ବେହେରା, ମାନସ ମିଶ୍ର, କେଶବ ଚନ୍ଦ୍ର ନାଥ, ସତ୍ୟସାର ବିଶ୍ୱାଳ, ରଶ୍ମିରଞ୍ଜନ ଦାସ, ସୁମନ କୁମାର, ନାରାୟଣ ସାହୁ, ସଂଯୁକ୍ତ ଅନଙ୍ଗ ଉଦୟ ବଳ, ଅକ୍ଷୟ ମହାନ୍ତି,ବିନୟ କୁମାର, ମାନସ ଖୁଣ୍ଟିଆ ଏବଂ ଶୁଭ୍ରକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ପକ୍ଷରୁ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ନିଟ୍ ପରୀକ୍ଷାରେ ଯେଉଁ ବିଦ୍ୟାର୍ଥୀମାନେ ୬୦୦ରୁ ଅଧିକ ନମ୍ବର ରଖୁଥିବେ ସେମାନଙ୍କୁ ମାଗଣାରେ ଶିକ୍ଷାଦାନ ଦିଆଯିବା ସହିତ, ୫୯୦ରୁ ଉର୍ଦ୍ଧ ମାର୍କ ରଖୁଥୁବା ବିଦ୍ୟାର୍ଥୀଙ୍କୁ ମାତ୍ର ଦଶ ହଜାର ଟଙ୍କାରେ କୋଚିଂ ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ବେହେରା ଘୋଷଣା କରିଥିଲେ। ସେହିପରି ୫୮୦ରୁ ଉର୍ଦ୍ଧ୍ୱ ମାର୍କ ରଖୁଥିବା ବିଦ୍ୟାର୍ଥୀଙ୍କୁ ୨୦ ହଜାରଟଙ୍କା, ୫୭୦ରୁ ଉର୍ଦ୍ଧ୍ୱ ୩୦ହଜାର ଟଙ୍କା, ୫୬୦ରୁ ଉର୍ଦ୍ଧ୍ୱ ୪୦ ହଜାର ଟଙ୍କା, ୫୫୦ରୁ ଉର୍ଦ୍ଧ୍ୱ ୫୦ ହଜାର ଟଙ୍କା, ୫୨୫ରୁ ଉର୍ଦ୍ଧ୍ୱ ୬୦ହଜାର ଟଙ୍କା ଏବଂ ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ବିଦ୍ୟାର୍ଥୀମାନଙ୍କୁ ୭୦ ହଜାର ଟଙ୍କାରେ କୋଚିଂ ପ୍ରଦାନ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ।




- **କମଳାକାନ୍ତ ରାଜ୍ୟ ଟପ୍ପର**
- **୧୧୫ ଜଣ ରଖିଛନ୍ତି ୬୦୦ରୁ ଅଧିକ ନମ୍ବର**

# ଏନ୍‌ଭିଡିଆ ବିଶ୍ୱର ଦ୍ୱିତୀୟ ବୃହତ୍ ମୂଲ୍ୟବାନ୍ କମ୍ପାନୀ

**ନୂଆଦିଲ୍ଲୀ,୬।୬(ଏଜେନ୍ସି)**




- **ଆପଲ୍‌କୁ ପଛରେ ପକାଇଲା**
- **ବଜାର ପୁଞ୍ଜି ୩ ଟ୍ରିଲିୟନ୍ ଡଲାର ଟପିଲା**

ଆମେରିକୀୟ ଚିପ୍ ନିର୍ମାତା ଏନ୍‌ଭିଡିଆର ସେୟାରରେ ଗତକିଛି ମାସରେ କ୍ରମାଗତ ଭାବେ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଯାଇଛି। ବୁଧବାର ପୁଣି ଥରେ କମ୍ପାନୀର ସେୟାର ମୂଲ୍ୟରେ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଛି। ଏଥିସହ କମ୍ପାନୀ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ବଜାର ପୁଞ୍ଜି ଦୃଷ୍ଟିରୁ ଆପଲକୁ ପଛରେ ପକାଇ ଏନଭିଡିଆ ବର୍ତ୍ତମାନ ଦୁନିଆର ଦ୍ୱିତୀୟ ବଡ଼ କମ୍ପାନୀ ପାଲଟିଯାଇଛି।

ବ୍ଲୁମବର୍ଗର ଏକ ରିପୋର୍ଟ ମୁତାବକ, ବୁଧବାର ଏନଭିଡିଆର ଶେୟାର ମୂଲ୍ୟରେ ୫.୨ ପ୍ରତିଶତ ବୃଦ୍ଧି ଘଟି ୧,୨୨୪.୪୦ ଡଲାରର ନୂଆ ରେକର୍ଡ ଉଚ୍ଚ ସ୍ତରରେ ପହଞ୍ଚିଛି। ଏଥିସହ ଏନଭିଡିଆର ବଜାର ପୁଞ୍ଜି ବର୍ତ୍ତମାନ ୩ ଟ୍ରିଲିୟନ ଡଲାର ପାର କରିସାରିଛି। ପ୍ରଥମଥର ପାଇଁ ଏନଭିଡିଆର ବଜାର ପୁଞ୍ଜି ୩ ଟ୍ରିଲିୟନ ଡଲାରରୁ ଅଧିକ ହୋଇଛି। ବର୍ତ୍ତମାନ ୩ ଟ୍ରିଲିୟନ ଡଲାରରୁ ଅଧିକ ବଜାର ପୁଞ୍ଜି ରହିଥିବା କମ୍ପାନୀ ସଂଖ୍ୟା ଦୁନିଆରେ ମାତ୍ର ୩ଟି ରହିଛି। କମ୍ପାନୀଜ୍ ମାର୍କେଟ କ୍ୟାପ ଡଟ୍ କମ୍ ଅନୁସାରେ, ବର୍ତ୍ତମାନ ମାଇକ୍ରୋସଫ୍ଟ ୩.୧୫ ଟ୍ରିଲିୟନ ଡଲାର ମୂଲ୍ୟ ସହ ଦୁନିଆର ସବୁଠାରୁ ବଡ଼ କମ୍ପାନୀ। । ସେହିପରି ଏନଭିଡିଆ ୩.୦୧ ଟ୍ରିଲିୟନ ଡଲାରର ବଜାର ମୂଲ୍ୟ ରହିଥିବା ଦୁନିଆର ଦ୍ୱିତୀୟ ବୃହତ୍ କମ୍ପାନୀ ହୋଇଯାଇଛି। ଆପଲ ବର୍ତ୍ତମାନ ୩.୦୦୩ ଟ୍ରିଲିୟନ ଡଲାରର ବଜାର ପୁଞ୍ଜି ସହ ତୃତୀୟ ସ୍ଥାନରେ ରହିଛି। ଏହି ସୂଚୀରେ ଚତୁର୍ଥ ସ୍ଥାନରେ ଗୁଗୁଲ୍‌ର ସହଯୋଗୀ କମ୍ପାନୀ ଆଲଫାବେଟ୍ ରହିଛି। ସାଉଦୀ ଆରବର କମ୍ପାନୀ ସାଉଦି ଆରାମ୍‌କୋ ବଜାର ପୁଞ୍ଜି ଦୃଷ୍ଟିରୁ ବିଶ୍ୱରେ ଷଷ୍ଠ ସ୍ଥାନକୁ ଖସିଆସିଛି। କିଛି ମାସ ପୂର୍ବରୁ ଏହା ତୃତୀୟ ବୃହତ୍ତମ କମ୍ପାନୀ ରହିଥିଲା। ଚଳିତବର୍ଷ ମାର୍ଚ୍ଚରେ ଏନ୍‌ଭିଡିଆ ଏହାକୁ ପଛରେ ପକାଇ ଦୁନିଆର ତୃତୀୟ ସବୁଠାରୁ ମୂଲ୍ୟବାନ କମ୍ପାନୀର ମାନ୍ୟତା ହାସଲ କରିଥିଲା।

# ପ୍ରିମିୟମ୍ ହେରିଟେଜ୍ ଫ୍ୟାଶନ୍ ପ୍ରଦର୍ଶନୀ ଦି ହାଟ୍ ୮ରୁ

**ଭୁବନେଶ୍ୱର,୬।୬(ସମିସ):** ଫେୟାର କେୟାର ପ୍ରଦର୍ଶନୀ ଦ୍ୱାରା ଆୟୋଜିତ ହାଟ୍- ପ୍ରିମିୟମ୍ ହେରିଟେଜ୍ ଫ୍ୟାଶନ୍ ଏବଂ ଜୀବନ ଶୈଳୀର ପ୍ରଦର୍ଶନୀ। ବ୍ୟବସାୟୀ ଏବଂ ଗ୍ରାହକଙ୍କ ମଧ୍ୟରେ ହାଟ୍ ଏକ ମଧ୍ୟସ୍ଥି। ହାଟ୍‌ରେ ଡିଜାଇନର୍ ପୋଷାକ, ଇଣ୍ଡୋ-ପାଶ୍ଚାତ୍ୟ ପୋଷାକ, ଜାତିଗତ ପୋଷାକ, ଗାଉନ୍, ଲେହେଙ୍ଗା, କାଜୁଆଲ୍ ପୋଷାକ, ପାର୍ଟୀ ପୋଷାକ, ଚିକନ୍‌କରୀ, କୂର୍ତ୍ତୀ, ହ୍ୟାଣ୍ଡଲୁମ୍ ଶାଢୀ, ପାରମ୍ପରିକ ଭାରତୀୟ ଶାଢୀ ଆଦି ପ୍ରଦର୍ଶିତ ହେବ। ପୋଷାକ, ହସ୍ତତନ୍ତ ଅଳଙ୍କାର, ରୂପା ଓ ଘର ସଜେଇବା ସାମଗ୍ରୀ ଏବଂ ଏହିପରି ଅନେକ କିଛି ରହିଛି। ଦ୍ୱାଦଶ ପ୍ରି ଫେଷ୍ଟିଭାଲ୍ ପ୍ରଦର୍ଶନୀ ୫୦ ରୁ ଅଧିକ ପ୍ରକାରର ଲେବଲ୍‌କୁ ନେଇ ଅନ୍ତର୍ଭୁକ୍ତ। ଯେମିତିକି- ଅକ୍ଷୟ ମିତା ଜେୱେଲରୀ, ଅନିଶା ଟ୍ରେଣ୍ଡି କ୍ରିଏସନ୍ସ କ୍ରିଏଟିଭ୍ ହବ୍- ଦିଲ୍ଲୀ, ଦେବୀକୀର୍ତ୍ତୀ ଇତ୍ୟାଦି। ହାଟ୍‌ର ସଂସ୍କରଣ ହେଉଛି ଉତ୍ସବର ପୂର୍ବ ପ୍ରସ୍ତୁତିର ସଂସ୍କରଣ ଯାହାକି ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ହୋଟେଲ ପାଲ୍ ହାଇଟ୍‌ସଠାରେ ୮ ଓ ୯ ଜୁନ୍ ଦୁଇ ଦିନ ଧରି ଆୟୋଜିତ ହେବାକୁ ଯାଉଛି। ଏ ସମ୍ପର୍କରେ ଫେୟାର କେୟାର ପ୍ରଦର୍ଶନୀ (ଦି ହାଟ୍) ର ମୁଖ୍ୟ ଅନୁପମ୍ ମୁଖାର୍ଜୀ କହିଛନ୍ତି ଯେ, ଆମର ବହୁ ପ୍ରକାରର ଭେରାଇଟି ଭାରତର ବିଭିନ୍ନ ସହର ଯଥା ଦିଲ୍ଲୀ, ମୁମ୍ବାଇ, ଇନ୍ଦୋର, ହାଇଦ୍ରାବାଦ, ଜୟପୁର, କୋଲକାତା, ଭୁବନେଶ୍ୱର, କଟକ ଇତ୍ୟାଦିରେ ଅଛି। ଆଶା କରୁଛୁ ହାଟ୍‌ର ଏହି ପ୍ରଦର୍ଶନୀ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଏକ ବହୁତ ଭଲ ସମ୍ପର୍କ ସ୍ଥାପନ କରି ଉତ୍ତମ ପ୍ରଭାବ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ନାସାଉର ଡ୍ରପ୍ ଇନ୍ ପିଚ୍‌ରେ ଅସାମାନ୍ୟ ବାଉନ୍ସ

# ଭାରତ-ପାକିସ୍ତାନ ମ୍ୟାଚ୍ ପୂର୍ବରୁ ପିଚ୍‌କୁ ନେଇ ବିବାଦ

ନ୍ୟୁୟର୍କ,୬ ।୬(ଏଜେନ୍ସି)

ସ୍ଥାନୀୟ ନାସାଉ ଷ୍ଟାଡିୟମରେ ଲଗା ଯାଇଥିବା ଡ୍ରପ୍ ଇନ୍ ପିଚ୍ ନେଇ ଏବେ ବିବାଦ ସୃଷ୍ଟି ହୋଇଛି । ଏହି ପିଚ୍‌ରେ ଆସନ୍ତା ୯ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲ୍ଟେଜ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ନାସାଉର ଏହି ପିଚ୍ ଏବେ ବିପଜ୍ଜନକ ବୋଲି କୁହାଯାଉଛି । ଏଠାରେ ଏପର୍ଯ୍ୟନ୍ତ ଯେତୋଟି ମ୍ୟାଚ୍ ଖେଳାଯାଇଛି, ତାହା ଲୋ ସ୍କୋରିଂ ସାବ୍ୟସ୍ତ ହୋଇଛି । ତେଣୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପାଇଁ ଏହି ପିଚ୍ ଚିନ୍ତା ସୃଷ୍ଟି କରିଛି । ପୁଣି ଏହି ପିଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ । ତେଣୁ ପିଚ୍‌ର ବ୍ୟବହାର ନେଇ ଆଶଙ୍କା ପ୍ରକାଶ ପାଇଛି ।



### ଆହତ ହେଲେ ରୋହିତ, ପନ୍ତ

ଏହି ପିଚ୍‌ରେ ବୁଧବାର ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ଭେଟିଥିଲା । ଏହି ମ୍ୟାଚ୍‌ରେ ଭାରତ ୪୬ ବଲ୍ ବାକିଥାଇ ୮ ୱିକେଟରେ ବିଜୟ ହାସଲ କରିଥିଲେ ମଧ୍ୟ ପିଚ୍‌ରେ ଅସାମାନ୍ୟ ବାଉନ୍ସ କାରଣରୁ ଅଧିନାୟକ ରୋହିତ ଶର୍ମା ଓ ୱିକେଟକିପର ବ୍ୟାଟର ଋଷଭ ପନ୍ତ ଆହତ ହୋଇଥିଲେ । ରୋହିତଙ୍କୁ ରିଟାୟାର୍ଡ ହର୍ଟ ହେବାକୁ ପଡିଥିଲା । ତେବେ ରୋହିତଙ୍କ ଆଘାତ ସମସ୍ୟା ସେତେଟା ଗୁରୁତର ନୁହଁ ବୋଲି କୁହାଯାଇଛି ।

### ପିଚ୍ ମରାମତି କାର୍ଯ୍ୟ ଆରମ୍ଭ କରିଛି ଆଇସିସି

ଏହି ପିଚ୍‌ରେ ଭାରତ ଓ ପାକିସ୍ତାନ ସମେତ କେତୋଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ତେଣୁ ଆଇସିସି ପିଚ୍‌କୁ ସଜାଡ଼ିବା ପାଇଁ ମରାମତି କାର୍ଯ୍ୟ ଆରମ୍ଭ କରିଦେଇଛି । ବୁଧବାର ଭାରତ ଓ ଆର୍ୟଲାଣ୍ଡ ମ୍ୟାଚ୍ ପରେ କ୍ୟୁରେଟର ଓ ଅନ୍ୟ ଷ୍ଟାଫ୍ ପିଚ୍ ମରାମତି କରୁଥିଲେ । କେବେଳ ସେତିକି ନୁହଁ ଭାରତୀୟ ମୁଖ୍ୟ କୋଚ୍ ରହୁଲ ଦ୍ରାଭିଡ ଓ ବ୍ୟାଟିଂ କୋଚ୍ ବିକ୍ରମ ରାଠୋର କ୍ୟୁରେଟରମାନଙ୍କୁ କିଛି ନିର୍ଦ୍ଦେଶ ଦେଉଥିବାର ଲକ୍ଷ୍ୟ କରାଯାଇଥିଲା ।

### ଭାରତ-ଆୟର୍ଲାଣ୍ଡ ମ୍ୟାଚ୍‌ରେ ୪ ବିପଜ୍ଜନକ ବଲ୍

ଭାରତ-ଆୟର୍ଲାଣ୍ଡ ମ୍ୟାଚ୍‌ରେ ୪ଟି ବିପଜ୍ଜନକ ବଲକୁ ନେଇ ବେଶ୍ ଚର୍ଚ୍ଚା ହେଉଛି । ଏହି ମ୍ୟାଚ୍ ମାତ୍ର ୨୮.୨ ଓଭରରେ ଶେଷ ହୋଇଥିଲା । ଆୟର୍ଲାଣ୍ଡ ପାଳିର ଷଷ୍ଠ ଓଭର ଯଶପ୍ରୀତ ବୁମ୍‌ରା ପକାଇଥିଲେ । ଏହି ଓଭରର ୫ମ ବଲ୍ ସର୍ଟ ଥିଲା ଓ ଏହା ଅସାମାନ୍ୟ ବାଉନ୍ସ କରି ଲୋର୍କାନ ଟକ୍କରଙ୍କ ଗ୍ଲୋବ୍ସ ଓ ହେଲମେଟ୍‌ରେ ବାଜିଥିଲା ଓ ସେ କ୍ୟାଚ୍ ଆଉଟ ହୋଇଥିଲେ । ସେହିପରି ଦ୍ୱିତୀୟ ବିପଜ୍ଜନକ ବଲଟି ଭାରତୀୟ ପାଳିରେ ଦେଖିବାକୁ ମିଳିଥିଲା । ୧୦ମ ଓଭରରେ ମାର୍କ ଆଡେରଙ୍କ ବଲ ରୋହିତଙ୍କ କାନ୍ଧରେ ବାଜିଥିଲା ଓ ସେ ରିଟାୟାର୍ଡ ହର୍ଟ ହୋଇଥିଲେ । ତୃତୀୟ ବଲଟି ଭାରତୀୟ ପାଳିର ୧୧ତମ ଓଭରରେ ଜୋଶୁଆ ଲିଟିଲଙ୍କ ପ୍ରଥମ ବଲ୍ ଅସାମାନ୍ୟ ବାଉନ୍ସ କରି ପନ୍ତଙ୍କ କହୁଣୀରେ ବାଜିଥିଲା ଓ ସେ ଯନ୍ତ୍ରଣା ଅନୁଭବ କରିଥିଲେ । ସେହିପରି ଚତୁର୍ଥ ବିପଜ୍ଜନକ ବଲ୍ ଭାରତୀୟ ପାଳିର ୧୩ତମ ଓଭରରେ ପଡିଥିଲା । ମେକାର୍ଥିଙ୍କ ଏହି ଓଭରରେ ପ୍ରଥମ ବଲ ଅତିରିକ୍ତ ବାଉନ୍ସ କରି ପନ୍ତଙ୍କ ଛାତିରେ ବାଜିଥିଲା ଓ ସେ ଆହତ ହୋଇଥିଲେ ।

### ନାସାଉ ପିଚ୍‌ରେ ଅସାମାନ୍ୟ ବାଉନ୍ସ କାହିଁକି?

ଏହି ଷ୍ଟାଡିୟମରେ ଡ୍ରପ୍ ଇନ୍ ପିଚ୍‌ର ବ୍ୟବହାର କରାଯାଇଛି । ଏହି ପିଚ୍ ଅଷ୍ଟ୍ରେଲିଆର ଆଡିଲେଡ୍‌ରେ ପସ୍ତୁତ କରାଯାଇ ଏଠାରେ ସ୍ଥାପନ କରାଯାଇଛି । ଏହି ପିଚ୍‌କୁ ଭଲ ଭାବେ ମ୍ୟାଚ୍ ଉପଯୋଗୀ କରିବା ପାଇଁ ଭଲଭାବେ ରୋଲିଂ କରାଯାଇଥାଏ । କିନ୍ତୁ ଗତ ସପ୍ତାହରେ ପାଗ ଖରାପ ରହିବା କାରଣରୁ ପିଚ୍ ଉପରେ ରୋଲିଂ କରାଯାଇ ପାରିନାହିଁ । ଫଳରେ ଏପରି ସ୍ଥିତି ଉପୁଜିଛି ବୋଲି କୁହାଯାଉଛି । ଏହି ଷ୍ଟାଡିୟମରେ ଦୁଇଟି ମ୍ୟାଚ୍ ଖେଳାଯାଇଛି । କିନ୍ତୁ କୌଣସି ଦଳ ଅର୍ଥାତ ଦୁଇଟି ମ୍ୟାଚ୍‌ର ୪ଟି ଦଳ ୧୦୦ ରନ ପାର କରିପାରି ନାହାନ୍ତି ।

## ଡ୍ରପ୍-ଇନ୍ ପିଚ୍ କ'ଣ?

ନାସାଉ କ୍ରିକେଟ ଷ୍ଟାଡିୟମରେ ଡ୍ରପ୍ ଇନ୍ ପିଚ୍‌ର ବ୍ୟବହାର ହୋଇଛି । ଅନ୍ୟ ସ୍ଥାନରେ ପିଚ୍ ତିଆରି କରାଯାଇ ତାହାକୁ ଆଣି ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟ ପାଇଁ ଲଗା ଯାଇଥାଏ । ଏହାକୁ ଡ୍ରପ୍ ଇନ୍ ପିଚ୍ କୁହାଯାଇଥାଏ । ଅଷ୍ଟ୍ରେଲିଆରୁ ଅଣାଯାଇ ଏହି ଡ୍ରପ୍ ଇନ୍ ପିଚ୍ ନାସାଉ ଷ୍ଟାଡିୟମରେ ଲଗା ଯାଇଛି । ମୋଟ୍ ଉପରେ ୧୦ଟି ପିଚ୍ ଅଷ୍ଟ୍ରେଲିଆର ଆଡିଲେଡ ଷ୍ଟାଡିୟମରେ ତିଆରି ହୋଇଥିଲା । ୩୦ ଟନ୍ ଓଜନ ଏହି ପିଚ୍ ଗତବର୍ଷ ଡିସେମ୍ବରରେ ସମୁଦ୍ର ଦେଇ ଆମେରିକାର ଫ୍ଲୋରିଡାକୁ ଆଣାଯାଇଥିଲା । ଫ୍ଲୋରିଡାରେ ୫ ମାସ ଧରି ପିଚ୍ ରଖାଯିବା ସହ ସେଗୁଡିକୁ ଖେଳ ଉପଯୋଗୀ କରାଯାଇଥିଲା ଓ ଚଳିତ ମାସରେ ନାସାଉ ଷ୍ଟାଡିୟମରେ ଫିଟ୍ କରାଯାଇଥିଲା । ଟ୍ରକ୍ ଓ ଟ୍ୟାଙ୍କର ମାଧ୍ୟମରେ ଏହି ପିଚ୍‌ଗୁଡିକୁ ଫ୍ଲୋରିଡାରୁ ନ୍ୟୁୟର୍କ ଅଣାଯିବାକୁ ୪ ଦିନ ସମୟ ଲାଗିଥିଲା ।

### ନାସାଉ କ୍ରିକେଟର ପ୍ରଥମ ମଡ୍ୟୁଲାର ଷ୍ଟାଡ଼ିୟମ

ନାସାଉ ଷ୍ଟାଡିୟମ କ୍ରିକେଟର ପ୍ରଥମ ମଡ୍ୟୁଲାର ଷ୍ଟାଡିୟମର ମାନ୍ୟତା ପାଇଛି । ମେ ୨୧ରେ କିମ୍ବଦନ୍ତୀ ଧାବକ ଉସେନ ବୋଲ୍ଟ ଏହି ମଡ୍ୟୁଲାର ଅର୍ଥାତ ଅସ୍ଥାୟୀ ଷ୍ଟାଡିୟମରେ ଉଦ୍‌ଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟ ପାଇଁ ପିଚ୍, ଷ୍ଟାଣ୍ଡ ଓ ଅନ୍ୟାନ ଉପକରଣ ଏକାଠି କରାଯାଇ କମ୍ ସମୟ ମଧ୍ୟରେ ନିର୍ମିତ ହୋଇଥିବା ଷ୍ଟାଡିୟମକୁ ମଡ୍ୟୁଲାର ଷ୍ଟାଡିୟମ କୁହାଯାଇଥାଏ । ଏଥିରେ ଷ୍ଟିଲ୍ ଓ ସହଜରେ ଉପଲବ୍ଧ ହେଉଥିବା ଉପକରଣର ବ୍ୟବହାର ହୋଇଥାଏ । ଏହି ଷ୍ଟାଡିୟମ ଠିଆ କରିବାରେ ଅପେକ୍ଷାକୃତ କମ୍ ସମୟ ଓ ଅର୍ଥ ଆବଶ୍ୟ ହୋଇଥାଏ । ଫର୍ମୁଲା-୧ କମ୍ପିଟିସନରୁ ଷ୍ଟାଣ୍ଡ ଆଣି ଲଗା ଯାଇଛି । ଏହି ଷ୍ଟାଡିୟମରେ ୩୪, ୦୦୦ ଦର୍ଶକ ବସି ମ୍ୟାଚ୍ ଦେଖିପାରିବେ । ନାସାଉ ଷ୍ଟାଡିୟମରେ ବରମୁଡା ଘାସ ଲଗା ଯାଇଛି ।

## ସେଣ୍ଟ ଲୁସିଆରେ ରହିଲେ କ୍ଲାସେନ, ଡୁ ପ୍ଲେସିସ୍

**ବାର୍ବାଡୋସ୍, ୬।୬(ଏଜେନ୍ସି):** ଆସନ୍ତା କ୍ୟାରିବିୟାନ ପ୍ରିମିୟର ଲିଗ୍ ପୂର୍ବରୁ ଫ୍ରାଞ୍ଚାଇଜ୍ ଗୁଡିକ ଦଳ ସଜାଡିବାରେ ବ୍ୟସ୍ତ ରହିଛନ୍ତି । ନିଲାମ ପୂର୍ବରୁ ସେଣ୍ଟ ଲୁସିଆ ଦକ୍ଷିଣ ଆଫ୍ରିକାର ଦୁଇ ତାରକା ଖେଳାଳି ଫାଫ ଡୁ ପ୍ଲେସିସ ଓ ହେନ୍‌ରିକ୍ କ୍ଲାସେନଙ୍କୁ ପୂର୍ବପରି ଦଳରେ ରଖିବାକୁ ନିଷ୍ପତ୍ତି ନେଇଛି । ଏହି ଦୁଇ ଖେଳାଳିଙ୍କ ବ୍ୟତୀତ ଆଫଗାନ ସ୍ପିନର ନୁର ଅହମ୍ମଦ୍, ନାମିବ୍ୟା ଅଲରାଉଣ୍ଡର ଡେଭିଡ୍ ୱାଇଜ୍ ଓ ଶ୍ରୀଲଙ୍କା ବ୍ୟାଟର ଭାନୁକା ରାଜପକ୍ଷେଙ୍କୁ ମଧ୍ୟ ଦଳ ରଟେନ କରିଛି । ଏହା ଫଳରେ ଏମାନେ ନିଲାମି ପ୍ରକ୍ରିୟାରେ ଭାଗ ନେଇପାରିବେ ନାହିଁ । ଏମାନଙ୍କ ବ୍ୟତୀତ ୱେଷ୍ଟଇଣ୍ଡିଜ୍ ଖେଳାଳିଙ୍କ ମଧ୍ୟରେ ଜନସନ ଚାର୍ଲସ, ଆଲଜରି ଯୋଶେଫ, ରୋଷ୍ଟୋନ ଚେଜ୍, ମାଥ୍ୟୁ ଫୋର୍ଡ ଓ ଖ୍ୟାରୀ ପିଏରେଙ୍କୁ ମଧ୍ୟ ଦଳ ରିଟେନ କରିଛି ।

## ଫ୍ରାନ୍ସ ଅଭିମୁଖେ ଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଦଳ

**ଭୁବନେଶ୍ୱର, ୬।୬ (ସମିସ):** ଫ୍ରାନ୍ସରେ ଜୁନ ୧୦ରୁ ୧୨ ତାରିଖଯାଏ ଅନୁଷ୍ଠିତ ହେବ ଫିସୁ ବିଶ୍ୱବିଦ୍ୟାଳୟ ରଗ୍‌ବୀ ୭-ଏସ୍ ଚାମ୍ପିଅନସିପ୍ । ଏଥିରେ ଅଂଶଗ୍ରହଣ କରିବାକୁ ଭାରତର ପୁରୁଷ ଓ ମହିଳା ରଗ୍‌ବୀ ଦଳ ଗୁରୁବାର ଫ୍ରାନ୍ସ ଅଭିମୁଖେ ଯାତ୍ରା କରିଛି । ଏହି ପ୍ରତିଯୋଗିତା ଲାଗି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏପ୍ରିଲ ୧୮ରୁ ୨୨ ତାରିଖ ଯାଏ ଖେଳାଳି ଚୟନ କରାଯାଇଥିଲା ଓ ମନୋନୀତ ଖେଳାଳିଙ୍କୁ ନେଇ ମେ ୩୦ରୁ ତାଲିମ ଶିବିର ଆୟୋଜିତ ହୋଇଥିଲା । ଉଭୟ ଦଳରେ ଓଡ଼ିଶାରୁ ୭ଜଣ ଖେଳାଳି ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ମହିଳା ଦଳରେ ନିର୍ମାଲ୍ୟ ରାଉତ, ତରୁଲତା ନାୟକ ଓ ଡୁମୁଣି ମାରାଣ୍ଡିଙ୍କୁ ସାମିଲ କରଯାଇଛି । ସେହିପରି ପୁରୁଷ ଦଳରେ ବିନୋଦ ମାରାଣ୍ଡି, ଆଶିଷ ଶବର, ଗଣେଶ ମାଝୀ ଓ ମକରନ୍ଦ ପ୍ରଧାନ । ଏମାନେ ସମସ୍ତେ କିସ୍ ଓ କିଟ୍‌ରେ ଅଧ୍ୟୟନ କରୁଛନ୍ତି । ଏହା ବ୍ୟତୀତ ୬ଜଣ ଅଫିସିଆଲ ମଧ୍ୟ ଦଳରେ ସାମିଲ ହୋଇଛନ୍ତି । ଶିବିର ଚୟନ, ତାଲଇମ ଶିବିର ଆୟୋଜନ କରିବାକୁ ସୁଯୋଗ ଦେଇଥିବାରୁ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଗଠନକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଧନ୍ୟବାଦ ଜଣାଇଛନ୍ତି ।






## ଷ୍ଟ୍ରେଙ୍ଗଥ ଓ କଣ୍ଡିସନିଂ ପ୍ରଶିକ୍ଷକଙ୍କ କର୍ମଶାଳା

**ଭୁବନେଶ୍ୱର, ୬।୬ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏକ ଷ୍ଟ୍ରେଙ୍ଗଥ ଓ କଣ୍ଡିସନିଂ ପ୍ରଶିକ୍ଷକଙ୍କ ଏକ କର୍ମଶାଳା କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାଟି ଜୁନ୍ ୪ରୁ ୬ ତାରିଖଯାଏ ଆୟୋଜିତ ହୋଇଥିଲା ଓ ଏଥିରେ ସମଗ୍ର ରାଜ୍ୟରେ ୨୫ଜଣ ପ୍ରଶିକ୍ଷକ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରେ ୧୯ଜଣ ପୁରୁଷ ଓ ୬ଜଣ ମହିଳା ଥିଲେ । ଏହି ଶିବିରରେ ଭାଗ ନେଇଥିବା ପ୍ରଶିକ୍ଷକମାନଙ୍କୁ ନୂଆ କୌଶଳ ଶିକ୍ଷା ଦିଆଯାଇଥିଲା । ଏମାନଙ୍କ ମଧ୍ୟରୁ ୩ଜଣ ନ୍ୟାସନାଲ କ୍ରିକେଟ ଏକାଡେମୀକୁ ଅଧିକ ପ୍ରଶିକ୍ଷଣ ଲାଗି ଯିବେ । ଓଡ଼ିଶା ବରିଷ୍ଠ କ୍ରିକେଟ ଦଳର ଷ୍ଟ୍ରେଙ୍ଗଥ ଓ କଣ୍ଡିସନିଂ ପ୍ରଶିକ୍ଷକ ପ୍ରତ୍ୟୁଷ ଅଗରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ।

● ଖେଲୋ ଇଣ୍ଡିଆ ମହିଳା ଉଶୁ

## ୪୧ଜଣିଆ ଓଡ଼ିଶା ଦଳର କର୍ଣ୍ଣାଟକ ଯାତ୍ରା

**ଭୁବନେଶ୍ୱର, ୬।୬ (ସମିସ):** କର୍ଣ୍ଣାଟକର ବାଗଲକୋଟରେ ଚଳିତମାସ ୧୦ରୁ ୧୩ ତାରିଖଯାଏ ଖେଲୋ ଇଣ୍ଡିଆ ଉଶୁ ମହିଳା ଜୋନାଲ ଲିଗ୍ ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଓଡ଼ିଶା ଦଳ କର୍ଣ୍ଣାଟକ ଯାତ୍ରା କରିଛି । ଏଠାରେ ସମସ୍ତ ବିଭାଗ ଯଥା ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଓଡ଼ିଶାର ୪୧ ଜଣ ପ୍ରତିଯୋଗୀ ଓ ୧୧ ଜଣ ଅଫିସିଆଲ ଯାଇଛନ୍ତି । ଅନ୍ତର୍ଜାତୀୟ ବିଚାରପତି ତଥା ଓଡ଼ିଶା ଉଶୁ ସଂଘର ପୂର୍ବତନ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଏହି ଦଳର ନେତୃତ୍ୱ ନେଉଛନ୍ତି । କେନ୍ଦୁଝରର ପଙ୍କଜ ମହାନ୍ତ, ଝାରସୁଗୁଡାର ନବୀନ କୁମାର ସିଂ ଓ ପୁରୀର ନଟବର ସେଠୀ ଦଳର ପ୍ରଶିକ୍ଷକ ରହିଛନ୍ତି । ପୁରୀର ସଂଗ୍ରାମ ମହାନ୍ତି ମହାପ୍ରବନ୍ଧକ ଭାବେ ଦଳ ସହ ଯାଇଛନ୍ତି । ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଉଶୁ ସଂଘର କର୍ମକର୍ତ୍ତାମାନେ ସଫଳତା ଲାଗି ଶୁଭକାମନା ଜଣାଇଛନ୍ତି । ଓଡ଼ିଶା ଉଶୁ ସଂଘ ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି ଓ ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ଓଡ଼ିଶା ଦଳକୁ ଶୁଭକାମନା ଜଣାଇବା ସହ ପ୍ରତିଯୋଗୀଙ୍କଠାରୁ ଦୁଇ ଡଜନେରୁ ଅଧିକ ପଦକ ଆଶା କରୁଛନ୍ତି ।

ଇଣ୍ଡୋନେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ

## କ୍ୱାର୍ଟର ଫାଇନାଲରେ ଲକ୍ଷ୍ୟ




**ଜାକର୍ତ୍ତା,୬ ।୬(ଏଜେନ୍ସି):** ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ସୁପର-୧୦୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଯୁବ ପୁରୁଷ ତାରକା ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ପୁରୁଷ ଏକକ ପ୍ରତିଯୋଗିତାରେ ଲକ୍ଷ୍ୟ ଗୁରୁବାର ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୨୧-୯, ୨୧-୧୫ ସିଧାସଳଖ ଗେମ୍‌ରେ ଜାପାନର କେଣ୍ଟା ନିଶିମୋଟୋଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି । ଲକ୍ଷ୍ୟ ଏବେ କ୍ୱାର୍ଟର ଫାଇନାଲରେ ଡେନମାର୍କର ଆଣ୍ଡର୍ସ ଆଣ୍ଟୋନସେନଙ୍କୁ ଭେଟିବେ । ପୁରୁଷ ଏକକରେ ଯୁବ ଭାରତୀୟ ତାରକା ପ୍ରିୟାଂଶୁ ରାଜାୱତ୍ ୧୦-୨୧, ୧୭-୨୧ରେ ଥାଇଲାଣ୍ଡର ଅଷ୍ଟମ ସିଡ୍ ଯୋଡି କୁନଲାଭୁତ୍ ଭିତିଦ୍‌ସରନଙ୍କଠାରୁ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ପୂର୍ବରୁ ଭାରତୀୟ ତାରକା ମହିଳା ଖେଳାଳି ପିଭି ସିନ୍ଧୁ ଏକକ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ମହିଳା ଯୁଗଳ ପ୍ରତିଯୋଗିତାରେ ଦୁଇ ଭାରତୀୟ ତାରକା ଯୋଡି ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଭାରତର ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୨୧-୧୯, ୧୯-୨୧, ୧୯-୨୧ରେ ଜାପାନ ଯୋଡି ମାୟୁ ମାସୁମୋଟୋ ଓ ୱାକାନା ନାଗାହାରାଙ୍କୁ ଠାରୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ସେହିପରି ଅନ୍ୟତମ ଭାରତୀୟ ଯୋଡି ତନୀଷା କ୍ରଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୧୩-୨୧, ୨୧-୧୯, ୧୩-୨୧ରେ ପ୍ରତିପକ୍ଷ ଦକ୍ଷିଣ କୋରିଆ ଯୋଡି ହା ନା ବାଏକ ଓ ସୋ- ହି ଲିଙ୍ଗଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ସେହିପରି ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ବି ସୁମିତ ରେଡ୍ଡୀ ଓ ଏନ୍ ସିକ୍କି ରେଡ୍ଡୀଙ୍କୁ ନେଇ ଗଠିତ ଭାରତୀୟ ଯୋଡି ୯-୨୧, ୧୧-୨୧ରେ ଚୀନର ଝେଙ୍ଗ ସିୱେଇ ଓ ହୁଆଙ୍ଗ ୟାକିଅଙ୍ଗଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଛନ୍ତି ।

କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା କ୍ରିକେଟ

# ପୂର୍ବତଟକୁ ହରାଇଲା କଟକ-ଏ'

ଭୁବନେଶ୍ୱର, ୬।୬ (ସମିସ)

କଟକରେ ଚାଲିଥିବା ଆନ୍ତଜିଲ୍ଲା କଳାହାଣ୍ଡି କପ୍‌ରେ ଗୁରୁବାର ଏକାଧିକ ରୋମାଞ୍ଚକର ଖେଳ ଦେଖିବାକୁ ମିଳିଛି । ଏହା ମଧ୍ୟରେ ତାରକା ଖେଳାଳିଙ୍କୁ ନେଇ ଗଠିତ ପୂର୍ବତଟ ରେଳବାଇକୁ ୭୭ ରନ୍‌ରେ କଟକ-ଏ' ହରାଇବା ଅନ୍ୟତମ । ଏହି ମ୍ୟାଚ୍‌ରେ ଓଡ଼ିଶା ରଣଜୀ ଦଳର ଷ୍ଟାର ଅଲରାଉଣ୍ଡର ଅପରାଜିତ ଶତକ ହାସଲ କରିବା ମଧ୍ୟ ଅନ୍ୟତମ ରୋମାଞ୍ଚକର ଘଟଣା ରହିଥିଲା । ସେହିପରି ଅନ୍ୟ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୨୬୫ ରନ୍ ବ୍ୟବଧାନରେ ବାଲେଶ୍ୱରକୁ ଓ ଅବଶିଷ୍ଟ ଓଡ଼ିଶା-ବି' ଦଳ ୩୦୭ ରନ୍‌ରେ ଭଦ୍ରକକୁ ହରାଇବା ମଧ୍ୟ ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ ଭାବେ ବିବେଚିତ କରାଯାଉଛି । ଏହି ମ୍ୟାଚ୍ ଗୁଡିକରେ କଟକ-ଏ'ର ମାନବ ଭଟ୍ଟାଚାର୍ଯ୍ୟ, ଭୁବନେଶ୍ୱର-ଏ'ର କାର୍ତ୍ତିକ ବିଶ୍ୱାଳ, ଅବଶିଷ୍ଟ ଓଡ଼ିଶା-ବି'ର ଗୋବିନ୍ଦ ପୋଦ୍ଦାର ଓ ଓମ୍‌ଟି ମୁଣ୍ଡେ ଶତକ ହାସଲ କରିଛନ୍ତି । ବୋଲିଂରେ ଅବଶିଷ୍ଟ ଓଡ଼ିଶା-ଏ' ୭ଟି, ନୟାଗଡ଼ର ଦିଲୀପ ପଣ୍ଡା ୫ଟି, କଟକ-ଏ'ର ବିଶ୍ୱଜିତ ମହାପାତ୍ର ୫ଟି, ଭୁବନେଶ୍ୱର-ଏ'ର ରୀତେଶ ପ୍ରିୟରଞ୍ଜନ ୫ଟି ୱିକେଟ ନେଇ ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି ।

### ରୋମାଞ୍ଚକ ମୁକାବିଲା

ରେଭେନ୍‌ଶା ଗ୍ରାଉଣ୍ଡ-୧'ରେ ଏହି ପ୍ରତିଯୋଗିତାର ଏକ ରୋମାଞ୍ଚକ ମୁକାବିଲା ଅନୁଷ୍ଠିତ ହୋଇଛି । ଏଠାରେ ମାନବ ଭଟ୍ଟାଚାର୍ଯ୍ୟ ଚମତ୍କାର ବ୍ୟାଟିଂ କରି ୧୧୮ ଓ ରାଜେଶ ଧୂପର ୮୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି କଟକ-ଏ' ନିର୍ଦ୍ଧାରିତ ୯୦ ଓଭରରେ ୭ ୱିକେଟ ହରାଇ ୩୨୭ ରନ୍ କରିଥିଲା । ବିପକ୍ଷ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି, ଜୟନ୍ତ ବେହେରା ୨ଟି ୱିକେଟ ନେଇଥିଲେ । ଜବାବରେ ପୂର୍ବତଟ ରେଳପଥ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୦ ଓଭରରେ ମାତ୍ର ୨୫୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଯଦି ସୂର୍ଯ୍ୟକାନ୍ତ ଅପରାଜିତ ୧୦୧ ରନ୍ କରି ନ ଥାନ୍ତେ ତେବେ ଦଳ ୧୦୦ ରନ୍‌ରେ ଅଲଆଉଟ ହୋଇଯାଇଥାନ୍ତା । ପ୍ରତିପକ୍ଷ ଦଳର ବିଶ୍ୱଜିତ୍ ମହାପାତ୍ର ୫ଟି ଓ ସ୍ୱନ୍ଦନ ସାବତ ୨ଟି ୱିକେଟ ନେଇ ପୂର୍ବତଟର ସର୍ବାଧିକ କ୍ଷତି ଘଟାଇଥିଲେ ।


ମାନବ ଭଟ୍ଟାଚାର୍ଯ୍ୟ


କାର୍ତ୍ତିକ ବିଶ୍ୱାଳ


ଗୋବିନ୍ଦ ପୋଦାର


ସୂର୍ଯ୍ୟକାନ୍ତ ପ୍ରଧାନ

ଡ୍ରିମ୍ସରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚ୍‌ରେ ଅବଶିଷ୍ଟ ଓଡ଼ିଶା-ଏ' ୬୭ ରନ୍‌ରେ ନୟାଗଡ଼କୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅବଶିଷ୍ଟ ଓଡ଼ିଶା-ଏ' ମାତ୍ର ୧୨୫ ରନ୍ କରିଥିଲା । ପ୍ରତିପକ୍ଷ ଦଳର ଦିଲୀପ ପଣ୍ଡା ୫ଟି ଓ ଦିଲୀନ ଜେନା ୩ଟି ୱିକେଟ ନେଇଥିଲା । ଜବାବରେ ନୟାଗଡ଼ ମାତ୍ର ୫୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଅବଶିଷ୍ଟ ଓଡ଼ିଶାର ତରଣୀ ଶ' ୧୩ ରନ୍‌ରେ ୭ଟି ୱିକେଟ ନେଇ ନୟାଗଡ଼କୁ ହରାଇଦେଇଥିଲେ । ବିମଳ କୁମାର ଅନ୍ୟ ଦୁଇଟି ୱିକେଟ ନେଇଥିଲେ ।

### ଦୁଇ ଦଳର ବୃହତ୍ ବିଜୟ

ଏହି ପ୍ରତିଯୋଗିତାର ଅନ୍ୟ ଦୁଇଟି ମ୍ୟାଚ୍ ମଧ୍ୟରୁ ସନ୍‌ସାଇନ୍ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-ବି' ୩୦୭ ରନ୍‌ରେ ଭଦ୍ରକକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ରଣଜୀ ଖେଳାଳି ଗୋବିନ୍ଦ ପୋଦ୍ଦାର ୧୦୫ ବଲ୍‌ରେ ୧୩୫, ଓମ୍‌ଟି ମୁଣ୍ଡେ ୧୧୧ ଓ ସୱାନ ପାହାଡିଆ ୬୯ ରନ୍ କରିଥିଲେ । ଭଦ୍ରକର ସତ୍ୟକାମ ଭରଦ୍ୱାଜ ୪ଟି ୱିକେଟ ପାଇଥିଲେ । ଜବାବରେ ଭଦ୍ରକ ୨୯.୫ ଓଭରରେ ମାତ୍ର ୧୨୩ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ କ୍ଷମାସାଗର ବଳ ସର୍ବାଧିକ ୫୮ ରନ୍ କରିଥିଲାବେଳେ ଅବଶିଷ୍ଟ ଓଡ଼ିଶା-ବି'ର ଆଶିଷ ରାୟ ୪ଟି ଓ ଅୟସକାନ୍ତ ସାହୁ ୩ଟି ୱିକେଟ ପାଇଥିଲେ ।

ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୨୬୫ ରନ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି । ଏଠାରେ ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର-ଏ' ୮୯.୨ ଓଭରରେ ୩୭୦ ରନ୍ କରି ଅଲ୍‌ଆଉଟ ହୋଇଥିଲା । ଦଳ ପକ୍ଷରୁ ଅଲରାଉଣ୍ଡର କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୧୪୬, ସାରାଂଶ କୁମାର ୬୧ ରନ୍ କରିଥିଲେ । ବିପକ୍ଷ ଦଳର ଉଦୟନାଥ ପାତ୍ରଙ୍କୁ ୪ଟି ଧ ସର୍ବେଶ୍ୱର ମହାନ୍ତିଙ୍କୁ ୨ଟି ୱିକେଟ ମିଳିଥିଲା । ଜବାବରେ ବାଲେଶ୍ୱର ୩୮.୪ ଓଭରରେ ୧୦୫ ରନ୍ କରି ଅଲଆଉଟ ହୋଇଯାଇଥିଲା । ବିଜୟୀ ଦଳ ପକ୍ଷରୁ ରୀତେଶ ପ୍ରିୟରଞ୍ଜନ ୫ଟି ଓ ଶୋଭନ ସ୍ୱାଇଁ ୨ଟି ୱିକେଟ ପାଇଥିଲେ ।




**ସୁସ୍ଥ ମନ ସୁସ୍ଥ ଶରୀର**

# ଡ୍ରାଏ ଆଇ ସିଣ୍ଡ୍ରୋମ

**ତାପମାତ୍ରା ବୃଦ୍ଧି ଯୋଗୁଁ ପେଟଜନିତ ସମସ୍ୟା, ହିଟ୍‌ଷ୍ଟ୍ରୋକ୍, ଡିହାଇଡ୍ରେଶନ ମାମଲା ବୃଦ୍ଧି ପାଇବା ସହ ଆଖି ଜଳାପୋଡ଼ା, ଏଲାର୍ଜି ଏବଂ ଆଖି ସଂକ୍ରମଣ ମାମଲା ଲଗାତାର ହୋଇଥାଏ । ଅଧିକାଂଶ ଆଖି ସଂକ୍ରମଣକୁ ଅଣଦେଖା କରନ୍ତି । ହେଲେ ବାସ୍ତବରେ ଆଖିର ସଠିକ୍ ଯତ୍ନ ନ ନେବା ଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ପାଇବାର ଅଧିକ ଆଶଙ୍କା ରହିଥାଏ । ଅଧିକ ତାପମାତ୍ରାରେ ଆଖିକୁ ଧୂଳି, ମାଟି ଆଦିଠାରୁ ଦୂରେଇ ନରଖିଲେ, ଡ୍ରାଏ ଆଇ ସିଣ୍ଡ୍ରୋମ ହେବାର ଆଶଙ୍କା ଅଧିକ ବୃଦ୍ଧି ପାଏ । ତେବେ ଏହି ରୋଗର କାରଣ ଓ ଲକ୍ଷଣ ବିଷୟରେ ଜାଣନ୍ତୁ...**



ଡ୍ରାଏ ଆଇ ସିଣ୍ଡ୍ରୋମ ଆଖି ସମ୍ବନ୍ଧୀୟ ରୋଗ । ଏହା ଅଧିକ ଗରମ ଓ ଲୁ' କାରଣରୁ ଦେଖାଯାଉଥିବାବେଳେ ଯେଉଁମାନେ ଖରାରେ ଅଧିକ ସମୟ ଧରି ରହିଥାନ୍ତି ସେମାନଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳେ । ଆଖିରେ ପର୍ଯ୍ୟାପ୍ତ ମାତ୍ରାର ତରଳ ପଦାର୍ଥ ତିଆରି ନ ହୋଇ ଆଖି ଶୁଖିଲା ରହି ଆଖି କୁଣ୍ଡାଇ ହୋଇଥାଏ । ପ୍ରଥମେ ଆଖି ଲାଲ୍ ପଡ଼ିବା, ଜଳାପୋଡ଼ା ହେବା, ଆଖିପତା ଶୁଖିଲା ଲାଗିବା, ସ୍ପଷ୍ଟ ଦେଖି ନ ପାରିବା, ଆଖି ଫୁଲିବା ସହ ଯନ୍ତ୍ରଣା ହେବା, ଆଦି ଲକ୍ଷଣ ଦେଖାଯାଇଥାଏ । ତେଣୁ ଏହାକୁ ଅଣଦେଖା କଲେ ଆଖି ଖରାପ ହେବାର ଆଶଙ୍କା ଅଧିକ ରହିଥାଏ । ବିଳମ୍ବ ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା ଆରମ୍ଭ କରିଦେବା ଉଚିତ ।

**ଉପଚାର:** ହାତ ସଫା ନଥିଲେ ଆଖିକୁ ଛୁଅଁନ୍ତୁନି କି ଆଖିକୁ ଅଧିକ ମଳନ୍ତୁନି । ଖରାରେ ବାହାରକୁ ଯିବା ପୂର୍ବରୁ ଚଷମା ବ୍ୟବହାର କରନ୍ତୁ । ଏହାସହ ଆଖିରେ ମେକ୍‌ଅପ୍ ଏବଂ କସ୍‌ମେଟିକ୍ ଯଥା- ଆଇଲାଇନର, ମସ୍କରା ଏବଂ ଆଇଶ୍ୟାଡୋ ଆଦି ଲଗାଇବା ଅନୁଚିତ । ଛୋଟ ପିଲା ବାହାରୁ ଖେଳି ଆସିବା ମାତ୍ରେ ସେମାନଙ୍କୁ ମୁହଁ ଓ ଆଖିକୁ ଭଲଭାବେ ଧୋଇବାକୁ ପରାମର୍ଶ କରନ୍ତୁ । ଯେଉଁଲୋକଙ୍କ ଆଖି ସମସ୍ୟା ରହିଛି, ସେମାନେ ସିଧାସଳଖ ଖରା ସମ୍ପର୍କରେ ନ ଆସିବା ଉଚିତ ।

# ମାରାତ୍ମକ ବ୍ରେନ୍ ଟ୍ୟୁମର

**ସକାଳର ସ୍ୱାସ୍ଥ୍ୟ**

**ବ୍ରେନ୍ ଟ୍ୟୁମର ଏକ ଗମ୍ଭୀର ରୋଗ । ପିଲା ଠୁ ବୟସ୍କ କେହିବି ଏହି ରୋଗରେ ଆକ୍ରାନ୍ତ ହୋଇପାରନ୍ତି । ଅତ୍ୟଧିକ ମୋବାଇଲ୍ ଫୋନ୍ ଏବଂ ଡିଜିଟାଲ ସ୍କ୍ରିନ୍ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ମାମଲା ବୃଦ୍ଧି ପାଇଥାଏ । ଏହାବାଦ୍ ଚାପଗ୍ରସ୍ତ ଜୀବନଶୈଳୀ, ପ୍ରଦୂଷଣ ଓ ବିଷାକ୍ତ ଖାଦ୍ୟପେୟ ମଧ୍ୟ ବ୍ରେନ୍ ଟ୍ୟୁମର ହେବାର ମୁଖ୍ୟ କାରଣ । ଯଦିଓ ବ୍ରେନ୍ ଟ୍ୟୁମର ବିଭିନ୍ନ ପ୍ରକାର ରହିଛି, ତେଣୁ ଲୋକଙ୍କୁ ଏହି ରୋଗ ବିଷୟରେ ଅବଗତ ଓ ସଚେତନ କରାଇବା ସହ ରୋଗୀ ଏବଂ ସେମାନଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ୨୦୦୦ ମସିହାରୁ ପ୍ରତିବର୍ଷ ଜୁନ୍ ୮ ତାରିଖରେ 'ୱାର୍ଲଡ ବ୍ରେନ୍ ଟ୍ୟୁମର ଡେ' ପାଳନ କରାଯାଇ ଆସୁଅଛି । ଜର୍ମାନ ବ୍ରେନ୍ ଟ୍ୟୁମର ଆସୋସିଏସନ୍ ଦ୍ୱାରା ପ୍ରଥମେ ଏହା ଆରମ୍ଭ କରାଯାଇଥିଲା । ତେବେ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ରହୁଥିବାବେଳେ ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ବ୍ରେନ୍ ହେଲ୍‌ଥ ଆଣ୍ଡ ପ୍ରିଭେନସନ୍' ।**





**ଲକ୍ଷଣ:** ବ୍ରେନ୍ ଟ୍ୟୁମରର ବିଭିନ୍ନ ଲକ୍ଷଣ ଦେଖାଯାଉଥିବାବେଳେ ସ୍ମରଣଶକ୍ତି ହ୍ରାସ ଓ ଦୃଷ୍ଟିଶକ୍ତି ହ୍ରାସ ପାଇବା, ବାରମ୍ବାର ମୁଣ୍ଡ ବିନ୍ଧିବା, ହାଲିଆ ଓ ବାନ୍ତି ଲାଗିବା ଅନ୍ୟତମ । କଥା କହିବା ବେଳେ ଥଙ୍ଗେଇବା, ଶୁଣିବା ଓ, ହଠାତ୍ ଶରୀରର ମାଂସପେଶୀ ବୃଦ୍ଧି ପାଇବାକୁ ଲାଗିବା, ହର୍ମୋନ ଅସନ୍ତୁଳନ ଏବଂ ଗଳାରେ ସମସ୍ୟା ଦେଖାଦେବା ଆଦି ରୋଗର ପ୍ରାଥମିକ ଲକ୍ଷଣ । ବ୍ରେନ୍ ଟ୍ୟୁମରକୁ ଜାଣିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟ୍ୟୁମରକୁ ବୁଝିବା ଦରକାର । କାରଣ ଟ୍ୟୁମର ଶରୀରର ଯେକୌଣସି ସ୍ଥାନରେ ବୃଦ୍ଧି ପାଇଥାଏ ।

**ଚିକିତ୍ସା:** ଟ୍ୟୁମରର ପ୍ରକାର, ସ୍ଥାନ, ଆକାର ଏବଂ ରୋଗୀର ସ୍ୱାସ୍ଥ୍ୟସ୍ଥିତି ଉପରେ ନିର୍ଭର କରେ । ବ୍ରେନ୍ ଟ୍ୟୁମରରେ କ୍ୟାନ୍ସରର କୋଷିକାଗୁଡିକ ବ୍ରେନ୍ ପାଖରେ ବଢ଼ିବାକୁ ଲାଗନ୍ତି । ଯାହା ମସ୍ତିଷ୍କର ଟିସୁ ସବୁକୁ ନଷ୍ଟ କରିବାରେ ଲାଗନ୍ତି । ତେବେ ବ୍ରେନ୍ ଟ୍ୟୁମର ଶରୀରର ଅନ୍ୟ ଅଙ୍ଗକୁ ମଧ୍ୟ ବ୍ୟାପିଥାଏ, ଯାହାକୁ ମେଟାଷ୍ଟାଟିକ୍ କୁହାଯାଏ । ବ୍ରେନ୍ ଟ୍ୟୁମର ଛୋଟରୁ ବଡ଼ ଆକାରରେ ହୋଇପାରେ । ଏହାର ଚିକିତ୍ସା ମଧ୍ୟ ଏହାର ଆକାର ଏବଂ ପରିସ୍ଥିତି ଉପରେ ନିର୍ଭର କରିଥାଏ । କେମୋଥେରାପି, ରେଡିଏସନ ଥେରାପି, ଇମ୍ୟୁନୋ ଥେରାପି, ସର୍ଜରୀ ଆଦି ବିଭିନ୍ନ ଉପାୟରେ ଚିକିତ୍ସା ସମ୍ଭବ । ଏହା ସହିତ ରୋଗୀଙ୍କ ମନୋବଳ ବୃଦ୍ଧି ସହିତ ସେମାନଙ୍କୁ କିପରି ସହାୟତା ଓ ସହଯୋଗ ମିଳିପାରିବ, ସେଥିପ୍ରତି ଦୃଷ୍ଟି ଦେବା ଜରୁରି ।

## ଖୁସିର ପ୍ରତୀକ ସବୁଜ

# ଗ୍ରୀନ୍‌ସ୍ପେଶରୁ ମାନସିକ ସୁସ୍ଥତା



ମାନସିକ ଅବସାଦରେ ରହି ବି ଅଧିକାଂଶ ନିଜ ବ୍ୟକ୍ତିଗତ ସମସ୍ୟାକୁ ଅନ୍ୟମାନଙ୍କୁ କହିବାକୁ କୁଣ୍ଠାବୋଧ କରିଥାନ୍ତି । ଏହାଦ୍ୱାରା ଚିନ୍ତା ଧୀରେ ଧୀରେ ଗମ୍ଭୀର ରୋଗର କାରଣ ପାଲଟିଥାଏ । ତେଣୁ ମନୋଚିକିତ୍ସକଙ୍କ ମତରେ ସବୁଜ ରଙ୍ଗ ଖୁସିର ପ୍ରତୀକ ହୋଇଥିବାରୁ 'ଗ୍ରୀନ୍ ସ୍ପେଶ୍' ଜରିଆରେ ମାନସିକ ସୁସ୍ଥତା ସମ୍ଭବ । ଏହା ଚିନ୍ତାକୁ ଦୂର କରି ମାଂସପେଶୀକୁ ସମ୍ପ୍ରସାରଣ କରିବା ସହ ଆରାମ ପ୍ରଦାନ କରେ । ତାସହ ସବୁଜ ପରିବେଶରେ ରହିବା ଦ୍ୱାରା ଶ୍ୱାସ ପ୍ରକ୍ରିୟା ସୁସ୍ଥ ରୁହେ । ନେଶ୍‌ନାଲ ସେଣ୍ଟର ଫର୍ ବାୟୋଟେକ୍ନୋଲୋଜି ଇନ୍‌ଫର୍ମେଶନ ଅନୁସାରେ, ବାୟୁ ପ୍ରଦୂଷଣ, ଉଚ୍ଚଶବ୍ଦ ଏବଂ ବିଭିନ୍ନ କାରଣରୁ ମନୁଷ୍ୟ ଅଧିକ ଚିନ୍ତାଗ୍ରସ୍ତ ରହୁଥିବାବେଳେ ଅଧିକ ଚିଡ଼ିଚିଡ଼ାପଣ ବୃଦ୍ଧି ପାଉଛି । ସ୍ମରଣଶକ୍ତି ହ୍ରାସ ପାଉଛି । ତେଣୁ ମନ ହାଲୁକା କରିବାକୁ ସବୁଜ ପରିବେଶ ମଧ୍ୟରେ ରହିବା ନିହାତି ଜରୁରି । ପାର୍କ, ଜଙ୍ଗଲ ଏବଂ ଗ୍ରାମାଞ୍ଚଳର ସବୁଜ କ୍ଷେତ ମାନସିକ ସ୍ୱାସ୍ଥ୍ୟ ପାଇଁ ହିତକର । ଏହାକୁ ଦୃଷ୍ଟି ଦେଲେ, ଯେଉଁମାନେ ପିଲାଦିନରୁ ସବୁଜ ପରିବେଶରେ ବଢ଼ିଆସିଛନ୍ତି, ସେମାନଙ୍କୁ ମନୋବିକାର ଆଶଙ୍କା କମ୍ ରହିଥାଏ । ଏହି ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଠିକ୍ ରହିବା ସହ ଶରୀରରେ ଶକ୍ତି ବୃଦ୍ଧି ପାଏ । ତେଣୁ କାର୍ଟିସୋଲ ହର୍ମୋନ୍‌କୁ ସନ୍ତୁଳନ ରଖିବାକୁ ସବୁଜ ପରିବେଶ ମଧ୍ୟରେ କିଛି ସମୟ ଅତିବାହିତ କରିବା ଜରୁରି ।

ନିଦ ପୂରା ନ ହେବା, ମେନୋପଜ୍ କିମ୍ବା ହର୍ମୋନାଲ ଅସନ୍ତୁଳନ ଯୋଗୁଁ ମୁଡ୍ ସୁଇଙ୍ଗ୍‌ରୁ ସୁରକ୍ଷା ପାଇବା ପାଇଁ ପାର୍କ କିମ୍ବା ବଗିଚାରେ ସମୟ ବିତାଇବା ଜରୁରି । ଚିନ୍ତାମୁକ୍ତ ରହିବାକୁ ସବୁଜ ପରିବେଶରେ କିଛି ସମୟ ଚାଲିବା ସହ ପାର୍କରେ ଯୋଗ କରିବା ଦ୍ୱାରା ମନ ପ୍ରଫୁଲ୍ଲିତ ରୁହେ । ଯେଉଁମାନଙ୍କର ବାରମ୍ବାର ଗୋଟିଏ କଥାକୁ ଭୁଲିବା ଅଭ୍ୟାସ ଥାଏ, ସେମାନେ ସକ୍ରିୟ ହୋଇଥାନ୍ତି । ଶରୀରରେ ହାପି ହର୍ମୋନ୍ ନିର୍ଗତ ହୁଏ ।

# ବଦଳାନ୍ତୁ ତକିଆ



ଭଲ ତକିଆରୁ ନିଦ ଭଲ ହୁଏ । ହେଲେ ଔଷଧର ଏକ୍ସପାୟରୀ ତାରିଖ ପରି ତକିଆର ମଧ୍ୟ ବ୍ୟବହାର ସମୟସୀମା ରହିଥାଏ । ଏହି ସମୟ ମଧ୍ୟରେ ତକିଆକୁ ନ ବଦଳାଇଲେ, ଏଥିରେ ଥିବା ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଅଧିକ ଥାଏ । ଖାସ୍ କରି ବାରମ୍ବାର ସଂକ୍ରମଣ ହେବା, ଜ୍ୱର, କାଶ ଆଦି ସମସ୍ୟା ହୋଇଥାଏ । ସେହିପରି ତ୍ୱଚା ସମ୍ବନ୍ଧୀୟ ରୋଗ ଓ ଏଲାର୍ଜି ମଧ୍ୟ ହୁଏ । ସେଥିପାଇଁ ତକିଆର ସଫା ଓ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ତକିଆର ଏକ ଏକ୍ସପାୟରୀ ସମୟ ଥିବାବେଳେ ସେହି ସମୟ ମଧ୍ୟରେ ତକିଆ ନବଦଳାଇଲେ, ପିଠି ଏବଂ ବେକ ଯନ୍ତ୍ରଣା ସମସ୍ୟାକୁ ସାମନା କରିବାକୁ ପଡ଼ିପାରେ । ତେଣୁ ଯେତେବେଳେ ତକିଆର ସେପ୍‌ରେ ପରିବର୍ତ୍ତନ ଆସୁଛି, କିମ୍ବା ତକିଆରେ ଶୋଇବା ଦ୍ୱାରା ମୁଣ୍ଡ ଯନ୍ତ୍ରଣା ହେଉଛି ସେତେବେଳେ ତକିଆ ବଦଳାଇବା ଉଚିତ । ଠିକ୍ ସେହିପରି ତକିଆର ତୁଳାରେ ଗଣ୍ଠି ଗଣ୍ଠି ହୋଇଗଲେ, ତକିଆକୁ ବଦଳାଇବା ଜରୁରି । ତେଣୁ ୧୮ ମାସରୁ ୨ବର୍ଷ ମଧ୍ୟରେ ତକିଆ ବଦଳାଇବା ଜରୁରି । ସେହିପରି ତକିଆ ଭଲ ଅଛି କି ନାହିଁ ଜାଣିବାକୁ ଚାହୁଁଥିଲେ, ତକିଆକୁ ଦୁଇ ଭାଙ୍ଗ କରି ମୋଡ଼ି ଦିଅନ୍ତୁ, ଯଦି ତୁରନ୍ତ ଏହା ପୂର୍ବ ସେପ୍‌କୁ ଆସୁଛି, ତକିଆଟି ଶୋଇବା ପାଇଁ ଉପଯୁକ୍ତ ରହିଥିବା ଜଣାଯାଏ । ଠିକ୍ ସେହିପରି ତକିଆ ଯଦି ମୁଣ୍ଡା ହେଇଯାଉଛି, ତେବେ ତକିଆ ବଦଳାଇବା ଜରୁରି ବୋଲି ଜାଣିରଖନ୍ତୁ ।

# କୋଲେଷ୍ଟ୍ରଲ୍ ନିୟନ୍ତ୍ରଣ କରେ କିୱି

**ସବୁଜ ପନିପରିବା ସହ ପ୍ରତିଦିନ ତଟକା ଫଳ ଖାଇବା ସ୍ୱାସ୍ଥ୍ୟପଦ । ତନ୍ମଧ୍ୟରୁ କିୱି ଫଳରେ ଭିଟାମିନ୍ ଏ, ସି, କେ, ପଟାସିୟମ, ଫାଇବର, ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି ଭାଇରାଲ ଆଦି ଭରପୂର ମିଳିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ କିୱିକୁ ସକାଳୁ ଖାଲିପେଟରେ ଖାଇବା ସ୍ୱାସ୍ଥ୍ୟପଦ । ଦୈନିକ ଏହାକୁ ଖାଦ୍ୟ ଓ ଜୁସ୍ ରୂପେ ଖାଇପାରିବେ ।**

ଏଥିରେ ପୋଷକତତ୍ତ୍ୱ ମାତ୍ରାଧିକ ଥିବାରୁ ପାଚନତନ୍ତ୍ର ସୁସ୍ଥ ରୁହେ । ପେଟ ସମ୍ବନ୍ଧୀୟ ସମସ୍ୟା ଯଥା- କୋଷ୍ଠକାଠିନ୍ୟ, ଗ୍ୟାସ୍, ଅମ୍ଳ, ଖାଦ୍ୟହଜମ ନହେବା ଦେଖାଦେଇଥାଏ । ସକାଳୁ ଖାଲି ପେଟରେ କିୱି ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରିତ ରହିଥାଏ । ହୃଦ୍‌ରୋଗରେ ପୀଡ଼ିତ ସକାଳୁ ଖାଲି ପେଟରେ କିୱି ଖାଇବା ଫଳପ୍ରଦ । ଦୈନିକ ଆହାରରେ କିୱିକୁ ସାମିଲ କରିବା ଦ୍ୱାରା ରକ୍ତଚାପ କମ୍ ହୁଏ । ତେବେ ପ୍ରତିଦିନ କିୱି ଖାଇବା ଦ୍ୱାରା ଲମ୍ବା ସମୟ ଧରି ପେଟ ଭରା ଲାଗିରହୁଥିବାରୁ ଅଧିକ ଖାଇବା ଓ ଓଜନ ବୃଦ୍ଧି ସମସ୍ୟା ରୁହେ ନାହିଁ । କିୱି ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଭୂତାଣୁ ସଂକ୍ରମଣ କମ୍ ହୁଏ । ପୋଷକତତ୍ତ୍ୱ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଗୁଣରେ ଭରପୂର କିୱି ଖାଇବା ଦ୍ୱାରା ଥକ୍କାପଣ, କମଜୋର ଆଦି ଦୂର ହୁଏ । କେବଳ ଶରୀର ନୁହେଁ, ତ୍ୱଚା ପାଇଁ କିୱି ବେଶ୍ ଫଳପ୍ରଦ । ଚେହେରାରେ ଧଳା ଦାଗ ଦୂର ହୋଇ ଚିକ୍କଣ ଦିଶିଥାଏ ।



# ଜେଜେବାପା/ମା'ଙ୍କ ଖାଦ୍ୟ ଶୈଳୀରେ ପ୍ରଭାବିତ ନାତିନାତୁଣୀ



ଗୋଟେ ପିଢ଼ିର ଲୋକଙ୍କ ଖାଦ୍ୟ ଶୈଳୀ ଅନ୍ୟ ପିଢ଼ିର ପିଲାଙ୍କୁ ପ୍ରଭାବିତ କରିଥାଏ, ଏହାକୁ ବୈଜ୍ଞାନିକମାନେ ପ୍ରମାଣ କରିଛନ୍ତି । ଅନୁସନ୍ଧାନ ଅନୁଯାୟୀ ଏକ ପରିବାରରେ ଜେଜେମା', ଜେଜେବାପା ଯେଉଁ ଖାଦ୍ୟ ଖାଇଥାନ୍ତି, ଏହା ସେମାନଙ୍କ ନାତି ନାତୁଣୀଙ୍କ ଉପରେ ପ୍ରଭାବ ପକାଇଥାଏ । ତେଣୁ ଜେଜେବାପା ଓ ଜେଜେମା' ଯେଉଁ ଖାଦ୍ୟ ଖାଇବେ ଏହା ସେମାନଙ୍କ ପରପିଢ଼ି ଉପରେ ପ୍ରଭାବ ପକାଇବ । ଉତ୍ତର ଡକୋଟା ବିଶ୍ୱବିଦ୍ୟାଳୟରେ ପୋଷଣ ଏବଂ ଆହାର ବିଜ୍ଞାନର ସହାୟକ ପ୍ରଫେସର ନଥାନିଏଲ ଜନ୍‌ସନ ଏବଂ ଅନ୍ୟ ଗବେଷକଙ୍କ ଅନୁସାରେ, ସମ୍ପ୍ରତି ଜଣେ ବ୍ୟକ୍ତି ଯେଉଁପ୍ରକାର ଖାଦ୍ୟକୁ ଗ୍ରହଣ କରିଥା'ନ୍ତି ଏହା ସେମାନଙ୍କ ଭବିଷ୍ୟତ ପିଲାଙ୍କ ଆନୁବଂଶିକକୁ ପ୍ରଭାବିତ କରିବ । ଏହାକୁ ଦୃଷ୍ଟି ଦେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନେଦରଲ୍ୟାଣ୍ଡର ନାଜିଆ ଅଞ୍ଚଳର ଲୋକଙ୍କ ଠାରେ ଏପିଜେନେଟିକ୍ସର ଆରମ୍ଭ ବୋଲି କୁହାଯାଏ । କାରଣ ସେ ସମୟରେ ଲୋକଙ୍କୁ ୨,୦୦୦ କିଲୋ କ୍ୟାଲୋରୀ ଖାଦ୍ୟ ତୁଳନାରେ ୪୦୦ରୁ ୮୦୦ କିଲୋ କ୍ୟାଲୋରୀ ଖାଦ୍ୟରେ ଚଳିବାକୁ ବାଧ୍ୟ କରାଯାଇଥିଲା । ଶରୀର ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟ ତୁଳନାରେ କମ୍ ଖାଦ୍ୟ ଯୋଗୁଁ ପ୍ରାୟ ୨୦,୦୦୦ ଲୋକ ମୃତ୍ୟୁବରଣ କରିଥିଲେ । ଏଥିରୁ ପ୍ରାୟ ୪୫ ଲକ୍ଷ ଲୋକ କୁ-ପୋଷଣର ଶିକାର ହୋଇଥିଲେ । ତେଣୁ ନେଦରଲ୍ୟାଣ୍ଡରେ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆସିବା ଯୋଗୁଁ ଆଇଜିଏଫ୍୨ ନାମକ ଜିନ୍‌ରେ ପରିବର୍ତ୍ତନ ହୋଇଥିଲା । ଏହି ଜିନ୍ ବୃଦ୍ଧି ଓ ବିକାଶ ସମ୍ବନ୍ଧୀୟ ଅଟେ । ଫଳରେ ଡଚ୍ ମହିଳାଙ୍କ ପିଲା ଏବଂ ସେମାନଙ୍କ ନାତିନାତୁଣୀଙ୍କ ମାଂସପେଶୀ ବିକାଶ ହୋଇପାରିନଥିଲା । 'ଡଚ୍ ହଙ୍ଗର ୱିଣ୍ଟର' ଅନୁସାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନେଦରଲ୍ୟାଣ୍ଡରେ ପିଢ଼ି ପରେ ପିଢ଼ି ଠାରେ ମୋଟାପା, ହୃଦ୍‌ରୋଗ, ମଧୁମେହ ଏବଂ ଜନ୍ମ ସମୟରେ କମ୍ ଓଜନର ମାମଲା ବୃଦ୍ଧି ପାଇଥିଲା ।

# ମୁଣ୍ଡବିନ୍ଧା ଦୂର ପାଇଁ ଧନିଆ ଚା'

**ଧନିଆରେ ଭିଟାମିନ୍ ଏ, ସି, କେ ସମେତ ଅନେକ ପୋଷକତତ୍ତ୍ୱ ମିଳିଥାଏ । ପ୍ରତ୍ୟେକ ଭାରତୀୟ ଏହାର ପତ୍ରକୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟବହାର କରନ୍ତି । ହେଲେ କେହି କେବେ ଧନିଆ ପତ୍ରରୁ ପ୍ରସ୍ତୁତ ହର୍ବାଲ ଚ' ପିଇନଥିବେ । ଆୟୁର୍ବେଦ ଏବଂ ଇରାନୀ ପରମ୍ପରାରେ ଧନିଆ ଚା'କୁ ମୁଣ୍ଡବିନ୍ଧା ଉପଚାର ପାଇଁ ବ୍ୟବହାର କରାଯାଇଆସୁଛି । ତେଣୁ ଏହା ସ୍ୱାସ୍ଥ୍ୟବର୍ଦ୍ଧକ ଓ ଏହାକୁ ଡାଏଟରେ ସାମିଲ କରିବା ଦ୍ୱାରା ଶରୀର ଫିଟ୍ ଓ ନିରୋଗ ରହିଥାଏ ।**

ଅଳ୍ପ ପାଣିରେ ଦୁଇ ଚାମଚ ଧନିଆ କିମ୍ବା ଛୋଟ ଛୋଟ କଟା ଧନିଆ ପତ୍ରକୁ ପ୍ରାୟ ଦୁଇ ମିନିଟ୍ ଫୁଟାଇବା ପରେ ଏହାକୁ ଛାଣି କରି ଧଣିଆ ଚା' କରିପାରିବେ । ଧନିଆ ଚା'ରେ ଆଣ୍ଟି ଇମଫ୍ଲେମେଟରୀ ଗୁଣ ଥିବାରୁ ଏହା ପେଟ ଜନିତ ସମସ୍ୟା ଦୂର କରିଥାଏ । ଏହାକୁ ନିୟମିତ ପିଇବା ଦ୍ୱାରା ଗ୍ୟାସ୍ ଏବଂ ପେଟ ଫୁଲା ସମସ୍ୟାକୁ କମ୍ କରିଥାଏ । ଯେଉଁମାନେ ପାଚନ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ସେମାନେ ପ୍ରତିଦିନ ସକାଳୁ ଏକ କପ୍ ଧନିଆ ଚା' ପିଇପାରିବେ ।

ଭାରତର ଶତାଧିକ ଲୋକଙ୍କର ମାଇଗ୍ରେନ୍ ତଥା ମୁଣ୍ଡ ବିନ୍ଧା ସମସ୍ୟା ରହିଛି । ଏହି କାରଣରୁ ଅନେକ ଜଣ ବାନ୍ତି କରନ୍ତି । ତେଣୁ ମାଇଗ୍ରେନ୍ ଯନ୍ତ୍ରଣାକୁ ଦୂର କରିବାକୁ ଧନିଆ ଚା' ପିଇବା ଫଳପ୍ରଦ । କେବଳ ସେତିକି ନୁହେଁ, ଓଜନ ନିୟନ୍ତ୍ରଣ ପାଇଁ ଏହା ସବୁଠୁ ଭଲ ମହୌଷଧୀ । ତେଣୁ ପ୍ରତିଦିନ ଧନିଆ ଚା' ପିଇବା ଦ୍ୱାରା ନିଦ୍ରାହୀନତା ସମସ୍ୟା ରୁହେ ନାହିଁ ।



# ହାନିକାରକ ୱେଟ୍‌ଲସ୍ ମେଡିସିନ୍



ଅଧିକାଂଶ ଫିଟ୍ ଓ ପତଳା ରହିବାକୁ ଘଣ୍ଟା ଘଣ୍ଟା ପରିଶ୍ରମ କରି ଝାଳ ବୁହାଉଥିବାବେଳେ ଆଉ କିଛି ଜଣ ସର୍ଟକର୍ଟ ପନ୍ଥାକୁ ଆପଣାଉଛନ୍ତି । ଅର୍ଥାତ୍ ଏମାନେ ଓଜନ ନିୟନ୍ତ୍ରଣ ପାଇଁ ନିୟମିତ ଔଷଧ ସେବନ କରିଥାନ୍ତି । ହେଲେ ଓଜନ ନିୟନ୍ତ୍ରଣ ପାଇଁ ହେଉ କି ମଧୁମେହ ନିୟନ୍ତ୍ରଣ ପାଇଁ ନିୟମିତ ଔଷଧ ଉପରେ ନିର୍ଭରଶୀଳ ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ଆଇସିଏମ୍ଆରର ଏକ ରିପୋର୍ଟରୁ ଜଣାପଡ଼ିଛି । ଏଥିରେ ଲୋକଙ୍କୁ ସଚେତନ କରିବାକୁ ଆଇସିଏମ୍ଆର ପକ୍ଷରୁ କୁହାଯାଇଛି ଯେ, ଜଣେ ବ୍ୟକ୍ତି ପାଇଁ ପ୍ରତି ସପ୍ତାହରେ ଅଧାକିଲୋ ଓଜନ କମ୍ କରିବା ସୁରକ୍ଷିତ । ଏଥିପାଇଁ ପ୍ରାକୃତିକ ଉପାୟରେ ଓଜନ ନିୟନ୍ତ୍ରଣ କରିବା ଜରୁରି । ହେଲେ ୱେଟ୍‌ଲସ୍ ଔଷଧରୁ ବହୁ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଉଥିବାରୁ ଏହା ପାକସ୍ଥଳିକୁ ଅଚଳ ଭଳି ପାରାଲିସି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ବଢ଼ାଏ । ଏହାକୁ ଗ୍ୟାଷ୍ଟ୍ରୋପେରେସିସ୍ ମଧ୍ୟ କୁହାଯାଏ । ଏହି ସ୍ଥିତିରେ ପେଟର ମାଂସପେଶୀ କମ୍‌ଜୋର ହୋଇଯାଏ । ଖାଦ୍ୟ ହଜମରେ ବାଧା ଉପୁଜେ ।

ୱେଟ୍‌ଲସ୍ ଔଷଧ ସେବନ ଦ୍ୱାରା କମ୍ ସମୟ ମଧ୍ୟରେ ଓଜନ ହ୍ରାସ ହୋଇଥାଏ । ଏହାଦ୍ୱାରା ଶରୀରରେ ନ୍ୟୁଟ୍ରିଶନ କମ୍ ହୋଇଯାଇଥାଏ । ବାନ୍ତି ହେବା, ପେଟ ଫୁଲିବା ଭୋକ ନ ଲାଗିବା ସମସ୍ୟା ହୋଇଥାଏ । ହୃଦ୍‌ସ୍ପନ୍ଦନରେ ଅନିୟମିତତା, ଅନିଦ୍ରା, କେଶ ଝଡ଼ିବା ଆଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ । ତେଣୁ ଆଇସିଏମ୍ଆର ପକ୍ଷରୁ ପରାମର୍ଶ ଦିଆଯାଇଛି ଯେ, ଦିନକରେ ଏକ ହଜାର କ୍ୟାଲୋରି ଖାଇବା ସହ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଯଥା ଡ୍ରାଏଫ୍ରୁଟ୍‌ସ, ଦହି, ମୌସୁମୀ ଫଳ, ସବୁଜ ପରିବା, ସାଗୁଦାନା ଖାଆନ୍ତୁ । ଅଧିକ ଖାଇବାରୁ ଦୂରେଇ ରୁହନ୍ତୁ । ଔଷଧକୁ ନିର୍ଭର ନକରି ଖାଇବା ପୂର୍ବରୁ ସାଲାଡ, ସନ୍ଧ୍ୟା ୭ଟାରୁ ରାତ୍ରି ଭୋଜନ ଗ୍ରହଣ, ଖାଇବାର ଏକ ଘଣ୍ଟା ପରେ ପାଣି ପିଇବା ନିୟମିତ ରକ୍ତଚାପ ଓ ଶର୍କରା ଚେକ୍ କରିବା ସହ ଯୋଗାଭ୍ୟାସ ଜରୁରି । ବାରମ୍ବାର କଫି ଚା' ନପିଇବା, ଖାଇବା ଓ ଶୋଇବା ମଧ୍ୟରେ ତିନିଘଣ୍ଟା ଅନ୍ତର ରଖିବା ଜରୁରି ।

କେନଜିଗେଙ୍କୁ ୩ ୱିକେଟ୍ ;ମୋନାଙ୍କ ପଟେଲଙ୍କ ଅର୍ଦ୍ଧଶତକ

# ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କଲା ଆମେରିକା

**ଡଲାସ, ୬।୬(ଏଜେନ୍ସି):** ବିଶ୍ୱର ପ୍ରତିଷ୍ଠିତ କ୍ରିକେଟ ଟିମ୍ ପାକିସ୍ତାନକୁ ସୁପର ଓଭରରେ ପରାସ୍ତ କରି ଆମେରିକା ଚଳିତ ଟି-୨୦ ବିଶ୍ୱକପ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ଫଳରେ ଗ୍ରୁପ୍-ଏ'ରେ ଆମେରିକା ୨ଟି ମ୍ୟାଚ୍‌ରୁ ୨ଟିରେ ବିଜୟୀ ହୋଇ ପଏଣ୍ଟ ସାରଣୀର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୭ ୱିକେଟରେ ୧୫୯ ରନ୍ କରିଥିଲା। ଜବାବରେ ଆମେରିକା ମଧ୍ୟ ସମାନ ସଂଖ୍ୟକ ଓଭର ଖେଳି ୩ ୱିକେଟରେ ୧୫୯ ରନ୍ କରିଥିଲା। ଆମେରିକା ପକ୍ଷରୁ ଅଧିନାୟକ ମୋନାଙ୍କ ପଟେଲ ସର୍ବାଧିକ ୫୦, ଆରୋନ ଜୋନ୍ସ ଅପରାଜିତ ୩୬, ଏଣ୍ଡ୍ରିଏସ୍ ଗୋସ ୩୫ ଓ ଶେଷ ବଲରେ ଚୌକା ମାରି ମ୍ୟାଚ୍‌କୁ ଟାଇ କରିଥିବା ନୀତୀଶ କୁମାର ଅପରାଜିତ ୧୪ ରନ୍ କରିଥିଲେ। ଉଭୟ ଦଳ ସମାନ ସଂଖ୍ୟକ ସ୍କୋର କରିବା ଫଳରେ ମ୍ୟାଚର ଫଳାଫଳ ଜାଣିବା ଲାଗି ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ଆମେରିକା ଦଳ ପ୍ରଥମେ ବ୍ୟାଟିଂ କରି ୧ ୱିକେଟରେ ୧୮ ରନ୍ କରିଥିଲା। ଦଳ ପକ୍ଷରୁ ଆରୋନ ଜୋନ୍ସ ୧୧ ଓ ମହମ୍ମଦ ଆମୀର ପକାଇଥିବା ୩ଟି ୱାଇଡ ବଲରୁ ୭ ରନ୍ ମିଳିଥିଲା। ଜବାବରେ ପାକିସ୍ତାନ ୧ ୱିକେଟ ହରାଇ ୧୩ ରନ୍ କରିଥିଲା। ଆମେରିକା ପକ୍ଷରୁ ବୋଲିଂ କରିଥିବା ଭାରତୀୟ ବଂଶୋଦ୍ଭବ ପେସ୍ ବୋଲର ସୌରଭ ନେତ୍ରାଭାଲକର ଚମତ୍କାର ବୋଲିଂ କରି ହିରୋ ବନିଯାଇଛନ୍ତି।



ପୂର୍ବରୁ ଡଲାସସ୍ଥିତ ଗ୍ରାଣ୍ଡ ପ୍ରାଇରି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆମେରିକା ଦଳ ଟସ୍ ଜିତିବା ପରେ ପାକିସ୍ତାନକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ଆମେରିକା ପାୱାର ପ୍ଳେ'ରେ ଚମତ୍କାର ବୋଲିଂ କରିବା ଫଳରେ ପାକିସ୍ତାନ ୨୬ ରନ୍‌ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଅଧିନାୟକ ବାବର ଆଜମ ଧୈର୍ଯ୍ୟର ସହ ଓ ସଦାବ ଖାନ୍ ଆକ୍ରମଣାତ୍ମକ ବ୍ୟାଟିଂ କରି ଚତୁର୍ଥ ୱିକେଟରୁ ୪୮ ବଲରେ ୭୨ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିଥିଲେ। ସଦାବ ୨୫ ବଲ୍‌ରେ ୧ ଚୌକା ଓ ୩ ଛକା ସହ ୪୦ ରନ୍ କରିଥିଲେ। ସଦାବ ଓ ଆଜମ ଖାନଙ୍କୁ କ୍ରମାଗତ ବଲ୍‌ରେ ଆଉଟ କରି କେନଜିଗେ ଆମେରିକାକୁ ମ୍ୟାଚ୍‌କୁ ଫେରାଇ ଆଣିଥିଲେ। କିନ୍ତୁ ଗୋଟିଏ ପଟେ ବାବର ପାଳି ସମ୍ଭାଳି ୪୩ ବଲ୍‌ରୁ ୪୪ ରନ୍ କରିଆଉଟ ହୋଇଥିଲେ। ଶେଷଭାଗରେ ଇଫତିକର ଅହମ୍ମଦ୍‌ଙ୍କ ୧୪ ବଲ୍‌ରୁ ୧୮ ଓ ସାହିନ ଆଫ୍ରିଦୀଙ୍କ ୧୬ ବଲ୍‌ରୁ ୧ ଚୌକା ଓ ୨ ଛକା ସହ ଅପରାଜିତ ୨୩ ରନ୍ ବଳରେ ଦଳ ସମ୍ମାନଜନକ ସ୍କୋର କରିଥିଲା। ଆମେରିକା ପକ୍ଷରୁ ବାମହାତୀ ସ୍ପିନର ନୋସ୍ଥୁସ କେନଜିଗେ ସର୍ବାଧିକ ୩ଟି, ଫାଷ୍ଟ ବୋଲର ସୌରଭ ନେତ୍ରାଭାଲକର ୨ଟି ୱିକେଟ ପାଇଥିଲେ। ଅଲି ଖାନ୍ ଓ ଜସଦୀପ ସିଂଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

# ଅଷ୍ଟ୍ରେଲିଆର ବିଜୟ ଅଭିଯାନ

## ଓମାନ ୩୯ ରନରେ ପରାସ୍ତ

**ବାର୍ବାଡୋସ୍,୬।୬(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ରେ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ କେନସିଂଟନ ଓଭାଲ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ବିଶ୍ୱକପ୍‌ର ୧୦ମ ମ୍ୟାଚ୍ ଅଷ୍ଟ୍ରେଲିଆ ୩୯ ରନରେ ମଧ୍ୟପ୍ରାଚ୍ୟ ଦେଶ ଓମାନଙ୍କୁ ପରାସ୍ତ କରିଛି। ବିଜୟ ସହ ଅଷ୍ଟ୍ରେଲିଆ ୨ ଅଙ୍କ ହାସଲ କରିଛି। ମାତ୍ର ୩୬ ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୬ ଛକା ସହ ୬୭ ରନର ଦ୍ରୁତ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ୧୯ ରନ ଦେଇ ମୂଲ୍ୟବାନ ୩ ୱିକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲିଆ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆ ୧୭ ତାରିଖ ଶନିବାର ତା'ର ଦ୍ୱିତୀୟ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ଭେଟିବ।



### ଆୟାନ ଓମାନର ଟପ୍ ସ୍କୋରର

ଟସ୍ ଜିତି ଓମାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ଅନଭିଜ୍ଞ ଓମାନ ଦଳ ୯ ୱିକେଟ ହରାଇ ୧୨୫ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଓମାନର ୭ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ଦଳ ତରଫରୁ ମଧ୍ୟକ୍ରମ ବ୍ୟାଟର ଆୟାନ ଖାନ୍ ସର୍ବାଧିକ ୩୬, ମେହରାନ ଖାନ୍ ୨୭, ଅଧିନାୟକ ଆକ୍ୱିବ ଇଲିୟାସ ୧୮, ସକିଲ ଅହମ୍ମଦ ୧୧ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ଷ୍ଟୋଇନିସ ୩, ମିଚେଲ ଷ୍ଟାର୍କ, ନାଥନ ଏଲିସ୍, ଆଡାମ ଜାମ୍ପା ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲା।

### ୱାର୍ଣ୍ଣର, ଷ୍ଟୋଇନିସଙ୍କ ଦ୍ରୁତ ଅର୍ଦ୍ଧଶତକ

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ତରଫରୁ ଷ୍ଟୋଇନିସଙ୍କୁ ବାଦ୍ ଦେଲେ ଓପନର ଡେଭିଡ୍ ୱାର୍ଣ୍ଣର ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିଡ ହେଡ ୧୨, ମିଚେଲ ମାର୍ଶ ୧୪, ଟିମ୍ ଡେଭିଡ୍ ୯ ରନକରି ଆଉଟ ହୋଇଥିବା ବେଳେ ଦୁର୍ବଳ ଫର୍ମ ଦେଇ ଗତି କରୁଥିବା ଗ୍ଲେନ୍ ମ୍ୟାକ୍ସୱେଲ ଖାତା ଖୋଲିପାରି ନଥିଲେ। ଓମାନ ତରଫରୁ ମେହରାନ ଖାନ୍ ୨, ବିଲାଲ ଖାନ୍ ଓ କଲିମୁଲ୍ଲା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

# ପ୍ରାଧାନ୍ୟ ବିସ୍ତାର କରିବେ ପେସ୍ ବୋଲର

**ନ୍ୟୁୟର୍କ, ୬।୬(ଏଜେନ୍ସି)**

ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ପେସ୍ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରିବେ। ଏହାର ମୁଖ୍ୟ କାରଣ ହେଲା ପିଚ୍। ଏବେ ସୁଦ୍ଧା ଆମେରିକାର ପିଚ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ବଲ ସ୍ଲୋ ହେବା ସହ ବାଉନ୍ସ ରହୁଛି। ଏପରିକି ୮ଟି ମ୍ୟାଚ୍ ଖେଳାଯିବାକୁ ଥିବା ନାସାଉ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ। ଏଠାରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଆୟର୍ଲାଣ୍ଡ ସହ ଖେଳିଥିଲା। ଏହି ପିଚ୍‌ରେ ପେସ୍ ବୋଲରଙ୍କୁ ସହାୟତା ମିଳିଥିଲାବେଳେ ଅସାଭାବିକ ବାଉନ୍ସ ହୋଇଥିଲା। ଏଥିରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ୱିକେଟରକ୍ଷକ ଋଷଭ ପନ୍ତ ଆହତ ହୋଇଥିଲେ। ଭାରତୀୟ ପେସ୍ ବୋଲରମାନେ ୮ଟି ୱିକେଟ ପାଇଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ମଧ୍ୟ ପେସ୍ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଏଣୁ ଏହା ସହ ଆମେରିକାରେ ଖେଳାଯିବାକୁ ଥିବା ଅନ୍ୟ ୨ଟି ପିଚ୍‌ରେ ପେସ୍ ବୋଲରମାନେ ପ୍ରାଧାନ୍ୟ ବିସ୍ତାର କରିବେ ବୋଲି ସ୍ପଷ୍ଟ ହୋଇଯାଇଛି।

ଏହି ସୂଚନାକୁ ଦେଖିଲେ ଭାରତ ଓ ପାକିସ୍ତାନ ମଧ୍ୟରେ ନାସାଉରେ ଆସନ୍ତା ୯ ତାରିଖ ଦିନ ମୁକାବିଲା ହେବ। ଏହି ମୁକାବିଲାରେ ଉଭୟ ଦଳର ପେସ୍ ବୋଲର ମ୍ୟାଚ୍‌ର ଭାଗ୍ୟ ନିର୍ଣ୍ଣୟ କରିବେ। ଉଭୟ ଦଳରେ ଭଲ ଫାଷ୍ଟ ବୋଲର ରହିଛନ୍ତି। ଆୟର୍ଲାଣ୍ଡ ବିପକ୍ଷରେ ଭାରତ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିଥିଲା। ଆମେରିକା ବିପକ୍ଷରେ ମଧ୍ୟ ଦଳ ଏହି ସମୀକରଣ ନେଇ ଖେଳିବ ବୋଲି ଆଶ କରାଯାଉଛି। ଫାଷ୍ଟ ବୋଲିଂ ଲାଗି ପାକିସ୍ତାନର ଖ୍ୟାତି ରହିଛି। ବର୍ତ୍ତମାନ ଦଳରେ ଦୁଇ ଖ୍ୟାତନାମା ବାମହାତୀ ଫାଷ୍ଟ ବୋଲର ସାହିନ ଆଫ୍ରିଦୀ ଓ ମହମ୍ମଦ୍ ଆମୀର ରହିଛନ୍ତି। ଏମାନଙ୍କ ସହ ମହମ୍ମଦ୍ ନସୀମ ଓ ହାରିସ ରୌଫ୍‌ଙ୍କ ପରି ଖେଳାଳିମାନେ ଥିବାରୁ ଭାରତକୁ ଏହି ମ୍ୟାଚ୍ ଜିତିବା ଲାଗି କଷ୍ଟ ସ୍ୱୀକାର କରିବାକୁ ପଡ଼ିବ।

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**
**କାନାଡା-ଆୟର୍ଲାଣ୍ଡ**
ସ୍ଥାନ- ନ୍ୟୁୟର୍କ, ସମୟ- ରାତି ୮ଟା
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଡିଜନୀ ସ୍ପୋର୍ଟ୍ସ

# ଫୁଟବଲରୁ ଛେତ୍ରୀଙ୍କ ସନ୍ନ୍ୟାସ

## କୁଏତ୍ ବିପକ୍ଷ ବିଦାୟୀ ମ୍ୟାଚ୍ ଅମୀମାଂସିତ



ବିଦାୟୀ ମ୍ୟାଚ୍‌ରେ ଭାବୁକ ସୁନୀଲ ଛେତ୍ରୀ

**କୋଲକାତା,୬।୬(ଏଜେନ୍ସି):** ଭାରତୀୟ ଫୁଟବଲ ଲିଜେଣ୍ଡ ସୁନୀଲ ଛେତ୍ରୀ ଫୁଟବଲରୁ ବିଧିବଦ୍ଧ ଭାବେ ସନ୍ୟାସ ନେଇଛନ୍ତି। ସ୍ଥାନୀୟ ସଲ୍ଟଲେକ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ସେ କୁଏତ୍ ବିପକ୍ଷରେ ଭାରତ ପାଇଁ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳିଥିଲେ। କିନ୍ତୁ ଛେତ୍ରୀଙ୍କ ଏହି ବିଦାୟୀ ମ୍ୟାଚ୍ ଗୋଲ ଶୁନ୍ୟ ଭାବେ ଶେଷ ହୋଇଛି। ମ୍ୟାଚ୍ ପରେ ସେ କାନ୍ଦିକାନ୍ଦି ଷ୍ଟାଡିୟମ ବାହରକୁ ଯାଇଥିଲେ। ଏହା ସାରା ଷ୍ଟାଡିୟମରେ ଏକ ଭାବପ୍ରବଣ ପରିବେଶ ସୃଷ୍ଟି କରିଥିଲା।

ଛେତ୍ରୀ ତାଙ୍କ ବିଦାୟୀ ତଥା କ୍ୟାରିୟର ଅନ୍ତିମ ମ୍ୟାଚ୍‌ରେ ଗୋଲ୍ ସ୍କୋର କରିପାରି ନଥିଲେ। ପାଖାପାଖି ୬୦ ହଜାର ଦର୍ଶକଙ୍କ ଛେତ୍ରୀ- ଛେତ୍ରୀ ଧ୍ୱନୀରେ ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା। ମ୍ୟାଚ୍ ପରେ ଛେତ୍ରୀଙ୍କୁ ବିଦାୟ ଦିଆଯାଉଥିବା ବେଳେ ଭାରତ ଓ କୁଏତ ଖେଳାଳିମାନେ ଛିଡା ହୋଇ ତାଳି ବଜାଇଥିଲେ। ଛେତ୍ରୀ ବିଶ୍ୱର ତୃତୀୟ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହେଉଛନ୍ତି। ୩୯ ବର୍ଷୀୟ ଛେତ୍ରୀ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୧୫୧ଟି ମ୍ୟାଚ୍ ଖେଳି ୯୪ଟି ଗୋଲ ସ୍କୋର କରିଛନ୍ତି। ସେ ନିଜର ପ୍ରଥମ ହୋମ୍ ଗ୍ରାଉଣ୍ଡରେ କ୍ୟାରିୟର ଏହି ଶେଷ ମ୍ୟାଚ୍ ଖେଳି ଗୌରବାନ୍ୱିତ ମନେ କରିଥିଲେ। ଗତ ୧୯ ବର୍ଷ ହେବ ସେ ୨୦୦୨ରେ ଜଣାଶୁଣା କ୍ଲବ ମୋହନ ବାଗାନ ସହ ନିଜର ପେସାଦାର ଫୁଟବଲ କ୍ୟାରିୟର ଆରମ୍ଭ କରିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ କୁଏତ ଖେଳାଳି ଅଧିକ ସମୟ ବଲ ନିଜ ପାଖରେ ରଖିଥିଲେ। ମ୍ୟାଚ୍ ଅମୀମାଂସିତ ରହିଥିଲେ ମଧ୍ୟ ଭାରତ ଗ୍ରୁପ୍-ଏରେ ତା'ର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ଭାରତ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଦୁଇଟି ଲେଖାଏ ଡ୍ର ଓ ପରାଜୟ ସହ ୫ ପଏଣ୍ ପାଇ କାତାର (୧୩ ପଏଣ୍ଟ) ତଳକୁ ରହି ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ୧୧ ତାରିଖ ମଙ୍ଗଳବାର ଘରୋଇ କାତାରକୁ ଭେଟିବ।

# ପିଏନ୍‌ଜିକୁ ହରାଇଲା ଉଗାଣ୍ଡା

**ଗୁଏନା,୬।୬(ଏଜେନ୍ସି):** ଆଫ୍ରିକୀୟ କ୍ୱାଲିଫାୟର ଉଗାଣ୍ଡା ଚଳିତ ଟି-୨୦ ବିଶ୍ୱକପ୍‌ରେ ପାପୁଆ ନ୍ୟୁ ଗିନି (ପିଏନ୍‌ଜି)କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ବିଶ୍ୱକପ୍‌ର ୯ମ ମ୍ୟାଚ୍‌ରେ ଉଗାଣ୍ଡା ୧୦ ବଲ ବାକିଥାଇ ପିଏନ୍‌ଜିକୁ ୩ ୱିକେଟରେ ପରାସ୍ତ କରିଛ ଦୁଇ ଅଙ୍କ ହାସଲ କରିଛି। ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ପିଏନ୍‌ଜି ୧୯.୧ ଓଭରରେ ମାତ୍ର ୭୭ ରନକରି ଅଲଆଉଟ ହୋଇଥିଲା। ଦଳର ୮ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ଦଳର ହିରି ହିରି ସର୍ବାଧିକ ୧୫, ଲେଗା ସିଆକା ୧୨, କିପଲିନ୍ ଦୋରିଗା ୧୨ ରନ କରିଆଉଟ ହୋଇଥିଲେ। ବୋଲିଂରେ ଉଗାଣ୍ଡା ପାଇଁ ଅଲପେଶ ରାମଜାନୀ, କସମସ କ୍ୟେଉଟା, ଜୁମା ମିୟାଗି ଓ ଫ୍ରାଙ୍କ ସୁବୁଗା ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଉଗାଣ୍ଡା ୧୮.୨ ଓଭରରେ ୭ ୱିକେଟ ହରାଇ ୭୮ ରନ କରି ବିଜୟୀ ହୋଇଥିଲା। ଦଳ ତରଫରୁ ରିଆଜତ ଅଲି ଶାହା ସର୍ବାଧିକ ୩୩, ଜୁମା ମିୟାଗି ୧୩, ରାମଜାନୀ ୮ ରନକରି ଆଉଟ ହୋଇଥିବା ବେଳେ କେନେଥ ୱାଇସ୍‌ୱା ୭ ରନକରି ଅପରାଜିତ ରହିଥିଲେ। ପିଏନ୍‌ଜି ତରଫରୁ ବୋଲିଂରେ ଆଲେଇ ନାଓ ଓ ନର୍ମାନ ଭାନୁଆ ୨ଟି ଲେଖାଏ, ଚାଦ ସୋପେର ଓ ଅସାଦ ଭାଲା ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ରିଆଜତ ଅଲି ଶାହା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ଫ୍ରେଞ୍ଚ ଓପନ୍ ଟେନିସ୍

# ସ୍ୱିଆଟେକ୍-ପାଓଲିନି ଫାଇନାଲ



**ପ୍ୟାରିସ୍,୬।୬(ଏଜେନ୍ସି)**

ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ଗୁରୁବାର ଦ୍ୱାଦଶ ଦିବସରେ ପହଞ୍ଚିଛି। ମହିଳା ଏକକ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଶନିବାର ଡିଫେଣ୍ଡିଂ ଚାମ୍ପିଅନ ସ୍ୱିଆଟେକ ଓ ଇଟାଲୀର ଜାସମିନ ପାଓଲିନି ଫାଇନାଲ ମୁକାବିଲାରେ ପରସ୍ପରକୁ ଭେଟିବେ। ବିଶ୍ୱର ୧ ନଂ ମହିଳା ଖେଳାଳି ତଥା ଟପ୍ ସିଡ୍ ସ୍ୱିଆଟେକ ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ତୃତୀୟ ସିଡ୍ ଖେଳାଳି ଆମେରିକାର କୋକୋ ଗଫ୍‌ଙ୍କୁ ୬-୨, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ସେମିରେ ବିଜୟୀ ହେବାକୁ ସ୍ୱିଆଟେକଙ୍କୁ ବେଶି କଷ୍ଟ କରିବାକୁ ପଡି ନଥିଲା ଓ ସେ କ୍ରମାଗତ ତୃତୀୟଥର ପାଇଁ ଫ୍ରେଞ୍ଚ ଓପନ୍ ଫାଇନାଲକୁ ଉଠିଛନ୍ତି। ପୁଣି ସେ ଫ୍ରେଞ୍ଚ ଓପନ୍‌ରେ କ୍ରମାଗତ୍ ବିଂଶତମ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛନ୍ତି। ଏଥର ସଫଳ ହେଲେ ସେ ପ୍ରଥମ ମହିଳା ଖେଳାଳି ଭାବେ କ୍ରମାଗତ ତୃତୀୟ ଫ୍ରେଞ୍ଚ ଓପନ ଟାଇଟଲ ଜିତି ଇତିହାସ ସୃଷ୍ଟି କରିବେ। ପୂର୍ବରୁ ସ୍ୱିଆଟେକ କ୍ୱାର୍ଟର ଫାଇନାଲରେ ୬-୦, ୬-୨ ସେଟ୍‌ରେ ୫ମ ସିଡ୍ ଚକ ଗଣରାଜ୍ୟର ମାର୍କେଟା ଭୋନ୍ଦ୍ରୋଉଶୋଭାଙ୍କୁ ପରାସ୍ତ କରି ସେମିକୁ ଉଠିଥିଲେ।

### ପ୍ରଥମ ଫାଇନାଲରେ ପାଓଲିନି

ଅନ୍ୟପଟେ ଦ୍ୱାଦଶ ସିଡ୍ ମାନ୍ୟତା ପାଇଥିବା ପାଓଲିନି ୬-୩, ୬-୧ ସିଧାସଳଖ ସେଟ୍‌ରେ ୧୭ ବର୍ଷୀୟ ରୁଷୀୟ ଖେଳାଳି ମୀରା ଆନ୍ଦ୍ରିଭାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ପାଓଲିନି ଏଥିସହ ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ପରାଜୟ ସହ ଆନ୍ଦ୍ରିଭାଙ୍କ ଫାଇନାଲ ଖେଳିବା ଆଶା ଧୂଳିସାତ ହୋଇଛି। ବିଜୟୀ ହେବାକୁ ପାଓଲିନି ୧ ଘଣ୍ଟା ୧୩ ମିନିଟ ସମୟ ଆବଶ୍ୟକ କରିଥିଲେ। ପୂର୍ବରୁ କ୍ୱାର୍ଟରରେ ଆନ୍ଦ୍ରିଭା ଓ ପାଓଲିନ୍ ଯଥାକ୍ରମେ ଦ୍ୱିତୀୟ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ କାଜାକସ୍ଥାନର ଏଲିନା ରିବାକିନାଙ୍କୁ ସେମିରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ସେମିକୁ ଉଠିଥିଲେ।

### ସେମିରେ ହାରିଲେ ବୋପାନ୍ନା-ଏବଡେନ

ଅଭିଜ୍ଞ ଭାରତୀୟ ଟେନିସ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ୍ ଚଳିତ ଫ୍ରେଞ୍ଚ ଓପନ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଗୁରୁବାର ପୁରୁଷ ଯୁଗଳ ସେମିଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଭାରତ- ଅଷ୍ଟ୍ରେଲିଆ ଯୋଡି ୫-୭, ୬-୨, ୨-୬ ସେଟ୍‌ରେ ଇଟାଲୀର ୧୧ତମ ସିଡ୍ ଯୋଡି ସାଇମୋନ ବୋଲେଲି ଓ ଆଣ୍ଡ୍ରିଆ ଭାଭାସୋରୀଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି। ବିଜୟୀ ହୋଇ ଏହି ଇଟାଲୀୟ ଯୋଡି ଫାଇନାଲରେ ପ୍ରବେଶ କରିଛନ୍ତି। ଏହାପୂର୍ବରୁ ବୋପାନ୍ନା ଓ ଏବଡେନ କ୍ୱାର୍ଟର ଫାଇନାଲରେ ୭-୬, ୫-୭, ୬-୧ ସେଟ୍‌ରେ ବେଲଜିୟମ ଯୋଡି ସାଣ୍ଡର ଗିଲେ ଓ ଜୋରାନ ଭିଲେଜେନଙ୍କୁ ପରାସ୍ତ କରି ସେମିକୁ ଉଠିଥିଲେ। ପୂର୍ବରୁ ଏହି ଯୋଡି ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଟାଇଟଲ ହାସଲ କରିଥିଲେ।

# ଲଉରା- ଏଡୋଆର୍ଡଙ୍କୁ ମିଶ୍ରିତ ଯୁଗଳ ଟାଇଟଲ

ଜର୍ମାନୀ ମହିଳା ଖେଳାଳି ଲଉରା ସେଗମୁଣ୍ଡ ଓ ଫ୍ରାନ୍ସର ଏଡୋଆର୍ଡୋ ରୋଜର- ଭାସେଲିନ୍ ଏଥର ଫ୍ରେଞ୍ଚ ଓପନ୍ ମିଶ୍ରିତ ଯୁଗଳ ଟାଇଟଲ ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ଗୁରୁବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଚତୁର୍ଥ ସିଡ୍ ଯୋଡି ଆମେରିକୀୟ ମହିଳା ଖେଳାଳି ଡେସାଇରାଏ କ୍ରଜିକ୍ ଓ ବ୍ରିଟେନର ନିଲ ସ୍କୁପ୍‌ସ୍କିଙ୍କୁ ୬-୪, ୭- ୬ ସିଧାସଳଖ ସେଟ୍‌ରେ ପରାସ୍ତ କରି ବାଜି ମାରିଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA